ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୩/୨୦୨୪ (୧୮ ପୃଷ୍ଠା) Bhubaneswar, Tuesday, February 13/2024 Page 18 ₹ 7.00

୫୦ଶ ଭାଗ ୮୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 81 ମୂଲ୍ୟ ₹୭/-



ଆଜିର ସମ୍ପାଦକୀୟ ଅଙ୍ଗଦାନ



ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୩/୨୦୨୪ | Bhubaneswar, Tuesday, February 13/2024 | ₹ 7.00

ଭୁବନେଶ୍ୱରସ୍ଥିତ ସିଏସ୍‌ଆଇଆର୍ ଆଇଏମ୍‌ଏମ୍‌ଟି ପରିସରରେ ଆୟୋଜିତ ଦ୍ୱାଦଶ ପର୍ଯ୍ୟାୟ ରାଷ୍ଟ୍ରୀୟ ରୋଜଗାର ମେଳାରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜଣେ ଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରୁଛନ୍ତି।

'ବିକଶିତ ଭାରତର ସଂକଳ୍ପକୁ ସଶକ୍ତ କରୁଛି ଯୁବଶକ୍ତି'

ଭୁବନେଶ୍ୱର,୧୨।୨(ସୁନିତ୍ ମିଶ୍ର)

ସାମର୍ଥ୍ୟବାନ୍ ଯୁବଶକ୍ତି ବିକଶିତ ଭାରତର ସଂକଳ୍ପକୁ ସଶକ୍ତ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସୋମବାର ଭୁବନେଶ୍ୱରରେ ଦ୍ୱାଦଶ ପର୍ଯ୍ୟାୟ ରାଷ୍ଟ୍ରୀୟ ରୋଜଗାର ମେଳାର ଶୁଭାରମ୍ଭ କରିବା ଅବସରରେ ଧର୍ମେନ୍ଦ୍ର ୩୮୪ ଜଣ ନବନିଯୁକ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବିତରଣ କରି କହିଛନ୍ତି, କଠିନ ପରିଶ୍ରମ ପରେ ସଫଳତା ପାଇଥିବା କର୍ମଯୋଗୀ ବନ୍ଧୁମାନଙ୍କୁ ଶୁଭେଚ୍ଛା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରେରଣା ଓ ମାର୍ଗଦର୍ଶନରେ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ରୋଜଗାର ମେଳା ଯୁବତୀ, ଯୁବକମାନଙ୍କୁ ସଶକ୍ତୀକରଣ ଏବଂ ବିକଶିତ ଭାରତରେ ପ୍ରତ୍ୟକ୍ଷ ଭାବେ ସାମିଲ ହେବା ପାଇଁ ସୁଯୋଗ ଦେଉଛି। ନିଯୁକ୍ତି ପାଇଥିବା ଯୁବଶକ୍ତିଙ୍କ ପରିଶ୍ରମ ହିଁ ଦେଶକୁ ବିକଶିତ କରିବ। ଏହି ଗୁରୁ ଦାୟିତ୍ୱକୁ ସୁଚାରୁରୂପେ ପାଳନ କରିବା ପାଇଁ ନିଯୁକ୍ତି ପାଇଥିବା ପ୍ରାର୍ଥୀଙ୍କୁ ଧର୍ମେନ୍ଦ୍ର ପରାମର୍ଶ ଦେବା ସହ ଧନ୍ୟବାଦ ଜଣାଇଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତର ଅର୍ଥନୀତି ମଜଭୁତ ସ୍ଥିତିରେ ପହଞ୍ଚିଛି। ଦେଶ ବିଶ୍ୱର ୫ମ ବୃହତ୍ତମ ଅର୍ଥନୀତି ରାଷ୍ଟ୍ରରେ ପରିଣତ ହୋଇଥିବା ବେଳେ ଆଗାମୀ ୩ ବର୍ଷ ମଧ୍ୟରେ ୩ ନମ୍ବର ଅର୍ଥନୀତି ହେବ। ବର୍ତ୍ତମାନ ସମୟରେ ସ୍କିଲିଂ, ରି-ସ୍କିଲିଂ ଓ ଅପ୍-ସ୍କିଲିଂ ନିତିଦିନିଆ କାର୍ଯ୍ୟରେ ପରିଣତ ହେଲାଣି। ସମୟ ସହ ନୂଆ ନୂଆ ଟେକ୍ନୋଲୋଜି ଆସୁଛି। ☞ପୃଷ୍ଠା–୧୧

ଗମନାଗମନ ଅସୁବିଧା ଦୂର କରିଛି 'ଲକ୍ଷ୍ମୀ'

ଆଉ ୫ ଜିଲାରେ ଗଡ଼ିଲା ଲକ୍ଷ୍ମୀ ବସ୍

ଭୁବନେଶ୍ୱର,୧୨।୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବଲାଙ୍ଗୀର, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ୫ ଜିଲାର ୧୩୪୦ଟି ପଞ୍ଚାୟତରେ ୩୦୧ଟି ବସ୍ ଚାଲିଲା। ଏହାଦ୍ୱାରା ୮୩ ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇଛନ୍ତି। ବଲାଙ୍ଗୀରର ୩୧୩ଟି ପଞ୍ଚାୟତରେ ୪୪ଟି ବସ୍ ଦ୍ୱାରା୧୬.୫୦ ଲକ୍ଷ, ବରଗଡ଼ର ୨୪୩ ପଞ୍ଚାୟତରେ ୬୦ଟି ବସ୍ ଦ୍ୱାରା ୧୪ ଲକ୍ଷ ୨୨ ହଜାର ଲୋକ, କେନ୍ଦୁଝରର ୧୫୮ପଞ୍ଚାୟତରେ ୨୫ଟି ବସ୍ ଦ୍ୱାରା ୧୦ ଲକ୍ଷ ୮୦ହଜାର ଲୋକ ଉପକୃତ ହୋଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲାର ୩୮୬ ପଞ୍ଚାୟତରେ ୧୦୭ ବସ୍ ଦ୍ୱାରା ୨୪ ଲକ୍ଷ ୨୦ ହଜାର ଏବଂ ସୁନ୍ଦରଗଡ଼ର ୨୪୦ଟି ପଞ୍ଚାୟତରେ ୬୫ ବସ୍ ଚାଲିବା ଦ୍ୱାରା ୧୭ ଲକ୍ଷ ୨୦ ହଜାର ଲୋକ ଉପକୃତ ହେବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୋ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କ ଇଚ୍ଛାକୁ ସମ୍ମାନ ଦେଇ ଓଡ଼ିଶା ସରକାର ଯୋଜନା କରନ୍ତି। ୫-ଟି ଅଧକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରିଥିଲୁ। ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କର ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଲକ୍ଷ୍ମୀ ବସ୍ ଆମ ଜୀବନକୁ ସହଜ କରିଛି। ଗାଁର ଅର୍ଥନୀତିକୁ ମଜଭୁତ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଆମର ଲକ୍ଷ୍ୟ ରହିଛି। ଲକ୍ଷ୍ମୀ ବସ୍ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଯୋଜନାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ପାଇଁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଆରମ୍ଭ କରାଯାଇଛି। ଏଥିରେ ମା'ମାନଙ୍କ ପାଇଁ ବସ୍ ଟିକେଟ ମୂଲ୍ୟ ଅଧା କରାଯାଇଛି।

ଗ୍ରାମାଞ୍ଚଳରେ ଗମନାଗମନର ବହୁ ସମସ୍ୟା ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲାଗସ୍ତ ପରେ ଏ ବିଷୟରେ ଜାଣି ନିଷ୍ପତ୍ତିକ୍ରମେ ଏହି ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ କରାଯାଇଛି। ଗ୍ରାମାଞ୍ଚଳ ଲୋକମାନେ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ତାଙ୍କର ଦୈନନ୍ଦିନ କାର୍ଯ୍ୟ ପାଇଁ ଘର ପାଖରୁ ଏହି ବସ୍‌କୁ ବ୍ୟବହାର କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ବଲାଙ୍ଗୀରଠାରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ସୁନ୍ଦରଗଡରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ, ମୟୂରଭଞ୍ଜଠାରେ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏବଂ ମହିଳା ଶିଶୁ ବିକାଶ ମନ୍ତ୍ରୀ ବାସନ୍ତି ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳ ପରିବାରର ଆର୍ଥିକ ସ୍ଥିତିକୁ ଅନୁଧ୍ୟାନ କରି ମୁଖ୍ୟମନ୍ତ୍ରୀ ଏହି ଲକ୍ଷ୍ମୀ ଯୋଜନା ଆରମ୍ଭ କରିଛନ୍ତି। ଗ୍ରାମାଞ୍ଚଳରେ ଭଲ ସଡ଼କ ନିର୍ମାଣ ହୋଇଛି। ଲକ୍ଷ୍ମୀ ବସ୍ ଦ୍ୱାରା ଗ୍ରାମାଞ୍ଚଳବାସୀଙ୍କର ଯାହା ଅଭାବ ଥିଲା ତାହା ପୂରଣ ହୋଇପାରିଛି ବୋଲି ମନ୍ତ୍ରୀମାନେ କହିଛନ୍ତି। କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ☞ପୃଷ୍ଠା–୧୧

■ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

■ ଫେବୃଆରୀ ଶେଷ ସୁଦ୍ଧା ସବୁ ଜିଲାରେ ଚାଲିବ

DSPL-644

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ

କରକମଳରେ

ଉଦ୍‌ଘାଟନ

ସାନ୍ଦୁଲ ବ୍ୟାରେଜ

ମନଯୋର ଜଳସେଚନ ପ୍ରକଳ୍ପ ସଂପ୍ରସାରଣ

ରେଙ୍ଗାଳି ଦକ୍ଷିଣ ପାର୍ଶ୍ୱ ଜଳସେଚନ ପ୍ରକଳ୍ପ
ଦର୍ପଣୀ ଓ ନରସିଂହପୁର ଶାଖା କେନାଲ ଦ୍ୱାରା ୬୦୦୦ ହେକ୍ଟର UGPL ଜଳସେଚନ

ଭିତ୍ତିପ୍ରସ୍ତର ସ୍ଥାପନ

ସାନ୍ଦୁଲ ବ୍ୟାରେଜର UGPL ବଣ୍ଟନ ବ୍ୟବସ୍ଥା

୧୩ ଫେବୃଆରୀ ୨୦୨୪
ଅପରାହ୍ନ ୪ଟା ୩୦ ମିନିଟ୍



ଜଳସମ୍ପଦ ବିଭାଗ

OIPR-32520/13/0027/2324

ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୩/୨୦୨୪ | Bhubaneswar, Tuesday, February 13/2024 | ପୃଷ୍ଠା-୧

ଦଶରଥଙ୍କ ଭୂମିକାରେ ନଜର ଆସିବେ ଅମିତାଭ

ନୀତୀଶ ତିୱାରୀଙ୍କ 'ରାମାୟଣ'ରେ ଅମିତାଭ ବଚ୍ଚନ ରାଜା ଦଶରଥଙ୍କ ଭୂମିକାରେ ଅଭିନୟ କରିପାରନ୍ତି। ଏନେଇ ବିଗ୍ ବି'ଙ୍କୁ ଆପ୍ରୋଚ କରାଯାଇଛି।

୧୨

୧୩

ଗୁ ବିଙ୍ଗଫେଙ୍ଗଙ୍କ ଡବଲ୍ ଗୋଲ୍

ଗୁ ବିଙ୍ଗଫେଙ୍ଗଙ୍କ ଡବଲ୍ ଗୋଲ ବଳରେ ଚାଇନା ଏଫ୍ଆଇଏଚ୍ ପ୍ରୋ ଲିଗ୍ ହକିରେ ଭାରତକୁ ପରାସ୍ତ କରିଛି।

ମଙ୍ଗଳବାର କୃଷକଙ୍କ 'ଦିଲ୍ଲୀ ଚଲୋ' ଅଭିଯାନ ପୂର୍ବରୁ ସିଂଘୁ ସୀମାରେ ପୋଲିସ ପକ୍ଷରୁ ରାସ୍ତା ଅବରୋଧ କରାଯାଉଛି।

୮ ପୂର୍ବତନ ନୌସେନା ଅଧିକାରୀଙ୍କୁ ମୁକ୍ତ କଲା କାତାର

ଭାରତର ବଡ଼ କୂଟନୈତିକ ବିଜୟ

ଗୁପ୍ତଚାରୀ ଅଭିଯୋଗରେ କାତାର ଦ୍ୱାରା ଫାଶୀ ଦଣ୍ଡରେ ଦଣ୍ଡିତ ହୋଇଥିବା ଭାରତର ୮ ଜଣ ପୂର୍ବତନ ନୌସେନା ଅଧିକାରୀଙ୍କୁ ମୁକ୍ତ କରାଯାଇଛି। ୧୬ ମାସ ଧରି ସେଠାକାର ଜେଲ୍‌ରେ ଥିବା ଏହି ଅଧିକାରୀମାନଙ୍କୁ ମୁକ୍ତ କରିବା ପାଇଁ ଭାରତ ପକ୍ଷରୁ ଚାଲିଥିବା ପ୍ରୟାସ ସଫଳ ହୋଇଛି। ଏହାକୁ ଭାରତର ବଡ଼ କୂଟନୈତିକ ବିଜୟ ବୋଲି କୁହାଯାଉଛି।

ନୂଆଦିଲ୍ଲୀ,୧୨।୨

୨୦୨୨ ଅକ୍ଟୋବରରୁ ଗିରଫ ହୋଇ କାତାରରେ ବନ୍ଦୀ ଥିବା ଭାରତୀୟ ନୌସେନାର ୮ ଜଣ ପୂର୍ବତନ ଅଧିକାରୀଙ୍କୁ ମୁକ୍ତ କରିଦିଆଯାଇଛି। ସାମୁଦ୍ରିକ କାର୍ଯ୍ୟକ୍ରମରେ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତ ଥିବା ଅଭିଯୋଗରେ କାତାରର ଏକ ଅଦାଲତ ସେମାନଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ମୁକ୍ତ ହେବା ପରେ ସେମାନଙ୍କ ମଧ୍ୟରୁ ୭ ଜଣ ରବିବାର ରାତି ୨ଟାରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। କମାଣ୍ଡର ପୂର୍ଣ୍ଣେନ୍ଦୁ ତିୱାରୀ ଜେଲରୁ ମୁକ୍ତ ହୋଇଥିଲେ ମଧ୍ୟ ଏବେ ଦୋହାରେ ଅଛନ୍ତି। କାଗଜପତ୍ର କାମ ସରିବା ପରେ ସେ ଖୁବ୍‌ଶୀଘ୍ର ଫେରିବେ ବୋଲି ଜଣାପଡ଼ିଛି। ମୃତ୍ୟୁଦଣ୍ଡ ପାଇଥିବା ନୌସେନା ଭେଟେରାନମାନଙ୍କୁ ଫେରାଇଆଣିବା ଭାରତ ପାଇଁ ଏକ

୧୪ରେ କାତାର ଯିବେ ପ୍ରଧାନମନ୍ତ୍ରୀ

ବଡ଼ କୂଟନୈତିକ ବିଜୟ। କୋର୍ଟ ବାହାରେ ମାମଲାର ସମାଧାନ ହୋଇଯାଇଛି। ଏହାର ସମସ୍ତ ଶ୍ରେୟ ଭାରତୀୟ କୂଟନୈତିକ ମିଶନ ଏବଂ ସରକାରଙ୍କୁ ଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ କାତାର ଅମିରଙ୍କ ସହ କଥା ହୋଇଥିଲେ, ଯାହା କି କାମ ଦେଇଛି ବୋଲି ଏକ ସୂତ୍ରରୁ କୁହାଯାଇଛି। କାତାର ଜେଲରୁ ସେମାନଙ୍କୁ ମୁକ୍ତ କରାଇବା ଲାଗି ଦିଲ୍ଲୀର ଉଦ୍ୟମକୁ ନିଜେ ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବେ ତଦାରଖ କରୁଥିଲେ। ସେମାନେ ମୁକ୍ତ ହେବା ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱର ପ୍ରମାଣ ଏବଂ ଭାରତ-କାତାର ସମ୍ପର୍କର ଶକ୍ତିକୁ ପ୍ରତିଫଳନ କରୁଛି ବୋଲି ବହିର୍ବ୍ୟାପାର ସଚିବ ବିନୟ ମୋହନ କ୍ୱାତ୍ରା କହିଛନ୍ତି। ପ୍ରଧାନମନ୍ତ୍ରୀ ଦୁଇଦିନିଆ ୟୁଏଇ ଗସ୍ତ ଶେଷ କରି ଆସନ୍ତା ୧୪ ତାରିଖ ଅପରାହ୍ନରେ କାତାର ଯିବେ ବୋଲି କ୍ୱାତ୍ରା ସୂଚନା ଦେଇଛନ୍ତି। ବୁଧବାର ଆବୁଧାବୀରେ ପ୍ରଧାନମନ୍ତ୍ରୀ ପ୍ରଥମ ହିନ୍ଦୁ ମନ୍ଦିର ଉଦ୍‌ଘାଟନ ☞ପୃଷ୍ଠା–୧୧

ଦେବାଶିଷ, ସୁଭାଶିଷ ବିଜେଡିର ରାଜ୍ୟ ସଭା ପ୍ରାର୍ଥୀ

ଭୁବନେଶ୍ୱର,୧୨।୨(ସୁନିତ୍ ମିଶ୍ର)

ଓଡ଼ିଶାର ୩ ରାଜ୍ୟ ସଭା ସାଂସଦ ଅମର ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୩ ତାରିଖରେ ଶେଷ ହେଉଛି। ଏହି ୩ ଆସନ ଲାଗି ଆସନ୍ତା ୨୭ ତାରିଖରେ ନିର୍ବାଚନ ହେବ ବୋଲି ଗତ ୮ ତାରିଖରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ତେବେ ଏହି ୩ ଆସନ ଭିତରୁ ୨ଟି ଆସନ ଲାଗି ବିଜେଡି ପକ୍ଷରୁ ସୋମବାର ପ୍ରାର୍ଥୀ ଘୋଷଣା କରାଯାଇଛି। କଟକର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଏବଂ ପୁରୀର ଯୁବ ନେତା ଶୁଭାଶିଷ ଖୁଣ୍ଟିଆଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଏନେଇ ସୋମବାର

ତୃତୀୟ ଆସନ ନେଇ ଚର୍ଚ୍ଚା ବଢ଼ିଲା

ଦେବାଶିଷ ସାମନ୍ତରାୟ

ଶୁଭାଶିଷ ଖୁଣ୍ଟିଆ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧିବଦ୍ଧ ଭାବେ ଦଳୀୟ ବିଜ୍ଞପ୍ତି ଜାରି କରିଛନ୍ତି। ରାଜ୍ୟ ସଭା ନିର୍ବାଚନ ଲାଗି ଆସନ୍ତା ୧୫ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରହିଛି। ଯଦି ୩ରୁ ଅଧିକ ପ୍ରାର୍ଥୀ ରୁହନ୍ତି ତେବେ ଆସନ୍ତା ୨୭ ତାରିଖରେ ଭୋଟ୍ ଗ୍ରହଣ କରାଯିବ। ☞ପୃଷ୍ଠା–୧୧

ବ୍ୟାଗ୍‌କୁ ବିରୋଧ, ବ୍ୟାଗ୍ ଦେଲେ

ରାଶନ ହିତାଧିକାରୀ ପରିବାରକୁ ୧୦୦୦ ଟଙ୍କା

ଭୁବନେଶ୍ୱର,୧୨।୨(ଅନିଲ ଦାସ)

ଫୁଲବାଣୀ ସହର ମାଷ୍ଟରପଡ଼ାଠାରେ ଏକ ରାଶନ ଦୋକାନରେ ୫-ଟି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଥିବା ବ୍ୟାଗ୍ ବଣ୍ଟନକୁ ଭାଜପା କର୍ମୀ ବିରୋଧ କରିବାର ଦୃଶ୍ୟ ରବିବାର ଦେଖିବାକୁ ମିଳିଥିଲା। ଏହାର ଦିନକ ପରେ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ସମସ୍ତ ହିତାଧିକାରୀ ପରିବାରକୁ ୧୦୦୦ ଟଙ୍କା ଲେଖାଏ ସହାୟତା ରାଶି ଏବଂ ୨ଟି ୧୦ ଓ ୨୦ କେଜିଆ ଝୋଟ ବ୍ୟାଗ ଦେବାକୁ ନିଷ୍ପତ୍ତି

କ୍ୟାବିନେଟ ନିଷ୍ପତ୍ତି

- ଏମ୍‌ଏମ୍‌କେଓ୍ୱାଇରେ ଖର୍ଚ୍ଚ ହେବ ୪୪୮ କୋଟି
- ଉପକୃତ ହେବେ ୧୧ ହଜାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ
- ୨୭ ପ୍ରସ୍ତାବକୁ କ୍ୟାବିନେଟ ମୋହର

ନେଇଛନ୍ତି। ବଜାରରେ ଦରଦାମ୍ ବୃଦ୍ଧି ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିବାରେ ଏହି ସହାୟତା ସାହାଯ୍ୟ କରିବ। ଏଥିସହିତ ଝୋଟ ବ୍ୟାଗ ସରକାରୀ ପାଇକାରୀ ଦୋକାନ(ପିଡିଏସ୍)ରୁ ଚାଉଳ ଆଣିବା ସହିତ ବଜାରରୁ ଅନ୍ୟାନ୍ୟ ସାମଗ୍ରୀ କ୍ରୟ କରିବାରେ ସହାୟକ ହେବ। ରାଜ୍ୟର ୯୫.୯୦ ଲକ୍ଷ ହିତାଧିକାରୀ ପରିବାରଙ୍କ ପାଇଁ ଖାଦ୍ୟ ଓ ପୁଷ୍ଟି ସୁରକ୍ଷା ସୁନିଶ୍ଚିତ କରିବା ପରେ ସେମାନଙ୍କ ସୁଗମ ଜୀବିକା ନିର୍ବାହ ନିମନ୍ତେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ଥିବା ୯୫.୯୦ ଲକ୍ଷ ହିତାଧିକାରୀ ପରିବାରଙ୍କୁ ୧,୯୧,୮୧,୦୫୨ ଝୋଟ ବ୍ୟାଗ ଦିଆଯିବ। ☞ପୃଷ୍ଠା–୧୧

ବେକାରିଙ୍କ ପାଇଁ 'ସ୍ୱୟମ'

ବ୍ୟବସାୟ ପାଇଁ ମିଳିବ ବିନା ସୁଧରେ ୧ ଲକ୍ଷ ଟଙ୍କା ଋଣ

ଭୁବନେଶ୍ୱର,୧୨।୨(ଅନିଲ ଦାସ)

ବେକାରି ଯୁବତୀଯୁବକମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ରାଜ୍ୟ ସରକାର ନୂତନ ଯୋଜନା 'ସ୍ୱତନ୍ତ୍ର ଯୁବ ଉଦ୍ୟମୀ (ସ୍ୱୟମ)' ଆରମ୍ଭ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ରାଜ୍ୟର ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବାସ କରୁଥିବା ବେକାରି ଯୁବତୀଯୁବକମାନଙ୍କୁ ରୋଜଗାରକ୍ଷମ କରିବା ନିମନ୍ତେ ୧ ଲକ୍ଷ ଟଙ୍କାର ଋଣ ବିନା ସୁଧରେ ଯୋଗାଇ ଦିଆଯିବ। ଏହାଦ୍ୱାରା ସେମାନେ ନିଜର ଦକ୍ଷତା ଅନୁଯାୟୀ କ୍ଷୁଦ୍ର, ଲଘୁ ଉଦ୍ୟୋଗ କିମ୍ବା ବ୍ୟବସାୟ ଆରମ୍ଭ କରିପାରିବେ। କ୍ରେଡିଟ ଗ୍ୟାରେଣ୍ଟି ଫଣ୍ଡ ଟ୍ରଷ୍ଟ ଫର୍ ମାଇକ୍ରୋ ଆଣ୍ଡ ସ୍ମଲ୍ ଇଣ୍ଟରପ୍ରାଇଜେସ୍ (ସିଜିଟିଏମ୍ଏସ୍ଇ) ☞ପୃଷ୍ଠା–୧୧

କଂଗ୍ରେସରୁ ଅଶୋକ ଚଭନଙ୍କ ଇସ୍ତଫା: ପୃଷ୍ଠା-୧୨

ଜାହାଜ ମୁକୁଳାଇବା ପାଇଁ ୧୧୦ କୋଟି ଟଙ୍କା ସର୍ତ୍ତ

କୁଜଙ୍ଗ,୧୨।୨ (ମନୋଜ ପ୍ରଧାନ)

ପାରାଦୀପ ବନ୍ଦର ପିଆଇସିଟି ବର୍ଥରେ ଲାଗିଥିବା ଏମ୍‌ଭି ଦେବୀ ନାମକ ଜାହାଜରୁ ୨୦୨୩ ନଭେମ୍ବର ୩୦ରେ ୨୨୦ କୋଟି ଟଙ୍କାର କୋକେନ ଜବତ ହୋଇଥିଲା। ଏନେଇ ଜାହାଜକୁ ଜବତ କରିବା ପାଇଁ କଷ୍ଟମ୍ସ ବିଭାଗ କୁଜଙ୍ଗ କୋର୍ଟରେ ଆବେଦନ କରାଯାଇଥିଲା। ତାହାକୁ ଖାରଜ କରିବା ପାଇଁ ଜାହାଜ ମାଲିକଙ୍କ କମ୍ପାନୀ ଏସିଆ ପାଶିଫିକ୍ ଶିପିଂର ୨ ଜଣ ଭିଏତ୍‌ନାମ ପ୍ରତିନିଧି ଡିସେମ୍ବର ୨୭ରେ କୁଜଙ୍ଗ ଅତିରିକ୍ତ

୨୨୦ କୋଟି ଟଙ୍କାର କୋକେନ ଜବତ ଘଟଣା

ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ପହଞ୍ଚି ଆବେଦନ କରିଥିଲେ। ସୋମବାର କୋର୍ଟ ଏହି ମାମଲାର ଶୁଣାଣି କରି ୧୦କୋଟି ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି ସହ ୧୦୦ କୋଟି ଟଙ୍କାର ଇଣ୍ଡିମିନ୍ଟି ବଣ୍ଡ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାଶିଫିକ୍ ଶିପିଂ ଲିମିଟେଡ୍ ପକ୍ଷରୁ ବରିଷ୍ଠ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ ମକଦ୍ଦମା ପରିଚାଳନା କରୁଥିବା ବେଳେ ଆଇନଜିବୀ ଆଶୁତୋଷ ମହାନ୍ତି, ସୌମ୍ୟଜିତ ବିଶ୍ୱାଳ ଓ ଯୁବ ଆଇନଜୀବୀ ବିକାଶ ନାଥ ସହାୟତା କରିଥିଲେ।

ସୂଚନାଯୋଗ୍ୟ, ଉକ୍ତ କୋକେନ ଘଟଣାରେ କଷ୍ଟମ୍ସ ବିଭାଗ ଏପର୍ଯ୍ୟନ୍ତ କୌଣସି ନାବିକଙ୍କୁ ଗିରଫ କରିନାହିଁ। ତେବେ ୨୮ ଜଣ ଭିଏତ୍‌ନାମ ନାଗରିକଙ୍କୁ ଅଟକ ରଖିଛି। ସେମାନଙ୍କ ମଧ୍ୟରେ ୨୧ ଜଣ ନାବିକ ରହିଛନ୍ତି। ଏଥିସହ ଜାହାଜ ଅଟକ ରଖି ମାମଲା (ନଂ.୨୬/୨୩) ରୁଜୁ କରିଛି। ପ୍ରାୟ ୨ ମାସ ହେଲା ଏନେଇ ତଦନ୍ତ ଜାରି ରହିଛି।

ମୁଖାଗ୍ନି ପୂର୍ବରୁ ଜୁଇରେ ଆଖି ଖୋଲିଲେ ମହିଳା

ପକ୍ଷାଘାତ ସ୍ତ୍ରୀଙ୍କୁ ବଞ୍ଚାଇବାକୁ ସ୍ୱାମୀଙ୍କ ନିବେଦନ

ବ୍ରହ୍ମପୁର,୧୨।୨(ତନୁଶ୍ରୀ ନାହାକ/ସ୍ମୃତି ରଞ୍ଜନ ମହାଲିକ)

କଥାରେ ଅଛି, ଦଣ୍ଡେ ନିମିଷେ ଥିଲେ ପ୍ରାଣ, ନେଇ ନ ପାରେ ଜନ୍ତୁରାଣ। ଠିକ୍ ଏମିତି ଏକ ସତ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ବ୍ରହ୍ମପୁରରେ। ଜୁଇରେ ନିଆଁ ଲାଗିବା ପୂର୍ବରୁ ମୃତ ମହିଳା ଜୀବିତ ହୋଇଛନ୍ତି। ବ୍ରହ୍ମପୁର ମହାନଗରର ୨୫ ନଂ. ୱାର୍ଡସ୍ଥିତ ବିଜିପୁର ଶ୍ମଶାନରେ ସୋମବାର ଏଭଳି ଅବିଶ୍ୱସନୀୟ ଘଟଣା ଘଟିଛି। ଜୁଇରୁ ମହିଳାଙ୍କୁ ଘରକୁ ନିଆଯାଇଛି। ସେ ପକ୍ଷାଘାତରେ ପୀଡ଼ିତ ଥିବାରୁ ତାଙ୍କୁ ବଞ୍ଚାଇ ଦେବାକୁ ଆର୍ଥିକ ଅନଟନରେ ଦିନ କାଟୁଥିବା ସ୍ୱାମୀ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ବ୍ରହ୍ମପୁର ମହାନଗରର ୨୮ନଂ ୱାର୍ଡସ୍ଥିତ ଗୁଡସରୋଡ ତ୍ରିନାଥ ମନ୍ଦିର ସାହିର ଶିବରାମ ପାଳ(୫୪) ଓ ସ୍ତ୍ରୀ ବୁଚି ଆମ୍ମା(୫୦) ରୁହନ୍ତି। ସେମାନଙ୍କର କୌଣସି ସନ୍ତାନ ନାହାନ୍ତି। ବୁଚି ଆମ୍ମା ୭ ବର୍ଷ ହେଲା ପକ୍ଷାଘାତରେ ପୀଡ଼ିତ। ଶିବରାମ ବ୍ରହ୍ମପୁର ରେଳ ଷ୍ଟେଶନରେ ଏକ ଜଳଖିଆ ଦୋକାନରେ ରୋଷେୟା ଭାବେ କାର୍ଯ୍ୟ କରନ୍ତି। ସେଠାରୁ ମିଳୁଥିବା ପ୍ରାପ୍ୟ ସ୍ତ୍ରୀଙ୍କ ଚିକିତ୍ସା ବାବଦରେ ଖର୍ଚ୍ଚ ହୋଇଯାଏ। ଗତ ୧ ତାରିଖ ସନ୍ଧ୍ୟାରେ ବୁଚି ଆମ୍ମା ବହୁ କଷ୍ଟରେ ଉଠି ରୋଷେଇ ଘରକୁ ଚା' କରିବାକୁ ଯାଇଥିବା ବେଳେ କୌଣସି ପ୍ରକାରେ ଗ୍ୟାସ୍‌ରୁ ନିଆଁ ଲାଗି ପୋଡି ହୋଇ ଯାଇଥିଲେ। ପଡୋଶୀମାନେ ତାଙ୍କ ପାଟି ଶୁଣି ଶିବରାମଙ୍କୁ ଖବର ଦେଇଥିଲେ। ପରେ ବୁଚି ଆମ୍ମାଙ୍କୁ ଏମ୍‌କେସିଜି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କର ଚିକିତ୍ସା କରିବା ସହ ଇଞ୍ଜେକସନ ଦେଇଥିଲେ। ସାଲାଇନ ଲଗାଇବା ନିମନ୍ତେ ଶିରାପ୍ରଶିରା ଜଣା ନ ପଡ଼ିବାରୁ ଡାକ୍ତର ତାଙ୍କୁ ଘରକୁ ନେଇଯିବା ପାଇଁ କହିଥିଲେ। ତେଣୁ ଶିବରାମ ସ୍ତ୍ରୀଙ୍କୁ ଧରି ଘରକୁ ଆଣି ତାଙ୍କର ସମସ୍ତ ସେବା ଶୁଶ୍ରୂଷା କରୁଥିଲେ। ସୋମବାର ଭୋର ପ୍ରାୟ ସାଢ଼େ ୫ଟାରେ ☞ପୃଷ୍ଠା–୧୧

HONDA

Up to ₹82 000# Benefit on Honda Amaze | Up to ₹1 00 000# Benefit on Honda City e:HEV | Elevate now Available in CSD | Up to ₹88 600# Benefit on Honda City | Best Exchange Value of your existing car

Models available through GeM & CSD. T&C Apply. For more information contact your nearest Honda dealership today.

Honda SENSING INTELLIGENT ADAS TECHNOLOGY | 10 YEAR ANYTIME WARRANTY | Honda Auto Terrace | Honda ProCARE CUSTOMER SERVICE | 8 YEAR WARRANTY LITHIUM ION BATTERY | Scan now to Book or Buy Honda From Home

*Terms and conditions applicable. Benefits available for limited period on select model and in select cities. Stock without benefits is also available. Images and depictions shown above are computer generated/enhanced for illustrative and representational purpose only. Actual colour, feature and any other specification as shown may not be part of standard fitment and may differ from actual product. Appearance of black shade on glass of vehicle is due to lighting effect. All colours, features and specifications are grade specific and subject to change without prior notice. #Standard warranty on lithium-ion battery is 8 years/ 1 60 000 kms (whichever is earlier from the date of first sale of new car). ¤10 year Anytime Warranty is extendable up to the maximum age of 10 years/ 1 20 000 kilometers by renewing every year and is applicable from the date of purchase of car. *Honda SENSING is Honda's exclusive Advanced Driver Assistance System (ADAS) and available in select models/ variants only. Honda SENSING cannot substitute human acumen and vigilance. Honda Cars India Limited urges drivers to follow traffic rules which are meant to keep them safe on roads. For more information, please visit our authorized Honda car dealership or www.hondacarindia.com. For corporate sales enquiry please write to corporatesales@hondacarindia.com

Highway Honda
Showroom: Cantonment Road Cuttack,
PH: 8657589226

Highway Honda
Showroom: NH-5, Plot No. 209,
Mirzapur Pani Koili, Distt., Jajpur, **PH:** 8657588901

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଭାଷାବିତ୍ ପ୍ରୟାଗଦତ୍ତ ଜୋଷୀଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଏଏସିସିଆଇ ବିଜନେସ୍ ସମିଟ୍ ଆଣ୍ଡ ଏକ୍ସପୋ ଗ୍ରୀନ କନକ୍ଲେଭ୍, ସ୍ଥାନ: ମେ ଫେୟାର ଲାଗୁନ, ସମୟ: ପୂର୍ବାହ୍ନ ୧୧ଟା।
- ୧୦ମ ଅନ୍ତର୍ଜାତୀୟ ରେଡିଓ ମେଳା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଭାରତ ରଙ୍ଗ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

ଆଜିର ମ୍ୟାଚ୍(ହକି)

- ଅଷ୍ଟ୍ରେଲିଆ ବନାମ ଆୟର୍ଲାଣ୍ଡ, ସମୟ: ସନ୍ଧ୍ୟା ୫ଟା.୩୦
- ସ୍ପେନ୍ ବନାମ ନେଦରଲାଣ୍ଡ୍ସ, ସମୟ: ସନ୍ଧ୍ୟା ୭ଟା.୩୦, ଭେନ୍ୟୁ: କଳିଙ୍ଗ ଷ୍ଟାଡିୟମ।

ପୁରୀ

- ବଡ଼ଦାଣ୍ଡ ସେବା ଅନୁଷ୍ଠାନ ପକ୍ଷରୁ ବିଶ୍ୱ ରେଡିଓ ଦିବସ ପାଳନ, ମରାଚିକୋଟ ଛକ ବଡ଼ଦାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ଜିଆଣ୍ଟ ସୋର୍ଟିଂ ପକ୍ଷରୁ କ୍ରିକେଟ୍ ପ୍ରତିଯୋଗିତା, ସ୍ଥାନ: ତାଳବଣିଆ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଭିତରଛ ମଧୁସୂଦନ ମହାପାତ୍ରଙ୍କ ଦ୍ୱାଦଶତମ ସ୍ମୃତି ସଭା, ସ୍ଥାନ: ଦୋଳମଣ୍ଡପ ସାହି, ସମୟ: ସନ୍ଧ୍ୟା ୬ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା' ନିମାପଡ଼ା ବ୍ଲକ ଅଧୀନ ପଞ୍ଚାୟତ ସ୍ତରୀୟ ସଚେତନ ଶିବିର, ସ୍ଥାନ: ବାହରଣା ପଞ୍ଚାୟତ, ମଠତୋଟା ମେଳଣ ପଡ଼ିଆ, ରେଞ୍ଚଶାସନ ପଞ୍ଚାୟତ, ପଞ୍ଚାୟତ କାର୍ଯ୍ୟାଳୟ, ତମ୍ପାଳୋ ପଞ୍ଚାୟତ, ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନବମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଅଲ୍ ଓଡ଼ିଶା ସର୍ବଭାରତୀୟ ଆମନ୍ତ୍ରିତ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ, ସ୍ଥାନ: ନିମାପଡ଼ା ବାରବାଟୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ସତ୍ୟବାଦୀ ବ୍ଲକର ବିଭିନ୍ନ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।

କଟକ

- ରାମଲୀଳା ପ୍ରଚାର ସମିତିର ସଂକ୍ରାନ୍ତି ଉତ୍ସବ, ସ୍ଥାନ: ରାମଦାସପୁରସ୍ଥିତ ଭାରତ ମସଲା କମ୍ପାନୀ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଳିଙ୍ଗ ମାରିଟାଇମ୍ ଏକ୍ସପୋ ଉଦ୍‌ଯାପନୀ ସମାରୋହ, ସ୍ଥାନ: କଟକ ଉପର ବାଲିଯାତ୍ରା ପଡ଼ିଆ, ସମୟ : ସନ୍ଧ୍ୟା ୬ଟା।
- ଚିନ୍ମୟ ମିଶନ ଓ ଅରୁଣୋଦୟ ନଗର ନାଗରିକ ପରିଷଦ ପକ୍ଷରୁ ଗୀତା ପ୍ରବଚନର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଚନ୍ଦ୍ରଶେଖର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା

ଖୋର୍ଦ୍ଧା

- ମା'ବଘେଇ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଦେଉଳଟାଙ୍ଗୀ, ଖୋର୍ଦ୍ଧା,ସମୟ: ପୂର୍ବାହ୍ନ ୧୦ଟା।
- ସିଦ୍ଧେଶ୍ୱର ଦେବଙ୍କ ପୀଠରେ ସଂକ୍ରାନ୍ତି ଯାତ୍ରା, ସ୍ଥାନ: ଲେଙ୍ଖୋସ୍ଥିତ ପୀଠ, ସମୟ: ସକାଳ ୬ଟା।
- କୋଲୁହାପାଟଣା ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୋଲୁହାପାଟଣା, ବେରୁନିଆ, ସମୟ: ଅପରାହ୍ନ ୩ଟା।

ବାଲେଶ୍ୱର

- ବାଖରାବାଦ ୟୁଥ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ–ବାଖରାବାଦ ଖେଳ ପଡ଼ିଆ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ରାଉତପଡ଼ା ସମବାୟ ସମିତିର ବାର୍ଷିକ ସାଧାରଣ ସଭା, ସ୍ଥାନ: ସମବାୟ ସମିତି କାର୍ଯ୍ୟାଳୟ, ରୂପସା, ସମୟ: ଅପରାହ୍ନ ୩ଟା।

ମୟୂରଭଞ୍ଜ

- ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ କାର୍ଯ୍ୟକ୍ରମ, ସ୍ଥାନ: ୱାର୍ଡ ନଂ, ୨୨ ସଡ଼କ ସାହି ଏବଂ ପ୍ରାକୃତିକ ବିପର୍ଯ୍ୟୟ ଆଶ୍ରୟସ୍ଥଳୀ, ବାରିପଦା, ସମୟ:ମଧ୍ୟାହ୍ନ ୧୨ଟା।
- ଜନଜାତି କ୍ରୀଡ଼ା ମହୋତ୍ସବ, ସ୍ଥାନ: ରାଇରଙ୍ଗପୁର କଚେରୀ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଲକ୍ଷ୍ମୀ ବସ୍ ଚଳାଚଳ ଶୁଭାରମ୍ଭ, ସ୍ଥାନ: ବେତନଟୀ ବସ୍ ଟର୍ମିନାଲ, ସମୟ: ସକାଳ ୬ଟା ।
- ନାରାୟଣ ସେବା ଟ୍ରଷ୍ଟ ପକ୍ଷରୁ ଅନ୍ନ ପ୍ରସାଦ ବଣ୍ଟନ, ସ୍ଥାନ: ବାରିପଦା ଲାଲବଜାରସ୍ଥିତ ମା' ତାରିଣୀଙ୍କ ମନ୍ଦିର, ସମୟ : ଅପରାହ୍ନ ୪ ଟା ୩୦।

ଭଦ୍ରକ

- ଦୀଲିପ କୁମାର ମଲ୍ଲିକଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିସଭା, ସ୍ଥାନ: ଭଦ୍ରକ ବନ୍ତଛକସ୍ଥିତ ତୃପ୍ତିପ୍ଲାଜା, ସମୟ: ପୂର୍ବାହ୍ନ ୧୦ଟା।
- ଆଖଣ୍ଡଳମଣିଙ୍କ ଜାଗର ଯାତ୍ରା ପାଇଁ ଜିଲାସ୍ତରୀୟ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ଆଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ସଭା, ସ୍ଥାନ : ଦଇପୁର ପଞ୍ଚାୟତ, ଧାମନଗର, ସମୟ: ପୂର୍ବାହ୍ନ ୧୧ ଟା।
- ସରକାରୀ ଯୋଜନା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାସୁଦେବପୁରର ଚୁଡ଼ାମଣି , ଶାଶୁଭୁଆଶୁଣୀ ଓ କିଶ୍ଚତକୃଷ୍ଣପୁର, ସମୟ: ପୂର୍ବାହ୍ନ ୧୧ଟା।

କେନ୍ଦୁଝର

- ମୋ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଢେଙ୍କିକୋଟ୍ ହାଇସ୍କୁଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

ରାୟଗଡ଼ା

- ଜଙ୍ଗଲ ନିଆଁ ନିୟନ୍ତ୍ରଣ ସଚେତନତା ପାଇଁ ମିନି ମାରାଥନ, ସ୍ଥାନ: ରାୟଗଡ଼ା ରିଲାଏନ୍ସ ସଫିଂ ମଲ୍‌ଠାରୁ ଫରେଷ୍ଟ ପାର୍କ, ସମୟ:ସକାଳ ୬ଟା।
- ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୪୫ ।

ନବରଙ୍ଗପୁର

- ନିର୍ମାଣ ଶ୍ରମିକ ଶିବିର, ସ୍ଥାନ : ଚନ୍ଦାହାଣ୍ଡି, ସମୟ : ଅପରାହ୍ନ ୧ଟା ।

କୋରାପୁଟ

- ସାଧାରଣ ନିର୍ବାଚନ ନେଇ କଲେଜ ଛାତ୍ରୀଛାତ୍ରଙ୍କୁ ସଚେତନ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା.୩୦।
- ଜିଲା ପରିଷଦର ସମୀକ୍ଷା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ , ସମୟ: ପୂର୍ବାହ୍ନ ୧୧ଟା।

ସମ୍ବଲପୁର

- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ଆନ୍ତଃ ବିଦ୍ୟାଳୟ କ୍ରିକେଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ସମ୍ବଲପୁର ମହୋତ୍ସବ, ସ୍ଥାନ: ଅଇଁଠାପାଲି ବର୍ସା ମଇଦାନ, ସମୟ: ସନ୍ଧ୍ୟା ସାଢେ ୬ଟା
- ବୌଦ୍ଧ, ସୋନପୁର, ଲାଞ୍ଜିଗଡ ଓ ସମ୍ବଲପୁର ବିଧାନସଭା ଅଞ୍ଚଳର ଭକ୍ତମାନଙ୍କ ମା' ସମଲେଇଙ୍କ ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ସମଲେଇ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

ବଲାଙ୍ଗୀର

- ଦ୍ୱିତୀୟ ସିସିଏଫ୍‌ଏ ଅଲ୍ ଓଡ଼ିଶା ନକ୍‌ଆଉଟ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମ୍ୟାଚ: ବରଗଡ ବନାମ ସମ୍ବଲପୁର,ସ୍ଥାନ: ମିଶନ୍ ହାଇସ୍କୁଲ ଖେଳପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା ୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଖପ୍ରାଖୋଲ ବ୍ଲକ ମହରାପଦର ଏବଂ ଓଡ଼ିଆପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଖପ୍ରାଖୋଲ ବ୍ଲକ କରୁଆଁଝର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।

ରାଉରକେଲା

- ସୂର୍ଯ୍ୟକାନ୍ତ ମେମୋରିଆଲ ଟି–୨୦ କ୍ରିକେଟ, ସ୍ଥାନ: ଡିଏଭି ଖେଳ ପଡିଆ, ସମୟ: ସକାଳ ୯ଟା।
- ରାଜ୍ୟପାଳଙ୍କ ରାଉରକେଲା ଗସ୍ତ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ବିପିୟୁଟିର ସମାବର୍ତ୍ତନ ଦିବସ ପାଳନ, ସ୍ଥାନ: ଛେଣ୍ଡ, ସମୟ: ଅପରାହ୍ନ ୨ଟା ୧୫।
- ହକି ପ୍ରୋ ଲିଗ୍‌ର ଦ୍ୱିତୀୟ ଦିବସ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।
- ସିଆଇଟିୟୁର ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର ୧୬, ଶ୍ରମିକ ଭବନ, ସମୟ: ଅପରାହ୍ନ ୫ଟା ।

ସୁନ୍ଦରଗଡ଼

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବଡ଼ଗାଁ ବ୍ଲକ ଫୁଲବାରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

ବରଗଡ଼

- ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କର୍ମାଟିକ୍ରା, ଲରାସରା, ସମୟ: ପୂର୍ବାହ୍ନ୧୦ଟା।
- ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ରୀଙ୍କ ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ୍, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ନୃସିଂହ ଓ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ରଷିପାଲି–ଜଡ଼ା, ସମୟ: ପୂର୍ବାହ୍ନ ୧୧ଟା

ଢେଙ୍କାନାଳ

- ରେଡିଓ ଢେଙ୍କାନାଳ ଲୋକାର୍ପଣ ଉତ୍ସବ, ସ୍ଥାନ: ଶୋଭା ଅନୁଷ୍ଠାନ ପରିସର, ଗେଣ୍ଡୁଟିଆ,ସମୟ:ମଧ୍ୟାହ୍ନ ୧୨ଟା।
- ରେଙ୍ଗାଳି ଦକ୍ଷିଣ କେନାଲ ପ୍ରକଳ୍ପର ୬ହଜାର ହେକ୍ଟର ଆୟକଟ, ଦର୍ପଣୀ ଓ ନରସିଂହପୁର ବ୍ରାଞ୍ଚ କେନାଲ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସଦର ବ୍ଲକ ଶଙ୍କରପୁର ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା୩୦।
- ଜିଲାସ୍ତରୀୟ ଆଶା, ଜିକେଏସ୍, ଜେଏଏସ୍ ଏବଂ ମାସ୍ କନଭେନ୍ସନ, ସ୍ଥାନ:ପୁରୁଣା ଜିଲା ପରିଷଦ ହଲ, ସମୟ: ପୂର୍ବାହ୍ନ ୧୧ଟା।

ଅନୁଗୋଳ

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ୱାର୍ଡ ନଂ ୧, ୧୭, ୧୮ ଓ ୨୧,ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଭିନ୍ନ ବିଭାଗର ସମୀକ୍ଷା,ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଘଟିକା।
- ଜାତୀୟ ରାଜପଥ କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ ଟା।

ଗଞ୍ଜାମ

- ଭାଜପାର ଭାଟକୁମରଡା ମଣ୍ଡଳ ବୈଠକ,ସ୍ଥାନ–ଗାଙ୍ଗଦହଣୀ, ପୁରୁଷୋତ୍ତମପୁର ବ୍ଲକ,ସମୟ–ପୂର୍ବାହ୍ନ ୧୧ଟା।
- ସହରାଞ୍ଚଳ ନବୀନ ଓଡିଶା ସମାରୋହ,ସ୍ଥାନ–ବିଜୁ ମାର୍କେଟ କମ୍ପେକ୍ସ,ସମୟ–ଅପରାହ୍ନ ୫ଟା।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଦାରୀ କି ଡାଲି ଚାଉଳ,
ବ୍ରାହ୍ମଣକୁ ଜାବଡ଼ା।

ବିଟିପୀ ବା ଦୁଶ୍ଚରିତ୍ରା ନାରୀଙ୍କ ପ୍ରତି ମନରେ ଦରଦ ଅଥଚ ଧର୍ମକର୍ମ କରୁଥିବା ବ୍ୟକ୍ତିଙ୍କ ପ୍ରତି ମନରେ ଘୃଣା, ହିଂସା ଭାବ। କାଳର ଓଲଟା ଗତି। ସମାଜରେ ଭଲ ବା ଉତ୍ତମ ବ୍ୟକ୍ତିଙ୍କୁ ଯେତେ ଆଦର ସମ୍ମାନ ମିଳି ନ ଥାଏ ତା' ଠାରୁ କାହିଁ କେତେ ଗୁଣ ପ୍ରାଧାନ୍ୟ ଖଳ ବା ଦୁଶ୍ଚରିତ୍ର ବ୍ୟକ୍ତିଙ୍କୁ ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଦୁଇ ନାଆରେ ଗୋଡ଼ ଦେଇ
ମଝି ନଈରେ ବୁଡ଼ି ମରିବା।

ଦୁଇ ନାଆରେ ଯିଏ ଗୋଡ଼ ରଖେ, ସେ କୋଉ କୂଳର ହୋଇପାରି ନ ଥାଏ। କେଉଁ ପଟକୁ ଯାଇ ନ ପାରି ମଝି ଦରିଆରେ ବୁଡ଼ି ମରିବା ସାର ହୋଇଥାଏ। ତେଣୁ ଯେ କୌଣସି ଦ୍ୱନ୍ଦ୍ୱ ମଧ୍ୟରେ ନିଜକୁ ଜଡ଼ିତ ରଖିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା, ସ୍ଥାନ–ବୁଗୁଡ଼ା ବ୍ଲକ ଗୌଡିଆବୋରଦା ପଞ୍ଚାୟତ, ସମୟ– ପୂର୍ବାହ୍ନ ୧୧ଟା
- ଶ୍ରୀରାମ ଚରିତ ମାନସ ପ୍ରବଚନ, ସ୍ଥାନ–ବୁଗୁଡା ତଳ ଓଡ଼ିଆ ସାହି, ସମୟ–ସନ୍ଧ୍ୟା ସାଢ଼େ ୭ଟା।
- ରାମଚରିତ ମାନସ ପାରାୟଣ, ସ୍ଥାନ– ଭଞ୍ଜନଗର ବ୍ଲକ ଲଣ୍ଡେଇସାହି ରଘୁନାଥ ମନ୍ଦିର, ସମୟ – ସନ୍ଧ୍ୟା ୬ଟା।

କନ୍ଧମାଳ

- ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ। ସ୍ଥାନ:ଚଣାପଦର ଯଜ୍ଞ କମିଟି, କ. ନୂଆଗାଁ, ସମୟ: ଅପରାହ୍ନ ୩ଟା।

ଗଜପତି

- ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ–କାଟାମା, ପଞ୍ଚାୟତ ପରିସର, ଗରଡ଼ମା, ପଞ୍ଚାୟତ ପରିସର, ଯୁବ, ପଞ୍ଚାୟତ ପରିସର, ମୋହନା, ସମୟ – ପୂର୍ବାହ୍ନ ୧୦ଟା।

ଜଗତ୍‌ସିଂହପୁର

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତିର୍ତ୍ତୋଲ ଜଗନ୍ନାଥପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆ, କନକପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

ଯାଜପୁର

- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ବରୀ ବ୍ଲକ ବ୍ରହ୍ମବରଦା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।

କେନ୍ଦ୍ରାପଡ଼ା

- ତ୍ରିବେଣୀ ମେଳା ଓ ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଆର୍ତ୍ତେଶ୍ୱର ପୀଠ, ନହଙ୍ଗ, ଡେରାବିଶ, ସମୟ: ରାତି ୮ଟା
- ମା' କ୍ଷେତ୍ରପାଳିନୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସୂର୍ଯ୍ୟପୂଜା ଓ ଯଜ୍ଞୋତ୍ସବ, ସ୍ଥାନ: ମେଳଣ ପଡିଆ, ହରିଅଙ୍କ, ଡେରାବିଶ, ସମୟ: ଅପରାହ୍ନ ୪ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶାର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀନାରାୟଣପୁର, ଏଣ୍ଡର ପଞ୍ଚାୟତ କାର୍ଯ୍ୟାଳୟ,ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଡେରାବିଶ କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଡେରାବିଶ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କଳାବୁଦା ପଞ୍ଚାୟତ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ନଡ଼ିଆବରେଇଠାରୁ ନାରଣପୁର ରାସ୍ତା ଉନ୍ନତିକରଣ ଶିଳାନ୍ୟାସ, ସ୍ଥାନ: ନଡ଼ିଆବରେଇ, ଗରଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ପାଖଡ଼ଠାରୁ ଗରଦପୁର ରାସ୍ତା ଉନ୍ନତିକରଣ ଶିଳାନ୍ୟାସ, ସ୍ଥାନ: ଗରଦପୁର, ସମୟ: ମଧ୍ୟାହ୍ନ ୧୨ଟା।

ନୟାଗଡ଼

- ସପ୍ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସୂର୍ଯ୍ୟପୂଜା, ସ୍ଥାନ : ବାବା ବିଶ୍ୱନାଥ ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ ନୟାଗଡ଼ ପୁରୁଣା ସହର କରଣସାହି ବଡ ମଠ, ସମୟ: ପୂର୍ବାହ୍ନ ୧୦ଟା ।
- ଭାଗବତ ସପ୍ତାହ ଉଦ୍‌ଘାଟନ, ସ୍ଥାନ: ନୟାଗଡ ପୁରୁଣା ସହରର ରାଧାନାଥ କଲୋନୀ, ସମୟ: ସକାଳ ୯ଟା।
- ଜିଲା କୃଷି ମହୋତ୍ସବର ୨ୟ ଦିବସ, ସ୍ଥାନ: ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଖଲିସାହି ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ: ଖଲିସାହି ବଡପଡ଼ିଆ, ଖଣ୍ଡପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

ହାଇକୋର୍ଟରେ ମାମଲା ଖାରଜ ଜୀ–ସାର୍ଥକର 'ପାର୍ବଣରେ ସୁନାର ବର୍ଷା'

ବିଜେତା ପାଇଲେ ୨୦ ଗ୍ରାମ୍ ସୁନା

କଟକ,୧୨।୨ (କାର୍ତ୍ତିକ ସାହୁ): ମାଟ୍ରିକ୍ ପରୀକ୍ଷାବେଳେ ଆନ୍ତଃସ୍କୁଲ୍ କ୍ରିକେଟ୍ ମ୍ୟାଚ୍‌କୁ ବିରୋଧ କରି ରୁଜୁ ମାମଲାରେ ମ୍ୟାଚ୍ ଆୟୋଜନ ଉପରେ ରହିତାଦେଶ ପ୍ରଦାନ କରିବା ଆବେଦନକୁ ହାଇକୋର୍ଟ ମନା କରିଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ଅରିନ୍ଦମ୍ ସିହ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ମାମଲାର ଶୁଣାଣି କରି ତାହାକୁ ଖାରଜ କରିଛନ୍ତି ।

ମାମଲାର ବିବରଣୀ ଅନୁସାରେ, ଆସନ୍ତା ୨୦ରୁ ରାଜ୍ୟରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ। ଏହି ସମୟରେ ଆନ୍ତଃସ୍କୁଲ୍ କ୍ରିକେଟ୍ ମ୍ୟାଚ୍ ଆୟୋଜନ କରାଯାଇଛି। ଏହି ମ୍ୟାଚ୍ ଫେବୃଆରୀ ୭ରୁ ୨୫ ତାରିଖ ଯାଏ ଚାଲିବ। ଏଥିରେ ସପ୍ତମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଭାଗ ନେଉଛନ୍ତି । ଏଣୁ ମାଟ୍ରିକ୍ ପରୀକ୍ଷା ସମୟରେ ଛାତ୍ରମାନେ ପରୀକ୍ଷା ପ୍ରସ୍ତୁତି କରିବେ ନା ପ୍ରତିଯୋଗିତାରେ ଭାଗ ନେବେ ବୋଲି ଆବେଦନରେ ଦର୍ଶାଯାଇଛି। ତେଣୁ ମ୍ୟାଚ୍ ଆୟୋଜନକୁ ସ୍ଥଗିତ ରଖିବା ନିମନ୍ତେ ହା

INSPIRED BY THE HON'BLE PRIME MINISTER SHRI NARENDRA MODI'S VISION OF

AatmaNirbhar Bharat Abhiyan

JSW GROUP, IN PARTNERSHIP WITH GOVERNMENT OF ODISHA, IS POISED TO REVOLUTIONISE THE MOBILITY SECTOR IN INDIA

SHRI NARENDRA MODI

HON'BLE PRIME MINISTER OF INDIA

SHRI NAVEEN PATNAIK

HON'BLE CHIEF MINISTER OF ODISHA

JSW

Better Everyday



One of The World's Largest Gigafactory (Battery) | Electric Vehicle Manufacturing | Auto Component Manufacturing | Copper Refinery | Lithium Refinery

Total investment of over **₹40,000 Cr**

Employment potential of **11,000**

ଅଙ୍ଗଦାନ

ଜୀବନ ପାଇଁ ଉଭୟ ଅଙ୍ଗଦାନ ଓ ପ୍ରତିରୋପଣର ଗୁରୁତ୍ୱ ରହିଛି। ଜଣେ ବ୍ୟକ୍ତିର ଅଙ୍ଗଦାନ ଏକ କିମ୍ବା ଏକାଧିକ ଜୀବନ ବଞ୍ଚାଇଦେଇପାରେ। କିନ୍ତୁ ଭାରତରେ ଏହି କାର୍ଯ୍ୟକ୍ରମରେ ଶିଥିଳତା ଓ ଅସମାନତା ଦେଖାଯାଇଛି। ଗତ ସପ୍ତାହରେ ଲୋକ ସଭାରେ ଅଙ୍ଗଦାନ ଓ ପ୍ରତିରୋପଣ ସମ୍ପର୍କିତ ପ୍ରଶ୍ନଉତ୍ତରରୁ ଏହା ଜଣାପଡ଼ିଛି। ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ସାଂସଦ କୁରୁଭା ଗୋରାନ୍ତଲା ମାଧବଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଏସ୍.ପି.ସିଂ ବଘେଲଙ୍କ ପ୍ରଦତ୍ତ ତଥ୍ୟ ପୁରୁଷ ଓ ମହିଳାଙ୍କ ମଧ୍ୟରେ ପ୍ରତିରୋପଣ ଅସମାନତାକୁ ସ୍ପଷ୍ଟ କରିଛି। ବଘେଲ କହିଥିଲେ ଯେ, ୧୯୯୫ରୁ ୨୦୨୧ ମଧ୍ୟରେ କରାଯାଇଥିବା ସମସ୍ତ ଅଙ୍ଗ ପ୍ରତିରୋପଣର ୮୦ ପ୍ରତିଶତ ପୁରୁଷଙ୍କଠାରେ ହୋଇଛି। ତଥ୍ୟ ମୁତାବକ ଏହି ସମୟ ମଧ୍ୟରେ ପୁରୁଷଙ୍କଠାରେ ୨୯,୬୯୫ ଅଙ୍ଗ ପ୍ରତିରୋପଣ କରାଯାଇଥିବାବେଳେ ଏ ଦିଗରେ ମହିଳାଙ୍କ ସଂଖ୍ୟା ଥିଲା ୬୯୪୫, ଯାହାର ଅନୁପାତ ପ୍ରାୟ ୪:୧। ସରକାରଙ୍କ ଦ୍ୱାରା ନ୍ୟାଶନାଲ ଅର୍ଗାନ ଟ୍ରାନ୍ସପ୍ଲାଣ୍ଟ ପ୍ରୋଗ୍ରାମ ଆରମ୍ଭ କରାଯାଇ ଲୋକଙ୍କୁ ଅଙ୍ଗଦାନ ଉପରେ ସଚେତନ କରାଯାଉଛି ବୋଲି ବଘେଲ କହିଥିଲେ। ଅନ୍ୟ ଏକ ପରିସଂଖ୍ୟାନରୁ ଜଣାପଡ଼େ ଯେ, ଦେଶରେ ମୋଟ ଅଙ୍ଗଦାନ ମଧ୍ୟରୁ ୯୩ ପ୍ରତିଶତ ଜୀବିତ ବ୍ୟକ୍ତି କରିଥାନ୍ତି। ଗୁରୁତ୍ୱପୂର୍ଣ୍ଣ ହେଉଛି, ୫ ଜଣ ଅଙ୍ଗଦାତାଙ୍କ ମଧ୍ୟରେ ୪ ଜଣ ମହିଳା ଥିବାବେଳେ ଅଙ୍ଗ ପ୍ରତିରୋପଣ କରାଯାଉଥିବା ୫ ଜଣଙ୍କ ଭିତରେ ୪ ଜଣ ପୁରୁଷ ଅଛନ୍ତି। ଉଲ୍ଲେଖନୀୟ ଯେ, ଏହି ତଥ୍ୟକୁ ଆଧାରକରି ମାଧବ ପ୍ରଶ୍ନ ଉତ୍‌ଥାପନ କରିଥିଲେ। ତେବେ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଯେଉଁ ଅସମାନତା ତଥ୍ୟ ଦର୍ଶାଇଛନ୍ତି ତାହା କାରଣ ମଧ୍ୟ ବୁଝିବା କଷ୍ଟକର ନୁହେଁ। ଭାରତୀୟଙ୍କ ପରିବାରରେ ଯେ କେହି ଏହା ଅନୁଭବ କରିଥିବେ। ଉଦାହରଣସ୍ୱରୂପ ପରିବାରରେ ଯଦି କୌଣସି ପୁରୁଷଙ୍କର କିଡ୍‌ନୀ(ବୃକ୍କ) ଖରାପ ହୋଇଯାଇଥାଏ ତେବେ ସେ କ୍ଷେତ୍ରରେ ସେହି ବ୍ୟକ୍ତିଙ୍କର ଭାଇ କିମ୍ବା ପୁଅ କିଡ୍‌ନୀ ଦେବା ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ତାଙ୍କ ସ୍ତ୍ରୀ କିଡ୍‌ନୀ ଦାନ କରିବା ଦେଖାଯାଏ। ଅନେକ କ୍ଷେତ୍ରରେ ଭଉଣୀ କିମ୍ବା ମା' ମଧ୍ୟ ଅଙ୍ଗଦାନ କରିଥାନ୍ତି। ବିଶେଷକରି ଭାରତୀୟ ସମାଜ ପୁରୁଷପ୍ରାଧାନ୍ୟ। ପୁରୁଷ କେବଳ ପରିବାର ପ୍ରତିପୋଷଣ ଓ ରୋଜଗାରର ଉତ୍ସ ବୋଲି ଧରିନିଆଯାଏ। ସେହି କାରଣରୁ ଅଧିକାଂଶ ପରିବାରରେ ମହିଳାମାନେ ଅଙ୍ଗଦାନ କରିଥାନ୍ତି ଓ ପୁରୁଷମାନେ ତାହାକୁ ଗ୍ରହଣ କରନ୍ତି। କିନ୍ତୁ କୌଣସି ପରିସ୍ଥିତିରେ ପୁରୁଷମାନେ ପରିବାରର ମହିଳାଙ୍କ ପାଇଁ ଅଙ୍ଗଦାନ କରନ୍ତି ନାହିଁ। ଏଭଳି ମାନସିକତା ଯୋଗୁ ଅଙ୍ଗଦାନ ଓ ପ୍ରତିରୋପଣରେ ଅସମାନତା ଉପୁଜିବା ଥୟ।

> **ଭାରତରେ ଅଙ୍ଗଦାନ ସ୍ଥିତି ଅତି ପୁରୁଣା ସ୍ତରରେ ରହିଯାଇଛି। ଉତ୍ତରପୂର୍ବାଞ୍ଚଳରେ ଏହା ଅତି ନଗଣ୍ୟ। ସଂଖ୍ୟାଧିକ ଭାରତୀୟ ଅଙ୍ଗଦାନ ସମ୍ପର୍କିତ ନୀତିନିୟମ ଉପରେ ସଚେତନ ନୁହନ୍ତି। ଏହି ଆଇନଗୁଡ଼ିକ ଜଟିଳ ଓ ଅଙ୍ଗଦାନରେ ଦୁର୍ନୀତି ଜଡ଼ିତ ବୋଲି ଲୋକଙ୍କ ଧାରଣା ରହିଛି।**

ଭାରତରେ ଅଙ୍ଗଦାନ ଓ ପ୍ରତିରୋପଣ ଅନୁପାତ କେବଳ ଚିନ୍ତାଜନକ ସ୍ଥିତିରେ ନାହିଁ, ବରଂ ଅଙ୍ଗଦାନ ଅପେକ୍ଷାରେ ଥିବା ବ୍ୟକ୍ତିଙ୍କ ତାଲିକାରେ ପ୍ରତି ୧୦ ମିନିଟ୍‌ରେ ଜଣେ ସାମିଲ ହେଉଛନ୍ତି ବୋଲି ବିଶେଷଜ୍ଞମାନେ ସତର୍କ କରିଦେଇଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଅଙ୍ଗଦାନ ପାଇଁ ଏବେ ଭାରତରେ ୩ ଲକ୍ଷରୁ ଅଧିକ ଲୋକ ଅପେକ୍ଷାରେ ରହିଛନ୍ତି ଓ ସେମାନଙ୍କ ମଧ୍ୟରୁ ପ୍ରତିଦିନ ଅତିକମ୍‌ରେ ୨୦ ଜଣଙ୍କ ମୃତ୍ୟୁ ଘଟୁଛି। ୨୦୨୨ ସୁଦ୍ଧା ସଦ୍ୟ ମୃତ ତଥା ଜୀବିତ ଅଙ୍ଗଦାତାଙ୍କ ସଂଖ୍ୟା ୧୬,୦୪୧ରେ ପହଞ୍ଚିଥିଲା ଓ ଏବେ ଏହା ସାମାନ୍ୟ ବୃଦ୍ଧି ହୋଇଥାଇପାରେ। ତେବେ ଏଥିରେ ପ୍ରତିରୋପଣ ଅପେକ୍ଷାରେ ଥିବା ୧ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଚାହିଦା ପୂରଣ କରିବା ସମ୍ଭବପର ନୁହେଁ। ଉଲ୍ଲେଖନୀୟ ଯେ, ଗତ ଏକ ଦଶନ୍ଧି ହେଲା ଭାରତରେ ପ୍ରତି ୧୦ ଲକ୍ଷରେ ସଦ୍ୟମୃତ ବ୍ୟକ୍ତିଙ୍କ ଅଙ୍ଗଦାନ ପ୍ରତିଶତ ୧ରୁ କମ୍ ରହିଆସିଛି। ଏଣୁ ଦେଶରେ ଥିବା ସମସ୍ତ ସରକାରୀ ମେଡିକାଲ କଲେଜ ଓ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ(ଏଆଇଆଇଏମ୍‌ଏସ୍)ଗୁଡ଼ିକରୁ ବର୍ଷକୁ ଯଦି ଅତିକମ୍‌ରେ ଜଣେ ମୃତକଙ୍କ ଅଙ୍ଗଗୁଡ଼ିକ ପାଇପାରିବା ତେବେ ପରିସ୍ଥିତିରେ କିଛି ପରିବର୍ତ୍ତନ ଆସିପାରେ। କାରଣ ଜଣେ ମୃତକଙ୍କ ଅଙ୍ଗଦାନ ୮ ଜଣଙ୍କ ଜୀବନ ବଞ୍ଚାଇପାରିବ। ହେଲେ ଭାରତରେ ଅଙ୍ଗଦାନ ସ୍ଥିତି ଅତି ପୁରୁଣା ସ୍ତରରେ ରହିଯାଇଛି। ଉତ୍ତରପୂର୍ବାଞ୍ଚଳରେ ଏହା ଅତି ନଗଣ୍ୟ। ସଂଖ୍ୟାଧିକ ଭାରତୀୟ ଅଙ୍ଗଦାନ ସମ୍ପର୍କିତ ନୀତିନିୟମ ଉପରେ ସଚେତନ ନୁହନ୍ତି। ଏହି ଆଇନଗୁଡ଼ିକ ଜଟିଳ ଓ ଅଙ୍ଗଦାନରେ ଦୁର୍ନୀତି ଜଡ଼ିତ ବୋଲି ଲୋକଙ୍କ ଧାରଣା ରହିଛି। ଅବଶ୍ୟ ରକ୍ତଦାନରେ ବ୍ୟବସାୟିକ ଦିଗ ରହିଛି ଏବଂ ଅନେକ ରକ୍ତଦାନ ଶିବିରରେ ଗ୍ରହଣ କରାଯାଉଥିବା ରକ୍ତ ବିକ୍ରି କରିଦିଆଯାଏ। ସେହିଭଳି ଅଙ୍ଗଦାନରେ ମଧ୍ୟ କିଡ୍‌ନୀ ଚୋରି ହେବାର ଖବର ସମସ୍ତେ ଜାଣିଛୁ, କାରଣ ସେହି ଅଙ୍ଗଗୁଡ଼ିକ ଉଚ୍ଚ ମୂଲ୍ୟରେ ବିକ୍ରି କରିଛୁଏ। ଏହା ବ୍ୟତୀତ ସମାଜରେ ପୁନର୍ଜନ୍ମକୁ ନେଇ ରୂଢିବାଦୀ ଧର୍ମୀୟ ଚିନ୍ତାଧାରା ମଧ୍ୟ ଅଙ୍ଗଦାନରେ ବାଧକ ସାଜୁଛି। ଏସବୁ ଦୃଷ୍ଟିରୁ ନୀତିନିର୍ଦ୍ଧାରକ ଓ ବିଭିନ୍ନ ସଂସ୍ଥା ବ୍ୟାପକ ସଚେତନତା ସୃଷ୍ଟି କଲେ ଅଙ୍ଗଦାନ ଏବଂ ପ୍ରତିରୋପଣ ସ୍ଥିତିରେ ଉନ୍ନତି ଅଣାଯିବା ସହ ଅନେକାଂଶରେ ଅସମାନତା ଦୂର କରାଯାଇପାରିବ।

ଅନୁପ୍ରାଣିତ ଜୀବନ

ଡ. ରଜନୀକାନ୍ତ ଖୁଣ୍ଟିଆ

ଦୈନନ୍ଦିନ ବ୍ୟସ୍ତବହୁଳ ଜୀବନରେ ଅସାଧାରଣକୁ ଅଣଦେଖା କରିବା ତଥା ଆମକୁ ଘେରି ରହିଥିବା ପ୍ରେରଣାର ସୂକ୍ଷ୍ମ ଉତ୍ସଗୁଡ଼ିକୁ ହରାଇବା ଆମର ନିତିଦିନିଆ ଅଭ୍ୟାସ। ତଥାପି, ଏହା ମଧ୍ୟରେ ପ୍ରେରଣାର ଏକ କ୍ଷୁଦ୍ର ଉତ୍ସର ଅପେକ୍ଷାରେ ଆମେ ସମସ୍ତେ ରହିଥାଉ। ଆଜି ଆମେମାନେ ବୃତ୍ତିଗତ ତଥା ଆର୍ଥିକ ମାଇଲଖୁଣ୍ଟ ହାସଲ କରିବାର ଦୌଡ଼ରେ ନିଜ କାର୍ଯ୍ୟର ପ୍ରକୃତ ମୂଲ୍ୟ ଏବଂ ଜୀବନର ଉଦ୍ଦେଶ୍ୟ ଉପରେ ପ୍ରଶ୍ନ କରିବାକୁ ଭୁଲିଯାଉ। ଦୀର୍ଘ ଦିନ ଓ କ୍ରମାଗତ ଭାବରେ ଗୋଟିଏ ପ୍ରକାର କାର୍ଯ୍ୟ ଓ ଅଟୋପାଇଲଟ ମୋଡରେ ସାରା ଜୀବନ ଚାଲିଯାଏ। ନିଜ ମୂଲ୍ୟ ଅପେକ୍ଷା ଆମେ ବାହ୍ୟ ଆଶା ଦ୍ୱାରା ପରିଚାଳିତ ହୋଇଥାଉ। ଏହି ଆତ୍ମ-ସଚେତନତା ଓ ଆତ୍ମ-ପ୍ରେରଣା ଉଦ୍ଦେଶ୍ୟମୂଳକ ତଥା ପ୍ରେରଣାଦାୟକ ଜୀବନର ପ୍ରଥମ ସୋପାନ।

ଆତ୍ମପ୍ରେରଣା ଏକ ଶକ୍ତିଶାଳୀ ଉତ୍ସ । ବାହ୍ୟ କାରଣ ଉପରେ ନିର୍ଭର କରିବା ପରିବର୍ତ୍ତେ ନିଜ ଭିତରୁ ପ୍ରେରଣା ଏବଂ ନିଷ୍ଠା ଖୋଜିବା ସହିତ ଏହା ଜଡିତ। ବାହ୍ୟ ପ୍ରେରଣାଦାତା, ଯେପରିକି ଅନ୍ୟମାନଙ୍କ ପ୍ରଶଂସା କିମ୍ବା ପୁରସ୍କାର, ଅସ୍ଥାୟୀ ହୋଇପାରେ। ମାତ୍ର ଆତ୍ମପ୍ରେରଣା ଅଧିକ ସ୍ଥାୟୀ ହେବାର ସମ୍ଭାବନା ଅଧିକ କାରଣ ଏହା ବ୍ୟକ୍ତିଗତ ମୂଲ୍ୟବୋଧ, ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟର ଭାବନାରୁ ଆସିଥାଏ। ଆତ୍ମପ୍ରେରିତ ବ୍ୟକ୍ତିମାନେ ସେମାନଙ୍କର ଲକ୍ଷ୍ୟ ଅନୁସରଣ ପ୍ରକ୍ରିୟାରେ ପ୍ରାୟତଃ ସନ୍ତୋଷ ପାଆନ୍ତି। ବ୍ୟକ୍ତିଗତ କୃତିତ୍ୱରୁ ଆସୁଥିବା ଅନ୍ତର୍ନିହିତ ପୁରସ୍କାର ବାହ୍ୟ ପୁରସ୍କାର ଅପେକ୍ଷା ଅଧିକ ଅର୍ଥପୂର୍ଣ୍ଣ ହୋଇପାରେ। ଆତ୍ମପ୍ରେରିତ ବ୍ୟକ୍ତିମାନେ ଆହ୍ୱାନର ସମ୍ମୁଖୀନ ହେଲେ ଅଧିକ ସ୍ଥିର ଭାବରେ ଏହାର ନିରାକରଣ ଖୋଜନ୍ତି। ବାଧାବିଘ୍ନକୁ ଦୂର କରିବା, ବିଫଳତାରୁ ଶିଖିବା ଏବଂ ଲକ୍ଷ୍ୟ ଅନୁସରଣରେ ଅବିରତ ରହିବା ପାଇଁ ଆଭ୍ୟନ୍ତରୀଣ ଶକ୍ତି ପ୍ରେରିତ କରେ। ଯେତେବେଳେ ବ୍ୟକ୍ତିମାନେ ନିଜର ଲକ୍ଷ୍ୟ ସ୍ଥିର କରନ୍ତି ଏବଂ ସେଗୁଡିକ ହାସଲ କରିବାକୁ ଚେଷ୍ଟା କରନ୍ତି, ସେମାନେ ନିରନ୍ତର ଶିକ୍ଷା ଏବଂ ଉନ୍ନତିରେ ନିୟୋଜିତ ହୁଅନ୍ତି। ବାହ୍ୟ ପରିସ୍ଥିତି ବଦଳିପାରେ ଏବଂ ବାହ୍ୟ ପ୍ରେରଣାଦାତା ସର୍ବଦା ଉପସ୍ଥିତ ନ ରହିପାରନ୍ତି କିନ୍ତୁ ପରିବର୍ତ୍ତିତ ପରିସ୍ଥିତି ସହିତ ଖାପ ଖୁଆଇବା ପାଇଁ ଆତ୍ମ-ପ୍ରେରିତ ବ୍ୟକ୍ତିମାନେ ଅଧିକ ସଜ୍ଜିତ ଥାନ୍ତି।

ଛୋଟ ଛୋଟ ସଫଳତା ଓ ବିଜୟରେ ସୌନ୍ଦର୍ଯ୍ୟ ଲୁଚି ରହିଥାଏ। ଆମେ ପ୍ରତିଦିନ ସାମ୍ନା କରୁଥିବା ଛୋଟ ଛୋଟ ବିଜୟ ମଧ୍ୟରେ ଏହା ବସା ବାନ୍ଧନ୍ତି। ଏହି ସୌନ୍ଦର୍ଯ୍ୟକୁ ଖୋଜି ପାରିଲେ ଜୀବନ ପ୍ରେରଣାଦାୟୀ ହୋଇଥାଏ। କାର୍ଯ୍ୟକ୍ଷେତ୍ରରେ ଏକ ଆହ୍ୱାନପୂର୍ଣ୍ଣ କାର୍ଯ୍ୟକୁ ଉତ୍ତମ ଭାବେ ସମ୍ପାଦନ କରିବା, ଅନ୍ୟମାନଙ୍କ ସହିତ ଏକ ସୁସ୍ଥ ସମ୍ପର୍କର ଅଭ୍ୟାସ ବଜାୟ ରଖିବା, କିମ୍ବା କେବଳ ଏକ

ବ୍ୟସ୍ତବହୁଳ ଦିନକୁ ଅନୁଗ୍ରହ ସହିତ ସମାପ୍ତ କରିବା ଇତ୍ୟାଦି ଇତ୍ୟାଦି। ସଫଳତା ଯେ ସର୍ବଦା ବଡ଼ କିମ୍ବା ସ୍ମରଣୀୟ ହେବ ତାହାର କିଛି ଆବଶ୍ୟକତା ନାହିଁ। ପ୍ରତ୍ୟେକ ସଫଳତା, ଯେତେ ନମ୍ର ହେଉନା କାହିଁକି, ସ୍ୱୀକୃତି ପାଇବାକୁ ଯୋଗ୍ୟ। ଏହି ଛୋଟ ବିଜୟକୁ ପାଳନ କରିବାକୁ କିଛି ସମୟ ନିଆଯିବା ଉଚିତ, କାରଣ ଏଗୁଡ଼ିକ ଏକ ପ୍ରେରିତ ଏବଂ ପୂର୍ଣ୍ଣ ଜୀବନର ନିର୍ମାଣକାରୀ ଶୃଙ୍ଖଳ। ଛୋଟ ବିଜୟଗୁଡିକ ପ୍ରେରଣା ଦିଏ ଯେ ପ୍ରତ୍ୟେକ ପଦକ୍ଷେପ, ଯେତେ ଛୋଟ ହେଲେ ମଧ୍ୟ ବ୍ୟକ୍ତିଗତ ସଫଳତା ଏବଂ ପୂର୍ଣ୍ଣତାର ବୃହତ କାହାଣୀର ଏକ ଅର୍ଥପୂର୍ଣ୍ଣ ଅଂଶ। ନିଜେ ସଫଳ ହେବା ତଥା ଅନ୍ୟମାନଙ୍କୁ ସଫଳତା ପାଇଁ ପ୍ରେରିତ କରିବା ଆଜିର ଦିନର ଅନୁଚିନ୍ତା।

ଅନୁପ୍ରାଣିତ ଜୀବନର ମୂଳରେ କୃତଜ୍ଞତା ରହିଥାଏ। ଆଜିର 'ମୁଁ ସର୍ବସ୍ୱ ଦୁନିଆରେ କାର୍ଯ୍ୟ ହାସଲ ପରେ ଅନ୍ୟକୁ କୃତଜ୍ଞତା ଦେବାକୁ ଆମେ ପଛଘୁଞ୍ଚା ଦେଉ। ଆମ ଜୀବନର କପଡ଼ାରେ ବୁଣା ହୋଇଥିବା ଆଶୀର୍ବାଦକୁ ପ୍ରଶଂସା କରିବାର କ୍ଷମତା ଆମର ରହିବା ଉଚିତ। ମୋ ଜୀବନରେ କିଛି ନାହିଁ କହିବାର ପ୍ରବୃତ୍ତିରୁ ବିରତ ରହିବା ଉଚିତ। ଯେପରିକି ସକାଳୁ ଉଠି ପ୍ରଥମେ ଆଉ ଗୋଟିଏ ଦିନର ଜୀବନ ତଥା ପ୍ରତ୍ୟେକ ନୂତନ ଦିନ ଆଣିଥିବା ସୁଯୋଗ ପାଇଁ ଈଶ୍ୱରଙ୍କୁ କୃତଜ୍ଞତା। ଯାହା ପାଇଁ ଆମେ କୃତଜ୍ଞ, ପ୍ରତ୍ୟେକ ଦିନ ଚିନ୍ତା କରିବାକୁ କିଛି ସମୟ ନିଆଯିବା ଉଚିତ। କୃତଜ୍ଞତା ପ୍ରେରଣାର ଦ୍ୱାରକୁ ଉନ୍ମୁକ୍ତ କରିଥାଏ। କୃତଜ୍ଞତା ସୃଷ୍ଟି କରିବା ହେଉଛି ଏକ ଉତ୍କୃଷ୍ଟ ଅଭ୍ୟାସ ଯାହା ଆମର ସାମଗ୍ରିକ ସୁସ୍ଥତା ଏବଂ ଜୀବନର ଦୃଷ୍ଟିକୋଣ ଉପରେ ସକାରାତ୍ମକ ପ୍ରଭାବ ପକାଇପାରେ। କିନ୍ତୁ ପ୍ରଶ୍ନ ହେଉଛି କିପରି ? କାହାଠାରୁ ପାଇଥିବା କିଛି କୃତଜ୍ଞତାକୁ ଆମେ ନିଜସ୍ୱ ଡାଏରୀରେ ଲିପିବଦ୍ଧ କରି ରଖିପାରିବା। କୃତଜ୍ଞତା ଏକ ନିରନ୍ତର ପ୍ରକ୍ରିୟା ଯାହା ଅଭ୍ୟାସ ଏବଂ ମନୋବୃତ୍ତି ଆବଶ୍ୟକ କରେ। ଏହି କୌଶଳଗୁଡିକ ଜୀବନରେ ଅନ୍ତର୍ଭୁକ୍ତ କରି ଆମେ ଏକ ଅଧିକ ସକାରାତ୍ମକ ଏବଂ କୃତଜ୍ଞ ମାନସିକତା ବିକଶିତ କରିପାରିବା।

ସବୁକିଛିରେ ଭଲ ଖୋଜିବା ହେଉଛି ଏକ ଦୃଷ୍ଟିକୋଣ ଯାହା ସକାରାତ୍ମକତା, ସ୍ଥିରତା ଏବଂ ଜୀବନର ଅନୁଭୂତିକୁ ତ୍ୱରାନ୍ୱିତ କରିଥାଏ। ଅଧିକନ୍ତୁ, ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସକାରାତ୍ମକ ଦିଗଗୁଡ଼ିକୁ ସକ୍ରିୟ ଭାବରେ ଖୋଜିବା ଏବଂ ସ୍ୱୀକାର କରିବା ସହିତ ଏହା ଜଡିତ। ଏହି ମାନସିକତାକୁ ଗ୍ରହଣ କରି, ଆମେମାନେ କୃତଜ୍ଞତା ଏବଂ ଏକ ଅଧିକ ଆଶାବାଦୀ ଦୃଷ୍ଟିକୋଣ ସୃଷ୍ଟି କରନ୍ତି, ଯାହା ମାନସିକ ଏବଂ ଭାବପ୍ରବଣତାରେ ଉନ୍ନତି ଆଣିବାରେ ସହାୟକ ହୋଇପାରେ। ସବୁକିଛିରେ ଭଲ ଖୋଜିବା ଅର୍ଥ ଅସୁବିଧାକୁ ଅଣଦେଖା କରିବା କିମ୍ବା ବାସ୍ତବତାକୁ ଅସ୍ୱୀକାର କରିବା ନୁହେଁ; ବରଂ, ପ୍ରତିକୂଳ ପରିସ୍ଥିତିର ନିରାକରଣ ପାଇଁ ପ୍ରଚେଷ୍ଟା, ଉଦ୍ଦିଷ୍ଟ ଶିକ୍ଷା, କିମ୍ବା ଅଭିବୃଦ୍ଧିର ସୁଯୋଗକୁ ଚିହ୍ନଟ କରିବା ହିଁ ମୂଳ ଲକ୍ଷ୍ୟ ହେବା ଉଚିତ। ଏହି ମାନସିକତା ସଶକ୍ତୀକରଣର ଭାବନା ଏବଂ ଜୀବନର ଆଭିମୁଖ୍ୟ ବଢାଇଥାଏ।

ଉତ୍ସାହ ହେଉଛି ଏକ ଶକ୍ତିଶାଳୀ ଶକ୍ତି ଯାହା ଆମକୁ ଆଗକୁ ବଢାଇଥାଏ। ଯାହା ପ୍ରାଣକୁ ପୁଲକିତ କରେ, ସେଥିରେ ସମୟ ଉତ୍ସର୍ଗ କରିବା ଉଚିତ ଏବଂ ସେହି ଉତ୍ସାହକୁ ଜୀବନର ଅନ୍ୟାନ୍ୟ ଦିଗରେ ବିସ୍ତାର କରିବାକୁ ହେବ। ଆମେ ଯାହା ଭଲ ପାଉ ତାକୁ କରିବା ଓ ଯାହା କରୁ ତାକୁ ଭଲ ପାଇବା ଉଚିତ। ନୈତିକତା ସମ୍ପନ୍ନ କାର୍ଯ୍ୟରେ ନିୟୋଜିତ ହେବା ହିଁ ପ୍ରକୃତ ସନ୍ତୋଷ ପ୍ରଦାନ କରିଥାଏ । ଉତ୍ସାହରୁ ଉତ୍ପନ୍ନ ଶକ୍ତି ସୃଜନଶୀଳତା, ନୂତନତ୍ୱ ଏବଂ ବ୍ୟକ୍ତିଗତ ସନ୍ତୁଷ୍ଟିର ଏକ ଗଭୀର ଭାବନାକୁ ବୃଦ୍ଧି କରେ। ଏକ ଗତିଶୀଳ ଶକ୍ତି ଭାବରେ, ଉତ୍ସାହ କେବଳ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ଲକ୍ଷ୍ୟ ଆଡକୁ ଗତି କରେ ନାହିଁ ବରଂ ସକାରାତ୍ମକତାକୁ ଆଲୋକିତ କରେ, ଯାହା ସେମାନଙ୍କ ଆଖପାଖରେ ଥିବା ଲୋକଙ୍କୁ ପ୍ରେରଣା ଦିଏ।

ଉଦ୍ଦେଶ୍ୟ ସହିତ ସମ୍ପୃକ୍ତ ଜୀବନ ହେଉଛି ଏକ ଗଭୀର ଯାତ୍ରା ଯାହା ଅର୍ଥପୂର୍ଣ୍ଣ, ଦିଗଯୁକ୍ତ ଏବଂ ପୂର୍ଣ୍ଣତାର ଭାବନା ଦ୍ୱାରା ଚିହ୍ନିତ। ଏହି ଉଦ୍ଦେଶ୍ୟ ଏକ ମାର୍ଗଦର୍ଶକ ଭାବରେ କାର୍ଯ୍ୟ କରେ ଏବଂ ନିଷ୍ପତ୍ତି ଓ ପ୍ରାଥମିକତା ଜୀବନର ସାମଗ୍ରିକ ଗତିପଥ ଗଠନ କରେ। ବାସ୍ତବରେ, ଏକ ଉଦ୍ଦେଶ୍ୟଚାଳିତ ଜୀବନ ହେଉଛି ପରିବର୍ତ୍ତନଶୀଳ ଏବଂ ପୂର୍ଣ୍ଣ ଯାତ୍ରା ଯାହା ଉଭୟ ବ୍ୟକ୍ତି ଏବଂ ସେମାନଙ୍କ ଚତୁର୍ପାର୍ଶ୍ୱରେ ଥିବା ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିଥାଏ। ଅନୁପ୍ରାଣିତ ଜୀବନ ଏକ ଲକ୍ଷ୍ୟସ୍ଥଳ ନୁହେଁ ବରଂ ଏକ ନିରନ୍ତର ଯାତ୍ରା – ସାଧାରଣରେ ପ୍ରେରଣା ଖୋଜିବା, କୃତଜ୍ଞତା ପ୍ରଦାନ କରିବା ଏବଂ ଉତ୍ସାହର ସହିତ ଜୀବନ ଯାତ୍ରାକୁ ଅନୁସରଣ କରିବା ପାଇଁ ଏକ ପ୍ରତିବଦ୍ଧତା।

ସହକାରୀ ପ୍ରାଧ୍ୟାପକ,
ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ,
ମୋ: ୯୯୩୭୨୮୫୬୭୨

ସାମାଜିକ ଗଣମାଧ୍ୟମ ବିବର୍ତ୍ତନର ପ୍ରଭାବ



ସୌରଜିତ ପ୍ରଧାନୀ

ସୋସିଆଲ ମିଡିଆ ପରସ୍ପରକୁ ଯୋଡିବା, ଯୋଗାଯୋଗ କରିବା, ସୂଚନା ଆଦାନ ପ୍ରଦାନ କରିବା ଆଦିରେ ବୈପ୍ଳବିକ ପରିବର୍ତ୍ତନ ଆଣୁଛି। ବର୍ଷ ବର୍ଷ ଧରି ଏହାର ବିବର୍ତ୍ତନ ଯୁବବର୍ଗର ସାମାଜିକୀକରଣ ପ୍ରକ୍ରିୟା, ସେମାନଙ୍କ ସମ୍ପର୍କ, ଆତ୍ମଧାରଣା ଓ ବିଶ୍ୱଦୃଷ୍ଟିକୁ ବେଶ୍ ପ୍ରଭାବିତ କରିଛି। ସ୍ମାର୍ଟ ଫୋନର ଆଗମନ ଏବଂ ଇଣ୍ଟରନେଟ ସଂଯୋଗର ପ୍ରସାର ଦ୍ୱାରା ସାମାଜିକ ଗଣମାଧ୍ୟମର ଉତ୍ଥାନକୁ ସମର୍ଥନ ମିଳିଥିଲା।

ସ୍ମାର୍ଟ ଫୋନ ଏବଂ ଇଣ୍ଟରନେଟ ସଂଯୋଗ ଗାଁ ଏବଂ ଛୋଟ ସହରରେ ପହଞ୍ଚିଥିବାରୁ ଗ୍ରାମାଞ୍ଚଳରେ ରହୁଥିବା ସାଧାରଣ ଲୋକ ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ୍ ଆଦି ସୋସିଆଲ ମିଡିଆ ପ୍ଲାଟଫର୍ମ ସଂସ୍ପର୍ଶରେ ଆସିପାରିଛନ୍ତି। ୨୦୦୦ ଦଶକର ପ୍ରାରମ୍ଭରେ 'ସିକ୍ସ ଡିଗ୍ରୀ' ଏବଂ 'ଫ୍ରେଣ୍ଡଷ୍ଟର' ଭଳି ପ୍ଲାଟଫର୍ମ ଆସିବା ପରେ ଅନ୍‌ଲାଇନ ସାମାଜିକ ନେଟ୍‌ୱର୍କର ପରିକଳ୍ପନା ଆରମ୍ଭ ହୋଇଥିଲା। ଏହି ପ୍ଲାଟଫର୍ମଗୁଡ଼ିକ ବ୍ୟବହାରକାରୀଙ୍କୁ ପ୍ରୋଫାଇଲ ତିଆରି କରିବା, ଅନ୍ୟମାନଙ୍କ ସହ ସଂଯୋଗ କରିବା ଏବଂ ବିଷୟବସ୍ତୁ ବାଣ୍ଟିବା ପାଇଁ ସକ୍ଷମ କରିବା ଦ୍ୱାରା ସାମାଜିକ ଗଣମାଧ୍ୟମର ବିବର୍ତ୍ତନର ମୂଳଦୁଆ ପକାଇଥିଲା। ତେବେ ମାଇଁ ସ୍ପେସ୍ ଏବଂ ଫେସ୍‌ବୁକ ଭଳି ପ୍ଲାଟଫର୍ମର ଆବିର୍ଭାବ ହେବା ପର୍ଯ୍ୟନ୍ତ ସୋସିଆଲ ମିଡିଆ ବ୍ୟାପକ ଲୋକପ୍ରିୟତା ହାସଲ କରିପାରି ନ ଥିଲା। ୨୦୦

ଆଜିର ପିଲା ସଶକ୍ତ ଓଡ଼ିଶାର ସାରଥି ହେବେ: ମୁଖ୍ୟମନ୍ତ୍ରୀ

୫-ଟି ସ୍କୁଲ ରୂପାନ୍ତରଣ
- ଚତୁର୍ଥ ପର୍ଯ୍ୟାୟର ଶେଷଦିନରେ ୮୭ ସ୍କୁଲ ଲୋକାର୍ପିତ
- ୪ ପର୍ଯ୍ୟାୟରେ ୮,୬୮୧ ସ୍କୁଲର ଲୋକାର୍ପଣ

ଭୁବନେଶ୍ୱର, ୧୨।୨
(ଅସମାପିକା ସାହୁ)

୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ଶେଷଦିନରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାଜପୁର ଜିଲାର ୮୭ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ଜିଲାର ବିଧାୟକ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକଙ୍କୁ ଏହି କାର୍ଯ୍ୟକ୍ରମରେ ସହଯୋଗ ପାଇଁ ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ରୂପାନ୍ତର କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଶ୍ରେଷ୍ଠ ହେଉଛି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ। ସ୍କୁଲରୁ ହିଁ ଗୋଟିଏ ଜାତିର ଭବିଷ୍ୟତ ନିର୍ମାଣ ହୋଇଥାଏ। ରୂପାନ୍ତରିତ ସ୍କୁଲରେ ପିଲାଙ୍କ ସଫଳ ଭବିଷ୍ୟତ ପାଇଁ ସବୁ ସୁଯୋଗ ରହିଛି। ଆଜିର ପିଲାମାନେ ଆଗାମୀ ଦିନରେ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶାର ସାରଥି ହେବେ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶା ଓ ବିଶ୍ୱାସ ପ୍ରକଟ କରିଛନ୍ତି।

ସେ ଆହୁରି ମଧ୍ୟ କହିଥିଲେ, ଏବେ ଓଡ଼ିଶାରେ ରୂପାନ୍ତରର ଯୁଗ ଚାଲିଛି। ଶିକ୍ଷା ହିଁ ଆମ ସମାଜର ସାମୂହିକ ଚିନ୍ତାଧାରକୁ ଉଚ୍ଚସ୍ତରକୁ ନେଇଥାଏ। ସ୍କୁଲ ରୂପାନ୍ତର ଓଡ଼ିଆ ଜାତିରେ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି।

ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ୫-ଟିର ଗୁରୁତ୍ୱ ବୁଝାଇଥିଲେ। ପିଲାମାନେ ନିଜ ଜୀବନରେ ଏହାକୁ ପ୍ରୟୋଗ କଲେ ନିଶ୍ଚୟ ସଫଳ ହେବେ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଆହ୍ୱାନ ଦେଇ କହିଥିଲେ, ତୁମେମାନେ ତୁମ ଜୀବନରେ ୫-ଟି ନୀତିର ପ୍ରୟୋଗ କର। ଏହା ତୁମମାନଙ୍କୁ ସଫଳତା ଆଣିଦେବ। ତୁମେମାନେ ନୂଆ ନୂଆ ବୈଷୟିକ ଜ୍ଞାନକୌଶଳ ବିଷୟରେ ଜାଣିବାକୁ ଚେଷ୍ଟା କର। ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ବାଚସ୍ପତି ପ୍ରମିଳା ମଲ୍ଲିକ ଯୋଗଦେଇ କହିଲେ, ଗୋଟିଏ ସାଧାରଣ ଗରିବ ପିଲା ଏବେ ଭଲ ପାଠ ପଢ଼ିବା ପାଇଁ ଆଉ ସହରକୁ ଯିବାକୁ ପଡ଼ିବ ନାହିଁ। ଘର ପାଖରେ ମୁଖ୍ୟମନ୍ତ୍ରୀ ସବୁ ପ୍ରକାର ବ୍ୟବସ୍ଥା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଏବଂ ୫-ଟି ଅଧକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତର ଆସିଛି ବୋଲି ସେ କହିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ବିଜ୍ଞାନ ଓ ବୈଷୟିକ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍ତମ ଶିକ୍ଷାଦାନ ଦେଇ ଭଲ ମଣିଷ ତିଆରି କରିବା ପାଇଁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ କହିଲେ, ୫-ଟି ରୂପାନ୍ତରଣ ସରକାରୀ ସ୍କୁଲଗୁଡ଼ିକର ଗୁରୁତ୍ୱ ବୃଦ୍ଧି କରିଛି। ଯାଜପୁରର ୮୭ଟି ବିଦ୍ୟାଳୟ ସହିତ ରାଜ୍ୟର ୩୦ଟି ଜିଲାରେ ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଶେଷ ହୋଇଛି। ୨୦୨୧ ଫେବୃଆରୀ ମାସରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା ଏକ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ନ ରହି ଏକ ଆନ୍ଦୋଳନରେ ପରିଣତ ହୋଇଥିଲା। ସମସ୍ତଙ୍କ ସହଯୋଗରେ ରାଜ୍ୟର ୮,୬୮୧ଟି ସ୍କୁଲ ରୂପାନ୍ତରଣ ହୋଇଛି। ଏଗୁଡ଼ିକ ଆପଣମାନଙ୍କ ସମ୍ପତ୍ତି। ଏହାକୁ ନିଜର ସମ୍ପତ୍ତି ଭାବି ଏହାର ରକ୍ଷଣାବେକ୍ଷଣ ଆପଣମାନେ କରିବେ। ପିଲାମାନଙ୍କୁ ଏହି ରୂପାନ୍ତରିତ ସ୍କୁଲରେ ଭଲ ପାଠ ପଢ଼ି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ପାଣ୍ଡିଆନ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ସ୍ୱାଗତ ଭାଷଣ ଦେଇ କହିଥିଲେ, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ରୂପାନ୍ତରଣ ହେଉଛି ନୂଆ ଓଡ଼ିଶା ଗଠନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦିଗ। ୫-ଟିର ଉପଯୋଗରେ ଏହି ଦୁଇଟିଯାକ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସି ଆଜି ଓଡ଼ିଶା ଏକ ଉଦାହରଣୀୟ ସ୍ଥାନରେ ପହଞ୍ଚିଛି ବୋଲି ସେ କହିଥିଲେ। ଏହି ଅବସରରେ ୫-ଟି ସ୍କୁଲ ରୂପାନ୍ତର ସମ୍ପର୍କରେ ଯାଜପୁର ଜିଲାର ଦଶମ ଶ୍ରେଣୀ ଛାତ୍ରୀ ସାଇକ୍ରିଷ୍ଟା ପଣ୍ଡା ତାଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଅଶ୍ୱଥୀ ଏସ୍ ଧନ୍ୟବାଦ ଦେଇଥିଲେ ଏବଂ ବିଭାଗୀୟ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ବାଟ ଓଗାଳିଲା ବାଘ

- ଶିମିଳିପାଳରେ ଅଧ ଘଣ୍ଟା ଅଟକି ରହିଲା ପର୍ଯ୍ୟଟକଙ୍କ ଗାଡ଼ି
- ବାରହା ଶିକାର ବେଳର ଭିଡିଓ ଭାଇରାଲ୍

ବାରିପଦା, ୧୨।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଏକ କଳରାପତରିଆ ବାଘ ପର୍ଯ୍ୟଟକଙ୍କ ବାଟ ଓଗାଳିବା ଚର୍ଚ୍ଚାର ବିଷୟ ହୋଇଛି। ପର୍ଯ୍ୟଟକଙ୍କ ଗାଡ଼ି ଆଗରେ ବାଘଟି ଅଧ ଘଣ୍ଟା ଘୂରି ବୁଲିବା ଓ ପରେ ବାରହା ଶିକାର ପାଇଁ ଦୌଡିବା ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ସୂଚନା ଅନୁଯାୟୀ, ବାରିପଦା ସହର ମଧୁବନ ଅଞ୍ଚଳର ବାସିନ୍ଦା ଜୟନ୍ତ ନାୟକ ତାଙ୍କ ବନ୍ଧୁଙ୍କ ସହ ରବିବାର ଶିମିଳିପାଳ ଅଭୟାରଣ୍ୟ ବୁଲିବାକୁ ଯାଇଥିଲେ। ସନ୍ଧ୍ୟା ସମୟରେ ସେମାନେ ଚହଲା ବିଟ୍ ଅଞ୍ଚଳରୁ ପିଠାବଟା ଫେରିବା ବାଟରେ ଭଞ୍ଜମ ଗେଟ ନିକଟରେ ପହଞ୍ଚିବାର ୩ କି.ମି. ପୂର୍ବରୁ ବାଘ ଦେଖିଥିଲେ। କଳରାପତରିଆ ବାଘଟି ହଠାତ୍ ତାଙ୍କ ଗାଡ଼ି ଆଗକୁ ଚାଲି ଆସିଥିଲା। ଏହା ଦେଖି ସମସ୍ତେ ଭୟଭୀତ ହୋଇ ପଡ଼ିଥିଲେ। ଘାଟି ରାସ୍ତାରେ ବାଘଟି ପ୍ରାୟ ଅଧଘଣ୍ଟା ଗାଡ଼ି ଆଗରେ ଚାଲିଥିଲା। ଏହି ସମୟରେ ଏକ ବାରହା ଶିକାର କରିବାକୁ ବାଘ ଜଙ୍ଗଲ ମଧ୍ୟକୁ ପଳାଇବାରୁ ପର୍ଯ୍ୟଟକମାନେ ସୁରକ୍ଷିତ ଭାବେ ଫେରିଥିଲେ।

ବାରହା ଶିକାର ପାଇଁ ଦୌଡୁଥିବା ବାଘ।

ଆଜି ପ୍ରକାଶ ପାଇବ ସରକାରୀ ହସ୍ପିଟାଲ ର‍ୟାଙ୍କିଙ୍ଗ

ଭୁବନେଶ୍ୱର, ୧୨।୨
(ଅସମାପିକା ସାହୁ)

ରାଜ୍ୟରେ ପ୍ରଥମ ଥର ପାଇଁ ସରକାରୀ ହସ୍ପିଟାଲ ର‍ୟାଙ୍କିଙ୍ଗ ପ୍ରକାଶ ପାଇବ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ର‍ୟାଙ୍କିଙ୍ଗ ପ୍ରକାଶ କରିବେ। ରାଜ୍ୟର ମେଡିକାଲ କଲେଜ, ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଜିଲା ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ର‍ୟାଙ୍କିଙ୍ଗ ପ୍ରକାଶ ପାଇବ। ହସ୍ପିଟାଲ ମ୍ୟାନେଜମେଣ୍ଟ ଇନଫର୍ମେସନ ସିଷ୍ଟମ (ଏଚ୍‌ଏମ୍‌ଆଇଏସ୍) ବେଞ୍ଚ୍ ମାର୍କ ଅନୁସାରେ ରୋଗୀସେବା, ରୋଗୀ ସନ୍ତୁଷ୍ଟୀକରଣ, ବେଡ୍‌ଆକ୍ୟୁପାନ୍ସି, ସର୍ଜରି ସୁବିଧା, ଗୁଣବତ୍ତା ପରି ୩୨ଟି ବର୍ଗରେ ବିଭିନ୍ନ ମାନଦଣ୍ଡ ଆଧାରରେ ଏହି ର‍ୟାଙ୍କିଙ୍ଗ ପ୍ରସ୍ତୁତ ହୋଇଛି। ୨୦୨୦-୨୧, ୨୦୨୧-୨୨, ୨୦୨୨-୨୩ ବର୍ଷ ପାଇଁ ର‍ୟାଙ୍କିଙ୍ଗ ପ୍ରକାଶ ପାଇବ। ସେହିପରି ସ୍ୱାସ୍ଥ୍ୟସେବାରେ ଉତ୍କର୍ଷତା ପାଇଁ ମୁଖ୍ୟମନ୍ତ୍ରୀ ପୁରସ୍କାର ମିଳିବ। ମଙ୍ଗଳବାର ଲୋକସେବା ଭବନରେ ଆୟୋଜିତ ହେବାକୁଥିବା ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ଏହି ପୁରସ୍କାର ପ୍ରଦାନ କରିବେ। ଏହି କ୍ରମରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ରଙ୍କୁ ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀ ସମ୍ମାନରେ ସମ୍ମାନିତ କରାଯିବ ବୋଲି ଜଣାପଡ଼ିଛି। କୋଭିଡ୍ ସମୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍ତମ ସେବା ଯୋଗାଇଥିବା ଡାକ୍ତର, ନର୍ସ, ଲାବ୍ ଟେକ୍ନିସିଆନ, ହସ୍ପିଟାଲ ସମେତ ବିଭିନ୍ନ ବର୍ଗରେ ମୋଟ ୧୫୩ଟି ପୁରସ୍କାର ଦିଆଯିବ। ଏହା ପରଠାରୁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି।

ଡା. ନିରଞ୍ଜନ ମିଶ୍ରଙ୍କୁ ମିଳିବ ମୁଖ୍ୟମନ୍ତ୍ରୀ ସମ୍ମାନ

ଏମ୍‌କେସିଜି ମେଡିକାଲ କଲେଜରେ ର‍ୟାଗିଂ

ବ୍ରହ୍ମପୁର, ୧୨।୨(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜରେ ଗତ ୯ ତାରିଖ ରାତିରେ ଜଣେ ପ୍ରଥମ ବର୍ଷର ଏମ୍‌ବିବିଏସ୍ ଛାତ୍ରଙ୍କୁ ର‍ୟାଗିଂ କରାଯାଇଥିବା ଅଭିଯୋଗ ହୋଇଛି। ଛାତ୍ର ଜଣଙ୍କ ହଷ୍ଟେଲକୁ ଫେରୁଥିବା ବେଳେ ମେଡିକାଲ ପରିସରରେ ତାଙ୍କୁ ୨ ଜଣ ସିନିୟର ଛାତ୍ର ଆକ୍ରମଣ କରିଛନ୍ତି। ଆକ୍ରମଣର ଶିକାର ହୋଇଥିବା ଛାତ୍ରଜଣଙ୍କ ଏ ନେଇ ବୈଦ୍ୟନାଥପୁର ଥାନା ଓ ଦିଲ୍ଲୀସ୍ଥିତ ଆଣ୍ଟି ର‍ୟାଗିଂ ସେଲର ମୁଖ୍ୟାଳୟରେ ପୃଥକ୍ ଭାବେ ଅଭିଯୋଗ କରିବା ପରେ ଆଣ୍ଟି ର‍ୟାଗିଂ ସେଲ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ବୈଦ୍ୟନାଥପୁର ଥାନା ପକ୍ଷରୁ ମଧ୍ୟ ୨ ଛାତ୍ରଙ୍କ ବିରୋଧରେ ନଂ.୯୬/୨୪ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସେମାନଙ୍କୁ ଧରା ୪୧ ସିଆରପିସିରେ ନୋଟିସ କରିଛି। ଉଭୟଙ୍କୁ ଥାନାରେ ହାଜର ହେବାକୁ କୁହାଯାଇଥିବା ବେଳେ ଘଟଣାର ତଦନ୍ତ ଚାଲିଥିବା ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି। ସେହିପରି ଏମ୍‌କେସିଜି ଆଣ୍ଟି ର‍ୟାଗିଂ ସେଲ୍ ଘଟଣାର ତଦନ୍ତ କରିବାକୁ ପୋଲିସ ପକ୍ଷରୁ କଲେଜର ପ୍ରିନ୍ସିପାଲଙ୍କୁ ଚିଠି ହୋଇଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ପ୍ରଥମ ବର୍ଷ ଛାତ୍ରଙ୍କୁ ହୋଇଥିବା ର‍ୟାଗିଂ ଅଭିଯୋଗର ତଦନ୍ତ ହେବ। ଏଥିପାଇଁ ଉଭୟ ପକ୍ଷ ଲିଖିତ ଭାବେ ସେମାନଙ୍କ ପକ୍ଷ ରଖିବେ ବୋଲି ମେଡିକାଲ କଲେଜ ଅଧକ୍ଷ ତଥା ଡିନ୍ ପ୍ରଫେସର ଡା.ସନ୍ତୋଷ କୁମାର ମିଶ୍ର କହିଛନ୍ତି। ପରେ ମେଡିକାଲ କଲେଜର ଆଣ୍ଟି ର‍ୟାଗିଂ ସେଲର କମିଟି ଅଭିଯୋଗର ଯାଞ୍ଚ କରିବ। ପ୍ରମାଣକୁ ଆଧାର କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଦିଲ୍ଲୀସ୍ଥିତ ଆଣ୍ଟି ର‍ୟାଗିଂ ସେଲର ମୁଖ୍ୟାଳୟରୁ ଏମ୍‌କେସିଜି ମେଡିକାଲ କଲେଜ ଅଧକ୍ଷଙ୍କୁ ଘଟଣାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଆସିଛି। ଏହି ନିର୍ଦ୍ଦେଶ ପ୍ରକାରେ ଘଟଣାର ତଦନ୍ତ କରାଯିବ ବୋଲି ମେଡିକାଲ କଲେଜ ଅଧକ୍ଷ କହିଛନ୍ତି।

୨ ଛାତ୍ରଙ୍କୁ ଥାନାରେ ହାଜର ହେବାକୁ ନୋଟିସ, ଆଣ୍ଟି ର‍ୟାଗିଂ ସେଲର ତଦନ୍ତ

ଦିବାକର ବିଜେଡି ପୁରୀ ଜିଲା ସଭାପତି


ଦିବାକର ପାତ୍ର

ଭୁବନେଶ୍ୱର, ୧୨।୨
(ଅନିଲ ଦାସ)

ପୁରୀ ଜିଲାର ପୁରୀ ସଦର ଥାନା ଅନ୍ତର୍ଗତ ଖଡ଼ିପଡା ଗ୍ରାମର ଦିବାକର ପାତ୍ରଙ୍କୁ ବିଜୁ ଜନତା ଦଳର ପୁରୀ ଜିଲା ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ଏନେଇ ବିଜେଡି ପକ୍ଷରୁ ସୋମବାର ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ (ଭାରତ ସରକାର କା ଉପକ୍ରମ) ENGINEERS INDIA LIMITED (A Govt. of India Undertaking)

ଭୁବନେଶ୍ୱର, ଓଡ଼ିଶାଠାରେ ଏୟରପ୍ରାଇଜ୍ କଣ୍ଟ୍ରୋଟିଂ ଆଣ୍ଡ ସାଇବରସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ସ୍ଥାପନ ପାଇଁ ଘରୋଇ ପ୍ରତିଯୋଗିତାମୂଳକ ବିଡିଂ

ଇଆଇଏଲ, ଭାରତ ସରକାର (ଗ୍ରାହକ)ଙ୍କ ମାଲିକାନାଧୀନ ଏକ ଅଗ୍ରଣୀ ବିତ୍ତୀୟ ନିୟାମକ ସରକାରୀ ନିକାଶ ତରଫରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟ ବିଡରମାନଙ୍କଠାରୁ ଇ-ବିଡ୍ ଆହ୍ୱାନ କରାଯାଉଛି:

ବର୍ଣ୍ଣନା	ଓ୍ୱେବ୍‌ସାଇଟ୍‌ରେ ବିଡିଂ ଦସ୍ତାବିଜ	ବିଡ୍ ଦାଖଲ ତାରିଖ ଏବଂ ସମୟ
କାର୍ଯ୍ୟର ନାମ: ଏୟରପ୍ରାଇଜ୍ କଣ୍ଟ୍ରୋଟିଂ ଏବଂ ସାଇବରସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ପାଇଁ ଏମ୍‌ଇପି ଏବଂ ଆଇଟିଏମ୍‌ଏସ୍ କାର୍ଯ୍ୟ ବିଡିଂ ଦସ୍ତାବିଜ ନଂ.: ଆରସି/ବିଝ୫୭୧-୦୦୧-ପିଜେ-ଟି-୦୦୨୦/୧୦୦୫	ତା୧୩।୦୨।୨୦୨୪ରିଖରୁ ତା୦୪।୦୩।୨୦୨୪ରିଖ।	ତା୦୪।୦୩।୨୦୨୪ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ

ସବିଶେଷ ଆଇଏଫ୍‌ବି ଏବଂ ବିଡିଂ ଦସ୍ତାବିଜ ସମେତ ଅଣ-ପ୍ରଘଟନ ରାଜିନାମା (ଏନ୍‌ଡିଏ) ଇ-ଟେଣ୍ଡର ସାଇଟ୍ http://eprocure.gov.in/eprocure/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ। ସବିଶେଷ ଆଇଏଫ୍‌ବି ଏବଂ ବିଡିଂ ଦସ୍ତାବିଜ ଡାଉନ୍‌ଲୋଡ୍ କରିବା ପାଇଁ ବିଡରମାନେ ଏନ୍‌ଡିଏକୁ କାର୍ଯ୍ୟକାରୀ କରିବା ଆବଶ୍ୟକ। ସମସ୍ତ ସଂଶୋଧନ, ସମୟ ବିସ୍ତାରଣ, ସ୍ପଷ୍ଟୀକରଣ ଇତ୍ୟାଦି କେବଳ ଓ୍ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହେବ ଏବଂ ତାହାକୁ ଖବରକାଗଜରେ ପ୍ରକାଶନ କରାଯିବ ନାହିଁ। ସଦ୍ୟତମ ସୂଚନା ପାଇବା ପାଇଁ ବିଡରମାନେ ଉପରୋକ୍ତ ଓ୍ୱେବ୍‌ସାଇଟ୍‌ଗୁଡ଼ିକୁ ନିୟମିତ ଭାବେ ପରିଦର୍ଶନ କରିବା ଆବଶ୍ୟକ।

ଏସ୍‌ଜିଏମ୍ (ଏସ୍‌ସିଏମ୍-ସି ଆଣ୍ଡ ପି), ଇଆଇଏଲ୍

ଯୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India (ଭାରତ ସରକାର କା ଉପକ୍ରମ) A Government of India Undertaking

କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୨୨

ସ୍ଥାନ ନିଲାମ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ରଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୯.୦୨.୨୦୨୪ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ ସେମାନଙ୍କରୁ ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ।

କ୍ର. ନଂ.	ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ.	ନେଟ୍ ଓଜନ (ଗ୍ରାମରେ)	ମୋଟ ଓଜନ (ଗ୍ରାମରେ)
	ହଳଦିଆପଦର ଶାଖା, ରାଜଭ ରୋଡ, ହଳଦିଆପଦର ସ୍କୋୟାର, ହଳଦିଆପଦର, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୩, ମୋ.: ୭୩୭୯୧୬୬୦୦୧		
୧.	ରଘୁନାଥ ମହାରଣା, ପିତା: ଲବ କୁମାର ମହାରଣା, ସା: ଇନ୍ଦ୍ରା ନଗର, ପୋ: ହଳଦିଆପଦର, ଗଞ୍ଜାମ / ୧୯୮୮୧୬୫୩୦୦୦୦୫୭୧	୯.୮୦	୧୩.୫୧
୨.	ସବିତା କୁମାରୀ ସାହୁ, ସ୍ୱାମୀ: ଗୋପାଳ କୃଷ୍ଣ ପଣିଗ୍ରାହୀ, ସା: ଲିଙ୍ଗରାଜ ନଗର, ଗୋସାଣୀମୂଆଁ, ବ୍ରହ୍ମପୁର, ଗଞ୍ଜାମ / ୧୯୮୮୧୬୫୩୦୦୦୦୬୧୨	୧୮.୫୦	୨୦.୪୧
	ବେଲଗୁଣ୍ଠା ଶାଖା, ମେନ୍ ରୋଡ଼, ହାଟପଦା, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ-୭୬୧୧୧୯, ମୋ.: ୮୮୪୭୮୯୧୫୪୬		
୧.	ଶାନ୍ତିଲତା ବିଶୋୟୀ, ସ୍ୱାମୀ: କବିରାଜ ବିଶୋୟୀ, ସା: ନିମପଦର, ବୁଗୁଡା, ଗଞ୍ଜାମ / ୧୮୫୨୩୦୧୦୦୦୬୬୯୨୪	୧୮.୫୬	୨୩.୫୦
୨.	ଝୁନୁ ଦଳେଇ, ସ୍ୱାମୀ: ପାଣ୍ଡବ ଦଳେଇ, ସା: ବେଲଗୁଣ୍ଠା, ଭାଗବତପାଟଣା, ଗଞ୍ଜାମ / ୧୮୫୨୩୦୧୦୦୦୮୦୧୧୯	୩୭.୭୦	୫୩.୭୦
	**ବାଉଁଶିଆ

ସଂକ୍ଷେପରେ

୬୧ ବିଦ୍ୟୁତ ଖୁଣ୍ଟ ଚୋରି, ୩ କୋର୍ଟ ଚାଲାଣ

ପାଣିକୋଇଲି,୧୨।୨(ବିକାଶ କୁମାର ମଲିକ)

ପାଣିକୋଇଲି ପୋଲିସ ବିଦ୍ୟୁତ୍ ଖୁଣ୍ଟ ଚୋରି ଘଟଣାରେ ୩ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଭଦ୍ରକ ଜିଲା ଧାମନଗର ଥାନା ଅନ୍ତର୍ଗତ ଫକୀର ସାହିର ସାହା ଆକବର , ଯାଜପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ମନୋଜ କୁମାର ଦାସ ଓ ପାଣିକୋଇଲି ଥାନା ଅନ୍ତର୍ଗତ କରଦା ଗ୍ରାମର ପ୍ରଶାନ୍ତ ଦାସଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

ପାଣିକୋଇଲି ଥାନା ବଡ଼ତ୍ରିଲୋଚନପୁର (ମକୁନ୍ଦବିନ୍ଧା) ଗ୍ରାମ ନିକଟରେ ବିଦ୍ୟୁତ ଖୁଣ୍ଟ ଚୋରି ନେଇ ଥାନାରେ ଅଭିଯୋଗ ହୋଇଥିଲା। ସାହାପୁରଠାରେ ନିର୍ମାଣଧୀନ ନୂତନ ବିଦ୍ୟୁତ୍ ସବ୍‌ଷ୍ଟେଶନ ନିମନ୍ତେ ୩୩ କେଭି ଓ ୧୧ କେଭି ବିଦ୍ୟୁତ ସଞ୍ଚାରଣ ଲାଗି ପ୍ରକଳ୍ପ କାର୍ଯ୍ୟ ଚାଲୁଛି। ସେହି କାମ ପାଇଁ ଅଣାଯାଇଥିବା ଖୁଣ୍ଟ ମଧ୍ୟରୁ ୬୧ଟି ଚୋରି ହୋଇଥିଲା। ଗତ ୭ ତାରିଖ ଦିନ ମକୁନ୍ଦବିନ୍ଧାଠାରେ ଅନ୍ୟ ଖୁଣ୍ଟ ଚୋରି କରିବାକୁ ଆସିଥିବା କେତେଜଣ ବ୍ୟକ୍ତି ପାଟ୍ରୋଲିଂ ଗାଡ଼ି ଦେଖି ଏକ ପିକଅପ ଭ୍ୟାନ୍ ଓ ଗ୍ୟାସ୍ କଟର ଛାଡି ପଳାଇଯାଇଥିଲେ । ପୋଲିସକୁ ଉକ୍ତ ଗାଡିକୁ ଜିମା ଦିଆଯାଇଥିଲା । ଏ ନେଇ ଠିକା ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିବ୍ୟକାନ୍ତ ମହାରଣା ଗତ ୮ ତାରିଖ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୮୭/୨୪) ରୁଜୁ କରି ତଦନ୍ତ ଜାରି ରଖିଥିଲା ।

ବାଇକ୍ ଡିକି ଭାଙ୍ଗି ରୁପା ଅଳଙ୍କାର ଲୁଟ୍

ପାଣିକୋଇଲି,୧୨।୨(ବିକାଶ କୁମାର ମଲିକ)

ଜଣେ ଅଳଙ୍କାର ସଫା କରୁଥିବା କାରିଗରଙ୍କ ବାଇକ୍ ଡ଼ିକି ଭାଙ୍ଗି ଅଳଙ୍କାର ଲୁଟି ନେବା ନେଇ ଥାନାରେ ଅଭିଯୋଗ ହୋଇଛି। କୁଆଖିଆ ଥାନା ସୁଆାଁସାହି ଗ୍ରାମର ଶତ୍ରୁଘ୍ନ ସାହୁ ଜଣେ ଅଳଙ୍କାର ସଫା କରିବା କାରିଗର ଅଟନ୍ତି। ସେ ପ୍ରତିଦିନ ବାଇକ୍‌ରେ ବୁଲି ଗାଁରେ ସୁନା ରୁପା ଅଳଙ୍କାର ଆଦିକୁ ସଫା କରି ପରିବାର ପ୍ରତିପୋଷଣ କରିଥାନ୍ତି। ତେବେ ପାଣିକୋଇଲି ପଞ୍ଚାୟତ ଅଳତିରି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରର ଗେଟ ବାହାରେ ବାଇକ ରଖି ଘରୁ ଅଳଙ୍କାର ସଫା କରିବା ଲାଗି ଯାଇଥିବା ବେଳେ କେହି ତାଙ୍କ ବାଇକ୍ ଡିକି ଭାଙ୍ଗି ରୁପା ଅଳଙ୍କାର ଲୁଟି ନେଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା(ନଂ.୯୦/୨୪)ରୁଜୁ କରିବା ସହିତ ସିସିଟିଭି ଫୁଟେଜକୁ ଆଣି ଯାଞ୍ଚ କରୁଛି।

ଦାମୋଦରପୁର ଗ୍ରାମରୁ ଚୋରି

ପାଣିକୋଇଲି,୧୨।୨(ବିକାଶ କୁମାର ମଲିକ)

ଯାଜପୁର ସଦର ଥାନା ଅନ୍ତର୍ଗତ କତରାପୁର ଗ୍ରାମର ନିରାକାର ଦଳାଇ ଦାମୋଦରପୁର ଗ୍ରାମରେ ଗୃହ ନିର୍ମାଣ କରିଛନ୍ତି। କିଛି ଅଂଶ ସେ ନିଜେ ରହୁଥିବା ବେଳେ ଅନ୍ୟ ଜଣେ ବ୍ୟକ୍ତି ଭଡ଼ାରେ ରହୁଛନ୍ତି। ରାତିରେ ଭଡ଼ାରେ ଥିବା ବ୍ୟକ୍ତି ଘରେ ନ ଥିଲେ। ଏହି ସୁଯୋଗରେ କେହି ଉଭୟେ ଘରେ ପଶି ଗଦରେଜ ଭାଙ୍ଗି ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏ ନେଇ ଦଳାଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୁଦୃଢ଼ କଂକ୍ରିଟ ରାସ୍ତା ଉପରେ କଂକ୍ରିଟ

- ନିମ୍ନମାନର କାର୍ଯ୍ୟକୁ ବିରୋଧ କଲେ ଲୋକେ
- ଅଦାଲତର ଦ୍ୱାରସ୍ଥ ହେବାକୁ ଚେତାବନୀ
- ଡିଏମ୍‌ଏଫ୍ ପାଣ୍ଠିକୁ ହରିଲୁଟ୍ ଯୋଜନା

ଯାଜପୁର,୧୨।୨(ହର୍ଷବର୍ଦ୍ଧନ ବେହେରା)

ଖଣି ପ୍ରଭାବିତ ଅଞ୍ଚଳ ଏବଂ ଅଞ୍ଚଳବାସୀଙ୍କ ବିକାଶ ପାଇଁ ଡିଏମ୍‌ଏଫ୍(ଜିଲା ଖଣିଜ ପ୍ରତିଷ୍ଠାନ) ପାଣ୍ଠି ଗଠିତ ହୋଇଛି। ଖଣିରୁ ଆଦାୟ ହେଉଥିବା ରାଜସ୍ୱର ୩୦ ପ୍ରତିଶତ ଅର୍ଥକୁ ନେଇ ୨୦୨୩ ଜୁଲାଇ ସୁଦ୍ଧା ଯାଜପୁର ଜିଲାରେ ୧୮୯୭.୮୭ କୋଟି ଟଙ୍କା ପ୍ରୋଗ୍ରେସିଭ ଆଦାୟ ହୋଇଛି। ଏଥିରେ ୪,୧୦୧ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିବାବେଳେ ସେଥିରୁ ୨୯୮୧ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ରିପୋର୍ଟରୁ ଜଣାପଡିଛି। ତେବେ ମୋଟ ଆବଣ୍ଟିତ ପରିମାଣରୁ ମାତ୍ର ୪୦.୮୯% ଖର୍ଚ୍ଚ ହୋଇ ପାରିଛି। ଏହାପରେ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରିବାକୁ ପ୍ରଶାସନିକ ନିର୍ଦ୍ଦେଶ ହୋଇଛି। ଏହାର ସୁଯୋଗରେ କେତେକ ପ୍ରକଳ୍ପରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ଏଠାରେ ଖଣି ପ୍ରଭାବିତ ସୁକିନ୍ଦା ବ୍ଲକର ଦୁହ୍ମାବାହାଲି ଗ୍ରାମର ଏକ ରାସ୍ତା ଓ ମୂଳଖମ୍ଭ ଗ୍ରାମରେ ସୁଦୃଢ଼ କଂକ୍ରିଟ ଉପରେ ପୁଣି କଂକ୍ରିଟ ରାସ୍ତା କାର୍ଯ୍ୟଦ୍ୱୟକୁ ଉଦାହରଣ ଭାବେ ନିଆଯାଇପାରେ।

ସୁକିନ୍ଦା ବ୍ଲକ କୁହିକା ପଞ୍ଚାୟତର ମୂଳଖମ୍ଭ ଗ୍ରାମରେ ଏକ କଂକ୍ରିଟ ରାସ୍ତା ନିର୍ମାଣ ଚାଲିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ପୂର୍ବରୁ ପଞ୍ଚାୟତ ସମିତି ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତାରେ ଦୁଇଥର କଂକ୍ରିଟକରଣ ହୋଇଛି। ପ୍ରଥମ କାର୍ଯ୍ୟାଦେଶରେ ୪ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ରାସ୍ତା ନିର୍ମାଣ କରାଯାଇଥିଲା। ପୁଣି କରୋନା ମହାମାରୀ ସମୟରେ ଅର୍ଥାତ ୨୦୨୦ରେ ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଡ୍ରେନ ସହ ରାସ୍ତା ନିର୍ମାଣ ହୋଇଥିଲା। ଯେଉଁ ରାସ୍ତାଟି ବର୍ତ୍ତମାନ ମଧ୍ୟ ସୁଦୃଢ଼ ଥିବା ଦେଖିବାକୁ ମିଳିଛି। କିନ୍ତୁ ଡିଏମ୍‌ଏଫ୍ ପାଣ୍ଠିକୁ ଚଲୁ କରିବାକୁ ଯୋଜନାବଦ୍ଧ ଭାବରେ ବିଭାଗୀୟ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ମିଶି ଉକ୍ତ ରାସ୍ତା ଉପରେ ପୁଣି କଂକ୍ରିଟକରଣ କରୁଥିବା ଅଭିଯୋଗ ହେଉଛି। କଂକ୍ରିଟ ଉପରେ କେବଳ କିଛି ବାଲି, ଗୋଡ଼ି, ଚିପ୍ସ ଢାଳି ନିମ୍ନମାନର କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଛି। ତେଣୁ ତୁରନ୍ତ ଉକ୍ତ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

ସୁଦୃଢ଼ କଂକ୍ରଟ୍ ଉପରେ କଂକ୍ରିଟ ନିର୍ମାଣ କରାଯାଉଛି।

ସେହିପରି ଖଣି ପ୍ରଭାବିତ ସୁକିନ୍ଦା ବ୍ଲକ ଅନ୍ତର୍ଗତ ଲେମ୍ବୋ ପଞ୍ଚାୟତର ଦୁହ୍ମାବାହାଲି ଗ୍ରାମର ମହିଳାମାନଙ୍କ ଅଭିଯୋଗ ଅନୁସାରେ ଉକ୍ତ ଗ୍ରାମରେ ନିର୍ମାଣାଧୀନ କଂକ୍ରିଟ ରାସ୍ତା ସରକାରୀ ମାନକ ପୂରଣ କରୁନାହିଁ। ଏହାକୁ ନେଇ ସମ୍ପୃକ୍ତ ମହିଳା ଓ ସରପଞ୍ଚଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସରପଞ୍ଚ ବାବୁଲି ପାତ୍ର ଉକ୍ତ କାର୍ଯ୍ୟକୁ ପୁନର୍ବାର ଆରମ୍ଭ କରିଥିଲେ। ପରେ ପୁଣି ନିମ୍ନମାନର କାର୍ଯ୍ୟ ଚାଲିଥିଲା। ଏହାକୁ ନେଇ ଗ୍ରାମର ମହିଳାମାନେ ଉତ୍ତ୍ୟକ୍ତ ହୋଇ ପୁନର୍ବାର କାର୍ଯ୍ୟ ବନ୍ଦ କରିଥିଲେ। ଉଲ୍ଲେଖଯୋଗ୍ୟ, ରାସ୍ତାଟି ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ ଦ୍ୱାରା କରାଯାଉଥିବାବେଳେ ଡିଏମ୍‌ଏଫ୍ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡାଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ ହୋଇଛି। କିନ୍ତୁ ସ୍ଥାନୀୟ ଶାସକ ଦଳର କର୍ମୀଙ୍କ ଦ୍ୱାରା ଉକ୍ତ କାର୍ଯ୍ୟ ହେଉଥିବା ଅଭିଯୋଗ କରି ଗ୍ରାମର ମହିଳାମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସୂଚନା ମିଳିଛି। ଏହି ଘଟଣା ସମ୍ପର୍କରେ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି, ଖରାପ କାର୍ଯ୍ୟକୁ ଆମେ ପ୍ରଶ୍ରୟ ଦେବୁନାହିଁ। ତେଣୁ କାର୍ଯ୍ୟ ବନ୍ଦ ରଖିବାକୁ ସେ ନିର୍ଦ୍ଦେଶ ଦେଇସାରିଛନ୍ତି। ଏହାର ତଦନ୍ତ କରି ପୁନର୍ବାର କାର୍ଯ୍ୟ ଆରମ୍ଭ ହେବ। ଅନ୍ୟପକ୍ଷରେ ଗ୍ରାମର ମହିଳା ପୁଷ୍ପଲତା ମହାନ୍ତ କୁହନ୍ତି, ନିମ୍ନମାନର କାର୍ଯ୍ୟ ବିରୋଧରେ ଲୋକପାଳ, ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଆବଶ୍ୟକ ପଡ଼ିଲେ ଅଦାଲତଙ୍କ ଦ୍ୱାରସ୍ଥ ହେବୁ ବୋଲି ସେ ଚେତାବନୀ ଦେଇଛନ୍ତି। ଭାଗମାପରେ ଅନିୟମିତତା କରାଯିବା ସହିତ ଆବଶ୍ୟକ ଉଚ୍ଚତା ବିଶିଷ୍ଟ କାର୍ଯ୍ୟ ହେଉନାହିଁ। ଏହାକୁ ନେଇ ମହିଳାମାନେ ପୂର୍ବରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ମାଣାଧୀନ ରାସ୍ତା ପାଖକୁ ଡକାଇଥିଲେ। ସମ୍ପୃକ୍ତ ଯନ୍ତ୍ରୀ ସେଠାରେ ପହଞ୍ଚି ଠିକାଦାରଙ୍କୁ ତାଗିଦ କରିବା ସହିତ ଠିକ୍ ଭାବରେ କାର୍ଯ୍ୟ ନ କଲେ କାର୍ଯ୍ୟ ବନ୍ଦ କରିଦିଅ ବୋଲି କହିଥିଲେ। ଏହି ଘଟଣା ପରେ ସ୍ଥାନୀୟ

ବଜରଙ୍ଗ ଦଳ ଅଟକାଇଲେ, ପୋଲିସ ଛାଡ଼ିଲା

ଥାନା ନିକଟରେ ଅଟକ ଥିବା ଗୋରୁ ବୋଝେଇ ଟ୍ରକ।

ଚଣ୍ଡିଖୋଲ,୧୨।୨(ପ୍ରଦୀପ୍ତ କୁମାର ପୃଷ୍ଟି)

ଭୁବନେଶ୍ୱରରୁ ଝାଡ଼ଖଣ୍ଡ ଅଭିମୁଖେ ଯାଉଥିବା ଏକ ଗୋରୁ ବୋଝେଇ ଟ୍ରକକୁ ଚଣ୍ଡିଖୋଲ ଛକ ନିକଟରେ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ଅଟକାଇ ରଖିଥିଲେ। ଏହାପରେ ସେମାନେ ବଡ଼ଚଣା ଥାନାକୁ ଖବର ଦେଇଥିଲେ। ବଡ଼ଚଣା ପୋଲିସ ପହଞ୍ଚି ଗୋରୁ ବୋଝେଇ ଟ୍ରକକୁ ଥାନା ନିକଟକୁ ନେଇଥିଲେ। ସେଠାରେ କାଗଜ ପତ୍ର ତନଖି ପରେ ଜଣାପଡିଥିଲା ଯେ ଭୁବନେଶ୍ୱରସ୍ଥିତ ଧାନ ଫାଉଣ୍ଡେଶନ ନାମକ ଏକ ଏନ୍‌ଜିଓ ପଶୁ ଓ ପ୍ରାଣୀ ସମ୍ପଦ ପାଇଁ କାର୍ଯ୍ୟ କରୁଛି। ସେ ସ୍ଥାନୀୟ ଖଣ୍ଡଗିରି ଥାନା ପୋଲିସ ଓ ପ୍ରାଣୀ ସମ୍ପଦ ବିଭାଗର ଅନୁମତି ନେଇ ୧୧ ଗୋରୁକୁ ଝାଡ଼ଖଣ୍ଡ ରାଜ୍ୟର ପୂର୍ବ ସିଂହଭୂମି ଜିଲା ଅନ୍ତର୍ଗତ ଚକୁଲିଆଠାରେ ଥିବା ତାଙ୍କ ଏକ ଗୋଶାଳାକୁ ପଠାଯାଉଛି। ସମସ୍ତ କାଗଜ ପତ୍ର ଯାଞ୍ଚ କରି ପୋଲିସ ସେହି ଗୋରୁ ବୋଝେଇ ଟ୍ରକକୁ ଛାଡ଼ି ଦେଇଥିଲା।

ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ବଡ଼ଚଣା,୧୨।୨(ଦିଲୀପ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ବିକାଶ ଓ ଜନସାଧାରଣଙ୍କ ଉନ୍ନତି ନିମନ୍ତେ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଲୋକମାନଙ୍କୁ ସଚେତନ କରାଯାଇଛି । ଏହି ପରିପ୍ରେକ୍ଷୀରେ ବଡ଼ଚଣା ବ୍ଲକ କୁନ୍ଦଳ ପଞ୍ଚାୟତରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ସୁଧୀର କୁମାର ସାମଲ ସଭାପତ୍ୱ କରିଥିଲେ । ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଜିଲା ପରିଷଦ ସଦସ୍ୟ ଅରବିନ୍ଦ ସାମଲ, ସାମାଜିକ କର୍ମୀ ପ୍ରଫୁଲ୍ଲ ଚନ୍ଦ୍ର ସାମଲ, ନିରଞ୍ଜନ ସାମଲ ପ୍ରମୁଖ ଯୋଗଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ କୁନ୍ଦଳ ପଞ୍ଚାୟତରେ ବହୁ ଉନ୍ନତମାନର କାମ କରାଯାଇ ପଞ୍ଚାୟତର ବିକାଶ ହୋଇଯାଇଛି ବୋଲି ଅତିଥିମାନେ କହିଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଥମେ କାର୍ଯ୍ୟଧାରା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ । ସାମାଜିକ କର୍ମୀ କୃପାସିନ୍ଧୁ ମହାରଣା ସ୍ୱାଗତ ଭାଷଣ ଦେଇଥିବାବେଳେ ଅନନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନିହାର ମିଶ୍ର, ଅମୂଲ୍ୟ ପରିଡ଼ା, ମନୋଜ କୁମାର ରାଉତ,ଅର୍ଜୁନ ସାମଲ, ଶ୍ରୀକାନ୍ତ ପାଲ, ରେଖା ମଲିକ, କନକଲତା ବେହେରା, ଜିଆର୍‌ଏସ୍ ଅନନ୍ତ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ପଞ୍ଚାୟତ ପକ୍ଷରୁ ବରିଷ୍ଠ ନାଗରିକ, ଆଦର୍ଶ ମହିଳା, ଖବରଦାତା ଓ ପଞ୍ଚାୟତର ମହିଳା ଗୋଷ୍ଠୀର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟସ୍ତରୀୟ ବହୁ କଳାକାର ଗୀତ ନାଚ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରିଥିଲେ । ସୁରେନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

ଗଛରେ ରଶି ବାନ୍ଧି ନାବାଳିକାଙ୍କ ଆତ୍ମହତ୍ୟା

ଧର୍ମଶାଳା,୧୨।୨(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ସୁନ୍ଦୁରିଆ ଗ୍ରାମର ପାରିବାରିକ କଳହ ଯୋଗୁ ଜଣେ ଯୁବତୀ ଗଛରେ ରଶି ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି । ସୁନ୍ଦୁରିଆ ଗ୍ରାମର ଚୈତନ୍ୟ ବେହେରା ଓ ତାଙ୍କ ସ୍ତ୍ରୀ ଘରେ ନ ଥିବା ବେଳେ ତାଙ୍କ ନାବାଳିକା ଝିଅ ହିମାନୀ(୧୭) ଘରନିକଟସ୍ଥ ଏକ ଚାକୁଣ୍ଡା ଗଛରେ ରଶି ବାନ୍ଧି ଆତ୍ମହତ୍ୟା କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଁଞ୍ଚି ମୃତଦେହ ଜବତ କରିବା ଏକ ଅପମୃତ୍ୟୁ ମାମଲା(ନଂ.୫/୨୪) ରୁଜୁ କରି ଘଟଣାର ତଦନ୍ତ କରୁଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

ଧର୍ମଶାଳାରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

ସଚେତନତା କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ବିକାଶ ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

ଧର୍ମଶାଳା,୧୨।୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଏଣ୍ଡଳବା, ଚକ୍ରଧରପୁର, ରେଖିଦେଇପୁର, ରାଇଛନ୍ଦା ଏବଂ ତାଳଜଙ୍ଘ ଗ୍ରାମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହିତ ଓଡ଼ିଶା ସରକାରଙ୍କ ୨୪ ବର୍ଷଧରି ଏହି ପଞ୍ଚାୟତରେ କରିଥିବା ଉନ୍ନତିମୂଳକ କାର୍ଯ୍ୟର ହିସାବ ରଖିଥିଲେ । ଏଥିସହ ବିଧାୟକ ବଳବନ୍ତରାୟ ଏହି ପଞ୍ଚାୟତରେ ରାଶନ ପାଇଥିବା ହିତାଧିକାରୀ , ପେନ୍‌ସନ ଯୋଜନା ଅର୍ନ୍ତଭୁକ୍ତ ହିତାଧିକାରୀ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଅର୍ନ୍ତଭୁକ୍ତ ହୋଇଥିବା ହିତାଧିକାରୀଙ୍କ ସଂଖ୍ୟା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ସେହିପରି ତାଙ୍କ ୧୦ ବର୍ଷର କାର୍ଯ୍ୟକାଳର ହିସାବ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଧର୍ମଶାଳା ପଞ୍ଚାୟତ ସମିତି ମାଧ୍ୟମରେ ହୋଇଥିବା ସମସ୍ତ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଧର୍ମଶାଳା ବିଡ଼ିଓ ଦେବେନ୍ଦ୍ର ପ୍ରସାଦ ବଳ ପରିଚାଳନା କରିଥିଲେ । ଏଥିସହ ସମ୍ପୃକ୍ତ ପଞ୍ଚାୟତର ପିଇଓ ଓ ନୋଡାଲ ଅଫିସରମାନେ ସହଯୋଗ କରିଥିଲେ ।

ଡଗରପଡ଼ା ଟିମ୍ ଚାମ୍ପିୟନ

ପଲିଶ୍ରୀ ସଂସଦ କ୍ରିକେଟ୍ ଟୁର୍ନାମେଣ୍ଟ

ବଡ଼ଚଣା,୧୨।୨(ଦିଲୀପ କୁମାର ମହାନ୍ତି)

ବଡ଼ଚଣା ପଞ୍ଚାୟତ ଅଧୀନ ଶାସନ ପୁରସ୍ତମପୁର ପଲିଶ୍ରୀ ସଂସଦ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ୍ ଟୁର୍ନାମେଣ୍ଟର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ଦଶରାଜପୁର କ୍ରିକେଟ ଟିମକୁ ହରାଇ ଡଗରପଡ଼ା ଟିମ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ସମିତି ସଭ୍ୟ ମଧୁସୂଦନ ବଳ ସଭାପତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଟିମ୍ ବଡ଼ଚଣାର ଅଧ୍ୟକ୍ଷ ଆଦିତ୍ୟ ଶତପଥୀ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଦଳକୁ ଟ୍ରଫି ଓ ଆର୍ଥିକ ରାଶି ପ୍ରଦାନ କରିବା ସହ ଗ୍ରାମାଞ୍ଚଳରେ ଏପରି ଟୁର୍ନାମେଣ୍ଟ ଆୟୋଜନ କରାଯାଉଥିବାରୁ ଆୟୋଜକମାନଙ୍କୁ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚଙ୍କ ପ୍ରତିନିଧି ପ୍ରକାଶ ପ୍ରଧାନ, ପୂର୍ବତନ ସମିତି ସଭ୍ୟ କିଶୋର ଚନ୍ଦ୍ର ସାମଲ, ଧାନମଣ୍ଡଳ ପଞ୍ଚାୟତ ସରପଞ୍ଚ ନବଦୀପ ନାୟକ, ଅଖିଳ ବଳ, ଦେବାଶିଷ ଓଡା, ଅଞ୍ଜୁନୀ ବଳ, ସୁଜିତ କୁମାର ସାହୁ, ରମାକାନ୍ତ ବାରିକ, ପ୍ରଦୀପ୍ତ ସାମଲ, ସୁନୀଲ ବଳ, ଶୁଭେନ୍ଦୁ ଦାସ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥି।

ଜଳିଗଲା ଟାୟାର ଦୋକାନ

ଛତିଆ,୧୨।୨(ସୌମ୍ୟ ରଞ୍ଜନ ସାହୁ)

ବଡ଼ଚଣା ବ୍ଲକ ଛତିଆ ନିକଟସ୍ଥ ସୋଲର ଛକରେ ଥିବା ଏକ ଟାୟାର ଦୋକାନରେ ରବିବାର ବିଳମ୍ବିତ ରାତିରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ଯା

ସଂକ୍ଷେପରେ

ଗାଈ ଚୋରି ଘଟଣା: ଜେଲ୍ ଗଲେ ୨ ଅଭିଯୁକ୍ତ

ଜଗତ୍‌ସିଂହପୁର, ୧୨।୨
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଦେଉଳୀ ଗ୍ରାମେଶ୍ୱର ଗ୍ରାମର ସେକ୍ ସଜିଦ (୨୯)ଙ୍କ ୨ ଗାଈ ଚୋରି ରହସ୍ୟ ପଦାକୁ ଆସିଛି। ଏହି ଘଟଣାରେ ଜଗତ୍‌ସିଂହପୁର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛି। ସେମାନଙ୍କୁଠାରୁ ଗାଈ ଦ୍ୱୟଙ୍କୁ ଉଦ୍ଧାର କରାଯାଇଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅନ୍ତର୍ଗତ ତରଡ଼ାପଡ଼ା ଗ୍ରାମର ଗଗନ ଦାସ (୪୦) ଓ ବେଣୁପୁରର ପ୍ରଶାନ୍ତ ବିହାରୀ (୩୦)। ଉଭୟଙ୍କୁ କୋର୍ଟ ଚାଲାଣ ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ଉଦ୍ଧାର ଗାଈ ଦ୍ୱୟଙ୍କୁ ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଆଇଆଇସି ଗୋକୁଳ ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଆଇଆଇସି କହିଛନ୍ତି, ଗତ ୧୦ ତାରିଖରେ ଅଭିଯୋଗକାରୀ ସଜିଦ ଅନ୍ୟ ଦିନପରି ତାଙ୍କ ଗାଁ ମୁଣ୍ଡରେ ଗାଈ ଚରାଇବାକୁ ଛାଡ଼ି ଦେଇଥିଲେ। ଅଭିଯୁକ୍ତଦ୍ୱୟ ଯୋଜନାବଦ୍ଧ ଭାବେ ଏକ ପିକଅପ୍ ଭ୍ୟାନ (ନଂ. ଓଡି ୦୫ଏୟୁ ୨୩୭୫)ରେ ଉକ୍ତ ଗାଈ ଦୁଇଟିକୁ ନେଇ ଯାଇଥିଲେ। ଖବର ପାଇ ସଜିଦ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କଲାପରେ ପୋଲିସ ମାମଲା ନଂ. ୧୪୭/୨୪ ରୁଜୁ କରିଥିଲା। ଏଥିସହ ତଦନ୍ତ କ୍ରିୟାଶୀଳ କରିଥିଲା। ସୂଚନାଯୋଗ୍ୟ, ମୁଖ୍ୟ ଅଭିଯୁକ୍ତ ଗଗନଙ୍କ ନାମରେ ଚୋରି, ଡକାୟତି ଓ ବନ୍ଧୁକ ବ୍ୟବହାର ଭଳି ଏକାଧିକ ସଙ୍ଗିନ ମାମଲା ଥିବା ଆଇଆଇସି କହିଛନ୍ତି ।

ବାଇକ୍ ଡିକି ଭାଙ୍ଗି ରୁପା ଅଳଙ୍କାର ଲୁଟ୍

ପାଣିକୋଇଲି, ୧୨।୨
(ବିକାଶ କୁମାର ମଲିକ)

ଜଣେ ଅଳଙ୍କାର ସଫା କରୁଥିବା କାରିଗରଙ୍କ ବାଇକ୍ ଡିକି ଭାଙ୍ଗି ଅଳଙ୍କାର ଲୁଟି ନେବା ନେଇ ଥାନାରେ ଅଭିଯୋଗ ହୋଇଛି। କୁଆଖିଆ ଥାନା ସୁଆଁସାହି ଗ୍ରାମର ଶତ୍ରୁଘ୍ନ ସାହୁ ଜଣେ ଅଳଙ୍କାର ସଫା କରିବା କାରିଗର ଅଟନ୍ତି। ସେ ପ୍ରତିଦିନ ବାଇକ୍‌ରେ ବୁଲି ଗାଁରେ ସୁନା ରୁପା ଅଳଙ୍କାର ଆଦିକୁ ସଫା କରି ପରିବାର ପ୍ରତିପୋଷଣ କରିଥାନ୍ତି। ତେବେ ପାଣିକୋଇଲି ପଞ୍ଚାୟତ ଅଳତିରି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରର ଗେଟ ବାହାରେ ବାଇକ ରଖି ଘରୁ ଅଳଙ୍କାର ସଫା କରିବା ଲାଗି ଯାଇଥିବା ବେଳେ କେହି ତାଙ୍କ ବାଇକ୍ ଡିକି ଭାଙ୍ଗି ରୁପା ଅଳଙ୍କାର ଲୁଟି ନେଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା (ନଂ.୯୦/୨୪)ରୁଜୁ କରିବା ସହିତ ସିସିଟିଭି ଫୁଟେଜକୁ ଆଣି ଯାଞ୍ଚ କରୁଛି।

ପାରାଦୀପ ବନ୍ଦରର ପାଲଟିବ ପର୍ଯ୍ୟଟନ ସ୍ଥଳ

- ନୌବାଣିଜ୍ୟ ସିଗନାଲ ପାଇଁ ବ୍ୟବହାର ହେଉଥିଲା
- ୧୭ରେ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ

ପାରାଦୀପ,୧୨।୨(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ବନ୍ଦର ସହରର ପ୍ରତୀକ ହେଉଛି ସମୁଦ୍ର କୂଳରେ ଥିବା ବତିଘର (ଲାଇଟ ହାଉସ)। ୩୬ ବର୍ଷ ହେଲା ଏହି ବତିଘର ସାମୁଦ୍ରିକ ନାଭିଗେସନ କ୍ଷେତ୍ରରେ କାମରେ ଲାଗୁଛି। ଏବେ ସୂଚନା ପ୍ରଯୁକ୍ତି ବିଦ୍ୟା ସଫଳତା ପରେ ବତିଘର ଆବଶ୍ୟକ ଆଉ ପୂର୍ବପରି ହେଉନାହିଁ। ଆସନ୍ତା ଫେବୃଆରୀ ୧୭ରୁ ଏହା ପର୍ଯ୍ୟଟକଙ୍କ ପାଇଁ ବ୍ୟବହାର ହେବ। ଅର୍ଥାତ୧୭ରୁ ସମସ୍ତେ ବତିଘର ଉପରେ ଚଢ଼ି ସମୁଦ୍ର ଦୃଶ୍ୟ ଉପଭୋଗ କରିବାର ସୁଯୋଗ ପାଇବେ। ପାରାଦୀପ ସମେତ ଓଡ଼ିଶାର ୧୦ ବତିଘର ଓ ଦେଶରେ ଥିବା ୭୫ ବତୀଘରକୁ ଲାଇଟ୍ ହାଉସ ଟୁରିଜମ ପ୍ରୋଜେକ୍ଟ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିବାର କାର୍ଯ୍ୟକ୍ରମ ରହିଛି। ୧୭ରେ ଭର୍ଚୁଆଲ ଯୋଗେ ପ୍ରଧାନମନ୍ତ୍ରୀ ମୋଦି ଏହାକୁ ଉଦ୍‌ଘାଟନ କରିବେ ବୋଲି ବତିଘର ଇନଚାର୍ଜ ପ୍ରଦୀପ କୁମାର ଦତ୍ତଙ୍କ ସୂତ୍ରରୁ ଜଣାପଡ଼ିଛି। ୩ ଏକର ବିଶିଷ୍ଟ ବତିଘର ପରିସରରେ କେତେକ ଆକର୍ଷଣୀୟ କାମ ହୋଇଛି। ଯଥା ପିଲାଙ୍କ ଖେଳପଡିଆ, ଖେଳ ଉପକରଣ, ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ, ପାଣି ଫୁଆରା, ଆଲୋକୀକରଣ ଆଦି ହୋଇସାରିଛି। ଉଦ୍‌ଘାଟନ ପରେ ନୂଆ ପର୍ଯ୍ୟଟକଙ୍କ ପାଇଁ ଅଧିକ ଆକର୍ଷଣୀୟ ବ୍ୟବସ୍ଥା କରାଯିବା ନେଇ ପ୍ରସ୍ତାବ ରହିଛି।

ସୂଚନାଯୋଗ୍ୟ, ୧୯୮୨ରେ ପାରାଦୀପ ବତିଘର ନିର୍ମାଣ ହୋଇଥିଲା।୧୯୮୮ ମାର୍ଚ୍ଚ ୨୫ରେ ଏହା ଲୋକାର୍ପଣ ହୋଇଥିଲା। ୧୬୮ ପାହାଚ ବିଶିଷ୍ଟ ଏହି ବତିଘରର ଉଚ୍ଚତା ୪୦ ମିଟର। ଏଥିରେ ଯେଉଁ ଲାଇଟ ଜଳିଥାଏ ତାକୁ ଦେଖି ନାବିକମାନେ ଜାଗା ସମ୍ପର୍କରେ ଅବଗତ ହୋଇଥାନ୍ତି। ଭାରତର ୭୫ ଲାଇଟ ହାଉସ ସମ୍ପର୍କରେ ବତୀ ଫ୍ଲାସ ଅନୁସାରେ ଆଇଏମଓ (ଇଣ୍ଟର ନ୍ୟାଶନାଲ ମେରିଟାଇମ ଅର୍ଗାନାଇଜେଶନ)ଦର୍ଶାଯାଇଛି। ଯଥା ପ୍ରତ୍ୟେକ ବତୀ ୩୦ ସେକେଣ୍ଡ ମଧ୍ୟରେ କେତେଥର ବନ୍ଦ ହୁଏ। ଯେମିତି ପାରାଦୀପ ବତିଘର ଫ୍ଲାସ ୩୦ ସେକେଣ୍ଡ ମଧ୍ୟରେ ୩ ଥର ବନ୍ଦ ହୁଏ। ସେତେବେଳେ କୌଣସି ପଣ୍ୟବାହୀ ଜାହାଜରେ ଆଜି ଭଳି ଜିପିଏସ(ଗ୍ଲୋବାଲ ପୋଜିଶନିଂ ସିଷ୍ଟମ) ନ ଥିଲା। ସେଥିପାଇଁ ଅଧିକ ବତୀଘର ଆବଶ୍ୟକତା ହେଉଥିଲା।ଏବେ ପ୍ରତ୍ୟେକ ଜାହାଜରେ ଆଧୁନିକ ବୈଷୟିକ ପ୍ରଣାଳି ବ୍ୟବହାର ହେଲାଣି। ତଥାପି ବତିଘର ଏଥିପାଇଁ ବ୍ୟବହାର କରାଯାଉଛି ଯେତେବେଳେ ଟେକ୍ନୋଲୋଜି ଫେଲ ରହିବ ସେତେବେଳେ ଏହା କାମରେ ଆସିବ। ବତିଘରକୁ କଳା ଧଳା ରଙ୍ଗ କରାଯାଇଥାଏ।ସେଥିରେ ମଧ୍ୟ ପ୍ରତ୍ୟେକ ରଙ୍ଗର ବ୍ୟବଧାନ ପ୍ରତି ବତିଘର ପାଇଁ ଅଲଗା। ବତିଘର ଭାଷାରେ ଏହାକୁ ବ୍ୟାଣ୍ଡ କୁହାଯାଇଛି। ଏବେ ଏହି ବତୀଘର ଐତିହ୍ୟ ଆସନ୍ତା ୧୭ ତାରିଖରୁ ନୂଆ ପରିଚୟ ପାଇବାକୁ ଯାଉଛି।



ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର: ୨୨୩ ଅଭିଯୋଗ ଶୁଣାଣି

ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

ଏରସମା,୧୨।୨(ଦୀପ୍ତିରଞ୍ଜନ ଖଣ୍ଟୁଆଳ)

ଏରସମା ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାରୁଲ ପଟାୱାରି ଉପସ୍ଥିତ ରହି ୨୨୩ ଅଭିଯୋଗର ଶୁଣାଣି କରିଥିଲେ। ସେଗୁଡ଼ିକ ମଧ୍ୟରେ ଗ୍ରାମ୍ୟ ସମସ୍ୟା, ରାଶନ କାର୍ଡ ସମସ୍ୟା, ଜମିଜମା ସମସ୍ୟା, ଭତ୍ତା ସମସ୍ୟା, ପୋଲିସ ସହାୟତା ସହ ଅନ୍ୟାନ୍ୟ ୩୨ଟି ଅଭିଯୋଗ ରହିଛି। ସେଥିରୁ ୩୦ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ବୋଲି ଜିଲା

୩୦ ଅଭିଯୋଗର ତତ୍କାଳ ସମାଧାନ

ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କଠାରୁ ସୂଚନା ମିଳିଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ରାହୁଲ ପି.ଆର, ଉପଜିଲାପାଳ ପ୍ରଦୀପ କୁମାର ସାହୁ, ତିର୍ତ୍ତୋଲ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଚିନ୍ମୟ ରାଉତ, ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବିଡିଓ ଲମ୍ବୋଦର ଖୁଣ୍ଟିଆ, ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଶୁଣାଣି କରିଥିଲେ।

କଲେଜ ପରିସରରେ ଗୋଷ୍ଠୀ ସଂଘର୍ଷ, ୯ରୁ ଊର୍ଦ୍ଧ୍ୱ ଆହତ

କୁଜଙ୍ଗ,୧୨।୨ (ମନୋଜ ପ୍ରଧାନ)

କୁଜଙ୍ଗ ମହାବିଦ୍ୟାଳୟ ପରିସରରେ ଗୋଷ୍ଠୀ ସଂଘର୍ଷ ଘଟି ୯ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏନେଇ ୨ ଗୋଷ୍ଠୀ ମଧ୍ୟରେ ପରସ୍ପର ଛକାପଞ୍ଝା ଜାରି ରହିଥିବାବେଳେ ଏହାର ପ୍ରଭାବ କୁଜଙ୍ଗ ବଜାରରେ ଅନୁଭୂତ ହୋଇଛି। ଉତ୍ତେଜନାକୁ ଲକ୍ଷ୍ୟରଖି ପୋଲିସ ବଜାରରେ ଫ୍ଲାଗ ମାର୍ଚ୍ଚ କରୁଛି। ଆହତଙ୍କ ମଧ୍ୟରୁ କେତେଜଣଙ୍କୁ ଅଠରବାଙ୍କୀ ଡାକ୍ତରଖାନା ଓ ଆଉ କେତେଜଣଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ଫଳରେ କୁଜଙ୍ଗ ଡାକ୍ତରଖାନା ପରିସର ଲୋକାରଣ୍ୟ ହୋଇଯାଇଥିଲା । ଗଣ୍ଡଗୋଳର କାରଣ ଜଣା ପଡ଼ି ନ ଥିବାବେଳେ ନୂଆ-ଓ ଯୁବ ଓଡିଶା କାର୍ଯ୍ୟକ୍ରମ ପାଇଁ ମହାବିଦ୍ୟାଳୟକୁ ଆସିଥିବା ଅର୍ଥରାଶିକୁ ନେଇ ୨ଗୋଷ୍ଠୀ ପରସ୍ପରକୁଆକ୍ରମଣ କରିଥିବା ଚର୍ଚ୍ଚା ହେଉଛି। ୪ ଦିନ ହେବ ସେମାନଙ୍କ ମଧ୍ୟରେ ଏନେଇ ଆରୋପ ପ୍ରତ୍ୟାରୋପ ଜାରି ରହିଥିଲା। ତେବେ ଏହି ଛାତ୍ର ଗଣ୍ଡଗୋଳରେ ଅଣଛାତ୍ର ସାମିଲ ହେବାରୁ ଏହା ଉଗ୍ରରୂପ ନେଇଥିବା କୁହାଯାଉଛି। ଏନେଇ କୁଜଙ୍ଗ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ କରାଯାଇଛି। ଏହାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ କହିଛନ୍ତି। ପରେ ପୋଲିସ ଉଭୟଙ୍କ ଅଭିଯୋଗକୁ ଭିତ୍ତିକରି ମକଦ୍ଦମା ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧକ୍ଷ ପଦ୍ମଲୋଚନ ସାହୁଙ୍କୁ ଯୋଗାଯୋଗ କରିବାରେ ସେ ମୋବାଇଲ ଫୋନ ଉଠାଇ ନ ଥିଲେ । ଅନ୍ୟପଟେ ନିକଟସ୍ଥ ଗ୍ରାମର ଜଣେ ଯୁକ୍ତ୨ ପ୍ରଥମ ବର୍ଷର ଛାତ୍ର ଗୋଷ୍ଠୀ ସଂଘର୍ଷରେ ସମ୍ପୃକ୍ତ ଥିବା କହି ପୋଲିସ ତାଙ୍କୁ ଅଟକ ରଖି ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏନେଇ ମହିଳାମାନେ ଥାନାରେ ପହଞ୍ଚି ସମ୍ପୃକ୍ତ ଛାତ୍ରଙ୍କୁ ଛାଡ଼ିବାକୁ ଦାବି କରିବା ସହ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ଦାବି କରିଥିଲେ। ପୋଲିସ ତାଙ୍କୁ ଛାଡ଼ିବାକୁ ମନା କରିଦେଇଛି। ଏହା ୨ଗ୍ରାମ ମଧ୍ୟରେ ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଉତ୍ତେଜନାକୁ ଦୃଷ୍ଟିରେ ରଖି ଏଭଳିପଦକ୍ଷେପ ନିଆଯାଇଥିବା କହିଛି।

ମହିଳାମାନେ ଥାନା ସମ୍ମୁଖରେ ଏକତ୍ରିତ ହୋଇଛନ୍ତି।

- କୁଜଙ୍ଗ ବଜାରରେ ପୋଲିସର ଫ୍ଲାଗ ମାର୍ଚ୍ଚ
- ଯୁକ୍ତ ୨ ଛାତ୍ରଙ୍କୁ ଅଟକ ରଖିବାରୁ ଥାନାରେ ଉତ୍ତେଜନା

ଶିବିରରୁ ୨୦୦ୟୁନିଟ୍ ରକ୍ତ ସଂଗ୍ରହ

କୁଜଙ୍ଗ,୧୨।୨ (ମନୋଜ ପ୍ରଧାନ)

ଶିରିଡି ସାଇ ସେବା ସଂସ୍ଥାନ କୃଷ୍ଣଚନ୍ଦ୍ରପୁର ସନ୍ତରା ପକ୍ଷରୁ ସୋମବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ପୌରପାଳ ବସନ୍ତ କୁମାର ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ଡାକ୍ତର କୁଳମଣି ସାମଲ, ସମ୍ମାନିତ ଅତିଥିଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସମ୍ପଦ ସ୍ୱାଇଁ ଯୋଗଦେଇ ରକ୍ତଦାନ ମହାପୁଣ୍ୟ ବୋଲି କହିଥିଲେ। ଇଣ୍ଡିଆନ ରେଡ୍‌କ୍ରସ୍ ସୋସାଇଟି କଟକ ସହାୟତାରେ ୨୦୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଅପରାହ୍ନରେ ପାରାଦୀପ ବିଧାୟକ ସମିତ ରାଉତରାୟ ମନ୍ଦିର ନିକଟରେ ଏକ କମ୍ୟୁନିଟି ସେଣ୍ଟରର ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁବ ସାମାଜିକ କର୍ମୀ ସଞ୍ଜୟ ସାମନ୍ତରାୟ, ସାଇ ପରିବାର ସଭାପତି ସନ୍ତୋଷ ଦଳାଇ, ସମ୍ପାଦକ ସୁବ୍ରତ ବିଶ୍ୱାଳ, ସଞ୍ଜୟ ଚୌଧୁରୀ, ମମତା ନାୟକ, ରଶ୍ମିତା ବିଶ୍ୱାଳ, ଉମେଶ ମୋରେ ପ୍ରମୁଖ ସାଇ ପରିବାରର ସଦସ୍ୟା ସଦସ୍ୟ ସହଯୋଗ କରିଥିଲେ ।

ଏସ୍‌କେ ରିଙ୍କୁ-ପ୍ରଦେଶ ଯୋଡ଼ି ଚାମ୍ପିୟନ

ରାଜକିଶୋର ବାରିକ ମେମୋରିଆଲ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ

ଅତିଥିଙ୍କ ଗହଣରେ ଖେଳାଳିମାନେ।

ଜଗତ୍‌ସିଂହପୁର, ୧୨।୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ପୌର ପରିଷଦ ଅନ୍ତର୍ଗତ ୱାର୍ଡ-୧ କଞ୍ଚାବଲ୍ଲଭପୁରସ୍ଥିତ ମା'ଶାନ୍ତିଭଉଣୀ କ୍ଲବ ତରଫରୁ ୭ମ ବାର୍ଷିକ ରାଜ୍ୟସ୍ତରୀୟ ରାଜକିଶୋର ବାରିକ ମେମୋରିଆଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଜଗତ୍‌ସିଂହପୁରର ୨ଦଳ ଯଥା ରାକେଶ ପାତ୍ର-ଲୁଲୁଙ୍କୁ ପ୍ରତିଦ୍ୱନ୍ଦ୍ୱୀ ଏସ୍‌କେ ରିଙ୍କୁ-ପ୍ରଦେଶ ଯୋଡି କଞ୍ଚା ଟକ୍କର ଦେଇଥିଲେ। ୩ ସେଟ୍ ପର୍ଯ୍ୟନ୍ତ ଖେଳ ଚାଲିଥିଲା। ଶେଷରେ ଏସ୍‌କେ ରିଙ୍କୁ-ପ୍ରଦେଶ ଯୋଡି ପାର୍ଟନର ରାକେଶ ପାତ୍ର-ଲୁଲୁ ଯୋଡିଙ୍କୁ ୨୧-୧୮, ୧୯-୨୧ ଓ ୨୧-୧୫ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା କଂଗ୍ରେସ କମିଟି ସଭାପତି ନଟବର ବାରିକ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ସେହିପରି ଉପବିଜେତା ଦଳକୁ ସମ୍ମାନିତ ଅତିଥି ଅରୁଣ କୁମାର ଦାଶ ନଗଦ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ସମ୍ପାଦକ ରୁଦ୍ରପ୍ରସାଦ ବାରିକ କାର୍ଯ୍ୟକୁ ସମ୍ପାଦନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଦସ୍ୟ ରାଜା, ରାହୁଲ, ଆଶୁ, ମୋହନ, ପିକୁନ, ଚିକୁନ, ଗୁଡୁ, ଚିକୁ, ଗଣେଶ, ବୁଧନା ଓ ବିକାଶ ପ୍ରମୁଖ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ୪ଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ରାଜ୍ୟର ପ୍ରତିଷ୍ଠିତ ୩୨ଟି ଦଳ ଭାଗ ନେଇଥିଲେ।

ଆଜିଠାରୁ ଅନଶନ ଚେତାବନୀ

ଧାରଣାରେ ବସିଥିବା ଶ୍ରମିକମାନେ।

ଶ୍ରମିକ ଧାରଣାକୁ ୪୩ ଦିନ ପୂରିଲା

ପାରାଦୀପ,୧୨।୨(ଶରତ ରାଉତ)

ପାରାଦୀପ ଆଇଓସିଏଲ ସାଉଥ୍‌ଗେଟ ପାଖରେ ଗତ ଜାନୁଆରୀ ୧ରୁ ଶ୍ରମିକମାନେ ୮ ଦଫା ଦାବି ନେଇ ଧାରଣାରେ ବସିଛନ୍ତି। ଇତିମଧ୍ୟରେ ୪୩ ଦିନ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ସମାଧାନ ବାହାରି ପାରିନାହିଁ। ଶୀତକାକରରେ ବସି କେତେଜଣ ଶ୍ରମିକ ଡାକ୍ତରଖାନା ଯାଇଛନ୍ତି। ଏପରି ଶିଥିଳତା ପ୍ରତିବାଦରେ ମଙ୍ଗଳବାରଠାରୁ ଅନଶନ କରିବେ ବୋଲି ସଂଘ ପକ୍ଷରୁ ଗଣେଶ୍ୱର ସାମଲ ସୂଚନା ଦେଇଛନ୍ତି। ପେଟ୍ରୋଲିୟମ ପ୍ରଡକ୍ଟ କ୍ୟାରିୟର୍ସ ଆଣ୍ଡ ଏଞ୍ଜୋଇଜ ୟୁନିୟନ ପକ୍ଷରୁ ଏହି ଧାରଣା ଦିଆଯାଇଛି। ଶ୍ରମିକମାନଙ୍କର ବୋନସ, ଭତ୍ତା ବୃଦ୍ଧି, ଛଟେଇ ଶ୍ରମିକଙ୍କୁ ନିଯୁକ୍ତି ଆଦି ଦାବିରେ ଏହି ଧାରଣା ଦିଆଯାଇଛି। ଏହି ସମସ୍ୟାର ସମାଧାନ ପାଇଁ ଇତି ମଧ୍ୟରେ ୬ ଥର ତ୍ରିପାକ୍ଷିକ ବୈଠକ ବସିଥିବା ସୂଚନା ମିଳିଛି।

ଗୁରୁ କୃପା ହେଲେ ସକଳ କର୍ମରେ ସଫଳତା ମିଳେ

୧୯୯୧ ମାଟ୍ରିକ୍ ବ୍ୟାଚ୍‌ର ଗୁରୁ ପୂଜନ, ବନ୍ଧୁ ମିଳନ କାର୍ଯ୍ୟକ୍ରମ

ତିର୍ତ୍ତୋଲ,୧୨।୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ଗୁରୁ ହିଁ କେବଳ ବିଦ୍ୟାର୍ଥୀଙ୍କ ଲାଗି ଉତ୍ତମ ପଥ ପ୍ରଦର୍ଶକ। ଗୁରୁ କୃପା ମିଳିଲେ ସକଳ କାର୍ଯ୍ୟରେ ସଫଳତା ମିଳିଥାଏ ବୋଲି ଗୁରୁ ପୂଜନ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ତିର୍ତ୍ତୋଲ ବ୍ଲକ କୋଲର ପଞ୍ଚାୟତ କୋଲରଜୟପୁରସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ୧୯୯୧ ବ୍ୟାଚର ଗୁରୁ ପୂଜନ ଓ ବନ୍ଧୁ ମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୩ ବର୍ଷ ପରେ ଏହି କାର୍ଯ୍ୟକ୍ରମରେ ସମସ୍ତ ବିଦ୍ୟାର୍ଥୀ ଏକାଠି ହୋଇ ପୁରାତନ ଗୁରୁଙ୍କ ପୂଜନ କରିଥିଲେ। ଏନେଇ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ନିମନ୍ତ୍ରଣ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ପୁରାତନ ଛାତ୍ରୀଛାତ୍ରମାନେ ଅତୀତର ସ୍ମୃତି ବଖାଣି ଥିଲେ। ଉକ୍ତ ବ୍ୟାଚର ଛାତ୍ର ରଞ୍ଜିତ କୁମାର କର, ଅଜୟ ବେହେରା, ଶଶିକାନ୍ତ ରାଉତଙ୍କ ସଂଯୋଜନାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବନ୍ଧୁ ପୁରାତନ ଶିକ୍ଷକଙ୍କ ସହ ଉକ୍ତ ବ୍ୟାଚର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

୨ ପଞ୍ଚାୟତରେ ସଚେତନତା ଶିବିର

ତିର୍ତ୍ତୋଲ, ୧୨।୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର (ଶ) ଏବଂ କୋଷ୍ଟିମଲିକାପୁର ପଞ୍ଚାୟତରେ ସୋମବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ଆରତୀ ମାଝି ସଭାପତିତ୍ୱ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମ ଏକ ଲୋକାଭିମୁଖୀ କାର୍ଯ୍ୟକ୍ରମ ଓ ଏହାଦ୍ୱାରା ସମସ୍ତ ବର୍ଗର ଲୋକଙ୍କର ଉନ୍ନତି ସାଧନ ହୋଇପାରୁଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ କର୍ମଚାରୀ ସଂଘ ନେତା ପ୍ରଭାତ ମହାନ୍ତି, ସମ୍ମାନିତ ଅତିଥିଭାବେ ୧ନଂ. ଜୋନ ଜିଲା ପରିଷଦ ସଭ୍ୟା ରଞ୍ଜିତା ସିଂ, ସମିତି ସଭ୍ୟା ପଦ୍ମିନୀ ମାହାଳି, ଏବିଡିଓ ସତ୍ୟଜିତ ସ୍ୱାଇଁ, କନିମୂଳ ସମିତି ସଭ୍ୟ ବସନ୍ତ ମହାପାତ୍ର, ଯୁବସଙ୍ଗଠକ ପ୍ରଭାସ ଚନ୍ଦ୍ର ସାହୁ, ପୂର୍ବତନ ଜିଲାପରିଷଦ ସଭ୍ୟ କ୍ଷ

ସଂକ୍ଷେପରେ

୩ ହଜାର ଲିଟର ପୋଚ ନଷ୍ଟ
ବେଆଇନ ଦେଶୀ ମଦଭାଟିରେ ଚଢ଼ାଉ

ନୟାଗଡ,୧୨।୨(ଲୋକନାଥ ମିଶ୍ର)

ଶରଣକୁଳ ଥାନା ପୋଲିସ ସୋମବାର ସନ୍ଧ୍ୟାରେ ସାନଗୋରଡା ନଦୀପଠାରେ ଥିବା ଏକ ଦେଶୀ ମଦ ଭାଟି ଉପରେ ଚଢ଼ାଉ କରି ୩ ହଜାର ଲିଟର ପୋଚ ଜବତ କରି ନଷ୍ଟ କରିଛି। ସେହିପରି ୧୦ ଲିଟର ରନ୍ଧା ଦେଶୀ ମଦ ଜବତ କରିଛି। ପୋଲିସକୁ ଦେଖି ମଦ ରାଖୁଥିବା ବ୍ୟକ୍ତିମାନେ ଫେରାର ହୋଇଯାଇଥିଲେ। ସାନଗୋରଡା ନଦୀପଠାରେ ଦେଶୀ ମଦ ଭାଟି ଚାଲିଥିବା ଖବରପାଇ ପୋଲିସ ଚଢ଼ାଉ କରିଥିବା ଆଇଆଇସି ପୁଷ୍ପଲତା ବେହେରା ସୂଚନା ଦେଇଛନ୍ତି।

ଗୁଣି ସନ୍ଦେହରେ ହତ୍ୟା ଘଟଣା
୨୦ ଜଣଙ୍କ ନାଁରେ ଅଭିଯୋଗ

ପାତ୍ରପୁର, ୧୨।୨(ଜମା ଚରଣ ନେପାକ)

ଜରଡ଼ା ଥାନା ହଳଦୀବାଡ଼ ଗ୍ରାମରେ ଗୁଣି ସନ୍ଦେହରେ ଗୁରୁବାଗିଆ ଡାକୁଆଙ୍କୁ ହତ୍ୟା ଘଟଣାରେ ସୋମବାର ମୃତକଙ୍କ ସ୍ତ୍ରୀ ଶ୍ରୀମନ୍ତି ଥାନାରେ ପହଞ୍ଚି ଗ୍ରାମର ୨୦ ଜଣଙ୍କ ନାମରେ ଏତଲା ଦେଇଥିବା ଜଣାପଡିଛି। ଅଭିଯୋଗ ପରେ ଜରଡ଼ା ଥାନା ପୋଲିସ ୬୧/୨୦୨୪ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଟୁନା ସାସମଲ ସୂଚନା ଦେଇଛନ୍ତି।

ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ଉପରେ ସଚେତନତା

ଭାପୁର, ୧୨।୨(ଭରତ କୁମାର ବେହେରା)

ଭାପୁର ବ୍ଲକର ଶାଳପଡ଼ା ପଞ୍ଚାୟତରେ ସୋମବାର ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାପୁର ପଞ୍ଚାୟତରୁ ପ୍ରଥମେ ଏହି ସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନତା କରାଯାଉଥିଲା। ଶାଳପଡା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ତଥା ଖବରଦାତା ଗୀତିକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଭାପୁର ବ୍ଲକ ବିଜେଡି ସଭାପତି ଶିବ ପ୍ରସାଦ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ସ୍ଥାନୀୟ ପଞ୍ଚାୟତର ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ମହାରଣା, ପିଇଓ ଅଶୋକ କୁମାର ସେଠୀ, ଜିଆରଏସ୍ ପ୍ରାଣକୃଷ୍ଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ପଞ୍ଚାୟତର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ସଚେତନତା କରିଥିଲେ।

କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ବିଜେଡି ନେତାମାନେ।

ଶାଳପଡ଼ାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ବ୍ଲକ ଉପାଧ୍ୟକ୍ଷ ପ୍ରଧାନ କହିଥିଲେ, ରାଜ୍ୟ ସରକାରଙ୍କ ପାଇଁ ଏହି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶାରେ ୧୮ଟି ପ୍ରକଳ୍ପ ପାଇଁ ୫୦ଲକ୍ଷ ଟଙ୍କା, ୧୩।୧୬ ପରିବାରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ, ୩ଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ପାଇଁ ୧୬ ଲକ୍ଷ, ୧୯୦ ପରିବାରକୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ, ୯୭୦ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା, ୬୩ଟି ମିଶନ ଶକ୍ତି ଗୋଷ୍ଠୀଙ୍କୁ ମୋଟ ୭୬୮ ଲକ୍ଷ ଟଙ୍କାର ବିନା ସୁଧରେ ଋଣ ପ୍ରଦାନ , ୧୩।୧୬ ପରିବାରକୁ ରାଶନ କାର୍ଡ, ୨୬୮ ଜଣ ଗର୍ଭବତୀ ମହିଳାଙ୍କୁ ମମତା ସହାୟତା କରାଯାଇଛି। ଏହି ପଞ୍ଚାୟତରେ ୨୦୧୭-୧୮ ଆର୍ଥିକ ବର୍ଷରେ ଏକ ମିଶନ ଗୃହ ନିର୍ମାଣ ନ ହୋଇ ବିଲ୍ ହୋଇଥିବା ଅଭିଯୋଗ ହୋଇଥିଲା। ପରେ ଉପାଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ, ଗୋଟିଏ ମାସ ଭିତରେ ଏହାର ତଦନ୍ତ କରିବା ସହ ନିଶ୍ଚିତ ପଞ୍ଚାୟତରରେ ମିଶନ ଶକ୍ତି ଗୃହ ୬ ମାସ ଭିତରେ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଖବରଦାତା ଶୁଭେନ୍ଦୁ କୁମାର ପଟ୍ଟନାୟକ, ସଂଗ୍ରାମ କେଶରୀ ପଟ୍ଟନାୟକ, ପ୍ରଭାତ କୁମାର ପଟ୍ଟନାୟକ, ରାଜନାରାୟଣ ପଲେଇ, ପ୍ରଭାତ କୁମାର ବରାଡ଼ ଓ ସମସ୍ତ ଏବିକେ, ଏସ୍‌ଏଚଜି ମହିଳା ଗ୍ରୁପର ସଭାପତିମାନଙ୍କୁ ମଞ୍ଚରେ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକାର୍ଯ୍ୟ ଶେଷରେ ପଞ୍ଚାୟତ ବିଜେଡିର ସଭାପତି ଅକ୍ରୁର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

ଡିଜିଟାଲ କାରବାର ଉପରେ କର୍ମଶାଳା, ପଥପ୍ରାନ୍ତ ନାଟକ

ନୟାଗଡ଼,୧୨।୨(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଘଦୁଆଳ ପଞ୍ଚାୟତ କାର୍ଯ୍ୟାଳୟରେ ଚାଷୀମାନଙ୍କୁ ନେଇ ଡିଜିଟାଲ କାରବାର ଉପରେ ଆର୍ଥିକ ସାକ୍ଷରତା କର୍ମଶାଳା ସହ ପ୍ରଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। ଗଣିଆ ଉନ୍ନୟନ କମିଟି ଓ ନାବାର୍ଡ, ନାବ ଫାଉଣ୍ଡେଶନ ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଏକ ସଚେତନ ରଥ ୨୦ଟି ଗାଁ ପରିକ୍ରମା କରି ଡିଜିଟାଲ କାରବାର ଉପରେ ସଚେତନତା କରିବ। ଏଥିରେ ଏଲଡିମ ଶଶି ଶେଖର ପଟ୍ଟନାୟକ, ନାବାର୍ଡ ନିର୍ଦ୍ଦେଶକ ତୃପ୍ତି ତାପସୀ, ଗଣିଆ ଉନ୍ନୟନ କମିଟି ସଭାପତି ଉଷାରାଣୀ ପଟ୍ଟନାୟକ, ମଣ୍ଡି ଅଧିକାରୀ ପ୍ରଭାସ କୁମାର ସାହୁ, ଘଦୁଆଳ ସରପଞ୍ଚ ସାଞ୍ଜୁକ୍ତା ମହାପାତ୍ର ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ଗ୍ରାମଞ୍ଚଳରେ ଡିଜିଟାଲ କାରବାର ମାନ୍ଦା ରହିଛି। ଆର୍ଥିକ ସ୍ୱାକ୍ଷରତାର ଅଭାବ ଏବଂ ପରିପକ୍ୱ ଦେୟ ଗ୍ରହଣ ଭିତ୍ତିଭୂମିର ଅଭାବ ଏହାର ମୁଖ୍ୟ କାରଣ। ଏହି ପରିପ୍ରେକ୍ଷୀରେ ଡିଜିଟାଲ କାରବାର ଉପରେ ସଚେତନତା ସୃଷ୍ଟିକରିବା ପାଇଁ ମଣ୍ଡି, ବଜାର ସ୍ଥାନକୁ ଚିହ୍ନଟ କରି ଏକ ସାମଗ୍ରିକ ଉପାୟ ଅବଲମ୍ବନ କରାଯିବା ଆବଶ୍ୟକ। ଏ ନେଇ ବିଭିନ୍ନ ପୋଷ୍ଟର ଓ ଲିଫ୍‌ଲେଟ ଉନ୍ମୋଚନ କରାଯାଇଥିଲା।

ସଚେତନତା ରଥକୁ ଅତିଥିମାନେ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

ବିଦ୍ୟାଳୟର ବାର୍ଷିକ ଉତ୍ସବ, ପୁରସ୍କାର ବିତରଣ

ଭାପୁର, ୧୨।୨(ଭରତ କୁମାର ବେହେରା)

ଭାପୁର ବ୍ଲକ ସଦର ମହକୁମାରେ ଅବସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଛି। ସୋମବାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଧର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେରେ ଭାପୁର ତହସିଲଦାର ଲଗ୍ନଜିତ ବେହେରା ଯୋଗଦେଇ ଥିବାବେଳେ ମୁଖ୍ୟ ବକ୍ତା ଭାବେ ବିଆର୍‌ସିସି ପ୍ରଭାକର ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁବାସ ନାଏକ, ମୋ ସ୍କୁଲ ସଭାପତି ଗଙ୍ଗାଧର ବାରିକ, ଏସଏମ୍‌ସି ସଭାପତି କାର୍ତ୍ତିକ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ନ ସାଢେ ୩ଟାରେ ପ୍ରଧାନ ଶିକ୍ଷକ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇଥିବାବେଳେ ମୁଖ୍ୟ ବକ୍ତା ଭାବେ ଭାପୁର ବିଇଓ ଶଙ୍କର୍ଷଣ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ତହସିଲଦାର ଧୋବେଇ ନାୟକ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସନ୍ତୋଷ କୁମାର କର, ସିଆର୍‌ସିସି ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଆଜି ପର୍ଯ୍ୟନ୍ତ ନିଜସ୍ୱ ଜମି ନ ଥିବାରୁ ଏହାକୁ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ମନୋଜ କୁମାର ଶତପଥୀ ମଞ୍ଚ ସଞ୍ଚାଳନ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ସୁରକ୍ଷା ବଳୟରେ ରହିବ ଷ୍ଟ୍ରଙ୍ଗ ରୁମ୍, କାଉଣ୍ଟିଂ ସେଣ୍ଟର

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲାପାଳ ସ୍ୱଧାଦେବ ସିଂ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି।

ନିର୍ବାଚନ ପ୍ରସ୍ତୁତି ପାଇଁ ସମୀକ୍ଷା କଲେ ଜିଲାପାଳ

ନୟାଗଡ଼,୧୨।୨(ଲୋକନାଥ ମିଶ୍ର)

ସାଧାରଣ ନିର୍ବାଚନ ପାଖେଇ ଆସୁଛି। ଏଭଳିସ୍ଥଳେ ନୟାଗଡ଼ ଜିଲାପାଳ ସ୍ୱଧାଦେବ ସିଂ ସୋମବାର ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପହଞ୍ଚି ଷ୍ଟ୍ରଙ୍ଗ ରୁମ୍, କାଉଣ୍ଟିଂ ସେଣ୍ଟର ଯାନବାହନ ରହଣୀ ସ୍ଥାନର ଅନୁଧ୍ୟାନ କରିବା ସହ ସମୀକ୍ଷା କରିଥିଲେ। ଜିଲାପାଳଙ୍କ ସହ ନୟାଗଡ଼ ଏସ୍‌ପି ରାହୁଲ ଜୈନ, ନୟାଗଡ଼ ଏସ୍‌ଡିପିଓ ସ୍ନେହାସିଷ ସାହୁ, ଡେପୁଟି କଲେକ୍ଟର(ନିର୍ବାଚନ) ରିମା ହାଂସଦା ପ୍ରମୁଖ ଥିଲେ। ଏ ନେଇ ଜିଲାପାଳ ସିଂ କୁହନ୍ତି, ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ରଣପୁର, ନୟାଗଡ, ଦଶପଲ୍ଲା ଓ ଖଣ୍ଡପଡା ୪ଟି ନିର୍ବାଚନମଣ୍ଡଳୀ ପାଇଁ ଷ୍ଟ୍ରଙ୍ଗ ରୁମ୍, କାଉଣ୍ଟିଂ ରୁମ୍, ଯାନବାହନ ରହଣୀ କେଉଁଠି ହେବ, କ'ଣ କରାଯିବାର ଆବଶ୍ୟକତା ରହିଛି ସେନେଇ ପରିଦର୍ଶନ କଲି। ସବୁ କିଛି ଠିକ୍‌ଠାକ ରହିଛି। ଏସ୍‌ପି ଜୈନ କହିଛନ୍ତି, ଷ୍ଟ୍ରଙ୍ଗ ରୁମ୍, କାଉଣ୍ଟିଂ ସେଣ୍ଟରକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ପରିଦର୍ଶନ କଲୁ। ନିର୍ବାଚନ କମିଶନଙ୍କ ଗାଇଡଲାଇନ ଓ ଜିଲା ପ୍ରଶାସନର ଆବଶ୍ୟକତା ଅନୁସାରେ ପୋଲିସ ପୂରା ପ୍ରସ୍ତୁତ ରହିବ। ଷ୍ଟ୍ରଙ୍ଗ ରୁମ ଓ କାଉଣ୍ଟିଂ ସେଣ୍ଟରରେ ପୋଲିସର ସୁରକ୍ଷା, ମଲ୍ଟି ଲେୟାର ସିକ୍ୟୁରିଟ୍ ଆରେଞ୍ଜମେଣ୍ଟ, ଟ୍ରାଫିକ୍‌ର ବ୍ୟବସ୍ଥା କିପରି ସୁରୁଖୁରୁରେ ରହିବ ସେନେଇ ଆଲୋଚନା ହୋଇଛି।

ଆଇନ ସଚେତନତା ଶିବିର

ନୟାଗଡ଼,୧୨।୨ (ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକର ନୋତରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସୋମବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ ତଥା ଅଧ୍ୟକ୍ଷ ଜିଲା ଆଇନ ସେବା ପ୍ରାଧିକରଣ ଆନନ୍ଦ ନାରାୟଣ ମହାରଣାଙ୍କ ପରାମର୍ଶକ୍ରମେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ବର୍ଗ ବିଚାରପତି ବିଶେଷ କୁମାର ସାହୁ ପସ୍କୋ ନିୟମ, ସାଇବର ସୁରକ୍ଷା, ପାଣ୍ଠିତ କ୍ଷତି ପୂରଣ ତଥା ଭିଡିଓ କନଫରେନ୍ସ ଅଧିନିୟମ ଇତ୍ୟାଦି ଉପରେ ଟିପଣୀ ରଖିଥିଲେ। ପାୱାର ପଏଣ୍ଟ ମଧ୍ୟମରେ ସଚିବ ଉପସ୍ଥାପନ କରୁଥିବା ବେଳେ ଚୌଧୁରୀ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛତ୍ରମାନଙ୍କ ବିପୁଳ ସହଭାଗିତା ଦେଖିବାକୁ ମିଳିଥିଲା। ସଦସ୍ୟ ମହମ୍ମଦ ଓମର ମାଲ୍ଲିକ ଭାରତୀୟ ସଂସ୍କୃତିର ମହାନତା ଓ ଜାତୀୟତା ଏବଂ ଉତ୍ତମ ସାମାଜିକ ପରିବେଶ ଉପରେ ତଥ୍ୟ ରଖିଥିଲେ। ଅଧ୍ୟକ୍ଷା ଜ୍ୟୋସ୍ନା ନାୟକ ଅତିଥିଙ୍କୁ ସ୍ୱାଗତ ଏବଂ ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀ ସଚେତନତାରେ ଅଂଶଗ୍ରହଣ କରିଥିଲେ। ପ୍ରାଧିକରଣ କର୍ମଚାରୀ ଗଦାଧର ବିଶ୍ୱାଳ, ରାଜେଶ କୁମାର ବାରିକ ଏବଂ ପ୍ରମୋଦ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଶିକ୍ଷୟତ୍ରୀ ସସ୍ମିତା ନାୟକ ଓ ନିହାରରଞ୍ଜନ ରାଜ୍, ସୁବେଦାରା ଏସ୍.ଯୁଧିଷ୍ଠିର ରେଡ୍ଡୀ, ଦେବାଶିଷ ସ୍ୱାଇଁ ଓ ରଞ୍ଜିତ ଲେଙ୍କା ସହଯୋଗ କରିଥିଲେ।

ଶିବିରରେ ଯୋଗଦେଇଥିବା ଅତିଥିମାନେ।

ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘର ଜିଲା ସମ୍ମିଳନୀ

ଆସିକା,୧୨।୨(ସୁରେନ୍ଦ୍ରନାଥ ସାହୁ)

ରାଷ୍ଟ୍ରୀୟ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘର ଗଞ୍ଜାମ ଜିଲା ସମ୍ମିଳନୀ ରବିବାର ଆସିକା କଲିଙ୍ଗା ରୋଡସ୍ଥିତ ଏକ ହୋଟେଲ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା । ଜିଲା ସଭାପତି ଅଶ୍ୱିନୀ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଧ୍ରୁବ ଚରଣ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂପାଦକ ରାମ ମହାପାତ୍ର, ବଲାଙ୍ଗୀର ଜିଲା ସଂପାଦକ ରଞ୍ଜନ ପଟ୍ଟନାୟକ, ରାଜ୍ୟ କୋଷାଧ୍ୟକ୍ଷ ଦୁର୍ଗାମାଧବ ପଟ୍ଟନାୟକ, ଜିଲା ସଂପାଦକ ମଞ୍ଜୁଳା ସ୍ୱାଇଁ, ବିନୋଦ କୁମାର ରାଉତ, ତାରିଣୀ ପ୍ରଧାନ, ଜିଲା ଉପସଭାପତି ସତ୍ୟରଂଜନ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସ୍ୱଳ୍ପ ସଞ୍ଚୟ ଯୋଜନାରେ ଅଭିକର୍ତ୍ତାମାନଙ୍କ ନ୍ୟାର୍ଯ୍ୟ ହକ ପ୍ରତି ହେୟ ମନୋଭାବ ପୋଷଣ କରାଯାଉଥିବା ନେଇ ତୀବ୍ର କ୍ଷୋଭ ପ୍ରକାଶ କରାଯାଇଥିଲା। ଏହି ଅବସରରେ ୧୦ଦଫା ସମ୍ବଳିତ ଦାବି ରାଜ୍ୟ ସ୍ୱଳ୍ପ ସଞ୍ଚୟ ବିଭାଗ କର୍ମକର୍ତ୍ତାଙ୍କ ନିକଟକୁ ପଠାଯାଇଥିଲା । ଦାବି ମଧ୍ୟରେ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାଙ୍କ ଲାଗି ୧୫ଲକ୍ଷ ଟଙ୍କା ଗ୍ରୁପ ଇନସୁରାନ୍ସ, ଚିକିତ୍ସା ସୁବିଧା, ପରିଚୟ ପତ୍ର ପ୍ରଦାନ, ଏଜେଣ୍ଟ କମିସନ ବୃଦ୍ଧି କରିବା ଆଦି ରହିଛି।

୧୯ ଏସ୍‌ଏଚ୍‌ଜିକୁ ୪୪ ଲକ୍ଷ ଋଣ

ଗୋପାଳପୁର,୧୨।୨(ନବୀନ ରାଜ ଆଚାରୀ)

ଆମ ଓଡିଶା ଓ ନବୀନ ଓଡିଶା କାର୍ଯ୍ୟକ୍ରମ ଜରିଆରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ପଦ୍ମପୁର ଓ ଲୌଡିଗାଁ ପଞ୍ଚାୟତର ୧୯ ଏସ୍‌ଏଚ୍‌ଜିକୁ ୪୪ ଲକ୍ଷ ଟଙ୍କା ବିନା ସୁଦ୍ଧରେ ଋଣ ପ୍ରଦାନ କରାଯାଇଛି। ପଦ୍ମପୁରରେ ହୋଇଥିବା କାର୍ଯ୍ୟକ୍ରମରେ ଅତିଥି ଭାବେ ଗଞ୍ଜାମ ଜିଲା ଯୋଜନା କମିଟି ଅଧକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇଥିଲେ। ଜିଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ ଓ ପ୍ରକାଶ ସେଠି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅନ୍ୟ ଅତିଥି ଭାବେ ରଙ୍ଗେଇଲୁଣ୍ଡା ବିଡ଼ିଓ ଅଂଶୁମାନ ମହାପାତ୍ର, ଗଞ୍ଜାମ ଜିଲା ପରିଷଦ ଉପସଭାପତି ଏସ ରାଜେଶ୍ୱରୀ ଦୋରା, ରଙ୍ଗେଇଲୁଣ୍ଡା ବ୍ଲକ ଅଧକ୍ଷା ସିଏଚ ଉଷା ରାଣୀ, ସିଡ଼ିପିଓ ଜ୍ୟୋସ୍ନା ପାତ୍ରୀ, ବ୍ଲକ ଉପାଧକ୍ଷା ଅନିତା ମାହାଙ୍କୁଡ଼, ଜିଲା ପରିଷଦ ସଭ୍ୟ ତୋଅପୋଇ ଦାସ, ସରପଞ୍ଚ ସସ୍ମିତା ବେହେରା, ଏମ୍‌ପି ପ୍ରତିନିଧି ଅଜିତ କୁମାର ଦାଶ, ସିଏଚ ଭରତ ପାତ୍ର ଯୋଗଦେଇଥିଲେ। ସେଠାରେ ୯ ଏସ୍‌ଏଚଜିକୁ ୧୪ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ସେହିପରି ଲୌଡିଗାଁ ପଞ୍ଚାୟତରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମକୁ ମଧ୍ୟ ବିଧାୟକ ପଣ୍ଡା ଉଦଘାଟନ କରିଥିଲେ। ୧୦ ଏସ୍‌ଏଚଜି ଗ୍ରୁପକୁ ୩୦ ଲକ୍ଷ ଟଙ୍କା ବିନା ସୁଦ୍ଧରେ ଋଣ ପ୍ରଦାନ କରାଯାଇଥିଲା। ସୁପରଭାଇଜର ବବିତା ନାୟକ ,ପିଇଓ ସମୀର ମିଶ୍ର,ସରପଞ୍ଚ ଦଣ୍ଡପାଣି ବେହେରା, ପ୍ରକାଶ ଚନ୍ଦ୍ର ସାମନ୍ତ ,ବାଇରୀ ପାତ୍ର, ରାମ ହରି ପାତ୍ର ବିପିଏମ ଅଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ମ୍ଭ ବାଟାଲିଅନ୍ ପରିସରରେ ଦୀକ୍ଷାନ୍ତ ସମାରୋହ

ଛତ୍ରପୁର,୧୨।୨(ଦିଲ୍ଲୀପ ସାମଲ)

ଓଏସ୍‌ଏପି ମ୍ଭ ବାଟାଲିଅନ୍ ପ୍ୟାରେଡ୍ ପଡିଆ ପରିସରରେ ଦୀକ୍ଷାନ୍ତ ସମାରୋହ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ରେଳ ଓ ତଟରକ୍ଷୀ ସୁରକ୍ଷା) ରାଜେଶ କୁମାର ଯୋଗଦେଇ ମ୍ଭ ବାଟାଲିୟନ୍ ଠାରେ ଗତ ମେ ୨୯ ତାରିଖଠୁ ୯ ମାସ ଧରି ପ୍ରଶିକ୍ଷଣ ନେଇଥିବା ୧୫୯ ଜଣ ଯବାନମାନଙ୍କୁ ସତ୍ୟ, ନ୍ୟାୟ ପରାୟଣ, ନିର୍ଭିକ ଭାବରେ ଦେଶର ଜନସାଧାରଣ ଓ ଆରକ୍ଷୀ ବାହିନୀର ସେବା ସମ୍ବିଧାନର ଆଇନ ପରିସରରେ ନିଷ୍ଠାର ସହିତ ସମ୍ପାଦାନ କରିବା ପାଇଁ ଶପଥପାଠ କରାଇଛନ୍ତି । ଏହି ଅବସରରେ ବାଟାଲିୟନ୍ ପ୍ୟାରେଡ୍ ପଡିଆ ଠାରେ ଅନୁଷ୍ଠିତ ପ୍ୟାରେଡରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଅଭିଭାଷଣ ଦେବା ସହିତ ପ୍ରଶିକ୍ଷଣ ଗ୍ରହଣ କରିଥିବା ଶ୍ରେଷ୍ଠ ୮ ଜଣ ଯବାନଙ୍କୁ ପୁରସ୍କୃତ କରିଥିଲେ। ପ୍ୟାରେଡ୍ କମାଣ୍ଡର ବି.ସୁନିଲ ରାଓଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପ୍ୟାରେଡ୍ ପରିଚାଳନା ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଅଷ୍ଟମ ବାଟାଲିୟନ ଦୁର୍ଗପତି ଶାରଦା ପ୍ରସାଦ ଦାସ ପରିଚାଳନା କରିଥିବା ବେଳେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜ୍ୟୋତିରଞ୍ଜନ କରାଇଛନ୍ତି । ଏହି

ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ୍‌ରେ ମାନବ ସମ୍ବଳ ଅଭାବ

ଭୁବନେଶ୍ୱର,୧୨।୨
(ସତ୍ୟଜିତ୍ ରାଉତ)

ଓଡ଼ିଶା ଭିଜିଲାନ୍ସ ନିର୍ଦ୍ଦେଶାଳୟରେ ୧୯୭୯ ମସିହାରୁ ସ୍ୱତନ୍ତ୍ର ୱିଙ୍ଗ୍ ଭାବେ ଫରେଷ୍ଟ୍ ୱିଙ୍ଗ୍ କାର୍ଯ୍ୟ କରୁଛି। ରାଜ୍ୟରେ ଜଙ୍ଗଲଜାତ ଦ୍ରବ୍ୟ, ଖଣିଜ ସମ୍ପଦ ଚୋରାଚାଲାଣ ରୋକିବା ଏହି ୱିଙ୍ଗ୍‌ର ମୂଳ କାମ। ଏଥିସହ ଜଙ୍ଗଲ, କୃଷି ଆଦି ସଂକ୍ରାନ୍ତୀୟ ମାମଲାରେ ଭିଜିଲାନ୍ସକୁ ଏହି ୱିଙ୍ଗ୍ ବୈଷୟିକ ପରାମର୍ଶ ମଧ୍ୟ ଦେଇଥାଏ। ତେବେ ଏହି ୱିଙ୍ଗ୍ ଏବେ ମାନବ ସମ୍ବଳ ସମସ୍ୟା ଦେଇ ଗତି କରୁଥିବା ଜଣାପଡ଼ିଛି। ଫଳରେ ଜଙ୍ଗଲ ମାଫିଆଙ୍କ ବିରୋଧରେ ଆବଶ୍ୟକ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁ ନ ଥିବା ଅଭିଯୋଗ ହେଉଛି।

ବନ ବିଭାଗ ପକ୍ଷରୁ ଏହି ୱିଙ୍ଗ୍ ପାଇଁ ଅଫିସର ଓ କର୍ମଚାରୀଙ୍କୁ ଡେପୁଟେଶନ୍‌ରେ ପଠାଯାଇଥାଏ। ଭିଜିଲାନ୍ସ ନିର୍ଦ୍ଦେଶାଳୟ ଅଧୀନରେ

ଜଙ୍ଗଲ ମାଫିଆଙ୍କ ବିରୋଧରେ ମନ୍ଥର ହେଉଛି କାର୍ଯ୍ୟାନୁଷ୍ଠାନ

ଦକ୍ଷିଣାଞ୍ଚଳ ରେଞ୍ଜ ଓ ଉତ୍ତରାଞ୍ଚଳ ରେଞ୍ଜ ରହିଛି। ଦକ୍ଷିଣାଞ୍ଚଳ ରେଞ୍ଜ ଅଧୀନରେ କଟକ, ଭୁବନେଶ୍ୱର, ବ୍ରହ୍ମପୁର ଡିଭିଜନ ରହିଥିବାବେଳେ ଉତ୍ତରାଞ୍ଚଳ ରେଞ୍ଜ ଅଧୀନରେ ସମ୍ବଲପୁର, ବାଲେଶ୍ୱର, କୋରାପୁଟ ଓ ରାଉରକେଲା ଡିଭିଜନ କାର୍ଯ୍ୟ କରୁଛି। ପ୍ରଥମେ କଟକରେ ଏହି ୱିଙ୍ଗ ସ୍ଥାପନ କରାଯିବା ସହ ଜଣେ ଡିଏସ୍‌ପି ର୍ୟାଙ୍କ ଅଧିକାରୀଙ୍କୁ ଏହାର ମୁଖ୍ୟ ପଦରେ ଅବସ୍ଥାପିତ କରାଯାଇଥିଲା। ସେହି ସମୟରେ ୱିଙ୍ଗ୍ ୟୁନିଟ୍‌ରେ ଜଣେ ଲେଖାଏ ରେଞ୍ଜର, ଫରେଷ୍ଟର ଓ ଗାର୍ଡ ରହିଥିଲେ। ଏହାର କିଛିବର୍ଷ ପରେ ଭିଜିଲାନ୍ସ ଏବଂ ବନ ବିଭାଗ ନିଷ୍ପତ୍ତିକ୍ରମେ, ୱିଙ୍ଗ୍‌ର ରୂପରେଖ ବଦଳାଯାଇ ଜଣେ ଡିସିଏଫ୍‌ଙ୍କ ଅଧୀନରେ ଜଣେ ଫରେଷ୍ଟରଙ୍କ ସମେତ ଦୁଇଜଣ ଗାର୍ଡଙ୍କୁ ନିଯୁକ୍ତି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସବୁ ଡିଭିଜନ୍‌ରେ ଏହି ୱିଙ୍ଗ୍‌ର ୟୁନିଟ୍ ଖୋଲାଯାଇଥିଲା। ପ୍ରତ୍ୟେକ ୟୁନିଟ୍‌ରେ ଜଣେ ଏସିଏଫ୍ କିମ୍ବା ରେଞ୍ଜର, ଜଣେ ଫରେଷ୍ଟର ଓ ଦୁଇଜଣ ଗାର୍ଡଙ୍କୁ ନିଯୁକ୍ତି ଦେବାକୁ ନିଷ୍ପତ୍ତି ହୋଇଥିଲା। ତେବେ ବଡ଼ କଥା ହେଉଛି, ୬ଟି ଡିଭିଜନ୍ ୟୁନିଟରେ ୱିଙ୍ଗ୍ କେତେକାଂଶରେ କାର୍ଯ୍ୟକ୍ଷମ ଥିବାବେଳେ ରାଉରକେଲାରେ ଏବେ ୟୁନିଟ୍ ନାହିଁ। ଏଥିସହ ସମ୍ବଲପୁର, ବ୍ରହ୍ମପୁର ଓ କୋରାପୁଟ ଡିଭିଜନର ୟୁନିଟ୍‌ରେ ଏସିଏଫ୍ କିମ୍ବା ରେଞ୍ଜର ନାହାନ୍ତି। ବାଲେଶ୍ୱର ଏବଂ କଟକ ୟୁନିଟ୍‌ରେ ଫରେଷ୍ଟର ଗାର୍ଡ ନ ଥିବାବେଳେ ଭୁବନେଶ୍ୱର ୟୁନିଟରେ ଫରେଷ୍ଟର ଓ ଗାର୍ଡ ନାହାନ୍ତି। ସେହିପରି ବ୍ରହ୍ମପୁର ଏବଂ କୋରାପୁଟ ୟୁନିଟ୍‌ରେ ଜଣେ ଲେଖାଏ ଫରେଷ୍ଟର ଓ ଗାର୍ଡ ଥିବାବେଳେ ସମ୍ବଲପୁର ୟୁନିଟରେ କେବଳ ଜଣେ ଫରେଷ୍ଟର ଅଛନ୍ତି। ସୂଚନା ଅନୁଯାୟୀ, ଜଙ୍ଗଲଜାତ ଦ୍ରବ୍ୟ ଓ ଖଣିଜ ସମ୍ପଦ ଚୋରାଚାଲାଣ ଘଟଣାରେ ପ୍ରତିବର୍ଷ ୧୮୦ ମାମଲା ରୁଜୁ କରିବାକୁ ଫରେଷ୍ଟ ୱିଙ୍ଗ୍‌ର ସମସ୍ତ ୟୁନିଟକୁ ନିର୍ଦ୍ଦେଶାଳୟ ପକ୍ଷରୁ ଜୁହାଯାଇଛି। ତେବେ ଆବଶ୍ୟକ ସଂଖ୍ୟକ କର୍ମଚାରୀଙ୍କ ଅଭାବ ଯୋଗୁ ୱିଙ୍ଗ୍ ସେହି ପରିମାଣରେ ମାମଲା ରୁଜୁ କରିପାରୁନାହିଁ। ଏପରିକି ଏହି ସମସ୍ୟା ଲାଗି କଟକ ୟୁନିଟ୍‌ରେ କାର୍ଯ୍ୟରତ ଅଫିସର ଓ କର୍ମଚାରୀମାନେ ବାଲେଶ୍ୱର, ବ୍ରହ୍ମପୁର ଏବଂ ଭୁବନେଶ୍ୱର ୟୁନିଟର ଚଢ଼ାଉ ପ୍ରକ୍ରିୟାରେ ସହଯୋଗ କରୁଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ, ଏହି ୱିଙ୍ଗ୍ ୨୦୧୬ରେ ୯୦, ୨୦୧୮ରେ ୧୨୨, ୨୦୧୯ରେ ୧୪୬, ୨୦୨୦ରେ ୯୬ ଏବଂ ୨୦୨୧ରେ ୮୮ଟି ମାମଲା ରୁଜୁ କରିଥିଲା। ସେହିପରି ଏହି ୱିଙ୍ଗ୍ ୨୦୨୨ରେ ସର୍ବାଧିକ ୧୪୦ ଏବଂ ୨୦୨୩ରେ ୧୧୪ଟି ମାମଲା ରୁଜୁ କରିଛି। ଏ ନେଇ ଭିଜିଲାନ୍ସ ନିର୍ଦ୍ଦେଶକ ଯଶୋୱନ୍ତ ଜେଠ୍ୱା କହିଛନ୍ତି, ଏହି ୱିଙ୍ଗରେ ପଦବୀ ପୂରଣ ଏକ ନିରନ୍ତର ପ୍ରକ୍ରିୟା। ଏ ସଂକ୍ରାନ୍ତରେ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଯେଉଁ ସ୍ଥାନରେ କର୍ମଚାରୀଙ୍କ ଅଭାବ ରହିଛି, ତାହା ଆଗକୁ ପୂରଣ ହୋଇଯିବ ବୋଲି ଜେଠ୍ୱା ପ୍ରକାଶ କରିଛନ୍ତି।

ବାଣ ଚୋବାଇ ଶିଶୁକନ୍ୟା ଗୁରୁତର

ଘସିପୁରା(ନିରଞ୍ଜନ ସାହୁ)/ ଠାକୁରମୁଣ୍ଡା (ତାରାକାନ୍ତ ପଟ୍ଟନାୟକ)/୧୨।୨

କେନ୍ଦୁଝର ଜିଲା ଆନନ୍ଦପୁର ସୀମାନ୍ତ ମହୁଲଡ଼ିହା ଥାନା ଦୁଆରଶୁଣି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଜଣେ ଶିଶୁ କନ୍ୟା ଖେଳୁଥିବା ସମୟରେ ବାଣକୁ ଚୋବାଇ ଦେବାରୁ ଗୁରୁତର ହୋଇଛନ୍ତି। ଶିଶୁ କନ୍ୟା ଜଣଙ୍କ ହେଲେ ଗ୍ରାମର ପାକନ କୁଦଡ଼ାଙ୍କ ୬ ବର୍ଷର ଝିଅ ଯମୁନା।

ସୂଚନା ଅନୁଯାୟୀ, ଶିଶୁକନ୍ୟା ଜଣଙ୍କ ସାଙ୍ଗମାନଙ୍କ ସହିତ ଘର ଆଗରେ ଖେଳୁଥିଲେ। ସେହି ସମୟରେ ତଳେ ପଡ଼ିଥିବା ଏକ ଅଫୁଟା ବାଣକୁ ପାଟିରେ ଭର୍ତ୍ତି କରି ଚୋବାଇ ଦେଇଥିଲେ। ଫଳରେ ବାଣଟି ପାଟିରେ ଫୁଟିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଛି।

ଆନନ୍ଦପୁର ଚିକିତ୍ସାଳୟରେ ଶିଶୁକନ୍ୟା।

ଷ୍ଟ୍ରେଚରରେ ବୁହାହେଲେ ରୋଗୀ

କୁଚିଣ୍ଡା,୧୨।୨(ବିରଞ୍ଚି ଦର୍କା)

ରାସ୍ତା ନ ଥିବାରୁ ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ। ପ୍ରାୟ ଅଧ କି.ମି. ଦୂର ଷ୍ଟ୍ରେଚରରେ ରୋଗୀଙ୍କୁ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଗଲା। ପରେ ତାଙ୍କୁ ମେଡିକାଲ ନିଆଯାଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ନିକ୍ରିମାଲ ପଞ୍ଚାୟତ ନାଏକଡିହି ଗ୍ରାମର ଓରାମପଡ଼ାରେ।

ମିଳିଥିବା ସୂଚନା ଅନୁଯାୟୀ, ନାଏକଡିହି ଗ୍ରାମର ଓରାମପଡ଼ା ହେଉଛି ବଣଜଙ୍ଗଲ ଘେରାରେ ଥିବା ଏକ ଛୋଟ ପଡ଼ା। ନାଏକଡିହିରୁ ଓରାମପଡ଼ା ପ୍ରାୟ ୧କି.ମି. ଦୂର ହୋଇଥିଲେ ହେଁ ଏଠାକୁ

ଷ୍ଟ୍ରେଚରରେ ରୋଗୀଙ୍କୁ ବୋହି ନିଆଯାଉଛି।

ପର୍ଯ୍ୟନ୍ତ ଅନେକବାର ଗୁହାରି କରିଛନ୍ତି। ହେଲେ ତାଙ୍କ କଥା କେହି ଶୁଣିନାହାନ୍ତି। ଏହି ପଡ଼ାର କୁନୁ ଓରାମ (୪୫)ଙ୍କ ରବିବାର ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଡାକିଥିଲେ। ମାତ୍ର ଓରାମପଡାକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସଟି ଅଧାବାଟରେ ଅଟକ ରହିଥିଲା। ପରେ ଆମ୍ବୁଲାନ୍ସ ଷ୍ଟାଫ୍ ଓ ପରିବାର ଲୋକେ ମିଶି ଷ୍ଟ୍ରେଚରରେ କୁନୁଙ୍କୁ ଅଧକି.ମି. ବୋହି ଆଣିଥିଲେ। ସେଠାରୁ ଅପରାହ୍ନରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଝାରସୁଗୁଡ଼ା ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୮ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ କୁନୁଙ୍କ ବିଧବା ସ୍ତ୍ରୀ ଓ ୫ ସନ୍ତାନ ଅଛନ୍ତି। ସୂଚନାଯୋଗ୍ୟ, କିଛିବର୍ଷ ତଳେ ଓରାମପଡ଼ାକୁ ରାସ୍ତା ପାଇଁ ଏକ କଲଭର୍ଟ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲେ ହେଁ କୌଣସି କାରଣରୁ ତାହା ସେହି ଅବସ୍ଥାରେ ପଡିରହିଛି। ରାସ୍ତା ଭଲ ରହିଥିଲେ କୁନୁ ଠିକ୍ ସମୟରେ ଚକସାସେବା ପାଇଥାନ୍ତେ ଓ ତାଙ୍କ ଜୀବନ ବଞ୍ଚିଯାଇଥାନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

- ରାସ୍ତା ନ ଥିବାରୁ ଆସିପାରିଲାନି ଆମ୍ବୁଲାନ୍ସ
- ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁ

ଚାଲାଣକାରୀ ଗିରଫ, ବାଘଛାଲ ସହ ବନ୍ଧୁକ ଜବତ

ଦାରିଙ୍ଗବାଡ଼ିରେ ଏସ୍‌ଟିଏଫ୍ ଚଢ଼ାଉ

ଭୁବନେଶ୍ୱର/ଦାରିଙ୍ଗବାଡ଼ି, ୧୨।୨(ସତ୍ୟଜିତ୍ ରାଉତ/ଅରୁଣ ସାହୁ): କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ଦାସିଙ୍ଗିବାଡ଼ି ଘାଟି ନିକଟରେ ସୋମବାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କଠାରୁ ବାଘଛାଲ ସହ ଦେଶୀ ବନ୍ଧୁକ ଜବତ କରିଛି। ଏହି ଘଟଣାରେ ତାଙ୍କୁ ଏସ୍‌ଟିଏଫ୍ ଗିରଫ କରିଛି। ସେ ହେଲେ ଦାରିଙ୍ଗବାଡ଼ି ଥାନା ଅଧୀନ ଗୋହିବାଡ଼ି ଗ୍ରାମର ଘନେଶ୍ୱର ପ୍ରଧାନ। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଘନେଶ୍ୱରଙ୍କୁ କୋର୍ଟକୁ ଚାଲାଣ କରାଯାଇଥିଲା। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପଞ୍ଚ ହାଉସ୍‌ରୁ ୨ ମୃତଦେହ ଜବତ, ପ୍ରେମ ସମ୍ପର୍କ ଚର୍ଚ୍ଚା

ଉମରକୋଟ, ୧୨।୨
(ସନ୍ତୋଷ ଶତପଥୀ)

ପାଣି ଆସିବାରେ ବିଳମ୍ବ ହେଲା। ଏହାର କାରଣ ଜାଣିବାକୁ ଗାଁ ଲୋକେ ପଞ୍ଚ ହାଉସ୍ ନିକଟକୁ ଯାଇଥିଲେ। କିନ୍ତୁ ସେଠାରେ ପହଞ୍ଚି ଦେଖିବା ବେଳକୁ କବାଟ ଭିତରୁ ବନ୍ଦ ଥିଲା। ଝରକା ବାଟେ ଦେଖିବାରୁ ପଞ୍ଚ ହାଉସ୍ ଭିତରେ ୨ଟି ମୃତଦେହ ଝୁଲୁଥିଲା। ସୋମବାର ଏପରି ଘଟଣା ନବରଙ୍ଗପୁର ଜିଲା ଉମରକୋଟ ଥାନା ବୁର୍ଜା ଗାଁରେ ଘଟିଛି। ବୁର୍ଜା ପଞ୍ଚ ହାଉସ୍‌ରୁ ଜଣେ ନାବାଳକ ଓ ଜଣେ ଯୁବତୀଙ୍କ ମୃତଦେହ ମିଳିଛି। ନାବାଳକ ଜଣଙ୍କ ପୂଜାରିଗୁଡ଼ା ଗାଁର ଓ ଯୁବତୀଜଣଙ୍କ ସ୍ଥାନୀୟ ପ୍ରିୟଙ୍କା ଗଣ୍ଡ(୨୦)। ନାବାଳକ ଜଣକ ବୁର୍ଜା ପଞ୍ଚ ହାଉସ୍‌ରେ ପାଣି ଛାଡ଼ିବା ଦାୟିତ୍ୱରେ ଥିଲେ। ସୂଚନାନୁଯାୟୀ, ସୋମବାର ସକାଳେ ପାଣି ଛଡ଼ାଯିବାରେ ବିଳମ୍ବ ହୋଇଥିଲା। ଘଟଣା ବିଷୟରେ ଜାଣିବାକୁ ଗ୍ରାମବାସୀ ପଞ୍ଚ ହାଉସ୍‌ରେ ପହଞ୍ଚି ଥିଲେ। କବାଟ ଭିତର ପଟୁ ବନ୍ଦ ଥିଲା, ଗ୍ରାମବାସୀ ଝରକା ଦେଖିଥିଲେ। ପଞ୍ଚ ହାଉସ୍‌ରେ ୨ଟି ମୃତଦେହ ଝୁଲୁଥିବା ଦେଖି ଉମରକୋଟ ପୋଲିସକୁ ଖବର ଦେଇଥିଲେ। ଏସ୍‌ଆଇ ନୀଳିମା ପାଣିଗ୍ରାହୀ, ଅକ୍ଷୟ ମିଶ୍ର ଓ ସୌମେନ୍ଦ୍ର ସେଠ ପହଞ୍ଚି ଉମରକୋଟ ତହସିଲଦାର ମେଘବନ ବାଗଙ୍କ ଉପସ୍ଥିତିରେ ଉମରକୋଟ ପୋଲିସ ଓ ସାଇଣ୍ଟିଫିକ ଟିମ୍ ପଞ୍ଚ ହାଉସ୍ କବାଟ ଭାଙ୍ଗି ମୃତଦେହ ତଳକୁ ଓହ୍ଲାଇଥିଲେ। ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ଉଭୟ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି। ଉଭୟ ପରିବାର ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ନଂ.୯୮/୨୪ ଓ ୧୦/୨୪ ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ କରାଯାଉଛି ବୋଲି ଏଏସ୍‌ଆଇ ଅକ୍ଷୟ ମିଶ୍ର ଓ ସୌମେନ୍ଦ୍ର ସେଠ୍ କହିଛନ୍ତି।

ସ୍ତ୍ରୀଙ୍କ ଧକ୍କାରେ ସ୍ୱାମୀଙ୍କ ମୃତ୍ୟୁ

ପାରିବାରିକ କଳହର କରୁଣ ପରିଣତି

ଢେଙ୍କିକୋଟ୍,୧୨।୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ଥାନା ବାଲିପୋଖରୀ ପଞ୍ଚାୟତ ଛୋଟରାୟପୁର ଗ୍ରାମରେ ରବିବାର ରାତିରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହୋଇଥିବା ବେଳେ ସ୍ତ୍ରୀଙ୍କ ଧକ୍କାରେ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜେନ ମୁଣ୍ଡା(୩୮)। ସୂଚନା ଅନୁଯାୟୀ, ରାଜେନ ଏବଂ ତାଙ୍କ ସ୍ତ୍ରୀ ଜେମା ମୁଣ୍ଡା(୩୬) ଗ୍ରାମର ଜଣେ ବ୍ୟକ୍ତିଙ୍କ ଶୁଦ୍ଧି କ୍ରିୟା କାର୍ଯ୍ୟକୁ ଯାଇଥିଲେ। ଜେମା ଘରକୁ ଫେରି ଆସିଥିବା ବେଳେ ରାଜେନ ଡେରିରେ ଫେରିଥିଲେ। ସେତେବେଳକୁ ଜେମା ଶୋଇପଡ଼ିଥିଲେ। ରାଜେନ ଆସି ଜେମାଙ୍କୁ ଗାଳିଗୁଲଜ କରିବା ସହ ମାରପିଟ୍ କରିଥିଲେ। ଏଥିରେ ଜେମା ଉତ୍ତ୍ୟକ୍ତ ହୋଇ ରାଜେନଙ୍କୁ ମାଡ଼ ମାରିବା ସହ ଧକ୍କା ମାରିଥିଲେ। ଫଳରେ ଘରର କାନ୍ଥରେ ରାଜେନଙ୍କ ମୁଣ୍ଡ ବାଡ଼େଇ ହୋଇ କାନ ଫାଟି ରକ୍ତସ୍ରାବ ହୋଇ ମୃତ୍ୟୁବରଣ କରିଥିଲେ। ଖବର ପାଇ ଘଟଗାଁ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ, ଥାନା ଆଇଆଇସି ଅଞ୍ଜନ କୁମାର ପାତ୍ର ସାଇଣ୍ଟିଫିକ୍ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ଘଟଗାଁ ଥାନାରେ ଏକ ମାମଲା(ନଂ.୧୦୯/୨୪) ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରାଯାଇ କୋର୍ଟଚାଲାଣ କରାଯାଇଛି। ଜେମାଙ୍କ ୩ ଝିଅ ଓ ଗୋଟିଏ ପୁଅ ଥିବା ଜଣାପଡ଼ିଛି।

ଜନ୍ମ ଦିବସ ଉପଲକ୍ଷେ

ନାଇଟିଙ୍ଗଲ ସରୋଜିନୀ

ସରୋଜିନୀ ନାଇଡୁ, ନାରୀନେତ୍ରୀ, କବୟିତ୍ରୀ ଓ ବାଗ୍ମୀ ଭାବେ ଥିଲେ ବେଶ ପରିଚିତା। ପୁଣି ସେ ଥିଲେ ଦେଶର ପ୍ରଥମ ମହିଳା ରାଜ୍ୟପାଳ ଓ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ମହିଳା ଅଧ୍ୟକ୍ଷ। ତାଙ୍କୁ ଭାରତୀୟ ନାଇଟିଙ୍ଗଲ ବୋଲି ଆଖ୍ୟାୟିତ କରାଯାଏ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଗାନ୍ଧିଜୀଙ୍କ ସହଯୋଗୀ ରୂପେ ସରୋଜିନୀଙ୍କ ଅବଦାନ ଅତୁଳନୀୟ। ଜଣେ ଇଂରାଜୀ କବି ରୂପେ ଭାରତୀୟ ଇଂରାଜୀ ସାହିତ୍ୟର ଇତିହାସରେ ତାଙ୍କ ସ୍ଥାନ ସ୍ୱତନ୍ତ୍ର। ୧୮୭୯ ଫେବୃଆରୀ ୧୩ରେ ହାଇଦ୍ରାବାଦରେ ଜନ୍ମ ଗ୍ରହଣ କରିଥିଲେ ସରୋଜିନୀ। ଡ. ଅଘୋରନାଥ ଚଟ୍ଟୋପାଧ୍ୟାୟ ଓ ତାଙ୍କ ସ୍ତ୍ରୀ ବରଦା ସୁନ୍ଦରୀ ଦେବୀଙ୍କ ୮ ସନ୍ତାନ ମଧ୍ୟରୁ ସେ ଥିଲେ ଜ୍ୟେଷ୍ଠ। ବ୍ରାହ୍ମଣ ପରିବାରରେ ଜନ୍ମହୋଇଥିଲେ ମଧ୍ୟ ହାଇଦ୍ରାବାଦ ସହରରେ ବଢ଼ିଥିବାରୁ ସେ ନିଜକୁ ଅଧା ହିନ୍ଦୁ ଅଧା ମୁସଲମାନ ମନେ କରୁଥିଲେ । ପିତା ଅଘୋରନାଥ ଜଣେ ଜ୍ଞାନୀ,ଗୁଣୀ ଓ ପ୍ରକୃତିପ୍ରେମୀ ବ୍ୟକ୍ତି। ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟରେ ସେ ପାରଦର୍ଶିତା ହାସଲ କରିଥିଲେ। ମାତା ବରଦା ସୁନ୍ଦରୀ ମଧ୍ୟ ଜଣେ ଶିକ୍ଷିତା ମହିଳା ଥିଲେ। ସେ ବଙ୍ଗଳା ଭାଷାରେ କବିତା ରଚନା କରୁଥିଲେ।

ଉଭୟଙ୍କର ପ୍ରତିଭା ସରୋଜିନୀଙ୍କ ପାଖରେ ଦେଖିବାକୁ ମିଳିଥିଲା।

ଉର୍ଦ୍ଦୁ, ତେଲୁଗୁ, ଇଂରାଜୀ, ପାର୍ସୀ ଓ ବଙ୍ଗଳା ଭାଷାରେ ସେ ଦକ୍ଷତା ହାସଲ କରିଥିଲେ। ୧୯୧୪ରୁ ୧୯୧୮ ପର୍ଯ୍ୟନ୍ତ ସେ ଯୁବଶକ୍ତିକୁ ଜାଗ୍ରତ କରାଇବା ସହ ମହିଳା ସଶକ୍ତୀକରଣ ଉପରେ ସମଗ୍ର ଦେଶ ବୁଲି ବକ୍ତୃତା ଦେଇଥିଲେ। ୧୯୧୬ରେ ଜବାହରଲାଲ ନେହେରୁଙ୍କ ସମ୍ପର୍କରେ ଆସିବାପରେ, ଚମ୍ପାରନ ଆନ୍ଦୋଳନରେ ସାମିଲ ହୋଇଥିଲେ। ୧୯୧୯ ଜୁଲାଇରେ ନାଇଡୁ ହୋମ୍‌ରୁଲ୍ ଲିଗ୍‌ର ଇଂଲଣ୍ଡ ଦୂତଭାବେ ଅବସ୍ଥାପିତ ହେଲେ। ୧୯୨୦ରେ ଭାରତ ଫେରିଲେ ଓ ଅଗଷ୍ଟ ୧ରେ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା। ୧୯୨୫ରେ କଂଗ୍ରେସର ଅଧ୍ୟକ୍ଷ ଭାବେ ନିର୍ବାଚିତ ହେଲେ । ୧୯୩୦ ଜାନୁୟାରୀ ୨୬ରେ ମହାତ୍ମା ଗାନ୍ଧୀ ଗିରଫ ହେବାର କିଛି ସମୟ ପରେ ସରୋଜିନୀ ନାଇଡୁଙ୍କୁ ମଧ୍ୟ ଗିରଫ କରାଗଲା ଓ ତାଙ୍କୁ ୧୯୩୧ ଜାନୁୟାରୀ ୩୧ପର୍ଯ୍ୟନ୍ତ ଜେଲରେ ରହିବାକୁ ପଡ଼ିଥିଲା । ଭାରତ ସ୍ୱାଧୀନ ହେବାପରେ ସରୋଜିନୀ ଉତ୍ତର ପ୍ରଦେଶ ତଥା ଭାରତର ପ୍ରଥମ ମହିଳା ରାଜ୍ୟପାଳ ହେଲେ। ଅଧିକାର ପାଇଁ ସଂଗ୍ରାମ ହେଉ କିମ୍ବା ହିନ୍ଦୁ-ମୁସଲମାନ ଏକତା ପ୍ରସଙ୍ଗ ହେଉ ସେ ସର୍ବଦା ନିଷ୍ଠା ଓ ସାହସିକତା ଦେଖାଇଥିଲେ। ସେଥିପାଇଁ ଗାନ୍ଧିଜୀ ତାଙ୍କୁ ଶ୍ରଦ୍ଧାରେ 'ଆଜିର ମୀରାବାଈ' ବୋଲି ଡାକୁଥିଲେ। ୧୯୩୧ରେ ଲଣ୍ଡନ ଗୋଲ ଟେବୁଲ ବୈଠକରେ ଭାରତୀୟ ମହିଳାଙ୍କର ପ୍ରତିନିଧିତ୍ୱ କରିଥିବା ସରୋଜିନୀଙ୍କର ୧୯୪୯ ମସିହା ମାର୍ଚ୍ଚ ୩ରେ ପରଲୋକ ଘଟିଥିଲା। ସରୋଜିନୀଙ୍କ ଇଂରାଜୀ କବିତା ଗ୍ରନ୍ଥ 'ଇଣ୍ଡିଆନ ଡ୍ୟାନ୍‌ସର୍ସ', 'ଦି ଇଣ୍ଡିଆନ ଜିପ୍ସି', 'ଦ କୁଇନ୍ସ ରାଇଭାଲ', 'ନାଇଟ ଫଲ୍ ଇନ୍ ଦ ସିଟ୍ ଅଫ୍ ହାଇଦ୍ରାବାଦ', 'ଟୁ ଇଣ୍ଡିଆ' ଏବଂ 'ଗୁରେଦାନ' ବେଶ ପ୍ରଭାବଶାଳୀ । ଏଥିସହ ତାଙ୍କ ରଚିତ ଦ ଗୋଲ୍ଡନ ଥ୍ରେସ୍ ହୋଲ୍ଡ – ୧୯୦୫,ଦ ବାର୍ଡ ଅବ

ପୁନଃ ଟେଣ୍ଡର କରି ଶୀଘ୍ର କାମ ଶେଷ କର

ମାଙ୍କଡ଼ିଆ ବସତି କଲୋନୀ: ଲୋକାୟୁକ୍ତ ଚୂଡ଼ାନ୍ତ ରାୟ

- ଠିକାଦାର, ଅଧିକାରୀଙ୍କ ଅସାମର୍ଥ୍ୟତା ଦାୟୀ
- ଚୁକ୍ତି ବାତିଲ କରି ଜରିମାନା ଆଦାୟ ପ୍ରସ୍ତାବ

ଅର୍ଦ୍ଧନିର୍ମିତ ଅବସ୍ଥାରେ ମାଙ୍କଡ଼ିଆ ବସତି କଲୋନୀ।

ଯାଜପୁର,୧୨।୨(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳର ମାଙ୍କଡ଼ିଆ ସମ୍ପ୍ରଦାୟ ଜନଜାତିଙ୍କ ପାଇଁ ନିର୍ମାଣାଧୀନ ବସତି କଲୋନୀରେ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ଉପରେ ଲୋକାୟୁକ୍ତଙ୍କ ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ଭିଜିଲାନ୍ସ ତଦନ୍ତ ରିପୋର୍ଟକୁ ଆଧାର କରି ତୁରନ୍ତ ପୁନଃ ଟେଣ୍ଡର କରି ନିର୍ଦ୍ଧାରିତ ସମୟ ସୀମାରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ହେବା ସହ ପ୍ରକଳ୍ପଟି ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହୋଇ ନ ପାରିବା ପଛରେ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଅସାମର୍ଥ୍ୟତା ହିଁ ଦାୟୀ। ଉକ୍ତ ନିର୍ଦ୍ଦେଶରେ ଆହୁରି ଦର୍ଶାଯାଇଛି ଯେ, ସମ୍ପୃକ୍ତ ଅଧିକାରୀମାନେ ଠିକାଦାରଙ୍କ ସହିତ ହୋଇଥିବା ଚୁକ୍ତିକୁ ବାତିଲ କରିବା ସହ ଜରିମାନା ଆଦାୟ କରିବା ଉଚିତ ଥିଲା। କାର୍ଯ୍ୟର ମାପ ଆଧାରରେ ଦେୟଗୁଡ଼ିକ କଡ଼ାକଡ଼ି କରାଯାଇଛି। ଭିଜିଲାନ୍ସ ତଦନ୍ତ ସମୟରେ କୌଣସି ବେଆଇନ କିମ୍ବା ଆର୍ଥିକ ଅନିୟମିତତା ହୋଇନାହିଁ। ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଗ, ଡିଏମ୍‌ଏଫ୍‌(ଜିଲା ଖଣିଜ ପ୍ରତିଷ୍ଠାନ)ର ପରିଚାଳନା ଟ୍ରଷ୍ଟି ତଥା ଜିଲାପାଳ ପ୍ରାଥମିକତା ଭିତ୍ତିରେ ଉକ୍ତ ପ୍ରକଳ୍ପର ପୁନଃ ନିର୍ମାଣ ଏବଂ ସମାପ୍ତ କରିବା ପାଇଁ ତତ୍ପରତା ପ୍ରକାଶ କରିବେ। ଫଳରେ ମାଙ୍କଡ଼ିଆ ଜନଜାତିର ପରିବାରବର୍ଗ ପୁଣି ଉପକୃତ ହୋଇପାରିବେ। ଏହାକୁ ଗୁରୁତ୍ୱ ଦେଇ ଏହି ମାମଲାକୁ ବନ୍ଦ କରି ଦିଆଗଲା ବୋଲି ଲୋକାୟୁକ୍ତଙ୍କ ପକ୍ଷରୁ ହୋଇଥିବା ନିର୍ଦ୍ଦେଶରେ ଦର୍ଶାଯାଇଛି।

ସୂଚନାଯୋଗ୍ୟ, ମାଙ୍କଡ଼ିଆ ଜନଜାତିଙ୍କ ପାଇଁ ନିର୍ମାଣ ହେଉଥିବା ବସତି କଲୋନୀ ଅତି ନିମ୍ନମାନର ହେଉଥିବା ନେଇ ସାମାଜିକ କର୍ମୀ ମଣ୍ଟୁ ଦାସଙ୍କ ଅଭିଯୋଗ କ୍ରମେ ଲୋକାୟୁକ୍ତରେ ୩୪୬/୨୦୨୩ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାକୁ ଲୋକାୟୁକ୍ତ ଗ୍ରହଣ କରି ଭିଜିଲାନ୍ସ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଅନୁସାରେ ମାଙ୍କଡ଼ିଆ ଜନଜାତି ଜଙ୍ଗଲ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଯାଜପୁର, ମୟୂରଭଞ୍ଜ, ସମ୍ବଲପୁର ଓ କଳାହାଣ୍ଡି ଜିଲାରେ ଏହି ଜନଜାତିମାନେ ବସବାସ କରିଥାନ୍ତି। ଏମାନେ ପାର୍ଟିକୁଲାର ଭୁଲନେରେବୁଲ ଟ୍ରାଇବାଲ ଗ୍ରୁପ(ପିଭିଟିଜି) ବର୍ଗ ଅଧୀନରେ ଆସୁଛନ୍ତି। ବର୍ତ୍ତମାନ ଏହି ସମ୍ପ୍ରଦାୟର ୮୭ ପରିବାର କାଳିଆପାଣି ଖଣି ନିକଟସ୍ଥ ମଲ୍ଲାରସାହି ଗ୍ରାମରେ ବସବାସ କରୁଛନ୍ତି। ପ୍ରତ୍ୟେକ ପରିବାରକୁ ଘର ସମେତ ପାନୀୟ ଜଳ, ପାଇଖାନା, ଗାଧୋଇବା ଘର, ବିଦ୍ୟୁତ୍ ସଂଯୋଗ ଆଦି ଯୋଗାଇ ଦେବାକୁ ଡିଏମ୍‌ଏଫ ପାଣ୍ଠିରୁ ୩ କୋଟି ୨୫ ଲକ୍ଷ ୧୮ ହଜାର ୩୯୨ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ମଞ୍ଜୁର ପାଣ୍ଠିରୁ ପ୍ରାୟ ୮୭ ପ୍ରତିଶତ ଖର୍ଚ୍ଚ ହୋଇସାରିଛି। ଏହାସହ ଘର ସମେତ ଅନ୍ୟାନ୍ୟ ଅନୁଷଙ୍ଗିକ ସୁବିଧା ୨୧।୨।୨୦୨୦ ସୁଦ୍ଧା ଶେଷ ହେବା କଥା। କିନ୍ତୁ ଏହି ଅବଧିର ୪ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ମାଙ୍କଡ଼ିଆ ଜନଜାତି ପରିବାରଙ୍କ ପାଇଁ ପକ୍କା ଘର ଏଯାଏ ସପନ ହୋଇଛି।

ଉକ୍ତ ଅଭିଯୋଗକୁ ଆଧାର କରି ଭିଜିଲାନ୍ସ ପକ୍ଷରୁ ବୈଷୟିକ ତଦନ୍ତ ହୋଇଥିଲା। ଉକ୍ତ ତଦନ୍ତରେ ପ୍ରକଳ୍ପଟି ନିର୍ମାଣାଧୀନ ରହିଛି। ତେବେ କାର୍ଯ୍ୟରେ ଅବହେଳା ଓ ବିଳମ୍ବ ଯୋଗୁ ଠିକାସଂସ୍ଥାକୁ ୧୫,୧୨,୩୪୦ ଟଙ୍କା ଜରିମାନା ହୋଇଛି। ସମ୍ପୃକ୍ତ ଠିକାସଂସ୍ଥାକୁ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ୫ଟି ଇନଷ୍ଟାଲମେଣ୍ଟରେ ୨ କୋଟି ୫୧ ଲକ୍ଷ ୭ ହଜାର ୭୫ ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟର ମାପ ଅନୁସାରେ ଏହି ଅର୍ଥ ପ୍ରଦାନ ହୋଇଛି। ତେବେ ଉକ୍ତ ପ୍ରକଳ୍ପ ଯଦି ସମ୍ପୂର୍ଣ୍ଣ ନ ହେବ, ତେବେ ସରକାରଙ୍କ ଲକ୍ଷ୍ୟ ସାଧିତ ହୋଇ ପାରିବ ନାହିଁ। ଏହାସହ ସରକାରଙ୍କ ଉପରୋକ୍ତ ଅର୍ଥ ବ୍ୟୟ ମୂଲ୍ୟହୀନ ହେବ। ଏହି ପ୍ରକଳ୍ପ କାର୍ଯ୍ୟ ୨୦୧୯ରୁ ୨୦୨୧ ମଧ୍ୟରେ ହୋଇଛି। ଇତିମଧ୍ୟରେ ୫ଟି ବର୍ଷା ଋତୁ ଅତିକ୍ରାନ୍ତ ହୋଇସାରିଛି। ତେଣୁ ଉକ୍ତ ପ୍ରକଳ୍ପ କାର୍ଯ୍ୟ ପୁଣି ତୁରନ୍ତ ଆରମ୍ଭ ହେଲେ ନିର୍ମାଣ ହୋଇଥିବା ଗୃହଗୁଡ଼ିକ ନଷ୍ଟ ହୋଇଯିବ। ଏହିକ୍ରମରେ ପୁନଃ ଟେଣ୍ଡର ପ୍ରକ୍ରିୟା କରି ଘରଗୁଡ଼ିକୁ ସମ୍ପୂର୍ଣ୍ଣ କରାଗଲେ ମାଙ୍କଡ଼ିଆ ଜନଜାତି ଉପକୃତ ହୋଇପାରିବେ ବୋଲି ଭିଜିଲାନ୍ସର ବୈଷୟିକ ତଦନ୍ତକାରୀ ଦଳ ରିପୋର୍ଟରେ ଉଲ୍ଲେଖ କରିଥିଲେ। ତେବେ ଉକ୍ତ ତଦନ୍ତ ରିପୋର୍ଟର କେତେ ସତ୍ୟତା ରହିଛି ତାହାର ନିର୍ମାଣ ହୋଇଥିବା ଘରଗୁଡ଼ିକର ସ୍ଥାୟିତ୍ୱ ଉପରେ ନିର୍ଭର କରିବ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

ଗହୀରମଥାରେ ଅଲିଭ୍‌ରିଡ୍‌ଲେଙ୍କ ବିକ୍ଷିପ୍ତ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ

ବନ ବିଭାଗ ପକ୍ଷରୁ କରାଯାଇଥିବା ହାଚେରିରେ ଅଲିଭ୍ ରିଡ୍‌ଲେ କଇଁଛକୁ କର୍ମଚାରୀମାନେ ଗାତ ଖୋଳି ରଖୁଛନ୍ତି।

ରାଜନଗର, ୧୨।୨(ଭାସ୍କର ରାଉତରାୟ)

ବିଶ୍ୱପ୍ରସିଦ୍ଧ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଅନ୍ତୁଡ଼ିଶାଳ ଗହୀରମଥାର ଜଳରାଶିରେ ଲକ୍ଷ ଲକ୍ଷ ମା' କଇଁଛଙ୍କୁ ଦେଖିବାକୁ ମିଳୁଛି। ମା' କଇଁଛମାନେ ଏବେ କୂଳମୁହାଁ ହେବାରେ ଲାଗିଛନ୍ତି। କେତେକ ମା' କଇଁଛ ବିକ୍ଷିପ୍ତ ଭାବେ ଅଣ୍ଡାଦାନ ପ୍ରକ୍ରିୟାର ଆରମ୍ଭ କରି ଦେଇଛନ୍ତି। ଗହୀରମଥାର ନାସୀ-୨ ରେ ୬ଟି ଅଲିଭରିଡଲେ କଇଁଛ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଏହି ଅଣ୍ଡାଗୁଡ଼ିକୁ ସଂଗ୍ରହ କରାଯାଇ ବନ ବିଭାଗ ପକ୍ଷରୁ କରାଯାଇଥିବା ହାଚେରିରେ ରଖାଯାଇଛି। ଯେଉଁ ଆକୃତିର ଗାତ ଖୋଳି ଏବଂ ଯେତିକି ଗଭୀର ଗାତ ଖୋଳି କଇଁଛ ଅଣ୍ଡା ଦେଇଛି, ସମାନ ଆକୃତି ଓ ସମାନ ଗଭୀରର ଗାତ ଖୋଳି ଅସ୍ଥାୟୀ ହାଚେରିରେ ଅଣ୍ଡାଗୁଡିକୁ ରଖାଯାଇ ବାଲି ଘୋଡାଇ ଦିଆଯାଇଛି। ଫେବୃଆରୀ ଦ୍ୱିତୀୟ ସପ୍ତାହ ହୋଇଥିଲେ ମଧ୍ୟ ଏଯାଏଁ ଅଲିଭ୍‌ରିଡ୍‌ଲେ କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି। ସମୁଦ୍ର କୂଳୁଁ ଦେଢ କିଲୋମିଟର ମଧ୍ୟରେ ସାତସଭାୟାରୁ ନାସୀ-୨ ଯାଏଁ ଲକ୍ଷାଧିକ କଇଁଛ ଭିଡ଼ ଜମାଇବା ସହ ପାଣି ଉପରକୁ ମୁଣ୍ଡ ଟେକିବାର ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ପାଗ ଅନୁକୂଳ ସହିତ କୂଳକୁ ଅଲିଭ୍‌ରିଡ୍‌ଲେ କଇଁଛ ଆସୁଥିବାରୁ ଗଣ ଅଣ୍ଡାଦାନ ପ୍ରକ୍ରିୟା ଠିକ୍ ସମୟରେ ହେବ ବୋଲି କୁହାଯାଉଛି। ୨୦୨୨ ମାର୍ଚ୍ଚ ୧୭ରେ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ୨୦୨୩ରେ ମାର୍ଚ୍ଚ ୯ରେ ଗଣଅଣ୍ଡାଦାନ ହୋଇଥିଲା। ଗତବର୍ଷ ଗହୀରମଥାରେ ମାର୍ଚ୍ଚ ୯ରୁ ୧୩ ତାରିଖ ମଧ୍ୟରେ ୫ ଲକ୍ଷ ୧୨ ହଜାର ୧୭୫ ଅଲିଭ୍‌ରିଡ୍‌ଲେ କଇଁଛ ଗଣଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ନଭେମ୍ବର ୧ ଠାରୁ ମେ ୩୧ ତାରିଖ ଯାଏ ଦୀର୍ଘ ୭ ମାସ ଧରି ଧାମରା ମୁହାଣଠାରୁ ଦେବୀ ମୁହାଣ ଯାଏଁ ଦୀର୍ଘ ୧୨୦ କିଲୋମିଟର ଉପକୂଳରେ ମାଛ ଧରା ଉପରେ ବନ ବିଭାଗ ପକ୍ଷରୁ କଟକଣା ଜାରି କରାଯାଇଛି। ଏହି ବିରଳ କଇଁଛଙ୍କ ସୁରକ୍ଷା ପାଇଁ ବନ ବିଭାଗ, କୋଷ୍ଟଗାର୍ଡ, ମତ୍ସ୍ୟ ବିଭାଗ ଓ ସାମୁଦ୍ରିକ ଥାନା ପକ୍ଷରୁ ମିଳିତ ପାଇଁତରା ଦିଆଯାଉଛି। ଏହି ପାଟ୍ରୋଲିଂ ସମୟରେ ନିଷିଦ୍ଧାଞ୍ଚଳରେ ମାଛ ଧରୁଥିବା ୩୦ରୁ ଉର୍ଦ୍ଧ୍ୱ ଟ୍ରଲର ଜବତ ହୋଇଥିବା ବେଳେ ୫ଶହରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି।

୧୯ରେ ଗଣ ସତ୍ୟାଗ୍ରହ ନିଷ୍ପତ୍ତି

ଯାଜପୁର ଟାଉନ,୧୨।୨
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :

ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚର ଆହ୍ୱାନ

ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚ ପକ୍ଷରୁ ଆସନ୍ତା ୧୯ରେ ଗଣସତ୍ୟାଗ୍ରହ କରାଯିବ ବୋଲି ସୂଚନା ଦିଆଯାଇଛି । ୨୦୧୩ ପୂର୍ବରୁ ବିଭିନ୍ନ ଚିଟ୍‌ଫଣ୍ଡ କମ୍ପାନୀ ଲୋକମାନଙ୍କଠାରୁ ଅନେକ କୋଟି ଟଙ୍କା ନେଇ ଫେରସ୍ତ କରି ନ ଥିବା ବେଳେ ରାଜ୍ୟ ସରକାର କମିଶନ ବସାଇ କ୍ଷତିଗ୍ରସ୍ତମାନଙ୍କୁ ଟଙ୍କା ଫେରସ୍ତ ଦେବାର ପ୍ରଲୋଭନ ଦେଖାଇ ଆଜି ପର୍ଯ୍ୟନ୍ତ କ୍ଷତିଗ୍ରସ୍ତମାନଙ୍କୁ ଟଙ୍କା ଫେରସ୍ତ କରାଯାଇନାହିଁ। ସେହିପରି ଯାଜପୁର ଜିଲା ସମେତ ବିଭିନ୍ନ ଜିଲାର ରୋଜ୍‌ଭେଲି କମ୍ପାନୀର ଜମାକାରୀଙ୍କଠାରୁ ମୂଳଜମା ରାଶିର ଅସଲ ପ୍ରମାଣପତ୍ର ଆର.ଆଇ. ଓ ତହସିଲଦାରଙ୍କ ଜରିଆରେ ରାଜ୍ୟ ସରକାର ନେଇଯାଇଥିଲେ ମଧ୍ୟ କ୍ଷତିଗ୍ରସ୍ତକାରୀମାନଙ୍କୁ ଟଙ୍କା ଫେରସ୍ତ କରିନାହାନ୍ତି। ସେହିପରି ସିସୋର, ଗୋଲ୍‌ଡେନ୍ ଲ୍ୟାଣ୍ଡ ସମେତ ୨୦ଟି କମ୍ପାନୀର ଜମାକାରୀଙ୍କୁ ଅର୍ଥ ଫେରସ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସରକାର ଉକ୍ତ କମ୍ପାନୀମାନଙ୍କର ସମ୍ପତ୍ତିକୁ ଶାଗମାଛ ଦାମରେ ବିକି ନିଜ ପାଖରେ ସେହି ଅର୍ଥ ରଖିଛନ୍ତି। ଏଥିପାଇଁ ଯାଜପୁର ଜିଲାର ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚ ସୋମବାର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ଖବରଦାତା ସମ୍ମିଳନୀ କରି ଆସନ୍ତା ୧୯ ତାରିଖ ଦିନ ଜମାକାରୀ ଗଣସତ୍ୟାଗ୍ରହ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ ଦିନ ଜିଲାର ସମସ୍ତ ଚିଟ୍‌ଫଣ୍ଡ କମ୍ପାନୀ ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀ ସ୍ଥାନୀୟ ଏନ.ସି କଲେଜ୍ ପଡ଼ିଆରେ ସମାବେଶ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣସତ୍ୟାଗ୍ରହ କରାଯିବା ବୋଲି ଆହ୍ୱାନ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ମିଳିତ ମଞ୍ଚର ରାଜ୍ୟ ଯୁଗ୍ମ ଆବାହକ ଉମେଶ ଚନ୍ଦ୍ର ନାୟକ, ଜିଲା ସଭାପତି ବିଷ୍ଣୁଚରଣ ଢେନା, ସମ୍ପାଦକ ଉମେଶ କୁମାର ସାହୁ, ତିଗ୍‌ମାଂଶୁ ମହାରଣ୍ୟ , ଆଲୋକ ବାରିକ , ଯତିନ କୁମାର ଦାସ, ରାମଚନ୍ଦ୍ର ମହାପାତ୍ର, ପ୍ରଦୀପ ସାହୁ, ବନମାଳୀ ବାରିକ, ଅର୍ଜୁନ କୁମାର ବେହେରା, ରଞ୍ଜନ ବେହେରା, ଆଲୋକ ପତି ପ୍ରମୁଖ ଉପସ୍ଥିତ ଥିଲେ।

ସାକ ରତା ଅନୁସାରେ ନିଯୁକ୍ତି ନାହିଁ

କେନ୍ଦ୍ରାପଡ଼ା, ୧୨।୨ (ଜଗନ୍ନାଥ ଧଳ)

- ପ୍ରତିଶ୍ରୁତିରେ ପଡ଼ିରହିଛି ଶିଳ୍ପ, ପର୍ଯ୍ୟଟନର ବିକାଶ
- ଅତିଶୟ ପ୍ରାକୃତିକ ବିପର୍ଯ୍ୟୟର ନିରାକରଣ ନାହିଁ
- ମାନବ ଚାଲାଣ ପାଇଁ ସୁଯୋଗ ସୃଷ୍ଟି ଅଭିଯୋଗ

କେନ୍ଦ୍ରପଡ଼ା ଜିଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ।

ରାଜ୍ୟର ଅନ୍ୟ ଜିଲା ତୁଳନାରେ କେନ୍ଦ୍ରାପଡ଼ାରେ ସାକ୍ଷରଙ୍କ ସଂଖ୍ୟା କମ୍ ନୁହେଁ। ଏଠାରେ ୮୫.୯୩ ପ୍ରତିଶତ ସାକ୍ଷର। ୫୭ହଜାରରୁ ଅଧିକ ସ୍ନାତକ ଓ ତାହାଠାରୁ ଉପର ଡିଗ୍ରୀଧାରୀ ଜିଲା କର୍ମନିୟୋଜନ କେନ୍ଦ୍ରରେ ନାମ ପଞ୍ଜୀକରଣ କରିଛନ୍ତି। ସେହିପରି ଜିଲାର ଉର୍ବର ମୃତ୍ତିକା ଅର୍ଥନୈତିକ ଫସଲ ଉତ୍ପାଦନ ପାଇଁ ସକ୍ଷମ। ଜାତୀୟ ଉଦ୍ୟାନ ଭିତରକନିକା ସମେତ ଶ୍ରୀବଳଦେବଜୀଉଙ୍କ ପାଇଁ ଆଧ୍ୟାତ୍ମିକ କ୍ଷେତ୍ର ହୋଇଥିବାରୁ ପର୍ଯ୍ୟଟନ ଶିଳ୍ପ ନିମନ୍ତେ ଉପଯୋଗୀ। ଏଥିସହ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ବିଭିନ୍ନ ସମୟରେ ଜମି ଅଧିଗ୍ରହଣ ହୋଇଛି। ଏସବୁ ସତ୍ତ୍ୱେ ଜିଲା ଆର୍ଥିକ ବିକାଶ କ୍ଷେତ୍ରରେ କେବିକେଠାରୁ ପଛରେ ଥିବା ରାଜ୍ୟ ଅର୍ଥନୈତିକ ସର୍ଭେ ରିପୋର୍ଟ ଦର୍ଶାଉଛି। ବନ୍ୟା, ବାତ୍ୟା, ମରୁଡ଼ି, ତଟକ୍ଷୟ ଆଦି ପ୍ରାକୃତିକ ବିପର୍ଯ୍ୟୟ ଜିଲାରେ ଯୁବବର୍ଗଙ୍କୁ କୃଷି ପ୍ରତି ବିମୁଖ କରାଇଛି। ପର୍ଯ୍ୟଟନ ଓ ଶିଳ୍ପର ବିକାଶ ହୋଇପାରୁ ନ ଥିବାରୁ ଯୁବବର୍ଗ ଦାଦନ ଖଟିବାକୁ ଜିଲା ବାହାରକୁ ଯାଉଛନ୍ତି। ଏପରିକି ମାନବ ଚାଲାଣ ଓ ଶ୍ରମିକ ନିର୍ଯାତନା ଖବର ବାରମ୍ବାର ଆସୁଥିବା ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ପ୍ରତାପ କୁମାର ପାଢ଼ୀ, ମାନବାଧିକାର କର୍ମୀ ସାଗର ଜେନା, ସାମାଜିକ କର୍ମୀ ମନୋଜ କୁମାର ନାୟକ, ବାନାମ୍ବର ସାହୁ, ଡା. ମିଲନ କୁମାର ପ୍ରମୁଖ କହିଛନ୍ତି, ସମସ୍ତ ଭିତ୍ତିଭୂମି ସତ୍ତ୍ୱେ ଜିଲାର ବିକାଶ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ। ଏହି ଜିଲାର ପ୍ରତିବର୍ଗ କିଲୋମିଟରରେ ୫୪୫ରୁ ଉର୍ଦ୍ଧ୍ୱ ଲୋକ ରହୁଛନ୍ତି। ଏହି ଲୋକସମ୍ବଳକୁ ବିନିଯୋଗ ପାଇଁ ଦକ୍ଷତାଭିତ୍ତିକ ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ ନାହିଁ। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ ଯୁବବର୍ଗଙ୍କ ଆଗ୍ରହ ବଢୁଥିଲେ ମଧ୍ୟ ଏଥିରେ ଜିଲା ଶିଳ୍ପକେନ୍ଦ୍ର ଓ ବ୍ୟାଙ୍କ ସହଯୋଗ ଦେଉନାହାନ୍ତି। କୃଷିକ୍ଷେତ୍ରରେ ଜୀବିକା ନିର୍ବାହ ପାଇଁ ଯୁବବର୍ଗ ଆଗ୍ରହ ପ୍ରକାଶ କରୁନାହାନ୍ତି। ରାଜ୍ୟର ଦ୍ୱିତୀୟ ବୃହତମ ଜଳପଥ ଏହି ଜିଲାରେ ଅଛି। ତେବେ ଏହାର ଜଳ ପରିଚାଳନା ଜିଲାବାସୀଙ୍କ ପାଇଁ ଏକ ସମସ୍ୟା ହୋଇଛି। ୧ଲକ୍ଷ ୫୨ ହଜାର ଏକର ଚାଷୋପଯୋଗୀ ଜମିରେ ଜଳସେଚନ ଓ ନିଷ୍ଠାସନ ସମସ୍ୟାର ସମାଧାନ ହୋଇପାରୁନାହିଁ। ନଦୀରେ ଆସୁଥିବା ବନ୍ୟାରେ ପ୍ରତିବର୍ଷ ୫୫ଟି ପଞ୍ଚାୟତ କ୍ଷତିଗ୍ରସ୍ତ ହେଉଥିବା ବେଳେ ଅଧିକ ହେଲେ ଜିଲାର ଚାଷକୁ ପ୍ରଭାବିତ କରୁଛି। ସାମୁଦ୍ରିକ ତଟକ୍ଷୟ ଏକ ବୃହତ୍ ସମସ୍ୟା। ଜିଲାର ୭୪୪ କି.ମି. ତଟବନ୍ଧରୁ ୨୩୪ କି.ମି. ଅସୁରକ୍ଷିତ ହୋଇ ରହିଛି। ସାମୁଦ୍ରିକ ବାତ୍ୟା ଓ ମରୁଡି କୃଷି ଫସଲକୁ ପ୍ରଭାବିତ କରୁଛି। ପର୍ଯ୍ୟଟନ ଶିଳ୍ପର ବିକାଶ ହେଲେ କର୍ମନିଯୁକ୍ତି ସମସ୍ୟାର ସମାଧାନ କିଛିମାତ୍ରାରେ ହୋଇପାରିବ। ଦୀର୍ଘଦିନ ଧରି ଶିଳ୍ପ ପ୍ରତିଷ୍ଠା ପାଇଁ ଜିଲାବାସୀଙ୍କୁ ସ୍ୱପ୍ନ ଦେଖାଯାଉଛି। ଏପରିକି ମହାକାଳପଡ଼ା, କେନ୍ଦ୍ରାପଡ଼ା, ମାର୍ଶାଘାଇ ଓ ଡେରାବିଶ ବ୍ଲକ ଅଞ୍ଚଳରେ ଏଥିପାଇଁ ଜମି ଅଧିଗ୍ରହଣ କରାଯାଉଛି। ମାତ୍ର ସ୍ୱାଧୀନତାର ୭୬ ବର୍ଷ ପରେ ମଧ୍ୟ ମଧ୍ୟମ ଧରଣର ଶିଳ୍ପଟିଏ ନାହିଁ। ଫଳରେ କର୍ମନିଯୁକ୍ତି ପାଇଁ ଯୁବବର୍ଗ ଜିଲା ବାହାରକୁ ଯାଉଛନ୍ତି। ପଟ୍ଟାମୁଣ୍ଡାଇ ଥାନା ନୀଳକଣ୍ଠପୁର ଗ୍ରାମର ରବୀନ୍ଦ୍ର ସାହୁଙ୍କ ୩୧ ବର୍ଷୀୟ ପୁଅ ସନ୍ତୋଷ ଦୀର୍ଘ ୧୦ ବର୍ଷ ଧରି କର୍ମନିଯୁକ୍ତି ପାଇଁ ବାହାରକୁ ଯାଇ ନିଖୋଜ ଅଛନ୍ତି। କେବଳ ସନ୍ତୋଷ ନୁହନ୍ତି, ବହୁ ସଂଖ୍ୟାରେ ମହିଳା, ନାବାଳିକା, ଯୁବକ ନିଖୋଜ ଥିବା ଥାନା ମାମଲାଗୁଡ଼ିକରୁ ଜଣାପଡୁଛି। ଜିଲାରେ ମାନବ ଚୋରାଚାଲାଣ କରାଯାଉଥିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ସେହିପରି ୪ ବର୍ଷକୁ ହିସାବକୁ ନେଲେ ଜିଲାରେ ପ୍ରାୟ ୫୦୦ରୁ ଅଧିକ ଦାଦନ ଶ୍ରମିକଙ୍କ ନିର୍ଯାତନା ଖବର ଶୁଣିବାକୁ ମିଳିଛି। କର୍ମନିଯୁକ୍ତି ପାଇଁ ପ୍ରଶାସକ ଓ ରାଜନେତାଙ୍କ ମିଳିତ ପ୍ରୟାସ ଆବଶ୍ୟକ। ତେବେ ଏହି ଜିଲାରେ ସେମାନଙ୍କର ସମନ୍ୱୟର ଅଭାବ ଅଛି ବୋଲି ବୁଦ୍ଧିଜୀବୀମାନେ ମତ ରଖିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଜିଲାରେ କର୍ମନିଯୁକ୍ତି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଦକ୍ଷତା ବିକାଶ ତାଲିମ କେନ୍ଦ୍ର ପ୍ରତିଷ୍ଠା ସହ ଜିଲାର ଉତ୍ପାଦିତ ସାମଗ୍ରୀ ବିକ୍ରି ପାଇଁ ବ୍ୟବସ୍ଥା ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଜାରି ରହିଥିବା ବେଳେ

ଜୈବିକ କୃଷିକୁ ଆପଣାଅ, ମାଟିକୁ ସୁସ୍ଥ ରଖ

ଜିଲା କୃଷି ମହୋତ୍ସବ ଉଦ୍‌ଘାଟିତ

ନୟାଗଡ଼,୧୨।୨ (ଲୋକନାଥ ମିଶ୍ର)

ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କ୍ୟାମ୍ପସରେ ନୟାଗଡ଼ ଜିଲା କୃଷି ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏହାକୁ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଉଦ୍‌ଘାଟନ କରିଥିଲେ। ମହୋତ୍ସବ ୧୫ତାରିଖରେ ଉଦ୍‌ଯାପନ ହେବ। ତେବେ ୧୪ ତାରିଖରେ ସରସ୍ୱତୀ ପୂଜା ଯୋଗୁ ଉତ୍ସବ ପାଳନ ହେବନାହିଁ। ଏଥିରେ ଜିଲା ମୁଖ୍ୟ କୃଷି ଅଧିକାରୀ ହରି ଚରଣ ରଥ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ମାନସୀ ନନ୍ଦ, ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଶାନ୍ତ ମିଶ୍ର, ମତ୍ସ୍ୟ ଅଧିକାରୀ ପ୍ରକାଶ କୁମାର ତ୍ରିପାଠୀ, ମୃତ୍ତିକା ସଂରକ୍ଷଣର ସହକାରୀ ନିର୍ଦ୍ଦେଶକ କାଳୀ ଚରଣ ବେହେରା, ପାଣି ପୋଇଲାସ୍ଥିତି କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଅନିଲ କୁମାର ସ୍ୱାଇଁ, ପାଣି ପୋଇଲା ସ୍ଥିତି କୃଷି ବିଜ୍ଞାନ କେନ୍ଦ୍ରସ୍ଥ ଆଖୁ ଗବେଷଣାଗାରର ବୈଜ୍ଞାନିକ ଦେବଦୁତ ସେଠୀ, ସିକ୍ମ ଅଫିସର ଜ୍ୟୋତିରେଖା ପଟ୍ଟନାୟକ, ଆତ୍ମାର ପ୍ରକଳ୍ପ ନିର୍ଦ୍ଦେଶକ ସ୍ୱାଗତିକା ପତି ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ବକ୍ତାମାନେ କହିଥିଲେ ଜୈବିକ କୃଷିକୁ ଅପଣେଇ ମାଟି ମା'କୁ ସୁସ୍ଥ ରଖିବା ଦରକାର। ମାଟି ସୁସ୍ଥ ହେଲେ ଆମେ ରୋଗିଣା ହେବାନି ବୋଲି କହିଥିଲେ। ତୃପ୍ତି ତାପସି ଧନ୍ୟବାଦ ଦେଇଥିଲେ। ସଭା ପରେ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଉପରେ ଏକ ସେମିନାର ହୋଇଥିଲା। ମାଟିର ସ୍ୱାସ୍ଥ୍ୟ ପରୀକ୍ଷା କରି ଫସଲ କରିବାକୁ ଚାଷୀଙ୍କୁ କୁହାଯାଇଥିଲା। ମାଟି ପାଇଁ ରାସାୟନିକ ସାର ବଦଳରେ ଜୈବିକ ସାର ପ୍ରୟୋଗ କରିବା। ମାଟିରେ ରାସାୟନିକ ସାର ପ୍ରୟୋଗ ଦ୍ୱାରା ଜିଆ ମରିଯାନ୍ତି। ମାଟି ଶୁଷ୍କ ହୋଇ ଟାଣ ହେବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଆମେ ବିଷ ଖାଦ୍ୟ ଖାଇ ବିଭିନ୍ନ ମାରାତ୍ମକ ରୋଗରେ ପୀଡିତ ହେଉ। ଉଦ୍ଭିଦ ସ୍ୱାସ୍ଥ୍ୟ କ୍ଲିନିକ୍ ଓ ମାଣ୍ଡିଆ ଚାଷ ଉପରେ ଅନୁରୂପ ସେମିନାର ହୋଇଥିଲା। ଅନ୍ୟପକ୍ଷେ ଭାଗଚାଷୀଙ୍କ ପାଇଁ ବଳରାମ ଯୋଜନା, ଚାଷୀଙ୍କ ପାଇଁ କାଳିଆ ଯୋଜନା ଓ ପିଏମ୍ କିଷାନ ଯୋଜନା ଉପରେ ସେମିନାର ହୋଇଥିଲା।

ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଷ୍ଟଲରେ ବିଭିନ୍ନ ପ୍ରକାରର ମାଟିଆକୁ ରଖାଯାଇଛି।

ଖରାରେ ସିଝିଲେ ଚାଷୀ

ଜିଲା କୃଷି ମହୋତ୍ସବରେ ୧୪ଟି ଷ୍ଟଲ ପଡିଛି। ଷ୍ଟଲରେ କୃଷି ଓ ଆନୁସଙ୍ଗିକ ବିଭାଗର ଷ୍ଟଲ ଶୋଭା ପାଉଛି। ତେବେ ମହୋତ୍ସବ ପାଇଁ ଯେଉଁ ଷ୍ଟଲ ହୋଇଛି ସେଠାରେ ପ୍ରବଳ ଗରମ ହେଉଛି। କୃଷି ବିଭାଗ ପକ୍ଷରୁ ଯେଉଁ ଫ୍ୟାନ ଲଗାଯାଇଛି ତାହା ପ୍ରର୍ଯ୍ୟାପ୍ତ ନୁହେଁ। ଏଣୁ ଚାଷୀ ଓ ଖବରଦାତା ଖରାରରେ ସିଝି ବେଶୀ ହଇରାଣ ହେଉଛନ୍ତି। ବେଶୀ ସମୟ ମହୋତ୍ସବରେ ଉପସ୍ଥାନ ଚାଷୀଙ୍କ ଦେଖିବାକୁ ମିଳୁନି। ଅଧିକାଂଶ ସମୟ ଷ୍ଟଲ ଖାଲି ରହୁଛି। ଏହାର ପ୍ରତିକାର ପାଇଁ ଦାବି ଉଠିଛି।

ଚାଷୀଙ୍କୁ କହିବାକୁ ସୁଯୋଗ ମିଳୁନି

ସେମିନାରରେ ଚାଷୀଙ୍କୁ କହିବାକୁ ସୁବିଧା ମିଳୁନି। ସେମିନାରରେ ଅତିଥିମାନେ କେବଳ ବୁଝାଇ ଚାଲିଛନ୍ତି। କିଛି ଚାଷୀଙ୍କ ମତ ଆମକୁ ସୁବିଧା ମିଳିଲେ ଆମେ ଆମର ଅସୁବିଧା ଓ ସମସ୍ୟା ଗୁଡିକ ଉପସ୍ଥାପନ କରିବୁ। ଏଣୁ ଆମକୁ ସେମିନାରରେ କହିବାର ସୁଯୋଗ ଦିଆଯାଉ ବୋଲି ଅନେକ ଚାଷୀ ନିଜର ମତ ରଖିଛନ୍ତି।

ଖେଳକୁଦ ସବୁ କର, ପାଠପଢ଼ାକୁ ଭୁଲ ନାହିଁ

ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ

ନୟାଗଡ଼,୧୨।୨(ଲୋକନାଥ ମିଶ୍ର)

ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ହୀରକ ଜୟନ୍ତୀ ସମ୍ମିଳନୀ କକ୍ଷରେ ସୋମବାର ବାର୍ଷିକ ଉତ୍ସବ ଓ ଅଟୋ ଫେସଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ ପାନୀୟ ଜଳ ପ୍ରକଳ୍ପ, ସାଇକେଲ ଷ୍ଟାଣ୍ଡର ଉଦ୍‌ଘାଟନ କରିଥିଲେ। ବିଧାୟକ ସାହୁ କହିଥିଲେ, ପିତା, ମାତା ଓ ଗୁରୁଙ୍କୁ ଅଣଦେଖା କରନାହିଁ। ଏମାନଙ୍କୁ ଅଣଦେଖା ଜୀବନରେ ଶାନ୍ତି ଦେବନି। ମଉଜ, ମସ୍ତି, ଖେଳକୁଦ ସବୁ କର ହେଲେ ପାଠପଢ଼ାକୁ ଭୁଲନାହିଁ। ପାଠପଢ଼ା ବୟସରେ ପାଠକୁ ଅଣଦେଖା କଲେ ଭବିଷ୍ୟତରେ ଏଥିପାଇଁ ପସ୍ତେଇବାକୁ ପଡ଼ିବ। ଏଣୁ ପାଠପଢ଼ା ସମୟକୁ ସଦୁପଯୋଗ କର। ନିଜର ପିଲାଦିନର ପାଠପଢ଼ା, ମଉଜ ମସ୍ତି ଓ କଲେଜ ଜୀବନର ଛାତ୍ର ରାଜନୀତି ନେଇ ଟିପ୍ପଣୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, କଲେଜ ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ଛାତ୍ରୀଛାତ୍ର କାଉନସିଲର ଉପଦେଷ୍ଟା ଜାନକୀ ନାଥ ଦାସ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଅଧ୍ୟାପକ ଆଶୁତୋଷ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଷ୍ଟୁଡେଣ୍ଟ କାଉନସିଲର ସମ୍ପାଦକ ଇତିଶ୍ରୀ ମିଶ୍ର ସଭା ପରିଚାଳନା କରିଥିଲେ। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟପକ୍ଷେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦିନତମାମା ସାଂସ୍କୃତିକ ଆସର ଲାଗି ରହିଥିଲା। ସୂଚନାଯୋଗ୍ୟ ପୁରସ୍କାର ବଣ୍ଟନ ବେଳେ ୨ଛାତ୍ରୀ ଷ୍ଟେଜରୁ ଆସିବାବେଳେ ଖସି ପଡ଼ି ଅସୁସ୍ଥ ହୋଇଥିଲେ। ସେମାନଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଇଛି।

ରାସ୍ତା ନାହିଁ: ଖଟିଆରେ ବୁହା ହେଲା ମୃତଦେହ

ନୟାଗଡ଼/ଦଶପଲ୍ଲା,୧୨।୨
(ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ୍‌ର ସାଦଭୂଇଁ ଗାଁ

ଡିଜିଟାଲ ଯୁଗରେ ଗାଁକୁ ରାସ୍ତା ନାହିଁ କହିଲେ ବିଶ୍ୱାସ ଲାଗୁନି। ଏଭଳି ଏକ ଚିତ୍ର ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଭୋଗବାଡ଼ି ପଞ୍ଚାୟତ ସାଦଭୂଇଁ ଗାଁରୁ ଆସିଛି। ଗାଁକୁ ରାସ୍ତା ନ ଥିବାରୁ ସାଦଭୂଇଁ ଗାଁର ସାଧୁ ଚରଣ ମାଝି(୫୦) ଅସୁସ୍ଥ ହୋଇ ଖଟିଆ ଭାରରେ ଚିକିତ୍ସାଳୟକୁ ଯାଇଥିଲେ। ତେବେ ଚିକିତ୍ସାଳୟରେ ମୃତ୍ୟୁ ହୋଇଯିବାରୁ ପୁଣି ସେହ ଖଟିଆରେ ଫେରିଲେ। ସାଧୁଙ୍କ ଦଣ୍ଡିସ ଓ ଲିଭର ରୋଗରେ ଆକ୍ରାନ୍ତ ଥିଲେ। ୨ ତାରିଖରେ ସାଧୁ ଗୁରତର ହୋଇ ପଡ଼ିଥିଲେ। ପରିବାର ଲୋକେ ଆମ୍ବୁଲାନ୍ସ ଅଥବା ଗାଡିକୁ ଯୋଗାଯୋଗ ନ କରି ଖଟିଆରେ ନେବାକୁ ଉଦ୍ୟମ କରିଥିଲେ। ପରେ ସାଧୁଙ୍କ ଖଟିଆ କରି ଗାଁଠାରୁ ୨ କିଲୋମିଟର ଭୋଗବାଡି ପର୍ଯ୍ୟନ୍ତ ନେଇଥିଲେ। ପରେ ଏକ ଅଟୋ ସାହାଯ୍ୟରେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସାଧୁ ସୁସ୍ଥ ହେବା ପରେ ଘରକୁ ଫେରିଥିଲେ।

ଗାଁକୁ ରାସ୍ତା ନ ଥିବାରୁ ରୋଗୀଙ୍କୁ ଭାରରେ ବୁହାଯାଉଛି।

କିଛିଦିନ ପରେ ପୁଣି ଅସୁସ୍ଥ ହୋଇ ଖଟିଆ ଯୋଗେ ୨ କିମି ଗଲେ। ପରେ ଆମ୍ବୁଲାନ୍ସ ଯୋଗେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଅବସ୍ଥାରେ ଉନ୍ନତି ନ ଆସିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ରବିବାର ସାଧୁଙ୍କର ମୃତ୍ୟୁ ହୋଇଛି।

ପ୍ରକାଶ ଥାଉକି ଦଶପଲ୍ଲା ବ୍ଲକରେ ସାଦଭୂଇଁ ଗାଁ ପରି ୨୦ରୁ ଉର୍ଦ୍ଧ୍ୱ ଗାଁ ରହିଛି। ସମ୍ପୃକ୍ତ ଗାଁଗୁଡିକୁ ରାସ୍ତା ନାହିଁ। ରାସ୍ତା ପାଇଁ ବିଭିନ୍ନ ଯୋଜନା ରହିଥିଲେ ମଧ୍ୟ ଏଯାବତ ସମ୍ପୃକ୍ତ ଗାଁ ଗୁଡ଼ିକୁ ରାସ୍ତା କରାଯାଇ ପାରୁନାହିଁ। ବିଭିନ୍ନ ସମୟରେ ଦଶପଲ୍ଲା ବ୍ଲକ ଅଞ୍ଚଳରେ ଦୋଳା ଓ ଖଟିଆରେ ରୋଗୀ ବୁହା ହେଉଥିଲେ ମଧ୍ୟ ରାସ୍ତା ସମସ୍ୟାର ସମାଧାନ ହୋଇପାରୁନାହିଁ। ଡିଜିଟାଲ ଓ ଆଧୁନିକ ଯୁଗରେ ଦଶପଲ୍ଲାର ଗାଁଗୁଡ଼ିକୁ ରାସ୍ତା କରିବାରେ ପ୍ରଶାସନ ବ୍ୟର୍ଥ ହୋଇଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଜିଲାପାଳଙ୍କୁ ଭେଟି ଫେରାଦ ହେଲେ ଭାଜପା ନେତ୍ରୀ

ନୟାଗଡ଼,୧୨।୨(ଲୋକନାଥ ମିଶ୍ର)

୩ ବର୍ଷରୁ ଉର୍ଦ୍ଧ୍ୱ ପରେ ବି ବଦଳି ହେଉନି

ନୟାଗଡ଼ ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ୩ ବର୍ଷରୁ ଉର୍ଦ୍ଧ୍ୱ ଅନେକ ସରକାରୀ କର୍ମଚାରୀ ଓ ଅଧିକାରୀ ରହିଥିବାବେଳେ ସେମାନଙ୍କ ବଦଳି ହେଉନି। ସେହିପରି ଭୋଟର ତାଲିକାରେ ଅନେକ ମୃତକଙ୍କ ନାଁ ଓ ବିବାହ ଶେଷ ପରେ ବି ବାପ ଘର ଠିକଣାରୁ ଝିଅଙ୍କ ଭୋଟର ତାଲିକାରୁ ନାଁ କଟୁ ନାହିଁ। କିଛି ଲୋକ ଏକାଧିକ ସ୍ଥାନରେ ଭୋଟର ଅଛନ୍ତି। ଏଣୁ ନିରପେକ୍ଷ ନିର୍ବାଚନ ଉପରେ ପ୍ରଶ୍ନ ଉଠାଇ ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଜିଲାପାଳଙ୍କୁ ଭେଟି ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ବିଭିନ୍ନ ଥାନା, ଫାଣ୍ଡି, ସରକାରୀ କାର୍ଯ୍ୟାଳୟରେ ୧୦୯ ଜଣ କର୍ମଚାରୀ ଓ ଅଧିକାରୀ ୩ ବର୍ଷରୁ ଉର୍ଦ୍ଧ୍ୱ ରହିଥିବା ନାମ ସହ ପ୍ରମାଣ ଦେଇଛନ୍ତି।

୧୪୪ ଅଭିଯୋଗ ପଞ୍ଜୀକୃତ, ୪୪ ତତ୍କାଳ ସମାଧାନ

ଅତିରିକ୍ତ ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

ଭିନ୍ନକ୍ଷମମାନଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି ।

- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର
- ଜିଲାପାଳ, ଏସ୍‌ପି ଅନୁପସ୍ଥିତ

ନୂଆଗାଁ, ୧୨।୨ (ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧି ସଭାଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଧାସଳଖ ଲୋକଙ୍କଠାରୁ ଅଭିଯୋଗ ଶୁଣିବାର ବ୍ୟବସ୍ଥା ରହିଥିଲେ ମଧ୍ୟ ତାଙ୍କ ଅନୁପସ୍ଥିତି ଅଭିଯୋଗକାରୀମାନଙ୍କୁ ନିରାଶ କରିଛି। ଶିବିରରେ ୧୪୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ୪୪ଟିର ତତ୍କାଳ ସମାଧାନ କରାଯାଇଥିଲା। ପଞ୍ଜୀକୃତ ଅଭିଯୋଗ ମଧ୍ୟରୁ ୧୨୮ ଟି ବ୍ୟକ୍ତିଗତ, ୫ ଟି ସାମୂହିକ ଓ ୧୧ ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସମ୍ପର୍କିତ ଥିଲା।

ନୂଆଗାଁ ବ୍ଲକରେ ଜିଲାର ନୂତନ ଜିଲାପାଳ ସ୍ୱଧା ଦେବ ସିଂଙ୍କ ପ୍ରଥମ ଅଭିଯୋଗ ଶୁଣାଣି ଥିବାରୁ ନ୍ୟାୟ ଦେବେ ବୋଲି ଆଶା କରି ଅଭିଯୋଗକାରୀମାନେ ଆସିଥିଲେ। କିନ୍ତୁ ଜିଲାପାଳ, ଏସ୍‌ପି, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରମୁଖ ଆସି ନ ଥିବାରୁ ଅଭିଯୋଗକାରୀଙ୍କ ମନରେ ନିରାଶ ଦେଖା ଦେଇଥିଲା। ବାହାଡାଖୋଲା ଫାଣ୍ଡିରେ କର୍ମଚାରୀ ଅଭାବ, ବାହାଡାଖୋଲା ପଞ୍ଚାୟତର ଅନେକ ଗ୍ରାମରେ ପାଣି ସମସ୍ୟା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ପ୍ରତି ଲୋକମାନଙ୍କ ଅସନ୍ତୋଷ ବିଷୟରେ ବାହାଡାଖୋଲା ସମିତି ସଭ୍ୟା ମିତା ଅଧିକାରୀ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳଙ୍କୁ ଅଭିଯୋଗ କରିଥିଲେ। ମୁଦୁରାଙ୍ଗଠାରୁ କୋଶଳାଙ୍ଗ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ଅବସ୍ଥା ଶୋଚନୀୟ ଯୋଗୁ ଲୋକମାନେ ହଇରାଣ ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ବାହାଡାଖୋଲା ସୋସାଇଟି ସଭାପତିଙ୍କ ମନୋମୁଖୀ କାର୍ଯ୍ୟରେ ଅତିଷ୍ଠ ହୋଇ ସୋସାଇଟି ଡାଇରେକ୍ଟର ନିରଞ୍ଜନ ସାହୁ ଅଭିଯୋଗ କରିଛନ୍ତି। ଖୋର୍ଦ୍ଧା–ବଲାଙ୍ଗିର ରେଳପଥ ନିର୍ମାଣରେ ବିସ୍ଥାପିତଙ୍କୁ ଉଚିତ୍ ପ୍ରାପ୍ୟ ଦିଆ ନ ଯିବା ନେଇ ଦଶପଲ୍ଲା ବ୍ଲକ ଟାକେରା ଗ୍ରାମର ୨ ଜଣ ଲୋକ ଅଭିଯୋଗ କରିଥିଲେ। ପାରାଡିପି ପଞ୍ଚାୟତ ମସ୍କାବାରୀ ଗ୍ରାମରେ ଅଙ୍ଗନୱାଡି ଗୃହ ନିର୍ମାଣ ଆରମ୍ଭ ହେବାର ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ସମ୍ପୂର୍ଣ୍ଣ ନ ହେବା ଫଳରେ କାର୍ଯ୍ୟରେ ବାଧା ଉପୁଜୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ମହିପୁର ପଞ୍ଚାୟତ ନିଳାଦ୍ରୀପୁରଠାରେ ଷ୍ଟ୍ରିଟ୍ ଲାଇଟ ଲଗାଇବାର ଏକ ବର୍ଷ ବିତି ଯାଇଥିଲେ ମଧ୍ୟ ତାହାର ବିଲ୍ ହେଉ ନ ଥିବା ନେଇ ଠିକାଦାର ଅଭିଯୋଗ କରିଥିଲେ। ଶିବିରରେ ଅତିରିକ୍ତ ଜିଲାପାଳ ବଳ, ଆଡିସ୍‌ନାଲ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଡିଓ ବାସୁଦେବ ନାୟକ, ତହସିଲଦାର ହେମନ୍ତ କୁମାର ନାୟକଙ୍କ ସମେତ ଜିଲା, ବ୍ଲକ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ଦିଲ୍ଲୀପ

@ ଖୁସି

@ ମାନସ

@ ପୂଜା

@ ସତ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ନୀଳମାଧବ ମହାବିଦ୍ୟାଳୟ ଷ୍ଟାଫ୍ ଆସୋସିଏଶନ ଗଠିତ

ମହାବିଦ୍ୟାୟର କର୍ମଚାରୀମାନେ।

ଖଣ୍ଡପଡ଼ା,୧୨।୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଷ୍ଟାଫ ଆସୋସିଏଶନ ଗଠିତ ହୋଇଯାଇଛି। ଏ ଅବସରରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ସର୍ବସମ୍ମତି କ୍ରମେ ସମାଜ ବିଜ୍ଞାନର ଅଧ୍ୟାପକ ହୃଷୀକେଶ ମିଶ୍ରଙ୍କୁ ସଭାପତି ଭାବେ ଚୟନ କରାଯାଇଛି। ସେହିପରି ସମ୍ପାଦକ ଭାବେ ଇଂଲିଶ ବିଭାଗ ପ୍ରାଧ୍ୟାପକ ପ୍ରଭାତ କୁମାର ବେହେରା, କୋଷାଧ୍ୟକ୍ଷ ରସାୟନ ବିଭାଗ ଅଧ୍ୟାପକ ଅକ୍ଷୟ କୁମାର ସାହୁ, ଉପ ସଭାପତି ଭାବେ ମୁଖ୍ୟ କିରାଣୀ ମାନସ କୁମାର ସାହୁ, ସହସମ୍ପାଦକ ଭାବେ ସଂସ୍କୃତ ଅଧ୍ୟାପିକା ସରଳା ବେହେରାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିବା ଜଣାଯାଇଛି।

ସଂକ୍ଷେପରେ

ପୋଖରୀ ଭିତରକୁ ଟ୍ରାକ୍ଟର ଖସିଲା, ଚାଳକ ମୃତ

ରସୁଲପୁର,୧୨।୨(ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ ବାହାଦଲାପୁର ପଞ୍ଚାୟତ ନିରଞ୍ଜପୁର ଗ୍ରାମରେ ସୋମବାର ସନ୍ଧ୍ୟା ସାଢେ ୭ଟା ସମୟରେ ଏକ ଅଘଟଣ ଘଟିଛି । ଏକ ଟ୍ରାକ୍ଟର ପୋଖରୀ ଭିତରକୁ ଖସି ପଡିବାରୁ ଚାଳକଙ୍କ ମୃତ ହୋଇଛି । ମୃତ ହେଉଛନ୍ତି ଏହି ଥାନା ଅନ୍ତର୍ଗତ ସାରଙ୍ଗପୁର ଗ୍ରାମର ରାଜ ଓରଫ ରଶ୍ମିକ ଦାସ(୪୦) । ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଜବତ କରିବା ସହ ଚାଳକକୁ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା । ହେଲେ ଡାକ୍ତର ଚାଳକଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ ଅଭିଯୋଗ ନାହିଁ। ରାଜା ଟ୍ରାକ୍ଟର ନେଇ ଗାଁକୁ ଫେରୁଥିବା ସମୟରେ ଗାଡ଼ିଟି ଭାରସାମ୍ୟ ହରାଇ ପୋଖରୀ ଭିତରକୁ ଖସି ପଡିଥିଲା ।

ଗୋରୁଗାଡ଼ିରୁ ଲୁଟ୍ ଘଟଣା: ୩ କୋର୍ଟ ଚାଲାଣ

ପାଣିକୋଇଲି,୧୨।୨(ବିକାଶ କୁମାର ମଲିକ)

ଗତ ୬ ତାରିଖ ରାତିରେ ଭୁବନେଶ୍ୱରରୁ ୨୦ ଗୋରୁ ନେଇ ଝାଡ଼ଖଣ୍ଡର ଚକୁଲିଆସ୍ଥିତ ଗୋଶାଳାକୁ ଯାଉଥିବା ଏକ ଟ୍ରକ (ନଂ.ଡବ୍ଲୁବି୨୫ କୋ୮୯୦) ଅଟକାଇ ଦାଦାବଟି ଆଦାୟ କରୁଥିବା ୩ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ପଥରପଦା ଗ୍ରାମର ଚନ୍ଦ୍ରକାନ୍ତ ବିଶ୍ୱାଳ । ପରେ ତାଙ୍କ ମୋବାଇଲ ଯାଞ୍ଚ କରିବା ପରେ ପଥରପଦା ଗ୍ରାମର ପ୍ରମୋଦ ବେହେରା ଓ ଗୋଲେଇପୁର ପଞ୍ଚାୟତ ସାନିବିରୁହାଁ ଗ୍ରାମର ପରିଜିତ ଦଳେଇଙ୍କୁ ଗିରଫ କରାଯାଇଛି । ଏହି ଯୁବକମାନେ ପଥରପଦା ନିକଟରେ ପୂର୍ବରୁ ଛକି ବସିରହିଥିଲେ । ଉକ୍ତ ଟ୍ରକଟି ପଥରପଦ ଅତିକ୍ରମ କରିବା ବେଳେ ଉକ୍ତ ଟ୍ରକକୁ ଅଟକାଇ ଟ୍ରକର ଚାଳକ ଅନନ୍ତ ମୋରାଳଙ୍କୁ ମାଡ଼ ମାରିବା ସହିତ ଚାଳକଙ୍କୁ ସେଠାରେ ଓହ୍ଲାଇ ଦେଇ ଗୋଶାଳାର ପ୍ରତିଷ୍ଠାତା ଜୀବନ ବଲ୍ଲଭ ଦାସଙ୍କୁ ୩୦ ଟଙ୍କା ଲାଞ୍ଚ ମାଗିଥିଲେ ।

୧୦୦ରୁ ଊର୍ଦ୍ଧ୍ୱ ସମସ୍ୟାର ସମାଧାନ

ଅଭିଯୋଗ ଶୁଣାଣି ଶିବିର

ଯାଜପୁରରୋଡ଼,୧୨।୨(ପବିତ୍ର ରଞ୍ଜନ ମହାନ୍ତି): ସୋମବାର ୧୨.୩୦ ମିନିଟ ସମୟରେ କେଏନଡିଏ କାର୍ଯ୍ୟାଳୟରେ ଜିଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଜନଶୁଣାଣୀ ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ଅଭିଯୋଗର ସମାଧାନ ହୋଇଛି। ଜିଲାପାଳ ଡ.ଶୁଭଙ୍କର ମହାପାତ୍ର ଉପସ୍ଥିତ ରହି ବିଭିନ୍ନ ଅଞ୍ଚଳରୁ ଆସିଥିବା ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ଏସ୍‌ପି ଭିନିତ ଅଗ୍ରୱାଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡିକ ଶୁଣିବା ପରେ ସମାଧାନ କରିଥିଲେ ।

ଓଳାଶୁଣୀ ଗୁମ୍ଫା ମେଳାରେ ଭିଡ଼ ବଢୁଛି

ଓଳାଶୁଣୀ ଗୁମ୍ଫା ମେଳାରେ ଖୋଲିଥିବା ଷ୍ଟଲରେ ଗ୍ରାହକଙ୍କ ଭିଡ଼ ।

ଚଣ୍ଡିଖୋଲ,୧୨।୨(ପ୍ରଦୀପ୍ତ କୁମାର ପୃଷ୍ଟି)

ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା ସୋମବାର ସପ୍ତମ ଦିନରେ ପହଞ୍ଚିଛି। ମେଳାର ଦିନ ଯେତିକି ସରି ସରି ଆସୁଛି ଗହଳି ସେତିକି ବଢ଼ି ବଢ଼ି ଚାଲିଛି। ସନ୍ଧ୍ୟାରେ ଅଧିକ ଗହଳି ପରିଲକ୍ଷିତ ହୋଇଛି। ଶନିବାର ଠାରୁ ମେଳା ପଡ଼ିଆରେ ଯାତ୍ରୀମାନଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଆସନ୍ତା ୧୫ ତାରିଖରେ ମେଳା ଶେଷ ହେବ। ପ୍ରଶାସନ ପକ୍ଷରୁ ମେଳା ପଡ଼ିଆକୁ ଖାଲି କରି ଦିଆଯିବ। ଏପରିକି ମେଳା ପଡ଼ିଆରେ ପଡିଥିବା ଅସ୍ଥାୟୀ ଦୋକାନମାନଙ୍କରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରି ଦିଆଯିବ। ଶନିବାର ଓଳାଶୁଣୀ ପାହାଡ଼ ପାଦଦେଶରେ ହେଉଥିବା ମେଳା ପଡ଼ିଆରେ ବହୁ ଯାତ୍ରୀ ରହିଥିଲେ।

ବ୍ୟବସାୟ ଭଲ, ସବୁ ସ୍ଥାନରେ ଗହଳି

ଚଳିତ ବର୍ଷ ମେଳାକୁ ପୂର୍ବବର୍ଷ ଅପେକ୍ଷା ଅଧିକ ଦୋକାନ ଆସିଛି।୨ ହଜାରରୁ ଅଧିକ ଅସ୍ଥାୟୀ ବ୍ୟବସାୟୀ ମେଳା ପରିସରରେ ସେମାନଙ୍କର ବ୍ୟବସାୟ ପ୍ରତିଷ୍ଠାନ ଖୋଲିଛନ୍ତି। କେବଳ ମେଳା ପଡ଼ିଆରେ ଏତେ ସଂଖ୍ୟକ ଦୋକାନ ଖୋଲିଥିବା ବେଳେ ଓଳାଶୁଣୀ ପାହାଡ଼ ପାଦ ଦେଶରୁ ଶୀର୍ଷ ଦେଶ ପର୍ଯ୍ୟନ୍ତ ପାହାଡ଼ ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନୀମାନେ ସେମାନଙ୍କର ପସରା ମେଲାଇଛନ୍ତି। ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ସମାଧି ମନ୍ଦିର ସମ୍ମୁଖ ଭାଗ ଓ ବଡ ଦାଣ୍ଡ ରେ ମଧ୍ୟ ଅସ୍ଥାୟୀ ଦୋକାନ ବହୁ ସଂଖ୍ୟାରେ ଖୋଲିଛନ୍ତି।

ମେଳା ସରିବା ଅବ୍ୟବହିତ ପୂର୍ବରୁ ପଲ୍ଲୀଶ୍ରୀ ମେଳା ବନ୍ଦ

ମାଘ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ଗତ ୬ ତାରିଖରେ ମେଳା ଆରମ୍ଭ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ବଡ଼ଚଣା ବ୍ଲକ ସହାୟତାରେ ଏଠାରେ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟିତ ହୋଇଥିଲା। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଏହାକୁ ଉଦଘାଟନ କରିଥିଲେ। ମେଳା ସରିବା ଆଉ ୩ ଦିନ ବାକି ଥିବା ବେଳେ ସୋମବାର ସକାଳୁ ମେଳା ପରିସରରୁ ପଲ୍ଲୀଶ୍ରୀ ମେଳା ବନ୍ଦ ହୋଇ ଯାଇଛି। ଏଥି ସହିତ ସେମାନଙ୍କର ଟେଣ୍ଟ ମଧ୍ୟ ଭାଙ୍ଗି ଉଠି ଯାଇଛି।

ପୁରାତନ ଛାତ୍ରୀଛାତ୍ରଙ୍କ ଗୁରୁପୂଜନ

ଧର୍ମଶାଳା,୧୨।୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁରସ୍ଥିତ ପଞ୍ଚାୟତ ହାଇସ୍କୁଲର ୧୯୮୭ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୁଣ୍ଠୁଚି ଚରଣ ଦାସ, ଯୁଧିଷ୍ଠିର ମଣ୍ଡଳ, ରମେଶ ଚନ୍ଦ୍ର ନାୟକ, ଘନଶ୍ୟାମ ଦାଶ ଓ ବିଜୟ କୁମାର ସାହୁଙ୍କୁ ପୂଜାର୍ଚ୍ଚନା କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍କୁଲର ତତ୍କାଳୀନ ଶିକ୍ଷକମାନେ ଅତୀତ ଏବଂ ବର୍ତ୍ତମାନର ଗୁରୁଶିଷ୍ୟ ସମ୍ପର୍କର ତୁଳନାତ୍ମକ ଦିଗ ଉପସ୍ଥାପନ କରିଥିଲେ। ପୁରାତନ ଛାତ୍ର ସୁଶିଲ କୁମାର ଦାସ, ରାଜେନ୍ଦ୍ର ପ୍ରସାଦ ମିଶ୍ର, ମାୟାଧର ରାଉତ, ବସନ୍ତ କୁମାର ସାହୁ, ଭରତ ଚନ୍ଦ୍ର ପାଢ଼ୀ, ରବୀନ୍ଦ୍ରନାଥ ଦାଶ, ନୀଳମଣି ପଣ୍ଡା, ହରିହର ମହାରଣା, ଶରତ କୁମାର ସାହୁ, ଅଜିତ୍ ସ୍ୱାଇଁ, ପିତାମ୍ବର ତରାଇ, ନାରାୟଣ ପଣ୍ଡା, ପୁରାତନ ଛାତ୍ରୀ ସୁଷମା ସାହୁ, ବାସନ୍ତୀ ସାହୁ, ସବିତା ମଣ୍ଡଳ, ପ୍ରଶାନ୍ତିନୀ ମହାନ୍ତି ପ୍ରମୁଖ ଯୋଗଦେଇ ସ୍କୁଲ ଜୀବନ ଏବଂ ୩୬ବର୍ଷ ଅତୀତର ଅନୁଭୂତି ବର୍ଣ୍ଣନା କରିଥିଲେ । ପୁରାତନ ଛାତ୍ର ରବୀନ୍ଦ୍ରନାଥ ସେଠୀ ଧନ୍ୟବାଦ ଦେଇଥିଲେ ।

ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ପରିଷଦର ଜନଜାଗରଣ ସଭା

ଯାଜପୁରରୋଡ଼,୧୨।୨(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁରରୋଡ ଧାମରା ରେଳପଥ ସଂଗ୍ରାମ ପରିଷଦ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁଚ୍ଛକଠାରୁ ଏକ ବିରାଟ ପଦୁଆର ସହର ପରିକ୍ରମା କରି ରେଳ ଷ୍ଟେଶନ ସମ୍ମୁଖ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା । ପରିଷଦର ଅଧ୍ୟକ୍ଷ ଡ.ରାମଚନ୍ଦ୍ର ଖୁଣ୍ଟିଆଙ୍କ ସଭାପତିତ୍ୱରେ ସେଠାରେ ଏକ ଜନ ଜାଗରଣ ସଭା ଅନୁଷ୍ଠିତ ହୋଇଥିଲା । ସଭାର ପ୍ରାରମ୍ଭରେ ସଂଯୋଜକ ପଦ୍ମାକର ଗୁରୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ସଭାରେ ଡ.ଖୁଣ୍ଟିଆ ଚଳିତ କେନ୍ଦ୍ର ବଜେଟ୍‌ରେ ଯାଜପୁରରୋଡ ଧାମରା ରେଳପଥ ପ୍ରକଳ୍ପ ନିମନ୍ତେ କୌଣସି ଅର୍ଥ ମଞ୍ଜୁର ନ କରିବା ଏକ ଦୁର୍ଭାଗ୍ୟଜନକ ଘଟଣା ବୋଲି କହିଥିଲେ । ଏବେବି ସମୟ ଅଛି ଏକ ଜରୁରୀ ବୈଠକ ଦ୍ୱାରା ଅର୍ଥ ମଞ୍ଜୁର କରିବା କରାଯାଉ ବୋଲି ସେ ଦାବି କରିଥିଲେ । ଯାଜପୁର ରୋଡ ଷ୍ଟେଶନ ଠାରେ ସମସ୍ତ ଦ୍ରୁତଗାମୀ ଟ୍ରେନ ରହଣୀ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ରେଳବିଭାଗକୁ ସତର୍କ କରାଇ ଦେଇଥିଲେ । ଏହି ସଭାରେ ପରିଷଦର ମୁଖ୍ୟଉପଦେଷ୍ଟା ବିଦ୍ୟାଧର ମହାନ୍ତି, କଂଗ୍ରସ ଜିଲା ସଭାପତି ମନୋଜ କୁମାର ରାଉତ, ବ୍ୟାସନଗର କଂଗ୍ରେସ କମିଟି ସଭାପତି ଦିଲ୍ଲୀପ କୁମାର ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ କୁମାର ନନ୍ଦ, ହରେକୃଷ୍ଣ ସାହୁ,ଦେବ ପଣ୍ଡା, ସୁଧାନିଧି ମହାପାତ୍ର, ହୃଦାନନ୍ଦ ସାମଲ,ଆଲୋକ କୁମାର ବେହେରା, ବସନ୍ତ ପରିଡା,ନିର୍ମଳା ମଲ୍ଲିକ, ନାରାୟଣ ଚନ୍ଦ୍ର ନାୟକ, ନିରଞ୍ଜନପରିଡା, ପ୍ରଫୁଲ୍ଲକୁମାର ରାୟ,ଉମାକାନ୍ତ ବେହେରା,ପଦ୍ମନାଭ ସ୍ୱାଇଁ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାର ଜନବିରୋଧୀ ନୀତିକୁ ସମାଲୋଚନା କରିବା ସହ ଯାଜପୁରରୋଡ ପ୍ରତି ବୈମାତୃକ ମନଭାବକୁ ନିନ୍ଦା କରିଥିଲେ ।

ଜନଜାଗରଣ ସଭାରେ ପରିଷଦର କର୍ମକର୍ତ୍ତା ଓ ଅନ୍ୟମାନେ ।

ସୂଚନାଯୋଗ୍ୟ, ଆରମ୍ଭରୁ ମିଳିତ ସଂଗ୍ରାମ ସମିତି ୨ ଭାଗରେ ବିଭକ୍ତ ହୋଇଛି । ଗୋଟିଏ ଯାଜପୁରରୋଡ଼-ଧାମରା ରେଳପଥ ସଂଗ୍ରାମ ସମିତି ଭାବେ ଅଧ୍ୟକ୍ଷ ସନ୍ତୋଷ ଦାସଙ୍କ ନେତୃତ୍ୱରେ ପ୍ରଥମେ ସଂଗ୍ରାମ ଆରମ୍ଭ କରିଥିବା ବେଳେ ଦ୍ୱିତୀୟଟି ଡ଼.ରାମଚନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ଯାଜପୁରରୋଡ଼-ଧାମରା ରେଳପଥ ସଂଗ୍ରାମ ପରିଷଦ ଭାବେ ଉକ୍ତ ଦାବି ପାଇଁ ଲଢେଇ ଆରମ୍ଭ କରିଛି। ଗତ ୪ତାରିଖରେ ଯାଜପୁରରୋଡ଼-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଯାଜପୁରରୋଡ଼ ଠାରେ ରେଳରୋକ କରିବାକୁ ଆସି ୨୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଗିରଫ ହୋଇଥିଲେ । ଏନେଇ ଘର ମାଲିକ ଯାଜପୁରରୋଡ଼ ଥାନାକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ପଚରାଉଚରା କରିବା ସହ ଘରର ସିସିଟିଭି ଫୁଟେଜକୁ ଯାଞ୍ଚ କରିଛି । ମଙ୍ଗଳବାର ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଅଣାଯାଇ ଚୋରି ସମ୍ପର୍କିତ ଅଧିକ ଯାଞ୍ଚ କରାଯିବ ବୋଲି ପୋଲିସ ଏଏସ୍‌ଆଇ ମନୋଜ କୁମାର ମଲ୍ଲ କହିଛନ୍ତି ।

ଚାଉଳିଆ ଟିମ୍ ଚାମ୍ପିୟନ

ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟ

ଝୁଙ୍କୁରୀ,୧୨।୨(ସରୋଜ ନାୟକ)

ଦଶରଥପୁର ବ୍ଲକ୍ ଶ୍ରୀରାମପୁର ଗ୍ରାମର କନକେଶ୍ୱର କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ମଙ୍ଗଳପୁରଠାରେ ଏକ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ରବିବାର ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଚାଉଳିଆର ଅଲ୍ ଷ୍ଟାର କ୍ରିକେଟ୍ ଟିମ୍ ଥାଲକୁଡ଼ିର ଗଜାନନ କ୍ରିକେଟ୍ ଟିମ୍‌କୁ ୯ ଉଇକେଟ୍‌ରେ ହରାଇ ଚାମ୍ପିୟାନ ହୋଇଛି । ପ୍ରଥମେ ଥାଲକୁଡ଼ି କ୍ରିକେଟ୍ ଟିମ୍ ବ୍ୟାଟି କରି ୮ ଓଭରରେ ସମସ୍ତ ଉଇକେଟ୍ ହରାଇ ୫୦ ରନ୍ ସଂଗ୍ରହ କରିଥିଲା । ଜବାବରେ ଚାଉଳିଆ କ୍ରିକେଟ୍ ଟିମ୍ ୭.୧ ଉଭରରେ ୧ ଉଇକେଟ୍ ହରାଇ ଆବଶ୍ୟକ ୫୧ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା । ଏହି ଅବସରରେ ଖବରଦାତା ସୀତାଶୁଂ ଶେଖର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଡାକ୍ତର ରାଜେନ୍ଦ୍ର କୁମାର ପୃଷ୍ଟି ଯୋଗଦେଇ ଚାମ୍ପିୟାନ୍ ଦଳକୁ ଟ୍ରଫି ସହ ନଗଦ ଟ. ୧୨,୨୨୨ ଓ ରନର୍ସ ଅପ୍ ଦଳକୁ କପ୍ ସହ ଟ. ୬,୬୬୬/- ପ୍ରଦାନ କରିଥିଲେ । କନକେଶ୍ୱରୀ କ୍ରିକେଟ୍ କ୍ଲବ୍‌ର ସଭାପତି ସୁରଥ କୁମାର ଭୂୟାଁ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ।

ସରୋଜିନୀ ସ୍ମୃତି ସଂସଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥିମାନେ ।

କାଏମା,୧୨।୨(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ଆଦର୍ଶ ସମବାୟବିତ୍ ବଟକୃଷ୍ଣ ମହାନ୍ତିଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତାଙ୍କ ବାସଭବନରେ ସରୋଜିନୀ ସ୍ମୃତି ସଂସଦ ଆନୁକୂଲ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି।

ଡ. ଚିତ୍ତରଞ୍ଜନ ମହାନ୍ତିଙ୍କ ଆବାହକତ୍ୱରେ ଓ ସାମାଜିକ କର୍ମୀ କାହ୍ନୁ ଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଣ୍ଡିତ କାମଦେବ ଶତପଥୀ ମୁଖ୍ୟଅତିଥି ଶିକ୍ଷାବିତ୍ ଡ.ରାଜକିଶୋର ପାଢୀ ମୁଖ୍ୟବକ୍ତା, ଡ.ପ୍ରଶାନ୍ତ ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗଦେଇ ମହାନ୍ତିଙ୍କ ସ୍ମୃତି ଚାରଣ କରିବା ସହ ସେ ଜଣେ ଦକ୍ଷ ସଙ୍ଗଠକ ସହ ସରକାରୀ କର୍ମଚାରୀ , ଆଦର୍ଶ ସମବାୟବିତ୍,ଶିକ୍ଷାବିତ୍, ସାମାଜିକ କର୍ମୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶିକ୍ଷା,କଳା, ସମାଜସେବା କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ଶ୍ୟାମସୁନ୍ଦର ତ୍ରିପାଠୀ, ତ୍ରୈଲୋକ୍ୟ ଶତପଥୀ, ଗୋପୀନାଥ ମିଶ୍ର, ଲୋକନାଥ ମିଶ୍ର, ଦୁଖିଶ୍ୟାମ ବଳ,ନାରାୟଣ ସାହୁ, ଲକ୍ଷ୍ମଣ ତ୍ରିପାଠୀ ଓ କୈଳାସ ନନ୍ଦ ପ୍ରମୁଖଙ୍କୁ ଗ୍ରାମର ଭୂମିପୁତ୍ର ଭାବେ ସମର୍ଦ୍ଧତ କରାଯାଇଥିଲା। ଡ. ଚିତ୍ତରଞ୍ଜନ ମହାନ୍ତିଙ୍କ ଦ୍ୱାରା ରଚିତ କବିତା ସଙ୍କଳନ ସରୋଜିନୀ ପୁନଃ ଲୋକାର୍ପଣ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ ସାହୁ,ବିନୋଦ ଚିନାରା,ପ୍ରେମଲତା ମହାରଣା ,ଖବରଦାତା ଅଖିଳ ସ୍ୱାଇଁ ,ବିବେକ ରାୟ,ଦୀନବନ୍ଧୁ ତ୍ରିପାଠୀ, ପ୍ରବୋଧ ମହାନ୍ତି, ରାମ ଚନ୍ଦ୍ର ବାରିକ ପ୍ରମୁଖ ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ । ଇଂ.ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁରେଶ କର ଧନ୍ୟବାଦ ପ୍ରଦାନ କରିଥିଲେ।

ଆଲମିରା ଭାଙ୍ଗି ୧୫୦ ଗ୍ରାମର ସୁନା ଅଳଙ୍କାର, ଟଙ୍କା ଚୋରି

ଯାଜପୁରରୋଡ଼, ୧୨।୨ (ପବିତ୍ର ରଞ୍ଜନ ମହାନ୍ତି):

ଘରେ କେହି ନ ଥିବା ସମୟରେ ସୁନା ଅଳଙ୍କାର ଓ ଟଙ୍କା ଚୋରି ହୋଇଥିବା ସୋମବାର ଯାଜପୁରରୋଡ଼ ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଯାଜପୁରରୋଡ଼ ଥାନା ବ୍ୟାସନଗର ପୌର ପରିଷଦ ଅଧୀନ ୧୪ ନଂ. ୱାର୍ଡ ଚୋରଦା ଗ୍ରାମର ବିଚିତ୍ରାନନ୍ଦ ମହାନ୍ତିଙ୍କ ଘର ଲୋକମାନେ ମନ୍ଦିରକୁ ପୂଜା କରିବାକୁ ଯାଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କ ଘରେ ପଶି ୨ଟି ଷ୍ଟିଲ ଆଲମାରୀ ଭାଙ୍ଗି ପ୍ରାୟ ୧୫୦ ଗ୍ରାମ ଓଜନର ସୁନା ଗହଣା ଓ ନଗଦ ୭୦ ହଜାର ଟଙ୍କା ଚୋରି କରିନେଇଥିବା ଘରମାଲିକ ଅଭିଯୋଗ କରିଛନ୍ତି । ଘର ଲୋକମାନେ ମନ୍ଦିରରୁ ଫେରି ଦେଖନ୍ତିତ ଏଭଳି ଘଟଣା ଘଟିଛି। ସନ୍ଧ୍ୟା ସମୟରେ କିଛି ସମୟ ପାଇଁ ବିଦ୍ୟୁତ୍ କଟିଯାଇଥିଲା । ଏହାର ସୁଯୋଗ କେହି ତାଙ୍କ ଘରେ ପଶି କଳାକନା ବୁଲାଇ ଦେଇ ଚାଲି ଯାଇଥିବା ପରିବାର ଲୋକମାନେ କହିଛନ୍ତି । ଏନେଇ ଘର ମାଲିକ ଯାଜପୁରରୋଡ଼ ଥାନାକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ପଚରାଉଚରା କରିବା ସହ ଘରର ସିସିଟିଭି ଫୁଟେଜକୁ ଯାଞ୍ଚ କରିଛି । ମଙ୍ଗଳବାର ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଅଣାଯାଇ ଚୋରି ସମ୍ପର୍କିତ ଅଧିକ ଯାଞ୍ଚ କରାଯିବ ବୋଲି ପୋଲିସ ଏଏସ୍‌ଆଇ ମନୋଜ କୁମାର ମଲ୍ଲ କହିଛନ୍ତି ।

୪ର୍ଥ ପର୍ଯ୍ୟାୟରେ ଜିଲାର ୮୭ ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ

ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରୀ ଉଚ୍ଚ ମାଧ୍ୟମିକ ବାଳିକା ବିଦ୍ୟାଳୟର ରୂପାନ୍ତରଣ ପ୍ରକଳ୍ପକୁ ଲୋକାର୍ପଣ କରୁଛନ୍ତି।

ଯାଜପୁର ଟାଉନ,୧୨।୨ (ପ୍ରଯକ୍ତା ପିୟଦର୍ଶିନୀ ମହାନ୍ତି) :

ଯାଜପୁରଟାଉନ ସରକାରୀ ଉଚ୍ଚ ମାଧ୍ୟମିକ ବାଳିକା ବିଦ୍ୟାଳୟ ପରିସରରେ ସୋମବାର ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରୀ ଉଚ୍ଚ ମାଧ୍ୟମିକ ବାଳିକା ବିଦ୍ୟାଳୟର ରୂପାନ୍ତରଣ ପ୍ରକଳ୍ପକୁ ଲୋକାର୍ପଣ କରିଛନ୍ତି । ଏଥି ସହିତ ଜିଲାର ୪ର୍ଥ ପର୍ଯ୍ୟାୟରେ ୮୭ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ ଲୋକାର୍ପଣ ହୋଇଛି । ସମସ୍ତ ବିଦ୍ୟାଳଗରେ ଥିବା ପରିଚାଳନା କମିଟି, ପୁରାତନ ଛାତ୍ର ସଂସଦ, ଅଭିଭାବକ, ଶିକ୍ଷୟିତ୍ରୀ,ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ।

**ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସରକାରୀ ଉଚ୍ଚ ମାଧ୍ୟମିକ ବାଳିକା ବିଦ୍ୟାଳ

ସଂକ୍ଷେପରେ

ଦୁର୍ଘଟଣାରେ ଆଇନଜୀବୀଙ୍କ ମୃତ୍ୟୁ

ପଟ୍ଟାମୁଣ୍ଡାଇ, ୧୨।୨ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପ ଟ୍ଟ । ମୁ ଣ୍ଡ । ଇ ଠିକିରି ପୋଲ ଛକ ନିକଟରେ ଟ୍ରକ୍ ପଛପଟେ ବାଇକ୍ ଧକ୍କାରେ ଜଣେ ବରିଷ୍ଠ ଆଇନଜୀବୀଙ୍କ ରବିବାର ମୃତ୍ୟୁ ଘଟିଛି। ସେ ସଂସାରଫଳ ସରପଞ୍ଚଙ୍କ ପତିନିଧି ଥିବାବେଳେ ପଞ୍ଚାୟତ କାମ ସାରି ପଟ୍ଟାମୁଣ୍ଡାଇ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି। ଗ୍ରାମାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଟ୍ରକ୍‌କୁ ଜବତ କରିଛି। ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ଥାନା ଅଧିନ ମଦନପୁର ଗ୍ରାମର ଆଇନଜିବୀ ଶିବ ପ୍ରସାଦ ସାମନ୍ତରାୟ ପୌରାଞ୍ଚଳ ଛାଉଣି ଗ୍ରାମରେ ନିଜ ଘର କରି ରହିଆସୁଥିଲେ। ତାଙ୍କ ସ୍ତ୍ରୀ ସଂସାରଫଳ ସରପଞ୍ଚ ଥିବା ରବିବାର ସନ୍ଧ୍ୟାରେ ପଞ୍ଚାୟତର ବିଭିନ୍ନ କାମ ସାରି ବାଇକ ନଂ. ଓଆର ୦୫ ଏବି–୧୦୫୯ରେ ପଟ୍ଟାମୁଣ୍ଡାଇ ଆସୁଥିଲେ। ଆଗରେ ଯାଉଥିବା ଟ୍ରକ୍ ହଠାତ ବ୍ରେକ୍ ଲଗାଇ ଦେବାରୁ ସେ ଟ୍ରକ ପଛରେ ପିଟି ହୋଇ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। କଟକରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ମାତ୍ରେ ପଟ୍ଟାମୁଣ୍ଡାଇ ଶୋକର ଛାୟା ଖେଳି ଯାଇଥିଲା। କଟକରୁ ତାଙ୍କ ମୃତଦେହ ସୋମବାର ଅପରାହ୍ନରେ ପଟ୍ଟାମୁଣ୍ଡାଇ କୋର୍ଟ ପରିସରରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଚାରପତି ଓ ଆଇନଜୀବୀଙ୍କ ସମେତ ଶତାଧିକ ଲୋକ ତାଙ୍କୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ତାଙ୍କ ମୃତଦେହକୁ ଗ୍ରାମ ଶ୍ମଶାନକୁ ନିଆଯାଇ ସଂସ୍କାର କରାଯାଇଥିବାବେଳେ ବଡପୁଅ ସୁଶାନ୍ତ ମୁଖାଗ୍ନି ଦେଇଥିଲେ।

ବେଲପାଳରେ ମା'ରଟନ୍ତୀ କାଳିପୂଜା

ରାଜନଗର, ୧୨।୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବେଲପାଳସ୍ଥିତ ମା'ରଟନ୍ତୀ କାଳିପୂଜା ଆରମ୍ଭ ହୋଇଛି। ଏଥିପାଇଁ ଶକ୍ତିପୀଠରେ ମା'ରଟନ୍ତୀ କାଳି କାଳ ଭୈରବୀ ବେଶରେ ତ୍ରିବେଣୀ ଅମାବାସ୍ୟାର ନିଶାର୍ଦ୍ଧ ରାତିରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପୂଜକମାନେ ଷୋଡଶ ଉପଚାର ସହିତ ମା'ଙ୍କ ମୃଣ୍ମୟ ମୂର୍ତ୍ତିକୁ ପ୍ରାଣ ସ୍ପର୍ଶ ଦେଇଛନ୍ତି। ବେଲପାଳ ସମେତ ବନ୍ଧପାଟଣା, ଓସ୍ତିଆ, ଭଗବାନପୁର, ବାଲିକଣା, ନଗଡ଼, ନଳଦିଆ, ଚନ୍ଦନପୁର, ରାଜପୁର ପ୍ରଭୃତି ୨୨ ମୌଜାର ଶତାଧିକ ଶ୍ରଦ୍ଧାଳୁ, ଭକ୍ତ ମା'ଙ୍କ ଦର୍ଶନ ଲାଭ କରୁଛନ୍ତି। ଲୋକକଥା ଅନୁସାରେ, ୭୧ବର୍ଷ ତଳେ ଏହି ଗ୍ରାମରେ ମହାମାରୀ ହଇଜାରେ ବହୁ ଲୋକ ମୃତ୍ୟୁ ମୁଖରେ ପଡ଼ିଥିଲେ। ଗାଁର ୭ ବର୍ଷର ବାଳକ ବିଷ୍ଣୁ ଚରଣ ପ୍ରଧାନଙ୍କ ସ୍ୱପ୍ନାଦେଶ ହୋଇଥିଲା ମା'ଙ୍କୁ ନିଷ୍ଠାର ପୂଜା କଲେ ମହାମାରୀ ଦୂର ହେବ। ବିଷ୍ଣୁଙ୍କ କହିବା ଅନୁସାରେ, ଗାଁ ଲୋକେ ଶ୍ମଶାନରେ ବିଷ୍ଣୁ ଚିହ୍ନାଇଥିବା ଜାଗାରେ ପୂଜା ଆରମ୍ଭ କରିଥିଲେ। ପରେ ଗାଁରୁ ମହାମାରୀ ଦୂର ହୋଇଯାଇଥିଲା। ଏହି ବିଶ୍ୱାସକୁ ଆଧାର କରି ସେବେଠୁ ବେଲପାଳ ଗ୍ରାମରେ ମା'ରଟନ୍ତୀ କାଳିପୂଜା ହୋଇଆସୁଛି।

ମିଶନ ଶକ୍ତି ମହିଳାଙ୍କୁ ସ୍ୱାବଲମ୍ବୀ କରିଛି

ଡେରାବିଶ, ୧୨।୨ (ବେବର୍ତ୍ତା ଅଜୟ ଦାସ)

୩ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ଡେରାବିଶ ବ୍ଲକ ଅଧୀନ ନହଙ୍ଗ, ବେଶିପୁର ଓ ରଘୁଦେଇପୁର ପଞ୍ଚାୟତରେ ସୋମବାର ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନହଙ୍ଗ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଯୋଗଦେଇ ଉଦ୍‌ଘାଟନ କରିବା ସହ ମିଶନଶକ୍ତି ଜରିଆରେ ମହିଳାଙ୍କୁ ସ୍ୱାବଲମ୍ବୀ କରାଯିବା ଏହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ପଦକ୍ଷେପ। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାଠାରୁ ଆରମ୍ଭ କରି ଲକ୍ଷ୍ମୀ ବସ୍ ସେବା ପର୍ଯ୍ୟନ୍ତ ବିଭିନ୍ନ ଯୋଜନାରେ ସାଧାରଣ ଲୋକ ବହୁ ସୁଫଳ ପାଉଛନ୍ତି ବୋଲି ସେ କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଯୋଗଦେଇ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ବିଷୟରେ ଉଲ୍ଲେଖ କରିଥିଲେ। ନହଙ୍ଗ ସରପଞ୍ଚ ବିଳାସିନୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ସେଠୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦିତ୍ୟ ନାରାୟଣ ରାଉତ ଯୋଗଦେଇ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ବିକେ ନମିତା ମହାନ୍ତି ଅତିଥି ପରିଚୟ ଓ ସିଆରପି ଶ୍ରୀୟା ରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଡେରାବିଶ ବ୍ଲକ କାଳାକାର ସଂଘ ଉପସଭାପତି ନିରାକାର ମହାରଣାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟଗୀତ, ଗାୟକ ବିମ୍ବାଧର ବେହେରା ଓ ତାଙ୍କ ସାଥୀ ଦ୍ୱାରା ଘୋଡ଼ାନାଚ ପରିବେଶିତ ହୋଇଥିଲା। ଏହାକୁ ଜିଆରଏସ୍ ଅଲେଖ ଚନ୍ଦ୍ର ପୃଷ୍ଟି, କୃତିବାସ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

ସେହିପରି ବେଶିପୁର ପଞ୍ଚାୟତରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସରପଞ୍ଚ ମୋହନ ଚରଣ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ ବିଜେଡି ସମ୍ପାଦକ ସୁଦୀପ୍ତ ସାମଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା କବିତା ସେଠୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତିଲୋତମା ରାଉତ ଯୋଗ ଦେଇଥିଲେ। ଏହାକୁ ଜିଆରଏସ୍ ନମିତା ପଣ୍ଡା, ଚିନ୍ମୟ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ବ୍ଲକ ଅଧୀନ ରଘୁଦେଇପୁର ପଞ୍ଚାୟତରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲାପରିଷଦ ସଭାପତି ଗୀତାଞ୍ଜଳି ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ମୋନାଲିସା ନାୟକ, ବେଲାରପୁରସ୍ଥିତ ଭଗବତୀ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ଜେନା ଯୋଗ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ମଲିକ ଧନ୍ୟବାଦ ଦେଇଥିବାବେଳେ ଜିଆରଏସ୍ ଦିପ୍ତୀ ପାତ୍ର, ରମାକାନ୍ତ ମଲିକ ପ୍ରମୁଖ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ପଞ୍ଚାୟତର ଏମ୍‌ବିକେ, ସିଆରପି ଓ ଏସ୍‌ଏଚଜିର ସଦସ୍ୟା ଉପସ୍ଥିତ ଥିଲେ।

ଖବରଦାତାଙ୍କ ସାମାଜିକ ସୁରକ୍ଷା ଦାବିକଲା ଏସ୍‌ୟୁଜେ

କେନ୍ଦ୍ରାପଡ଼ା, ୧୨।୨ (ଜଗନ୍ନାଥ ଧଳ)

ଖବରଦାତା ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ କେତେଜଣ ଦୁର୍ବୃତ୍ତ ମରଣାତ୍ମକ ଆକ୍ରମଣ ଗତ ଶନିବାର ରାତିରେ ଭୁବନେଶ୍ୱରରେ କରିଛନ୍ତି। ଏହି ଘଟଣାରେ ଓଡ଼ିଶା ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ) ପକ୍ଷରୁ ଉଦ୍‌ବିଘ୍ନ ପ୍ରକାଶ କରାଯାଇଛି। କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଖବରଦାତାଙ୍କ ସାମାଜିକ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇ ଡିଜିପିଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଡେରାବିଶ ବ୍ଲକର ପ୍ରଶାସନିକ ଜନଶୁଣାଣି ଶିବିରରେ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜିଲା ସଭପତି ଦଇତାରୀ ଜେନା କହିଛନ୍ତ, ସମ୍ପ୍ରତି ଖବରଦାତାଙ୍କ ସାମାଜିକ ସୁରକ୍ଷା ବିପନ୍ନ ହୋଇଛି। ପ୍ରତ୍ୟେହ ଖବରଦାତାମାନେ ଅସହିଷ୍ଣୁଙ୍କ ଶିକାର ହେଉଛନ୍ତି। ସୁସ୍ଥ ସମାଜ ଗଠନରେ ଖବରଦାତାଙ୍କ ଅବଦାନ କାହାକୁ ଅଛପା ନୁହେଁ। ସବୁ ସମୟରେ ଲୋକଙ୍କ ପାଖରେ ରହି ଖବର ପରିବେଷଣ କରୁଛନ୍ତି। ଏହାସତ୍ତ୍ୱେ କେତେଜଣ ସ୍ୱାର୍ଥନ୍ୱେସୀ ଖବର ପରିବେଷଣରେ ବାଧା ସୃଷ୍ଟି ପାଇଁ ମରଣାତ୍ମକ ଆକ୍ରମଣ କରୁଛନ୍ତି। ରାଜ୍ୟରେ ଖବରଦାତାଙ୍କ ସୁରକ୍ଷା ଆଇନ ଆଣିବା ସହିତ ଖବରଦାତା ମହାପାତ୍ରଙ୍କ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ପାଇଁ ଦାବି ପତ୍ର ଦିଆଯାଇଥିବା ଜିଲା ସଭାପତି ଜେନା ପ୍ରକାଶ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଉପସଭାପତି ଅସିତ ପଣ୍ଡା, ସହସମ୍ପାଦକ ସଞ୍ଜୟ ପଣ୍ଡାଙ୍କ ସମେତ ସଂଘର ବହୁ ସଦସ୍ୟ ଓ କର୍ମକର୍ତ୍ତା ସାମିଲ ହୋଇଥିଲେ।

ଭାଜପାର ଗାଁକୁ ଚାଲ ଅଭିଯାନ

ମହାକାଳପଡ଼ା, ୧୨।୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ଭାଜପାର ଗାଁକୁ ଚାଲ ଅଭିଯାନ ରବିବାର ଜୋରଦାର କରାଯାଇଛି। ନିର୍ବାଚନମଣ୍ଡଳୀର ମହାକାଳପଡ଼ା ବ୍ଲକ ବଡ଼କୂଳ ପଞ୍ଚାୟତର ଆଶ୍ରମ ବାଲିକୁଦା ଗ୍ରାମ ବୁଥ୍ ନଂ.୧୩୪ରେ ଘରକୁ ଘର ବୁଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାଗୁଡ଼ିକ ଲୋକାଭିମୁଖୀ କରିବା ପାଇଁ ଏହାର ମୁଖ୍ୟ ଲକ୍ଷ୍ୟ ରହିଛି ବୋଲି ଜିଲା ଭାଜପା ଉପସଭାପତି ଯଥା ନିର୍ବାଚନମଣ୍ଡଳୀ ଗାଁକୁ ଚାଲ ଅଭିଯାନର ସଂଯୋଜକ ସଞ୍ଜୟ କୁମାର ରଥ କହିଛନ୍ତି। ଏହି ଅବସରରେ ଅଞ୍ଚଳର ବହୁ ସଂଖ୍ୟାରେ ଭାଜପା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଦଲ ବେହେରା, ପ୍ରତାପ ରାଉତରାୟ, ଅରୁଣ ବେହେରା, ଅରକ୍ଷିତ ନାୟକ, ଅଲେଖ ପରିଡ଼ା, ପ୍ରଦ୍ୟୁମ୍ନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

୨ ମହିଳାଙ୍କ ବେକରୁ ସୁନା ଚେନ ଝିଙ୍କି ନେଇ ଧରାପଡ଼ିଲେ ୨ ଦୁର୍ବୃତ୍ତ

ଆଳିରେ କଳା ପଲସର ଆତଙ୍କ

ଆଳି, ୧୨।୨ (ବନମାଳୀ ସେନାପତି)

ଆହତ ହୋଇଥିବା ୨ ମହିଳା।

ଧରାପଡିଥିବା ୨ ଦୁର୍ବୃତ୍ତ।

ଆଳି ଥାନା ଅଞ୍ଚଳରେ ସୋମବାର ସକାଳେ ୨ ଦୁର୍ବୃତ୍ତ ଏକ କଳା ପଲସର ଯୋଗେ ଆସି ପାଇକସାହି ଓ ଲୋକାପଡ଼ା ଗ୍ରାମର ୨ ମହିଳାଙ୍କୁ ମାଡ଼ ମାରି ସେମାନଙ୍କ ବେକରୁ ସୁନା ଚେନ ଝିଙ୍କି ନେଇ ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତ ଦୁହିଁଙ୍କୁ ଗୋଡ଼ାଇ ଗୋଡ଼ାଇ କାବୁ କରି ନେଇଥିଲେ ସେନା ବିଭାଗରେ କାର୍ଯ୍ୟ କରୁଥିବା ଲୋକାପଡ଼ା ଗ୍ରାମର ବିଶ୍ୱଜିତ ଘଡେଇ। ସେ ତାଙ୍କ ମା'ଙ୍କ ନିକଟରୁ ସୁନା ଲୁଟି ନେଇଥିବା ଦୁର୍ବୃତ୍ତଙ୍କୁ ଧରି ତାଙ୍କ ମା'ଙ୍କ ପାଖକୁ ଆଣି ସାହୁ ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ, ସେ ସକାଳ ପ୍ରାୟ ସାଢେ ୯ଟାରେ ଗ୍ରାମ ମନ୍ଦିରରୁ ପୂଜା ସାରି ଘରକୁ ଫେରୁଥିଲେ। ଦୁଇ ଜଣ ଯୁବକ ହେଲମେଟ ପିନ୍ଧି ଏକ ବାଇକ୍‌ରେ ଆସି ତାଙ୍କୁ ଏକ ଠିକଣା ପଚାରିବା ପରେ ସେ ସେହି ଠିକଣା ଜାଣି ନ ଥିବା କହିବା ସମୟରେ ତାଙ୍କୁ ସେମାନେ ଅତର୍କିତ ମାଡ଼ ମାରି ତଳେ ପକାଇ ତାଙ୍କ ଛାତି ଉପରେ ଚଢି ଯାଇଥିଲେ। ସେ ତାଙ୍କୁ ବିରୋଧ କରିବାରୁ ଦୁର୍ବୃତ୍ତ ଦୁଇଜଣ ତାଙ୍କ ମୁହଁ ଛାତିକୁ ପ୍ରବଳ ମାଡ଼ ମାରି ତାଙ୍କ ବେକରେ ଥିବା ପ୍ରାୟ ୨୦ ଗ୍ରାମର ସୁନା ଚେନ ଛିଡାଇ ନେଇ ଫେରାର ହୋଇ ଯାଇଥିଲେ। ଏହି ଘଟଣା ଅଧଘଣ୍ଟା ପରେ ଲୋକାପଡା ଗ୍ରାମର ସ୍ୱର୍ଣ୍ଣପ୍ରଭା ଘଡେଇ ଘରୁ ବାହାରି ନିକଟରେ ଥିବା ନଦୀକୁ ଶୌଚ ନିମନ୍ତେ ଯାଉଥିବା ବେଳେ ଦୁଇ ଦୁର୍ବୃତ୍ତ ତାଙ୍କୁ ଦ୍ୱୟଙ୍କୁ ଚିହ୍ନଟ କରିବା ପରେ ଗ୍ରାମବାସୀଙ୍କ ସହାୟତାରେ ଥାନାରେ ଜିମା ଦେଇଥିଲେ। ପୋଲିସ ଦୁର୍ବୃତ୍ତ ଦ୍ୱୟ ବ୍ୟବହାର କରୁଥିବା ପଲସର ବାଇକ୍ ନଂ. ଓଡି ୨୨କେ ୯୮୮୦କୁ ଜବତ କରିଥିଲେ। ଦୁର୍ବୃତ୍ତ ଦ୍ୱୟ ହେଲେ ଆଳି ଥାନା ଅନ୍ତର୍ଗତ ଚୁନବନ୍ଧ ଗାଁର ଅରବିନ୍ଦ ବିଶ୍ୱାଳ ଓ ରାଜକନିକା ଥାନା ଅନ୍ତର୍ଗତ ବାଙ୍ଗରକୁଆଁ ଗ୍ରାମର ରଞ୍ଜନ ରାଉତଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏ ନେଇ ପାଇକସାହି ଶୀତଳେଶ୍ୱର ଗ୍ରାମର ବାସନ୍ତୀ ମାଡ଼ ମାରି ତଳେ ପକାଇ ଦେଇଥିଲେ। ତାଙ୍କ ବେକରେ ଥିବା ପ୍ରାୟ ୧୨ ଗ୍ରାମର ସୁନା ଚେନ ଝିଙ୍କି ନେଇ ଫେରାର ହୋଇ ଯାଇଥିଲେ। ଏହା ଜାଣିବା ପରେ ସ୍ୱର୍ଣ୍ଣପ୍ରଭାଙ୍କ ବଡ଼ପୁଅ ବିଶ୍ୱଜିତ ସଙ୍ଗେ ସଙ୍ଗେ ଦୁର୍ବୃତ୍ତମାନଙ୍କ ପିଛାକରି ବାଳକାଟି ନିକଟରେ କାବୁ କରି ନେଇଥିଲେ। ବିଶ୍ୱଜିତଙ୍କ ପଛେ ପଛେ ଅନ୍ୟମାନେ ମଧ୍ୟ ଯାଇ ଦୁର୍ବୃତ୍ତମାନଙ୍କୁ ଧରି ଥିଲେ। ବିଶ୍ୱଜିତ ଦୁଇ ଦୁର୍ବୃତ୍ତଙ୍କୁ ଧରି ମା'ଙ୍କ ନିକଟକୁ ଆଣି ଚିହ୍ନଟ କରିବା ପରେ ଥାନାକୁ ଖବର ଦେଇଥିଲେ। ଆଇଆଇସି ସବ୍ୟସାଚୀ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ଦୁର୍ବୃତ୍ତ ଦ୍ୱୟଙ୍କୁ ଥାନା ଆଣିଥିଲେ। ପୋଲିସ ଦୁଇଟି ଅଭିଯୋଗକୁ ଭିତ୍ତିକରି ନଂ. ୧୨୫/୨୪ ଓ ୧୨୬/୨୪ରେ ମାମଲା ରୁଜୁ କରିବା ସହିତ ଅଧିକ ତଦନ୍ତ ଚାଲିଛି ବୋଲି ଆଇଆଇସି ଶତପଥୀ ସୂଚନା ଦେଇଛନ୍ତି।

ଭାଷା ହିଁ ସଭ୍ୟତା, ସଂସ୍କୃତିର ମାନଦଣ୍ଡ

ରାଜନଗର, ୧୨।୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ନାଗା ନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନୂଆ–ଓ ଆନୁକୂଲ୍ୟରେ ଓଡ଼ିଆ ସାହିତ୍ୟ ଓ ଭାଷାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମାନସ ରଞ୍ଜନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କବି ଅଭିରାମ ସାହୁ, ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ରତ୍ନାକର ନାୟକ, ପରିଚାଳନା କମିଟି ସଭାପତି କାର୍ତ୍ତିକ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଓଡିଆ ସାହିତ୍ୟ, କଳା, ସଂସ୍କୃତି ଓ ଇତିହାସ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଭାଷା ହିଁ ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ ବୋଲି ବକ୍ତାମାନେ କହିଥିଲେ। ଅଧ୍ୟାପକ ପ୍ରତାପ ଧଳ ଅତିଥି ପରିଚୟ, ଶିକ୍ଷକ ଓମ ପ୍ରକାଶ ବାରିକ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକମାନେ ପରିଚାଳନା କରିଥିଲେ।

ବଙ୍ଗାଳପୁରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ଅତିଥି ବୃନ୍ଦ।

ପାଟକୁରା, ୧୨।୨ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅମୀୟ କୁମାର ଜେନାଙ୍କ ସଭାପତିତ୍ୱରେ ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ଆମ୍ବା ଅଧ୍ୟକ୍ଷ ବାସୁଦେବ ବେହେରା, ସରପଞ୍ଚ ପ୍ରଭାତ ନଳିନୀ ଜେନା, ପୂର୍ବତନ ସରପଞ୍ଚ ଅଶୋକ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିଥିଲେ। ଏହାବ୍ୟତୀତ ଅଙ୍ଗନୱାଡି, ପାନୀୟ ଜଳ ଯୋଗାଣ ଆରମ୍ଭ କରାଯିବ ବୋଲି ସରପଞ୍ଚ କହିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସମିତି ସଭ୍ୟା ମହେଶ୍ୱତା ସାମଲ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଅଳପୁଆ ପଞ୍ଚାୟତର କଂଗ୍ରେସ କର୍ମୀ ସମ୍ମିଳନୀ

ପଟ୍ଟାମୁଣ୍ଡାଇ, ୧୨।୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ

ସଂକ୍ଷେପରେ

ଟ୍ୟାଙ୍କର ଚକା ତଳେ ପଡ଼ି ବାଇକ୍ ଚାଳକ ମୃତ

ଫୁଲବାଣୀ,୧୨।୨
(ରାକେଶ କୁମାର ରାଉତ)

ଫୁଲବାଣୀ ସହର ଗୋପାଳ ସାହି ନିକଟରେ ସୋମବାର ସଡକ ଦୁର୍ଘଟଣା ଘଟିଛି । ଏକ ଟ୍ୟାଙ୍କର ଚକାତଳେ ପଡ଼ିଯିବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ ଶେଷଦେବ ନାୟକ । ସେ ନିର୍ମାଣଧୀନ ଫୁଲବାଣୀ ମେଡିକାଲ କଲେଜରେ ଲିଫ୍ଟ ଡ୍ରାଇଭର ଭାବେ କାମ କରୁଥିଲେ। ପ୍ରତେକ ଦିନ ପରି ଶେଷଦେବ ବାଇକ୍‌ରେ ନିଜ କାମକୁ ଯାଉଥିଲେ । ହନୁମାନ ମନ୍ଦିର ପାଖାପାଖି ଗୋପାଳ ସାହି ପାଖରେ ଏକ ଟ୍ୟାଙ୍କର ପଛ ଚକାରେ ବାଇକଟି ଲାଗି ଯିବାରୁ ଶେଷଦେବ ପଛ ଚକା ଆଗରେ ପଡ଼ିଯାଇଥିଲେ। ଫଳରେ ଗାଡି ତାଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା। ଅଗ୍ନିଶମ ବାହିନୀ ଓ ଟିମ ହ୍ୟୁମାନିଟି ଘଟଣାସ୍ଥଳରେ ପହଞ୍ଚି ଶେଷଦେବଙ୍କୁ ଫୁଲବାଣୀ ମେଡିକାଲ ନେଇଥିଲେ । ପୋଲିସ ମୃତଦେହ ଜବତ କରିବା ସହିତ ନଂ.୩୨/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗକୁ ହସ୍ତାନ୍ତର କରାଯାଇଛି।

ଗଞ୍ଜାମ ଜିଲା କଂଗ୍ରେସର ୨ ନୂଆ ସଭାପତିଙ୍କୁ ଶୁଭେଚ୍ଛା ଜଣାଇଲେ ପୂର୍ବତନ ବାଚସ୍ପତି

ପାତ୍ରପୁର, ୧୨।୨ (ଉମା ଚରଣ ନେପାକ)

ଗଞ୍ଜାମ ଜିଲାକୁ ଦୁଇ ସାଂଗଠନିକ ଜିଲାରେ ବିଭକ୍ତ କରିଛି କଂଗ୍ରେସ। ଜିଲା ସଭାପତି ରମେଶ ଜେନାଙ୍କୁ ବଦଳାଇ ତାଙ୍କ ସ୍ଥାନରେ ଦୁଇ ନୂଆ ସଭାପତିଙ୍କୁ ଦାୟିତ୍ୱ ଦେଇଛି କଂଗ୍ରେସ। ଘୋଷଣା ମୁତାବକ ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକଙ୍କୁ ପୂର୍ବ ଜିଲାର ଦାୟିତ୍ୱ ଓ ରବୀନ୍ଦ୍ର ଶର୍ମାଙ୍କୁ ପଶ୍ଚିମ ଜିଲା ଦାୟିତ୍ୱ ଦେଇଛି କଂଗ୍ରେସ। ଓଡ଼ିଶା ବିଧାନ ସଭାର ପୂର୍ବତନ ବାଚସ୍ପତି ତଥା ବରିଷ୍ଠ କଂଗ୍ରେସ ନେତା ଚିନ୍ତାମଣି ଦ୍ୟାନ ସାମନ୍ତରା ଓ ରବୀନ୍ଦ୍ର କୁମାର ଦ୍ୟାନ ସାମନ୍ତରା ଉଭୟ ସଭାପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦୁଇ ବରିଷ୍ଠ ଆଇନଜୀବୀଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ କଂଗ୍ରେସର ସାଙ୍ଗଠନିକ ଦକ୍ଷତା ବୃଦ୍ଧି ପାଇବ ବୋଲି ପ୍ରକାଶ କରିଛନ୍ତି।

ବିଦ୍ୟୁତ୍ ଆଘାତରେ ପୁତୁରା ମୃତ, ମାଉସୀ ଗୁରୁତର

ମୋହନା/ ଆର୍.ଉଦୟଗିରି,୧୨।୨ (ମନ୍ମଥ ମିଶ୍ର/ମନୋଜ ପାଢ଼ୀ)

ଆର୍.ଉଦୟଗିରି ବ୍ଲକ କାଟମପଡ଼ା ଗାଁରେ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପୁତୁରାଙ୍କ ମୃତ୍ୟୁ ଘଟିଥିବା ବେଳେ ମାଉସୀ ଗୁରୁତର ହୋଇଛନ୍ତି। ଅପରାହ୍ନରେ ଏକ ନାଳକୁ ତ୍ରିଲୋଚନ ବେହେରା ଦଳାଇ ଗାଧୋଇ ଯାଇଥିଲେ। ହେଲେ ନାଳରୁ ବିଦ୍ୟୁତ୍ ସାହାର୍ଯ୍ୟରେ ଜଳ ନେଉଥିବା ଏକ ତାରରେ ଲାଗିଯାଇଥିଲେ ତ୍ରିଲୋଚନ। ଫଳରେ ସେଠାରେ ହିଁ ପଡ଼ିଚଳିପଡ଼ିଥିଲେ। ଡେରି ହେବାରୁ ମାଉସୀ ଯମୁନା କାର୍ଜୀ ଦେଖିବାକୁ ଯାଇଥିଲେ। ନାଳ ନିକଟରେ ଥିବା ଚୁଆଁରେ ପଡ଼ି ରହିଥିବା ଦେଖି ତାଙ୍କୁ ଉଠାଇବା ବେଳେ ମାଉସୀ ମଧ୍ୟ ବିଦ୍ୟୁତ ସଂସ୍ପର୍ଶରେ ଲାଗିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଚନ୍ଦ୍ରଗିରି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତ୍ରିଲୋଚନଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ଆର୍.ଉଦୟଗିରି ପୋଲିସ୍ ପହଞ୍ଚି ଅଧିକ ତଦନ୍ତ ଚଳାଇଛି।

କାରଣ ଖୋଜୁଛି ପୌରପାଳିକା, ତଦନ୍ତ ଦାବି କଲେ ବିରୋଧୀ

କାର୍ଯ୍ୟାଳୟରେ ନିଆଁ ଲାଗିବା ଘଟଣା

ପାରଳାଖେମୁଣ୍ଡି,୧୨।୨ (ଗିରିଧାରୀ ପରିଚ୍ଛା):

ପାରଳାଖେମୁଣ୍ଡି ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ରବିବାର ରାତିରେ ନିଆଁ ଲାଗିବା ଘଟଣାର କାରଣ ଖୋଜୁଛନ୍ତି ପୌରପାଳିକା କର୍ତ୍ତୃପକ୍ଷ। ସେପଟେ ଏହି ଘଟଣାକୁ ନେଇ ରାଜନୈତିକ ବୟାନବାଜି ଆରମ୍ଭ ହୋଇଗଲାଣି । ଉଭୟ ବିରୋଧୀ କଂଗ୍ରେସ ଓ ଭାଜପା ଘଟଣାର ଉଚ୍ଚସ୍ତରର ତଦନ୍ତ ପାଇଁ ଦାବି କଲେଣି। ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲ ଯେ, ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅକ୍ଲାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ପ୍ରାଥମିକ ସ୍ତରରେ ଜଣାପଡୁଛି ବହୁ ପୁରୁଣା ଦସ୍ତାବିଜ, ନିର୍ବାଚନ ସମ୍ବନ୍ଧୀୟ କିଛି କାଗଜପତ୍ର, ଅନ୍ୟାନ୍ୟ ଯୋଜନା ସମ୍ବନ୍ଧୀୟ କାଗଜପତ୍ର, ସହରକୁ ପଲିଥିନ ମୁକ୍ତ କରିବା ପାଇଁ ପୌରପାଳିକା ତରଫରୁ ବିଭିନ୍ନ ସମୟରେ ବଜାରରୁ ଜବତ କରାଯାଇଥିବା ପଲିଥିନ, ମଶା ତେଲ ଆଦି ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟହୋଇଛି । ତେବେ ବର୍ତ୍ତମାନ ଯାଏ ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡିନାହିଁ । ସିସିଟିଭି ଫୁଟେଜ ସଂଗ୍ରହ କରାଯାଇଛି। ଯେଉଁ ଦୁଇଟି କୋଠରୀରେ ନିଆଁ ଲାଗିଛି ତାହା ଦୀର୍ଘଦିନ ଧରି ବନ୍ଦ ଥିଲା। ତେବେ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରି କହିଛନ୍ତି। ସେପଟେ ବିରୋଧୀ କଂଗ୍ରେସ ଓ ଭାଜପା ଅଭିଯୋଗ କରିଛନ୍ତି ଯେ. ପୌର ପରିଷଦରେ ପୂର୍ବରୁ ବହୁ ଦୁର୍ନୀତି ହୋଇଛି। ଆଗକୁ ସାଧାରଣ ନିର୍ବାଚନ ରହିଥିବାରୁ ପୌରପରିଷଦର ଗୋଦାମ ଗୃହରେ ନିଆଁ ଲାଗିଥିବା ଏକ ଚାଲ ବୋଲି ଅଭିଯୋଗ କରିଛନ୍ତି । ବହୁ ଦୁର୍ନୀତିକୁ ଲୁଚାଇବା ପାଇଁ ଏଭଳି କରାଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି ଉଭୟ କଂଗ୍ରେସ ନଗର ସଭାପତି ବସନ୍ତ କୁମାର ପଣ୍ଡା ଓ ଭାଜପାର ପାରଳା ବିଧାୟକ କେ ନାରାୟଣ ରାଓ। ତେବେ ଏହି ଘଟଣା ଅଧିକ ବିବାଦକୁ ଯିବା ପୂର୍ବରୁ ସମାଧାନ ହେବ ଜରୁରୀ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

୭୦ ଲକ୍ଷ କ୍ରିପ୍ଟୋ ଠକେଇ, ଜଣେ ଗିରଫ

ପ୍ରିୟବ୍ରତ ବେହେରା।

ଫୁଲବାଣୀ,୧୨/୨(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ୭୦ ଲକ୍ଷ ଟଙ୍କାର କ୍ରିପଟୋ କରେନ୍ସି ଠକେଇ ସାମ୍ନାକୁ ଆସିଛି। ଫୁଲବାଣୀ ସହରର ବହୁ ଜଣାଶୁଣା ବ୍ୟକ୍ତି ଏହି ଠକେଇର ଶିକାର ହୋଇଛନ୍ତି। ଏହି ଘଟଣାରେ ସୋମବାର ସାଇବର ଥାନା ପୋଲିସ ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଦଉକି ପଞ୍ଚାୟତ ଦୁବଗଡ଼ର ପ୍ରିୟବ୍ରତ ବେହେରା।

ପ୍ରକାଶ ଯେ, ପ୍ରିୟବ୍ରତ ଯୁକ୍ତ ଦୁଇ ପଢ଼ିଛନ୍ତି। ୨୦୨୨ରୁ ସେ କ୍ରିପଟୋ କରେନ୍ସି ବିଷୟରେ ଲୋକଙ୍କୁ କହି ଠକେଇ ଆରମ୍ଭ କରିଥିଲେ। ଟଙ୍କା ନେଇ ଅନଲାଇନରେ କ୍ରିପଟୋ କରେନ୍ସି ଦେଉଥିଲେ। ଏହା ସମୟ କ୍ରମେ ଅଧିକ ଲାଭ ହେବ କହି ଜଣକ ପରେ ଜଣଙ୍କୁ ଠକିବା ଆରମ୍ଭ କରିଥିଲେ। ନିବେଶକମାନେ ଠକେଇର ଶିକାର ହୋଇଥିବା ଜାଣିବା ପରେ ସାଇବର ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ତରୁଣ ତପନ ବେହେରା ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ବହୁ ଦିନରୁ ଫେରାର ଥିବା ପ୍ରିୟବ୍ରତଙ୍କୁ ରବିବାର ଗିରଫ କରାଯାଇଥିଲା। ଏହି ଘଟଣାର ତଦନ୍ତ ଚଳାଇଥିବା ବେଳେ ପୋଲିସ ନଂ. ୭/୨୩ରେ ମାମଲା ରୁଜୁ କରିଥିବା ଥାନାଧିକାରୀ ପ୍ରକାଶ କରିଛନ୍ତି।

ଜିଲାସ୍ତରୀୟ ଜନଜାତି ସାଂସ୍କୃତିକ ଓ କ୍ରୀଡ଼ା ମହୋତ୍ସବ

କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଫୁଲବାଣୀ,୧୨।୨(ରାକେଶ କୁମାର ରାଉତ)

ଫୁଲବାଣୀ ସ୍ଥିତ କରୋନେସନ ପଡ଼ିଆରେ ସୋମବାର ଜିଲାସ୍ତରୀୟ ଜନଜାତି ସାଂସ୍କୃତିକ ଓ କ୍ରୀଡ଼ା ମହୋତ୍ସବ ଆରମ୍ଭ ହୋଇଛି। ପ୍ରଥମେ ମଶାଲ ଶୋଭାଯାତ୍ରା ଫୁଲବାଣୀ ସାହି ମା' ବରାଳଦେବୀ ମନ୍ଦିରରୁ ବାହାରି କରୋନେସନ ପଡିଆରେ ପହଞ୍ଚିଥିଲା। ସେଠାରେ ମଶାଲ ରଖିବା ପରେ ଧରଣୀପେନୁ ପୂଜାର୍ଚ୍ଚନା ହୋଇଥିଲା। କନ୍ଧମାଳ ଏମ୍‌ପି ଅଚ୍ୟୁତାନନ୍ଦ ସାମଲ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ଉପାଧ୍ୟକ୍ଷା ନଳିନୀ କହଁର, ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣୁଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାପରେ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସୁନ୍ଦରଗଡର ସାନ୍ତାଳୀ ନୃତ୍ୟ, ମାନ୍ଦାରୀ ନୃତ୍ୟ, ସମ୍ବଲପୁରର କିଷାନ ନୃତ୍ୟକୁ ସମସ୍ତେ ବେଶ ଉପଭୋଗ କରିଥିଲେ। ସେହିପରି କନ୍ଧମାଳ ଜିଲାର ବିଭିନ୍ନ ଅଞ୍ଚଳର ଆଦିବାସୀ ଦଳମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ।

ନୂତନ ଥାନାଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ରାମଗିରି,୧୨।୨(ବୃନ୍ଦାବନ ଗୌଡ଼)

ଆର.ଉଦୟଗିରି ବ୍ଲକ ରାମଗିରି ଥାନାରେ ନୂତନ ଥାନାଧିକାରୀ ଭାବେ ଡି. ଗଜପତି ଦୋରା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏଠାରେ ଯୋଗଦେବା ପୂର୍ବରୁ ସେ ନୂଆଗଡ ବ୍ଲକ ଖଜୁରୀପଦା ଫାଣ୍ଡି ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ରାମଗିରି ଥାନାରେ ପୂର୍ବରୁ କାର୍ଯ୍ୟଭାର ନେଇଥିବା ଅଧିକାରୀ ଲୋକନାଥ ବେହେରାଙ୍କୁ ଗୋଶାଣୀ ବ୍ଲକ ଗାରାବନ୍ଧ ଥାନାକୁ ଏଏସ୍‌ଆଇ ଭାବେ ବଦଳି ହୋଇଛି।

ସଂସ୍କୃତ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ

ଆସିକା,୧୨।୨(ସୁରେନ୍ଦ୍ରନାଥ ସାହୁ)– ଆସିକା ମେକ ମାଇକେଲ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ, ପୁରୀର ପୂର୍ବତନ କୁଳପତି ଡ. କିଶୋର ଚନ୍ଦ୍ର ପାଢୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଉଚ୍ଚ ଶିକ୍ଷା ବ୍ରହ୍ମପୁର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢୀ ଏବଂ ସମ୍ମାନିତ ଅତିଥି ରୂପେ ମାଧ୍ୟମିକ ଶିକ୍ଷା ପରିଷଦ ଡେପୁଟି ଡାଇରେକ୍ଟର ଡ. ସୁଶାନ୍ତ କୁମାର ଦାଶ, ପାରଳାଖେମୁଣ୍ଡି ଏସ.କେ.ସି.ଜି. ମହାବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ବିଶ୍ୱେଶ୍ୱର ମିଶ୍ର, ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା ।

ଗଞ୍ଜେଇ ଜବତ, ବ୍ୟବସାୟୀ ଫେରାର

ଫିରିଙ୍ଗିଆ,୧୨।୨(ବିକ୍ରମ ଦିଗାଲ)

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅଞ୍ଚଳରେ ଦୀର୍ଘ ଦିନ ହେଲା ଗଞ୍ଜେଇ କଟା ଅଭିଯାନ ଚାଲିଛି। ସୋମବାର କାଶିନିପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାକାମାହା, ବାଡା ବାଙ୍ଗା ଓ ମାଣ୍ଡୁଗାଁରେ ୩୨ ଏକର ଗଞ୍ଜେଇ ଗଛ କାଟିବା ସହ ଜଙ୍ଗଲରେ ଚାଲାଣ ପାଇଁ ପ୍ରସ୍ତୁତ ହେଇଥିବା ୩୧୦ କିଲୋ ଗଞ୍ଜେଇକୁ ପୋଲିସ ଜବତ କରିଛି। କିନ୍ତୁ ଗଞ୍ଜେଇ ମାଫିଆ ଚମ୍ପଟ ମାରି ଫେରାର ହୋଇଛନ୍ତି। ଏ ସଂକ୍ରାନ୍ତ ଫିରିଙ୍ଗିଆ ଥାନାରେ ନଂ. ୪୦/୨୪ରେ ଏକ ମାମଲା ରୁଜୁ ହୋଇଛି।

ଜି.ଉଦୟଗିରିରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

ଜି.ଉଦୟଗିରି,୧୨।୨(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ବ୍ଲକ ସଭାଗୃହରେ ସୋମବାର କନ୍ଧମାଳ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପଟେଲ, ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ନୀଳମାଧବ ଭୋଇ, ବାଲିଗୁଡା ଉପଜିଲାପାଳ ଡାକ୍ତର ରୀନା ପ୍ରଧାନ ଉପସ୍ଥିତ ରହି ମୋଟ ୬୨ଟି ଅଭିଯୋଗର ଶୁଣାଣି କରିଥିଲେ। ଅଭିଯୋଗ ଶୁଣାଣି ବେଳେ ବିଡିଓ ମନୋଜ କୁମାର ଦେବତା, ତହସିଲଦାର ରଞ୍ଜନ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

୧୪୩ ଅଭିଯୋଗ ଶୁଣିଲେ ଜିଲାପାଳ

ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

ମୋହନା,୧୨।୨(ମନ୍ମଥ ମିଶ୍ର)

ମୋହନା ବ୍ଲକ କର୍ଜବାଡି ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଶାସନର ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣିଛନ୍ତି। ଅଭିଯୋଗ ଶୁଣାଣିରେ ଗୋପାଳପୁର-ମୋହନା -ରାୟଗଡା ରେଳପଥ ଦାବି କରିଛନ୍ତି ଅଞ୍ଚଳବାସୀ। ସେହିପରି ଡାଙ୍ଗେସଖାଲ ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଦାବି କରିଛନ୍ତି। ସେହିପରି ଗୁମିଗୁଡ଼ା ଠାରୁ ଡାଙ୍ଗେସଖାଲ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି। ଏହି ଅଭିଯୋଗ ଶୁଣାଣିରେ ସମୁଦାୟ ୧୪୩ ଟି ଅଭିଯୋଗ ଆସିଥିବା ବେଳେ ସେଥିରୁ ୬୦ ଟି ବ୍ୟକ୍ତିଗତ ଓ ୮୩ ଟି ସାମୁହିକ ଅଭିଯୋଗ ଥିଲା। ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଅତିରିକ୍ତ ଏସ୍‌ପି ସୁନିଲ ମହାନ୍ତି, ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର, ବିଡିଓ ହଳଧର ଶବର ତଥା ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

'ରଘୁନାଥଙ୍କ ସ୍ୱର୍ଣ୍ଣାକ୍ଷର' ପୁସ୍ତକ ଉନ୍ମୋଚିତ

ପାରଳାଖେମୁଣ୍ଡି,୧୨।୨ (ଗିରିଧାରୀ ପରିଚ୍ଛା)

ସ୍ଥାନୀୟ ଅର୍ବାନ ବ୍ୟାଙ୍କ ପଡିଆଠାରେ ସଙ୍ଗୀତ ନିର୍ଦ୍ଦେଶକ ତଥା ଆକାଶବାଣୀ କଣ୍ଠଶିଳ୍ପୀ ତଥା ସ୍ୱର ସଂଯୋଜକ ପଣ୍ଡିତ ରଘୁନାଥ ପାତ୍ରଙ୍କ ସଙ୍ଗୀତ ଜୀବନ ୫୦ବର୍ଷ ପୂର୍ତ୍ତି ଅବସରରେ ସାଂସ୍କୃତିକ ଅନୁଷ୍ଠାନ ଭକ୍ତି ନୈବେଦ୍ୟ ପକ୍ଷରୁ 'ସଙ୍ଗୀତମୟ ପଚାଶ ବର୍ଷ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନୃସିଂହ ଚରଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଯୋଗଦେଇଥିବା ବେଳେ ଉଦଘାଟକ ଭାବେ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ ପ୍ରମୁଖ ଯୋଗଦେଇ ପଣ୍ଡିତ ରଘୁନାଥ ପାତ୍ରଙ୍କ ସଂଗୀତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ତଥା ସାହିତ୍ୟିକ ଗୌରଚନ୍ଦ୍ର ପଣ୍ଡା ଏବଂ ବରିଷ୍ଠ ଓଡିଶୀ କଣ୍ଠଶିଳ୍ପୀ ତଥା ଗବେଷିକା ଡ.ସଂଗୀତା ଗୋସାଇଁଙ୍କୁ ଅନୁଷ୍ଠାନ ପକ୍ଷରୁ ପଣ୍ଡିତ ଭକ୍ତ ବତ୍ସଳ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପୁସ୍ତକ 'ରଘୁନାଥଙ୍କ ସ୍ୱର୍ଣ୍ଣାକ୍ଷର' ଉନ୍ମୋଚିତ ହୋଇଥିଲା। କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ପଣ୍ଡିତ ପାତ୍ରଙ୍କ ସ୍ୱର ସଂଯୋଜିତ ବିଭିନ୍ନ ଗୀତ ଶ୍ରୋତାଙ୍କୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।

ରାସ୍ତା ସମସ୍ୟାରୁ ପହଞ୍ଚିଲାନି ଆମ୍ବୁଲାନ୍ସ, ଘରେ ପ୍ରସବ

ଗା, ନବଜାତକଙ୍କୁ ୬ କିମି ବୋହିଲେ ଆମ୍ବୁଲାନ୍ସ କର୍ମଚାରୀ



ଆର,ଉଦୟଗିରି/ପାରଳାଖେମୁଣ୍ଡି,୧୨।୨ (ମନୋଜ କୁମାର ପାଢୀ/ଗିରିଧାରୀ ପରିଚ୍ଛା)

ପୁଣି ଜନନୀ ଯନ୍ତ୍ରଣା। ଗାଁକୁ ରାସ୍ତା ନ ଥିବାରୁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ସେପଟେ ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ମହିଳା ଶେଷରେ ଘରେ ପ୍ରସବ କରିଛନ୍ତି। ଏହା ଦେଖିବାକୁ ମିଳିଛି ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଡାବରାଗୁଡ଼ା ପଞ୍ଚାୟତ ମଣ୍ଡମାଗାଁରେ । ପ୍ରକାଶ ଯେ, ଗାଁର ସାରଜାନୀ ପାଟମାଝିଙ୍କ ପ୍ରସବ ଯନ୍ତ୍ରଣା ହୋଇଥିବାରୁ ପରିବାର ଲୋକେ ଆର.ଉଦୟଗିରି ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ କର୍ମଚାରୀ ତୁରନ୍ତ ବାହାରିଥିଲେ ମାଣ୍ଡମା ଗାଁକୁ। ହେଲେ ରାସ୍ତା ନ ଥିବା ଯୋଗୁ ଗାଁଠାରୁ ୬ କିଲୋମିଟର ଦୂରରେ ଥିବା ଟୁଙ୍ଗୁରୁ ଗାଁରେ ରହିଯାଇଥିଲା ଆମ୍ବୁଲାନ୍ସ। ବାଧ୍ୟ ହୋଇ ଆମ୍ବୁଲାନ୍ସ ଫାର୍ମାସିଷ୍ଟ, ଡ୍ରାଇଭର ଓ ସହଯୋଗୀ ଚାଲି ଚାଲି ଗଲେ ମାଣ୍ଡମା ଗାଁକୁ । ହେଲେ ଆମ୍ବୁଲାନ୍ସ କର୍ମଚାରୀ ଗାଁରେ ପହଞ୍ଚିବା ବେଳକୁ ମହିଳା ଜଣକ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇ ସାରିଥିଲେ । ଉଭୟ

ଦଳୀୟ କନ୍ଦଳ ସଭିଙ୍କୁ ଅଡୁଆ

ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ

ବରଗଡ଼,୧୨।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରମୁଖ ୩ ଦଳ ବିଜେଡି, ଭାଜପା ଓ କଂଗ୍ରେସରୁ ଆଶାୟୀମାନେ ଟିକେଟ ପାଇବା ପାଇଁ ନିଜସ୍ୱ ଢଙ୍ଗରେ ପ୍ରୟାସ କରୁଛନ୍ତି। ଏଠାରେ ବିଧାୟକ ଅଛନ୍ତି ବିଜେଡିର ଦେବେଶ ଆଚାର୍ଯ୍ୟ। ଅଦ୍ୟାବଧି ଭାଜପା ଏହି ନିର୍ବାଚନମଣ୍ଡଳୀରୁ ଖାତା ଖୋଲିପାରି ନ ଥିବାବେଳେ ଗତ ୩ଟି ସାଧାରଣ ନିର୍ବାଚନ ମଧ୍ୟରୁ କଂଗ୍ରେସ ଥରୁଟିଏ ଜିତିପାରିଛି।

ଏହି ନିର୍ବାଚନମଣ୍ଡଳୀ ଅଧୀନରେ ରହିଥିବା ବରଗଡ଼ ପୌର ପରିଷଦକୁ ବିଜେଡି ନିଜ ଦଖଲରେ ରଖିଆସୁଛି। କେବଳ ସେତିକି ନୁହେଁ, ଗତ ୨ଟି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦେଖିଲେ, ପଞ୍ଚାୟତ ସମିତି ମଧ୍ୟ ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କ ହାତରେ ଅଛି। ସେହିପରି ଗତ ପଞ୍ଚାୟତ ଭୋଟ୍‌ରେ ଏହି ନିର୍ବାଚନମଣ୍ଡଳୀର ସବୁ ଜିଲା ପରିଷଦ ଆସନରେ ବିଜେଡି ପ୍ରାର୍ଥୀ ହିଁ ବିଜୟୀ ହୋଇଥିଲେ। ସେହି ଦୃଷ୍ଟିରୁ ଦେଖିଲେ ବିଜେଡି ଅନ୍ୟ ଦୁଇ ଦଳଠାରୁ ଅପେକ୍ଷାକୃତ ଭଲ ସ୍ଥିତିରେ ଅଛି। ଅପରପକ୍ଷେ ନିର୍ବାଚନମଣ୍ଡଳୀକୁ ଦଖଲ କରିବା ପାଇଁ ବିରୋଧୀ ଭାଜପା ଏବଂ କଂଗ୍ରେସ ରଣନୀତି ପ୍ରସ୍ତୁତ କରୁଛନ୍ତି। ଦେଖିବାକୁ ଗଲେ ସବୁ ଦଳରେ ଆଶାୟୀଙ୍କ ତାଲିକା ଲମ୍ବି ଚାଲିଛି। ଅନେକେ ଏବେ ଗାଁ ମୁହାଁ ହେଲେଣି। ଏପରିକି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଆର୍ଥିକ ସହାୟତା ଯୋଗାଉଥିବା ଚର୍ଚ୍ଚା ହେଉଛି। ଏତେସବୁ ଭିତରେ ଦଳ ମଧ୍ୟରେ ରହିଥିବା କନ୍ଦଳ ସଭିଙ୍କୁ ଅଡୁଆ ହେଉଥିବା କଥା ଉଠୁଛି।

ବିଜେଡିରେ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକଙ୍କ ନାମକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଦେବେଶ କ୍ରମାଗତ ୨ଥର ଏହି ଆସନରୁ ନିର୍ବାଚିତ ହୋଇ ସାରିଥିବାବେଳେ ପୌର ଏବଂ ପଞ୍ଚାୟତ ସମିତି ଗଠନରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସେହିପରି ଚର୍ଚ୍ଚାରେ ଥିବା ଅନ୍ୟତମ ଆଶାୟୀ ସାଧୁ ନେପାକ ୨୦୦୯ ନିର୍ବାଚନରେ କଂଗ୍ରେସରୁ ବିଜୟୀ ହୋଇଥିବା ବେଳେ ୨୦୧୪ରେ ବିଜେଡିର ଦେବେଶଙ୍କଠାରୁ ହାରିଯାଇଥିଲେ। ଏହି ଦୃଷ୍ଟିରୁ ବିଜେଡି ଏଠାରୁ ଦେବେଶଙ୍କୁ ତୃତୀୟଥର ପାଇଁ ନିଶ୍ଚିତ ଟିକେଟ୍ ଦେବ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଅନ୍ୟପଟେ ୨୦୧୯ରେ କଂଗ୍ରେସ ସାଧୁଙ୍କୁ ଟିକେଟ ନ ଦେବାରୁ ସେ ବିଜେଡିରେ ଯୋଗଦେଇଥିଲେ। ତେଣୁ ସାଧୁଙ୍କୁ ବିଜେଡି ଯେଭଳି ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ପ୍ରଦାନ କଲା, ଆଗାମୀ ସାଧାରଣ ନିର୍ବାଚନରେ ତାଙ୍କୁ ବିଧାନସଭା କିମ୍ବା ଲୋକ ସଭା ଟିକେଟ ମିଳିପାରେ ବୋଲି ସମର୍ଥକମାନେ ଆଶା ରଖିଛନ୍ତି। ଏଭଳିସ୍ଥଳେ ପ୍ରତ୍ୟକ୍ଷରେ ନ ହେଲେ ମଧ୍ୟ ପରୋକ୍ଷରେ ସାଧୁ-ଦେବେଶଙ୍କ ଅନ୍ତର୍ଦ୍ୱନ୍ଦ୍ୱ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ସହରର ବିଭିନ୍ନ ସ୍ଥାନରେ ଲଗାଯାଇଥିବା ବ୍ୟାନରରୁ ଏହା ବେଶ୍ ପ୍ରତୀୟମାନ ହେଉଛି। ସାଧୁଙ୍କ ବ୍ୟାନରରେ ସ୍ଥାନୀୟ ବିଧାୟକ ଦେବେଶଙ୍କ ଫଟୋ ନ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ସହିତ ଭଟଲି ବିଧାୟକ ସୁଶାନ୍ତ ସିଂ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଫଟୋ ରହିଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ଦେବେଶଙ୍କ ବ୍ୟାନରରେ



ମୁଖ୍ୟମନ୍ତ୍ରୀଙ୍କ ଫଟୋ ସହିତ ଦଳର ରାଜ୍ୟ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ପୂର୍ବତନ ବିଧାୟକ ସ୍ୱର୍ଗତ ଆନନ୍ଦ ଆଚାର୍ଯ୍ୟଙ୍କ ଫଟୋ ଥିବା ପରିଲକ୍ଷିତ ହୋଇଛି।

ଭାଜପାରେ ଆଶାୟୀଙ୍କ ତାଲିକା ଆହୁରି ଲମ୍ବା। ଏହି ଦଳରେ ଅଶ୍ୱିନୀ ଷଡ଼ଙ୍ଗୀ, ଲିପ୍‌ସିତ ମିଶ୍ର, ସଞ୍ଜିତ କୁମାର ମିଶ୍ରଙ୍କ ନାମ ଚର୍ଚ୍ଚାରେ ରହିଛି। ଅଶ୍ୱିନୀ କ୍ରମାଗତ ୨ ସାଧାରଣ ନିର୍ବାଚନରେ ଏହି ଆସନରୁ ଦଳୀୟ ପ୍ରାର୍ଥୀ ହୋଇ ହାରିଥିଲେ। ଆଶ୍ୱସ୍ତିର କଥା ଦଳ ସପକ୍ଷରେ ଭୋଟ ପ୍ରତିଶତ ବଢ଼ିଥିଲା। ୨୦୧୪ ନିର୍ବାଚନରେ ସେ ୧୫.୫୬ ପ୍ରତିଶତ ଭୋଟ ପାଇଥିବାବେଳେ ୨୦୧୯ ନିର୍ବାଚନରେ ତାଙ୍କ ସପକ୍ଷରେ ଏହା ୪୧.୨୫ ପ୍ରତିଶତକୁ ବୃଦ୍ଧି ପାଇଥିଲା। ଅଶ୍ୱିନୀ ପୂର୍ବରୁ ଦଳର ରାଜ୍ୟ ଉପସଭାପତି ଥିବାବେଳେ ଏବେ ଜିଲା ସଭାପତି ଅଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ତାଙ୍କର ଭଲ ସମ୍ପର୍କ ରହିଥିବା ଦୃଷ୍ଟିରୁ ପୁଣିଥରେ ତାଙ୍କୁ ଦଳ ସୁଯୋଗ ଦେଇପାରେ ବୋଲି ଚର୍ଚ୍ଚା ଚାଲିଛି। ଅନ୍ୟପଟେ ଦଳର ଜଣେ ଯୁବ ସଙ୍ଗଠକ ଭାବେ ଦୀର୍ଘଦିନରୁ ରହି ଆସିଥିବା ଲିପ୍‌ସିତ ମିଶ୍ରଙ୍କ ନାମ ଉଠୁଛି। ସେ ଜଣେ ଆଇନଜୀବୀ ତଥା ସାମାଜିକ କର୍ମୀ ହୋଇଥିବାବେଳେ ବିଭିନ୍ନ ଜନ ଆନ୍ଦୋଳନରେ ନେତୃତ୍ୱ ନେଇଆସିଛନ୍ତି। ଏହା ସହିତ ପଶ୍ଚିମ ଓଡ଼ିଶାରେ ରହିଥିବା ଦଳର ୩ ଟାଣୁଆ ନେତା ଜୟନାରାୟଣ ମିଶ୍ର, ସୁରେଶ ପୂଜାରୀ ଏବଂ ଜୁଏଲ ଓରାମଙ୍କ ସହିତ ତାଙ୍କର ଦୀର୍ଘଦିନର ସମ୍ପର୍କ ରହି ଆସିଥିବାରୁ ସେ ଏହି ଆସନ ପାଇଁ ଆଶାୟୀ ଅଛନ୍ତି। ଏସବୁକୁ ଦେଖିଲେ ଭାଜପାରେ ଗୋଷ୍ଠୀ କନ୍ଦଳ ଲାଗି ରହିଥିବାରୁ ଏଥିରେ ରୋକ୍ ଲଗାଇବା ପାଇଁ ଶେଷ ମୁହୂର୍ତ୍ତରେ ଦଳ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସ୍‌ଏସ୍)ର ପୁରୁଖା ସ୍ୱୟଂ ସେବକ ତା. ସଞ୍ଜିତ କୁମାର ମିଶ୍ରଙ୍କୁ ଟିକେଟ ଦେଇପାରେ ବୋଲି ଆଲୋଚନା ହେଉଛି। ଆର୍‌ଏସ୍‌ଏସ୍ ଉପର ମହଲରୁ ସମ୍ଭବତଃ ସେଭଳି କିଛି ସଙ୍କେତ ପାଇଥିବାରୁ ସଞ୍ଜିତ ଗାଁ ଗାଁ ବୁଲି ଜନସମ୍ପର୍କ ଅଭିଯାନ ଆରମ୍ଭ କରି ଦେଇଥିବା ପରିଲକ୍ଷିତ ହେଉଛି।

କଂଗ୍ରେସରେ ଆଶାୟୀଙ୍କ ତାଲିକା ଅନ୍ୟ ୨ଦଳଠାରୁ ଆହୁରି ଲମ୍ବା। ଏହି ତାଲିକାରେ ନିପନ କୁମାର ଦାଶ, ହରଦୀପ ସିଂ, ମନୋହର ପ୍ରଧାନ, ଆନନ୍ଦ ପ୍ରଧାନ ଓ ପାଣ୍ଡବ କର୍ଣ୍ଣଙ୍କ ନାମ ରହିଛି। ଏପରିକି ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିବା ପୂର୍ବତନ ବିଧାୟକ ସାଧୁ ନେପାକ ଦଳକୁ ଫେରି ପୁଣି ନିର୍ବାଚନ ମଇଦାନକୁ ଓହ୍ଲାଇ ପାରନ୍ତି ଏବଂ ଉପରମହଲରୁ ଏଥିପାଇଁ ତାଙ୍କ ସହିତ ଯୋଗାଯୋଗ ଚାଲିଥିବା ସାଧାରଣରେ ଆଲୋଚନା ହେଉଛି। ନିପନ ୨୦୧୯ ନିର୍ବାଚନରେ ପ୍ରଥମଥର ପାଇଁ ଏଠାରୁ ଦଳର ପ୍ରାର୍ଥୀ ହୋଇଥିଲେ। ପରାଜୟ ସତ୍ତ୍ୱେ ଦଳର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଭାବେ ସେ କାର୍ଯ୍ୟ ଚୁଲାଇ ଆସୁଥିବାରୁ ଦଳ ଆଉଥରେ ତାଙ୍କୁ ସୁଯୋଗ ଦେଇପାରେ ବୋଲି ଚର୍ଚ୍ଚା ହେଉଛି। ସେହିପରି ହରଦୀପ ଦଳର ଜଣେ ପୁରୁଖା ନେତା ଏବଂ ଦୀର୍ଘଦିନରୁ ଆଶାୟୀ ଥିବାବେଳେ ଦଳ ଏଥର ତାଙ୍କୁ ଏଠାରେ ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ଚାଲିଛି। ଅନୁରୂପ ଭାବେ ଦଳୀୟ ଟିକେଟରେ କଂଗ୍ରେସ ଏଥର ପଛୁଆବର୍ଗ(ଓବିସି)ଙ୍କୁ ଯଦି ଅଧିକ ଗୁରୁତ୍ୱ ଦେବ, ତେବେ ଏହି ଆସନରୁ ପୂର୍ବତନ ବିଧାୟକ ଯଦୁମଣି ପ୍ରଧାନଙ୍କ ୨ପୁଅ ମନୋହର କିମ୍ବା ଆନନ୍ଦଙ୍କ ମଧ୍ୟରୁ ଜଣଙ୍କୁ ଟିକେଟ ମିଳିପାରେ ବୋଲି ଅଞ୍ଚଳବାସିନ୍ଦା ଟୁପୁରଟାପର ହେଉଛନ୍ତି। ସେହିପରି ଛାତ୍ର ଜୀବନରୁ କଂଗ୍ରେସର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଭାବେ ରହିଆସିଥିବା ପାଣ୍ଡବଙ୍କୁ ଏଥର ଦଳ ଏଠାରୁ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଛାଡ଼ିପାରେ ବୋଲି ଚର୍ଚ୍ଚା ଚାଲିଛି।

ଟିକେଟକୁ ନେଇ ଚର୍ଚ୍ଚାରେ ଅରିନ୍ଦମ

କଟକ, ୧୨।୨(ଶିଳ୍ପୀ ପ୍ରିୟଦର୍ଶିନୀ)

ବାରବାଟୀ-କଟକ ନିର୍ବାଚନମଣ୍ଡଳୀ

ଦେବାଶିଷଙ୍କୁ ରାଜ୍ୟ ସଭା ଭେଟି

ନିର୍ବାଚନ ପାଖେଇ ଆସୁଥିବାବେଳେ ରାଜନୀତିରେ ନୂଆ ପରୀକ୍ଷଣ ହେଉଛି। ଏଭଳି ଘଟଣା ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳିଛି। ପୂର୍ବତନ ବିଧାୟକ ତଥା ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ ଆଗାମୀ ନିର୍ବାଚନ ନିମନ୍ତେ ବିଧାୟକ ଟିକେଟ ପାଇଁ ଆଶାୟୀ ରହିଥିବାବେଳେ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ତାଙ୍କୁ ରାଜ୍ୟ ସଭା ପ୍ରାର୍ଥୀ ଭାବେ ଚୟନ କରାଯାଇଛି। ସୋମବାର ଦେବାଶିଷଙ୍କ ଜନ୍ମଦିନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଜନ୍ମଦିନ ଭେଟି ଦେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଦେବାଶିଷଙ୍କୁ ରାଜ୍ୟ ସଭା ପ୍ରାର୍ଥୀ ଭାବେ ଚୟନ କରାଯାଇଥିବାରୁ ଏବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ଅଭିନେତା ଅରିନ୍ଦମ ରାଏଙ୍କ ଟିକେଟ ସୁନିଶ୍ଚିତ ହେବା ନେଇ କଟକରେ ଆଲୋଚନା ଜୋର୍ ଧରିଛି। ଅରିନ୍ଦମ କିଛିମାସ ହେବ ଚା' ଖଟି ଓ ସମସ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ସାଧାରଣ ଲୋକଙ୍କ ନିକଟତର ହେଉଥିବା ନଜରକୁ ଆସିଛି। ତେବେ ଏପରି ପରିବର୍ତ୍ତନ କଟକ ରାଜନୀତିକୁ ବେଶ୍ ସରଗରମ କରିଛି। ଏ ସମ୍ପର୍କରେ ଅରିନ୍ଦମ କହିଛନ୍ତି, ପ୍ରଥମେ ଦେବାଶିଷଙ୍କୁ ଅନେକ ଶୁଭେଚ୍ଛା ଜଣାଇବି। ବହୁତ ଖୁସି ଅନୁଭବ ହେଉଛି ଯେ ତାଙ୍କୁ ରାଜ୍ୟ ସଭା ପାଇଁ ଚୟନ କରାଯାଇଛି। ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢିବା ପାଇଁ ପ୍ରଥମରୁ ମୁଁ ଆଶାୟୀ ରହିଛି। ସୁଯୋଗ ମିଳିଲେ ନିଶ୍ଚିତ ନିର୍ବାଚନ ଲଢିବି। ଏଥିପାଇଁ ପ୍ରସ୍ତୁତ ଅଛି। ଦଳର ସୁପ୍ରିମୋ ଯାହା ନିଷ୍ପତ୍ତି ନେବେ ତାକୁ ଅପେକ୍ଷା କରିଛି ବୋଲି ସେ କହିଛନ୍ତି।

ବିଜେଡିରେ ସାମିଲ ହେଲେ ୩୨ପରିବାର

ରାଜକନିକା, ୧୨।୨ (ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ନହୁଣୀ ପଞ୍ଚାୟତ ମଠସାହି ଗାଁର ୩୨ପରିବାରର ଏକାଧିକ ସଦସ୍ୟ ସୋମବାର ଅପରାହ୍ନରେ ରାଜବାଟିଠାରେ ଆଳି ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଦେବଙ୍କ ଉପସ୍ଥିତିରେ ନହୁଣୀ ସରପଞ୍ଚ ତ୍ରିଲୋଚନ ବିଶ୍ୱାଳଙ୍କ ନେତୃତ୍ୱରେ ବିଭିନ୍ନ ଦଳ ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି। ନବୀନ ସରକାରଙ୍କ ସ୍ୱଚ୍ଛ ଶାସନ ଓ ଜନହିତକର ଯୋଜନାକୁ ଦୃଷ୍ଟିରେ ରଖି ଦଳରେ ସାମିଲ ହୋଇଥିବା ମିଶିଥିବା ବ୍ୟକ୍ତିମାନେ କହିଛନ୍ତି। ଆନୁଷ୍ଠାନିକ ଭାବେ ମନ୍ତ୍ରୀ ଦେବ ନୂତନ ଭାବେ ଯୋଗ ଦେଇଥିବା କର୍ମୀମାନଙ୍କୁ ଉପଢୋକନ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ।

ଶଙ୍ଖ ଚିହ୍ନ ଥିବା ରାଶନ ବ୍ୟାଗ ପୋଡ଼ିଲେ ଭାଜପା କର୍ମୀ

ଫୁଲବାଣୀ, ୧୨।୨ (ରାକେଶ କୁମାର ରାଉତ)

ଭାଜପା କର୍ମୀମାନେ ଶଙ୍ଖ ଚିହ୍ନ ଥିବା ରାଶନ ବ୍ୟାଗ୍ ପୋଡୁଛନ୍ତି।

ସରକାରୀ ସୁଲଭ ମୂଲ୍ୟ ଖାଉଟି କେନ୍ଦ୍ରରୁ ଭାଜପା କର୍ମୀମାନେ ଆମ ଓଡ଼ିଶା ନବୀନ ଓଡ଼ିଶା ଚିହ୍ନ ଥିବା ବ୍ୟାଗଗୁଡ଼ିକୁ ଜବରଦସ୍ତ ନେଇ ରାସ୍ତାରେ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ମାଗଣା ଚାଉଳ ବଣ୍ଟନକୁ ନେଇ ଭାଜପା ଏବଂ ବିଜେଡି ମୁହାଁମୁହିଁ ହୋଇଛନ୍ତି। ଏ ନେଇ ରାଶନ ବଣ୍ଟନ କେନ୍ଦ୍ରର ବିକ୍ରେତା, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଏବଂ ବିଜେଡି କର୍ମୀମାନେ ଫୁଲବାଣୀ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାର ଗରିବ ହିତାଧିକାରୀଙ୍କୁ ମାଗଣାରେ ଚାଉଳ ଦେଉଥିବା ବେଳେ ରାଜ୍ୟ ସରକାର ହିତାଧିକାରୀଙ୍କୁ ୫-ଟି, ଆମ ଓଡ଼ିଶା ନବୀନ ଓଡ଼ିଶା ଏବଂ ଶଙ୍ଖ ଚିହ୍ନ ଥିବା ବ୍ୟାଗ ଦେଇ ମିଛରେ ବାହାବା ନେବାକୁ ଚେଷ୍ଟା କରୁଛି ବୋଲି ଭାଜପା ଅଭିଯୋଗ କରିଛି।

ସୂଚନା ଅନୁଯାୟୀ, ଫୁଲବାଣୀ ସହରର ମାଷ୍ଟରପଡାଠାରେ ଥିବା ଏକ ବିକ୍ରୟ କେନ୍ଦ୍ରରେ ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ପ୍ରଦତ୍ତ ବ୍ୟାଗରେ ଚାଉଳ ବଣ୍ଟନ କରାଯାଉଥିଲା। ଏହି ସମୟରେ କେତେକ ଭାଜପା ନେତା ଏବଂ କର୍ମୀ ପହଞ୍ଚି ଏହାକୁ ବିରୋଧ କରିଥିଲେ। କେନ୍ଦ୍ର ସରକାର ଚାଉଳ ଦେଉଥିବା ବେଳେ ଆମ ଓଡ଼ିଶା ନିବୀନ ଓଡ଼ିଶା ଚିହ୍ନ ଥାଇ ବ୍ୟାଗରେ ଏହି ଚାଉଳ କାହିଁକି ଦିଆଯାଉଛି ବୋଲି ଭାଜପା ନେତା ପ୍ରଶ୍ନ କରିଥିଲେ। ପରେ କିଛି ବ୍ୟାଗକୁ ନେଇ ରାସ୍ତାରେ ନିଆଁ ଲଗାଇ ଦେଇଥିଲେ। ଫୁଲବାଣୀ ନଗର ଭାଜପା ସଭାପତି ସୁଶାନ୍ତ ମହାନ୍ତି, ୫ ନମ୍ବର କାଉନ୍‌ସିଲର ରମେଶ ଚନ୍ଦ୍ର ମହାନ୍ତି, ଜିଲା ଯୁବମୋର୍ଚ୍ଚା ସଭାପତି ମୁକ୍ତିକାନ୍ତ ମହାନ୍ତିଙ୍କ ନାମରେ ନଂ. ୩୦/୨୪ରେ ମାମଲା ରୁଜୁ ହୋଇଥିବା ଟାଉନ ଥାନା ଅଧିକାରୀ କନକ କୁମାର ମାଝୀ କହିଛନ୍ତି।

ଆଜି ଆସୁଛନ୍ତି ଶିବରାଜ: ଆଗକୁ ଆସିବେ ଗଡକରୀ, ରାଜନାଥ

ଭୁବନେଶ୍ୱର,୧୨।୨(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଭାଜପା ନିଜର ରାଜନୈତିକ ପ୍ରସ୍ତୁତିକୁ ଜୋରଦାର କରିଛି। ଦଳର କେନ୍ଦ୍ରୀୟ ନେତାମାନେ ସରକାର ଗଠନ କରିବାର ଦମ୍ଭୋକ୍ତି ଦେଖାଉଛନ୍ତି। ସେହିକ୍ରମରେ ଆସନ୍ତା ୨୪ ତାରିଖ ମଧ୍ୟରେ ଭାଜପା ପକ୍ଷରୁ ସବୁ ଲୋକ ସଭା ନିର୍ବାଚନମଣ୍ଡଳୀରେ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ କରାଯିବ ବୋଲି ଜଣାପଡିଛି। ଏହା ପୂର୍ବରୁ ରାଜ୍ୟ ଗସ୍ତକୁ କେତେଜଣ କେନ୍ଦ୍ରୀୟ ନେତା ଆସି ଭାଜପା ଲାଗି ପ୍ରଚାର କରିବା କାର୍ଯ୍ୟକ୍ରମ ମଧ୍ୟ ଏକପ୍ରକାର ସ୍ଥିର ହୋଇସାରିଛି। ଚଳିତ ମାସରେ ୩ ଜଣ କେନ୍ଦ୍ରୀୟ ନେତା ଓଡ଼ିଶା ଗସ୍ତରେ ଆସୁଥିବା ନେଇ ଦଳ ପକ୍ଷରୁ ଏକପ୍ରକାର ସୂଚନା ମିଳିଛି।

ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ମଙ୍ଗଳବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ମଧ୍ୟାହ୍ନ ୧୨ଟା ସମୟରେ ଭୁବନେଶ୍ୱରରେ ପହଞ୍ଚିବା ପରେ ସିଧାସଳଖ ଜଗତସିଂହପୁର ଗସ୍ତ କରିବେ। ଜଗତସିଂହପୁର ଲୋକ ସଭା ସଂସଦୀୟ କ୍ଷେତ୍ର କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେବା ପରେ ଶିବରାଜ ମା' ଶାରଳାଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିବେ। ଏହାପରେ ସନ୍ଧ୍ୟାରେ କଟକସ୍ଥିତ ଶାରଳା ଭବନରେ ଅନୁଷ୍ଠିତ କଟକ ସଂସଦୀୟ କ୍ଷେତ୍ର କାର୍ଯ୍ୟକର୍ତ୍ତା ସମ୍ମିଳନୀରେ

ଶିବରାଜ ସିଂ ଚୌହ୍ୱାନ

ଯୋଗଦେବେ। କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ ଦର୍ଶନ କରିବା ପରେ ସେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆସନ୍ତା ୧୫ ତାରିଖରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କ ପୁରୀଠାରେ ଏକ ସାଧାରଣ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ଥିବାବେଳେ ଏନେଇ ବିଧିବଦ୍ଧ ଭାବେ ଦଳ ପକ୍ଷରୁ ସୂଚନା ଦିଆଯାଇ ନାହିଁ। ସେହିପରି ଆସନ୍ତା ୨୨ ତାରିଖରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂଙ୍କର ମଧ୍ୟ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେବେ ସୋମବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ଏନେଇ ଆଲୋଚନା ହୋଇଥିବା ବେଳେ ସନ୍ଧ୍ୟାରେ ପୁଣିଥରେ ବରିଷ୍ଠ ନେତାମାନଙ୍କ ସହ ଏ ବାବଦରେ ଦଳର ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଆଲୋଚନା କରିଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବିଜୟ ପାଲ ସିଂହ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, ରାଜ୍ୟ ସାଧାରଣ ସମ୍ପାଦକ ମାନସ ମହାନ୍ତିଙ୍କ ଉପସ୍ଥିତିରେ ପୃଥକ ପୃଥକ ଭାବେ ରାଜ୍ୟ ପଦାଧିକାରୀ, ମୋର୍ଚ୍ଚା ସଭାପତି, ଜିଲା ସଭାପତି ଏବଂ ମିଡିଆ ବିଭାଗ ସହ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଦଳର ସାଙ୍ଗଠନିକ ପୁନର୍ବିନ୍ୟାସ ବିଷୟରେ ଆଲୋଚନା ହେବା ସହ ଅନେକ ସାମ୍ପ୍ରତିକ ରାଜନୈତିକ ପ୍ରସଙ୍ଗରେ ଆଲୋଚନା ହୋଇଛି। ଏହାସହ ଦଳ ପକ୍ଷରୁ ରାଜ୍ୟରେ ସଫଳ ଭାବେ ଚାଲିଥିବା ବୁଥ୍ ଚାଲ, ଗାଁ ଚାଲ, ଶକ୍ତିବନ୍ଦନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରାଯାଇଛି। ସଙ୍ଗଠନ ଏବଂ ନିର୍ବାଚନ ପରିପ୍ରେକ୍ଷୀରେ ଓଡ଼ିଶା ଗସ୍ତ ପାଇଁ ଆସୁଥିବା ଅନେକ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ଗସ୍ତ କାର୍ଯ୍ୟକ୍ରମ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରାଯାଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।

- ସାଙ୍ଗଠନିକ କାର୍ଯ୍ୟକ୍ରମ ନେଇ ଭାଜପାର ବୈଠକ ଅନୁଷ୍ଠିତ
- ଆସନ୍ତା ୨୪ ସୁଦ୍ଧା ସବୁ ଲୋକ ସଭା କ୍ଷେତ୍ରରେ ଉଦ୍‌ଘାଟନ ହେବ ଦଳୀୟ କାର୍ଯ୍ୟାଳୟ

ଆନ୍ଧ୍ର ପାଖରେ କୋଟିଆକୁ ସମର୍ପି ଦେଇଛନ୍ତି ସରକାର: ତାରା

ଭୁବନେଶ୍ୱର,୧୨।୨(ସୁନିତ୍ ମିଶ୍ର)

ଖ

চিকিৎসা সুবিধাসহ ফুটবল প্রতিযোগিতা শুরু

এমন খেলা দেখতে চাই, যেখানে হার-জিত নয়, শুধু আনন্দই মূল কথা হবে।

এবারের টুর্নামেন্টে মোট ১৬টি দল অংশ নিচ্ছে। প্রতিটি দলে রয়েছে ১৫ জন করে খেলোয়াড়। তাদের মধ্যে ৩ জন করে নারী খেলোয়াড়ও আছেন।

প্রতিটি খেলা হবে ৩০ মিনিট করে। কোনো খেলা ড্র হলে সঙ্গে সঙ্গে টাইব্রেকার শুরু হবে। ফাইনাল ম্যাচটি অনুষ্ঠিত হবে ২৮ ডিসেম্বর, বিকেল ৪টায়।

খেলোয়াড়দের জন্য বিনামূল্যে চিকিৎসা

টুর্নামেন্টের সবচেয়ে গুরুত্বপূর্ণ দিক হলো খেলোয়াড়দের স্বাস্থ্য। এজন্য প্রতিটি খেলার সময় একজন করে ডাক্তার মাঠের পাশে উপস্থিত থাকবেন। কোনো খেলোয়াড় আহত হলে তাৎক্ষণিক প্রাথমিক চিকিৎসা দেওয়া হবে।

এছাড়া টুর্নামেন্ট চলাকালীন সময়ে যেসব খেলোয়াড় আহত হবেন, তাদের বিনামূল্যে ওষুধ দেওয়া হবে। প্রয়োজনে তাদের ফলোআপ চিকিৎসাও করানো হবে।

আয়োজক কমিটির সভাপতি ডা. নাসরিন আক্তার বলেন, “আমরা চাই খেলোয়াড়রা যেন নিশ্চিন্তে খেলতে পারে। কোনো খেলোয়াড় যেন আর্থিক কারণে চিকিৎসা থেকে বঞ্চিত না হন, সেজন্যই এই উদ্যোগ নেওয়া হয়েছে।”

টুর্নামেন্টে অংশ নিচ্ছে শালুকদিঘি, কাশবনী, হরিণমারা, পলাশতলী, বেতবুনিয়া, নীলকুঠি, সোনাইকান্দি, রূপসাগর, তালপুকুর, বটতলা, মাদারহাট, কাঁকনদিঘি, ঝাউচর ও দক্ষিণ পাড়া ক্লাব। প্রতিটি দলের নিজস্ব জার্সি রয়েছে।

ম্যাচ শুরুর আগে সকাল ৯টায় মাঠে একটি প্রীতি প্রদর্শনী ম্যাচ অনুষ্ঠিত হবে। সেখানে স্থানীয় কয়েকজন জনপ্রতিনিধি ও ব্যবসায়ী অংশ নেবেন।

আয়োজকরা জানিয়েছেন, টুর্নামেন্টের সমস্ত খরচ বহন করবে ‘রূপসী ফুটবল ফাউন্ডেশন’। এই ফাউন্ডেশন গত দুই বছর ধরে এলাকার তরুণদের মধ্যে খেলাধুলার প্রসার ঘটানোর কাজ করছে।

ফাউন্ডেশনের সভাপতি ডা. নাসরিন আক্তার বলেন, “আমরা চাই খেলোয়াড়রা যেন নিশ্চিন্তে খেলতে পারে। কোনো খেলোয়াড় যেন আর্থিক কারণে চিকিৎসা থেকে বঞ্চিত না হন, সেজন্যই এই উদ্যোগ নেওয়া হয়েছে।

ফাউন্ডেশনের সাধারণ সম্পাদক মো. রফিকুল ইসলাম জানান, ফাউন্ডেশন ইতিমধ্যে ৪৫ জন খেলোয়াড়ের তালিকা তৈরি করেছে। তাদের প্রত্যেকের একটি করে স্বাস্থ্য কার্ড দেওয়া হয়েছে। এই কার্ডে তাদের রক্তের গ্রুপ, জরুরি যোগাযোগের নম্বর এবং পূর্ববর্তী চিকিৎসার তথ্য লিপিবদ্ধ করা আছে।

তিনি বলেন, “অনেক সময় দেখা যায় খেলোয়াড়রা ছোটখাটো আঘাত নিয়েই খেলতে থাকেন। ফলে সেটি বড় সমস্যায় রূপ নেয়। আমরা চাই, তারা যেন ভয় ছাড়া খেলতে পারে।”

টুর্নামেন্টের ফাইনাল ম্যাচটি দেখতে প্রায় ৫ হাজার দর্শক উপস্থিত থাকবেন বলে আশা করা হচ্ছে। ম্যাচ শেষে বিজয়ী ও রানার্সআপ দলের হাতে পুরস্কার তুলে দেবেন ইউএনও মিসেস ফারহানা ইয়াসমিন।

এছাড়া সেরা খেলোয়াড়, সেরা গোলরক্ষক, সর্বোচ্চ গোলদাতা এবং ফেয়ার প্লে ট্রফিও দেওয়া হবে। ফেয়ার প্লে ট্রফি পাবে সেই দল, যারা পুরো টুর্নামেন্টে একটিও লাল কার্ড পায়নি।

আয়োজকরা জানিয়েছেন, ভবিষ্যতে নারী ফুটবলারদের জন্যও আলাদা টুর্নামেন্ট আয়োজনের পরিকল্পনা রয়েছে। সেই লক্ষ্যে ইতিমধ্যে ৩০ জন কিশোরীকে বাছাই করা হয়েছে।

ফাউন্ডেশনের কোষাধ্যক্ষ মো. আবুল কাশেম বলেন, “আমাদের লক্ষ্য শুধু একটি টুর্নামেন্ট করা নয়, বরং একটি টেকসই কাঠামো তৈরি করা। যাতে প্রতি বছর নতুন নতুন খেলোয়াড় উঠে আসতে পারে।”

টুর্নামেন্টের সমন্বয়ক হিসেবে দায়িত্ব পালন করছেন ক্রীড়া সংগঠক মো. সাইফুল আলম খোকন। তিনি জানান, খেলোয়াড়দের নিবন্ধন ফরম পূরণ করতে তাদের অভিভাবকের সম্মতিপত্র বাধ্যতামূলক করা হয়েছে।

তিনি বলেন, “অনেক অভিভাবক মাঠে ছেলেদের খেলতে পাঠাতে চান না। কারণ তাঁরা জানেন না, কোনো দুর্ঘটনা ঘটলে কী করতে হবে। এখন তাঁরা নিশ্চিন্তে সন্তানদের পাঠাতে পারবেন।”

ফাইনাল ম্যাচের আগে মাঠে একটি বিশেষ আকর্ষণ থাকবে। ম্যাচের বিরতিতে ৫টি ছোট ছেলে ও মেয়ে ফুটবল নিয়ে মাঠে নামবে। তারা হলো টুর্নামেন্টে অংশ নেওয়া ৫টি দলের ভবিষ্যৎ তারকা।

আয়োজকরা আশা করছেন, এই টুর্নামেন্ট থেকে অন্তত ২০ জন খেলোয়াড় ভবিষ্যতে জেলা পর্যায়ের দলে সুযোগ পাবে। ইতিমধ্যে কয়েকজন স্থানীয় ব্যবসায়ী পুরস্কার ঘোষণার পর থেকেই খেলোয়াড়দের জন্য বিশেষ ছাড়ে জুতা ও পোশাক সরবরাহের প্রস্তাব দিয়েছেন।

ফাউন্ডেশন কর্তৃপক্ষ জানিয়েছে, টুর্নামেন্টের সব খেলা ফেসবুক পেজে সরাসরি সম্প্রচার করা হবে। ফলে যারা মাঠে আসতে পারবেন না, তারাও ঘরে বসে খেলা উপভোগ করতে পারবেন।

এদিকে খেলা ঘিরে এলাকায় উৎসবের আমেজ তৈরি হয়েছে। ম্যাচের দিন সকাল থেকে মাঠের আশপাশে ফুচকা, চা ও ছোট দোকান বসার কথা রয়েছে। ফলে খেলার পাশাপাশি স্থানীয় অর্থনীতিতেও কিছুটা ইতিবাচক প্রভাব পড়বে বলে মনে করা হচ্ছে।

ফাউন্ডেশন কর্তৃপক্ষ জানিয়েছে, ভবিষ্যতে প্রতিটি খেলোয়াড়ের জন্য একটি ডিজিটাল স্বাস্থ্য প্রোফাইল তৈরি করা হবে। সেখানে তাদের উচ্চতা, ওজন, আঘাতের ইতিহাস এবং টিকা দেওয়ার তথ্য সংরক্ষণ করা হবে। এতে পরবর্তী যেকোনো টুর্নামেন্টে তাদের অংশগ্রহণ আরও সহজ হবে।

এই উদ্যোগকে স্বাগত জানিয়েছেন অভিভাবক মহলও। অনেকে মনে করছেন, খেলাধুলার প্রসারে এমন নিরাপত্তামূলক ব্যবস্থা থাকলে আরও বেশি পরিবার সন্তানদের মাঠে পাঠাতে আগ্রহী হবে।

ফাউন্ডেশন জানিয়েছে, আগামী ১ জানুয়ারি থেকে নিবন্ধন শুরু হবে। ইচ্ছুক খেলোয়াড়দের নিজ নিজ ইউনিয়ন পরিষদ অথবা ফাউন্ডেশনের অফিসে যোগাযোগ করতে বলা হয়েছে। নিবন্ধনের শেষ তারিখ ৩১ ডিসেম্বর।

ফাইনাল ম্যাচটি দেখতে প্রায় ৫ হাজার দর্শক উপস্থিত থাকবেন বলে আশা করা হচ্ছে। ম্যাচ শেষে বিজয়ী ও রানার্সআপ দলের হাতে পুরস্কার তুলে দেবেন ইউএনও মিসেস ফারহানা ইয়াসমিন।

এছাড়া সেরা খেলোয়াড়, সেরা গোলরক্ষক, সর্বোচ্চ গোলদাতা এবং ফেয়ার প্লে ট্রফিও দেওয়া হবে। ফেয়ার প্লে ট্রফি পাবে সেই দল, যারা পুরো টুর্নামেন্টে একটিও লাল কার্ড পায়নি।

আয়োজকরা জানিয়েছেন, ভবিষ্যতে নারী ফুটবলারদের জন্যও আলাদা টুর্নামেন্ট আয়োজনের পরিকল্পনা রয়েছে। সেই লক্ষ্যে ইতিমধ্যে ৩০ জন কিশোরীকে বাছাই করা হয়েছে। এই তালিকা থেকে অন্তত ২০ জন খেলোয়াড় ভবিষ্যতে জেলা পর্যায়ের দলে সুযোগ পাবে। ইতিমধ্যে কয়েকজন স্থানীয় ব্যবসায়ী পুরস্কার ঘোষণার পর থেকেই খেলোয়াড়দের জন্য বিশেষ ছাড়ে জুতা ও পোশাক সরবরাহের প্রস্তাব দিয়েছেন।

ফাউন্ডেশন কর্তৃপক্ষ জানিয়েছে, সব খেলা ফেসবুক পেজে সরাসরি সম্প্রচার করা হবে। ফলে যারা মাঠে আসতে পারবেন না, তারাও ঘরে বসে খেলা উপভোগ করতে পারবেন। এতে টুর্নামেন্টের দর্শক সংখ্যা আরও বাড়বে বলে আশা করা হচ্ছে।

এদিকে খেলা ঘিরে এলাকায় উৎসবের আমেজ তৈরি হয়েছে। ম্যাচের দিন সকাল থেকে মাঠের আশপাশে ফুচকা, চা ও ছোট দোকান বসার কথা রয়েছে। ফলে খেলার পাশাপাশি স্থানীয় অর্থনীতিতেও কিছুটা ইতিবাচক প্রভাব পড়বে বলে মনে করা হচ্ছে।

ফাউন্ডেশন কর্তৃপক্ষ জানিয়েছে, সব খেলা ফেসবুক পেজে সরাসরি সম্প্রচার করা হবে। ফলে যারা মাঠে আসতে পারবেন না, তারাও ঘরে বসে খেলা উপভোগ করতে পারবেন। এতে টুর্নামেন্টের দর্শক সংখ্যা আরও বাড়বে বলে আশা করা হচ্ছে।

**এদিকে খেলা ঘিরে এলাকায় উৎসবের আমেজ তৈরি হয়েছে। ম্যাচের দিন সকাল থেকে মাঠের আশপাশে ফুচকা, চা ও ছোট দোকান বসার কথা রয়েছে। ফলে খেলার পাশাপাশি স্থানীয় অর্থনীতিতেও কিছুটা ইতিবাচক প্রভাব পড়বে বলে মনে

କଂଗ୍ରେସରୁ ଅଶୋକ ଚଭନ୍‌ଙ୍କ ଇସ୍ତଫା

ମୁମ୍ବାଇ, ୧୨।୨: ଆଗାମୀ ଲୋକ ସଭା ନିର୍ବାଚନ ପୂର୍ବରୁ ମହାରାଷ୍ଟ୍ରରେ କଂଗ୍ରେସକୁ ପୁଣି ବଡ଼ ଝଟକା ଲାଗିଛି। ବରିଷ୍ଠ ନେତା ମିଲିନ୍ଦ ଦେଓରା ଓ ବାବା ସିଦ୍ଦିକୀଙ୍କ ପରେ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ୍। ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ମହା ବିକାଶ ଅଗାଡ଼ି ତରଫରୁ ସିଟ୍ ବୁଝାମଣା ବିଳମ୍ବ ହେଉଥିବା ନେଇ ଗତ କିଛିଦିନ ହେବ ଅସନ୍ତୋଷ ପ୍ରକାଶ କରିଥିଲେ ଅଶୋକ। ତେବେ ସେ କେଉଁ ଦଳରେ ଯୋଗଦେବେ ସେନେଇ କୌଣସି ନିଷ୍ପତ୍ତି ନେଇ ନ ଥିବା ପ୍ରକାଶ କରିଛନ୍ତି। କୌଣସି ଦଳ ସହ ସମ୍ପର୍କ ସ୍ଥାପନ ହୋଇ ନ ଥିବା କହିବା ସହ ଆଗାମୀ କିଛି ଦିନ ମଧ୍ୟରେ ସେ ଏନେଇ ନିଷ୍ପତ୍ତି ନେବେ ବୋଲି ସୂଚନା ଦେଇଛନ୍ତି। ତେବେ ବିଭିନ୍ନ ରିପୋର୍ଟରୁ ମିଳୁଥିବା ଖବର ଅନୁଯାୟୀ ଅଶୋକ ଖୁବ୍‌ଶୀଘ୍ର ଭାଜପାରେ ଯୋଗ ଦେଇ ରାଜ୍ୟ ସଭା ଟିକେଟ ପାଇବାର ମଧ୍ୟ ସମ୍ଭାବନା ରହିଛି। ନିଜ ଲମ୍ବା ରାଜନୈତିକ କ୍ୟାରିଅରରେ ୪ ଥର ବିଧାୟକ ଓ ୨ ଥର ଏମ୍‌ପି ଭାବେ ନିର୍ବାଚିତ ହୋଇଥିବା ଅଶୋକ ୨୦୦୮ରୁ ୨୦୧୦ ଯାଏଁ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଥିଲେ।

କୃଷକ ଆନ୍ଦୋଳନ ପୂର୍ବରୁ ଦିଲ୍ଲୀରେ ୧୪୪ ଧାରା

ନୂଆଦିଲ୍ଲୀ,୧୨।୨

କୃଷକମାନେ ମଙ୍ଗଳବାରଠାରୁ 'ଦିଲ୍ଲୀ ଚଲୋ' ଅଭିଯାନରେ ବାହାରିବାକୁ ଥିବାବେଳେ ଏହା ପୂର୍ବରୁ ଦିଲ୍ଲୀ ପୋଲିସ ସାରା ସହରରେ ଆଗାମୀ ୩୦ ଦିନ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରିଛି। ମାର୍ଚ୍ଚ ୧୨ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଜାତୀୟ ରାଜଧାନୀରେ ଆଇନଶୃଙ୍ଖଳା ବଜାୟ ରଖିବା ସହ ରାଲି, ଶୋଭାଯାତ୍ରା ଏବଂ ରାସ୍ତା ଅବରୋଧକୁ ବନ୍ଦ କରିବା ପାଇଁ ଏଭଳି କଟକଣା ଲାଗୁ ହୋଇଥିବା ଦିଲ୍ଲୀ ପୋଲିସ କମିଶନର ସଞ୍ଜୟ ଆରୋରା କହିଛନ୍ତି। କୃଷକମାନଙ୍କ ଶୋଭାଯାତ୍ରା ଦିଲ୍ଲୀରେ ପ୍ରବେଶ କଲେ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇବା ସହ ଉପଦ୍ରବ ଓ ହିଂସାକାଣ୍ଡ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। କୃଷକମାନେ

ସିଙ୍ଘୁ ସୀମା ନିକଟ ୪୪ ନଂ ଜାତୀୟ ରାଜପଥରେ ତାରବାଡ଼ ଲଗାଯାଉଛି।

ଟ୍ରାକ୍ଟର, ଟ୍ରଲି, ଟ୍ରେଲର ଓ ଅନ୍ୟ ଯାନବାହନରେ ଦିଲ୍ଲୀରେ ପ୍ରବେଶ କଲେ ଯାତାୟାତରେ ପ୍ରତିବନ୍ଧକ ହେବା ସହ ଅନ୍ୟମାନଙ୍କ ପାଇଁ ବିପଦ ସୃଷ୍ଟି କରିବ ବୋଲି ପୋଲିସ କମିଶନର କହିଛନ୍ତି। ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଗ୍ୟାରେଣ୍ଟି ପାଇଁ ଆଇନ ଆଣିବା ଦାବିରେ ଉତ୍ତରପ୍ରଦେଶ, ହରିୟାଣା ଏବଂ ପଞ୍ଜାବର କୃଷକ ସଂଗଠନଗୁଡ଼ିକ ଫେବୃଆରୀ ୧୩ରୁ ଦିଲ୍ଲୀ ଚଲୋ ଡାକରା ଦେଇଥିଲେ। ଏମ୍‌ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି ସର୍ତ୍ତରେ ଚାଷୀମାନେ ୨୦୨୧ରେ ଆନ୍ଦୋଳନ ପ୍ରତ୍ୟାହାର କରିନେବାକୁ ରାଜି ହୋଇଥିଲେ।

କୃଷକଙ୍କ ଦିଲ୍ଲୀ ଅଭିଯାନ ପୂର୍ବରୁ ପୋଲିସ ସୋମବାର ଗାଜିପୁର ସୀମାରେ ବ୍ୟାରିକେଡ୍ ଲଗାଇଥିଲା। ହରିୟାଣା ସରକାର ରାସ୍ତାରେ ତାରବାଡ଼ ଓ କଣ୍ଟା ପୋତିବାରୁ ପଞ୍ଜାବ ଏବଂ ଭାରତ ମଧ୍ୟରେ ସୀମା ସୃଷ୍ଟି କରନାହିଁ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ କହିଥିଲେ। ଦିଲ୍ଲୀରେ ମାସେ ପର୍ଯ୍ୟନ୍ତ ୧୪୪ ଧାରା ରହିଲେ, କୌଣସି ପ୍ରକାର ଆନ୍ଦୋଳନ, ରାଲି, ଶୋଭାଯାତ୍ରା କିମ୍ବା ସଭା ହୋଇପାରିବ ନାହିଁ। ୫ରୁ ଅଧିକ ଲୋକଙ୍କୁ ଏକାଠି ହେବାକୁ ଅନୁମତି ମିଳିବ ନାହିଁ। ଦିଲ୍ଲୀକୁ କୃଷକମାନଙ୍କୁ ଆଣିବା ପାଇଁ କିମ୍ବା ହିଂସାକାଣ୍ଡ ସୃଷ୍ଟି ଉଦ୍ଦେଶ୍ୟରେ ଲାଠି, ଠେଙ୍ଗା, ଖଣ୍ଡା, ବର୍ଚ୍ଛା, ଆଗ୍ନେୟାସ୍ତ୍ର ପରିବହନ ପାଇଁ ଟ୍ରାକ୍ଟର ଟ୍ରଲି କିମ୍ବା ଅନ୍ୟ କୌଣସି ଯାନକୁ ଦିଲ୍ଲୀରେ ପ୍ରବେଶ ଅନୁମତି ମିଳିବ ନାହିଁ।

ଆସ୍ଥା ଜିତିଲେ ନୀତୀଶ

ପାଟନା,୧୨।୨

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁ-ଭାଜପା ସରକାର ସୋମବାର ଅପରାହ୍ନରେ ଗୁରୁତ୍ୱପୂର୍ଣ୍ଣ ଆସ୍ଥା ଭୋଟ ଜିତିନେଇଛି। ଏହା ପୂର୍ବରୁ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ଆର୍‌ଜେଡି, କଂଗ୍ରେସ ଏବଂ ବାମଦଳର ସଦସ୍ୟମାନେ ବିଧାନସଭାରେ କକ୍ଷତ୍ୟାଗ କରି ଚାଲିଯାଇଥିଲେ। ଏନ୍‌ଡିଏ ସରକାରଙ୍କ ସପକ୍ଷରେ ବିରୋଧୀ ଆର୍‌ଜେଡିର ୩ ସଦସ୍ୟଙ୍କ ସମେତ ୧୨୯ ବିଧାୟକ ଭୋଟ ଦେଇଥିଲେ।

ପ୍ରଥମେ ଗୃହରେ ଏକ ପ୍ରସ୍ତାବ ଗୃହୀତ ହୋଇ ବିଧାନସଭା ବାଚସ୍ପତି ପଦରୁ ଆର୍‌ଜେଡିର ଅଓଧ ବିହାରୀ ଚୌଧରୀଙ୍କୁ ବହିଷ୍କାର କରାଯାଇଥିଲା। ଏହା ପରେ ଭାଜପା ସହ ମିଶି ନୂଆ ସରକାର ଗଢ଼ିଥିବା ନୀତୀଶ ବିଧାନସଭାରେ ଆସ୍ଥା ଲୋଡ଼ିଥିଲେ। ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାରେ ଆସ୍ଥା ଜିତିବା ପାଇଁ ୧୨୨ ବିଧାୟକଙ୍କ ସମର୍ଥନ ଆବଶ୍ୟକ ଥିବାବେଳେ ଜେଡିୟୁ, ଭାଜପା ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନରାମ ମାଝିଙ୍କ ଦଳ ସମେତ ଜଣେ ସ୍ୱାଧୀନ ବିଧାୟକଙ୍କୁ ମିଶାଇ ନୀତୀଶଙ୍କ ସରକାର ପକ୍ଷରେ ୧୨୮ ବିଧାୟକଙ୍କ ସମର୍ଥନ ରହିଥିବା ଦାବି ହୋଇଥିଲା। ଆର୍‌ଜେଡିର ୩ ବିଧାୟକ ପ୍ରହ୍ଲାଦ ଯାଦବ, ଚେତନ ଆନନ୍ଦ ଏବଂ ନୀଲମ ଦେବୀ ଆସ୍ଥା ସପକ୍ଷରେ ଭୋଟ ଦେଇଥିଲେ। ଆସ୍ଥା ଜିତିବା ପରେ ନୀତୀଶ ତାଙ୍କ ପୂର୍ବତନ ଡେପୁଟୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପୂର୍ବରୁ ସରକାରରେ ଥିବା ଆର୍‌ଜେଡି ଦୁର୍ନୀତିରେ ଲିପ୍ତ ଥିଲା। ରାଜ୍ୟରେ ଆଇନ ଶୃଙ୍ଖଳା ନ ଥିଲା। ନୂଆ ଏନ୍‌ଡିଏ ନେତୃତ୍ୱାଧୀନ ସରକାର ଏହାର ତଦନ୍ତ କରିବ ବୋଲି ନୀତୀଶ କହିଛନ୍ତି। ଅନ୍ୟପକ୍ଷରେ ତେଜସ୍ୱୀ ମଧ୍ୟ ନିଜ ବକ୍ତବ୍ୟରେ ନୀତୀଶଙ୍କୁ ଟାର୍ଗେଟ କରିବା ସହ ନିଜକୁ ପୁତୁରା ବୋଲି କହି ସେ ରାଜ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଟକାଇବେ ବୋଲି କହିଥିଲେ। ସେ ନୀତୀଶଙ୍କୁ କଡ଼ା ଶବ୍ଦରେ ସମାଲୋଚନା କରିବା ସହ ଭାଜପା ତାଙ୍କୁ 'ପଲଟୁ କୁମାର' କହିଥିବା କଥା ମନେ ପକାଇଦେଇଥିଲେ। ଭାଜପା ମହାମେଣ୍ଟ ସରକାରକୁ ଭୟ କରୁଥିଲା। ନୀତୀଶ ଯେ ଆଉ ପଲଟିବେ ନାହିଁ, ଏ ଗ୍ୟାରେଣ୍ଟି ମୋଦି ଦେଇପାରିବେ କି ବୋଲି ତେଜସ୍ୱୀ ପ୍ରଶ୍ନ କରିଥିଲେ। ତେଜସ୍ୱୀଙ୍କ ଭାଷଣ ପରେ ଆର୍‌ଜେଡି, କଂଗ୍ରେସ ଏବଂ ବାମଦଳ ବିଧାୟକମାନେ କକ୍ଷତ୍ୟାଗ କରିଥିଲେ।

ବିରୋଧୀଙ୍କ କକ୍ଷତ୍ୟାଗ

ସୌମ୍ୟା ବିଶ୍ୱନାଥନ୍‌ଙ୍କ ୪ ହତ୍ୟାକାରୀଙ୍କୁ ଜାମିନ, ଆଜୀବନ ଜେଲଦଣ୍ଡ ସ୍ଥଗିତ

ନୂଆଦିଲ୍ଲୀ,୧୨।୨: ଟିଭି ସାମ୍ବାଦିକା ସୌମ୍ୟା ବିଶ୍ୱନାଥନ୍ ହତ୍ୟା ମାମଲାରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା ୪ ଅପରାଧୀଙ୍କୁ ଦିଲ୍ଲୀ ହାଇକୋର୍ଟ ସୋମବାର ଜାମିନ ମଞ୍ଜୁର କରିଛନ୍ତି। ଅଦାଲତଙ୍କ ରାୟ ଏବଂ ଦଣ୍ଡାଦେଶକୁ ଚ୍ୟାଲେଞ୍ଜ କରି ରବି କପୁର, ଅମିତ ଶୁକ୍ଲା, ବଲଜିତ ସିଂ ମଲିକ ଏବଂ ଅଜୟ କୁମାର ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଏହାର ବିଚାର ଶେଷ ହେବା ପର୍ଯ୍ୟନ୍ତ ଜଷ୍ଟିସ୍ ସୁରେଶ କୁମାର କୈତ ଏବଂ ମନୋଜ ଜୈନଙ୍କ ଖଣ୍ଡପୀଠ ଅପରାଧୀମାନଙ୍କ ଦଣ୍ଡକୁ ସ୍ଥଗିତ ରଖିଛନ୍ତି। ଅପରାଧୀମାନେ ବର୍ତ୍ତମାନ ସୁଦ୍ଧା ୧୪ ବର୍ଷ ଜେଲରେ ରହିସାରିଲେଣି ବୋଲି ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ, ଏକ ଇଂଲିଶ ନ୍ୟୁଜ୍ ଚ୍ୟାନେଲ ପାଇଁ କାମ କରୁଥିବା ସୌମ୍ୟାଙ୍କୁ ୨୦୦୮ ସେପ୍ଟେମ୍ବର ୩୦ରେ ଦକ୍ଷିଣ ଦିଲ୍ଲୀର ନେଲସନ ମାଣ୍ଡେଲା ମାର୍ଗରେ ଗୁଳିକରି ହତ୍ୟା କରାଯାଇଥିଲା। ସ୍ୱତନ୍ତ୍ର ଅଦାଲତ ୨୦୨୩ ନଭେମ୍ବର ୨୬ରେ ୬ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ଦୁଇଟି ଆଜୀବନ ଜେଲଦଣ୍ଡ ଶୁଣାଇଥିଲେ। ପଞ୍ଚମ ଅଭିଯୁକ୍ତ ଅଜୟ ସେଠୀଙ୍କୁ ୩ ବର୍ଷ ଜେଲଦଣ୍ଡ ହୋଇଥିଲା।

ନାସାର 'ଆଇଏମ୍ -୧' ମିଶନ

ଚନ୍ଦ୍ରରେ ଅବତରଣ କରିବ ନୋଭା-ସି ଲାଣ୍ଡର

ୱାଶିଂଟନ, ୧୨।୨

ଆମେରିକୀୟ ମହାକାଶ ସଂସ୍ଥା ନାସା ନୋଭା-ସି ନାମକ ଏକ ଲାଣ୍ଡରକୁ ଖୁବ୍‌ଶୀଘ୍ର ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁ ଅଞ୍ଚଳରେ ଅବତରଣ କରାଇବାକୁ ଯାଉଛି। ନାସାର 'ଆଇଏମ୍ -୧' ମିଶନ ଅଧୀନରେ ଚନ୍ଦ୍ରପୃଷ୍ଠର ଦକ୍ଷିଣମେରୁରେ ଥିବା 'ମାଲାପର୍ଟ ଏ କ୍ରେଟର'ରେ ନୋଭା-ସି ଲାଣ୍ଡର ସଫ୍ଟ ଲ୍ୟାଣ୍ଡିଂ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଚନ୍ଦ୍ରର ଦକ୍ଷିଣ ମେରୁଠାରୁ ଏହା ପ୍ରାୟ ୩୦୦ କି.ମି. ଦୂରରେ ଅବସ୍ଥିତ। ବୈଜ୍ଞାନିକ ଅଧ୍ୟୟନ ଓ ଉନ୍ନତ ଜ୍ଞାନ କୌଶଳର ଅନ୍ୱେଷଣ 'ମିଶନ ଆଇଏମ୍ -୧'ର ଉଦ୍ଦେଶ୍ୟ ଥିବା ନାସା ସ୍ପଷ୍ଟ କରିଛି। ଭାରତର ଚନ୍ଦ୍ରଯାନ - ୩ ଅବତରଣ ସ୍ଥଳ ଶିବଶକ୍ତି ପଏଣ୍ଟଠାରୁ ଏହି ସ୍ଥାନପ୍ରାୟ ୧୫୦୦କି.ମି.ଦୂରରେଅବସ୍ଥିତ।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ତାଙ୍କ ପଞ୍ଜାବ ପ୍ରତିପକ୍ଷ ଭଗୱନ୍ତ ମାନ୍ ସସ୍ତ୍ରୀକ ସୋମବାର ଅଯୋଧ୍ୟାର ରାମମନ୍ଦିରରେ ଭଗବାନ ରାମଙ୍କ ଦର୍ଶନ କରୁଛନ୍ତି।

ବିରୋଧୀ ଆସନରେ ବସିବ ଇମ୍ରାନ୍‌ଙ୍କ ଦଳ

ଇସ୍‌ଲାମାବାଦ,୧୨।୨

ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲିନିର୍ବାଚନରେ କାହାକୁ ସଂଖ୍ୟାଗରିଷ୍ଠତା ମିଳି ନାହିଁ। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଦଳ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ (ପିଟିଆଇ) ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିଲେ ମଧ୍ୟ ଏହା ବିରୋଧୀ ଆସନରେ ବସିବାକୁ ନିଷ୍ପତ୍ତି ନେଇଛି। ପିଏମ୍‌ଏଲ୍-ଏନ୍ କିମ୍ବା ପିପିପି ନେତୃତ୍ୱାଧୀନ ସରକାର ସହ ପିଟିଆଇ ମେଣ୍ଟ କରିବ ନାହିଁ ବୋଲି ଏହାର ନେତା ବାରିଷ୍ଟର ଗୋହର ଅଲି ଖାନ୍ ଘୋଷଣା କରିଛନ୍ତି। ସରକାର ଗଢ଼ିବା ପାଇଁ ୨୬୬ ସଦସ୍ୟ ବିଶିଷ୍ଟ ନ୍ୟାଶନାଲ ଆସେମ୍ବିରେ ଆମର ଯଥେଷ୍ଟ ସଂଖ୍ୟା ନାହିଁ। ପ୍ରତିଦ୍ୱନ୍ଦ୍ୱୀ ପିଏମ୍‌ଏଲ୍-ଏନ୍ କିମ୍ବା ପିପିପି ସହ ପିଟିଆଇ ହାତ ମିଳାଇବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି।

ନିର୍ବାଚନରେ ଇମ୍ରାନ୍‌ଙ୍କ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ୧୦୧ ଆସନ ଜିତିଥିବାବେଳେ ନୱାଜ ଶରିଫଙ୍କ

ପିଏମ୍‌ଏଲ୍-ଏନ୍ ୭୫, ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀଙ୍କ ପାକିସ୍ତାନ ପିପୁଲ୍ସ ପାର୍ଟି ୫୪ ଆସନ ଜିତିଥିଲା। ମୁତ୍ତାହିଦା କ୍ୱାମି ମୁଭ୍‌ମେଣ୍ଟ-ପାକିସ୍ତାନ (ଏମ୍‌କ୍ୟୁଏମ୍-ପି) ୧୭ ଆସନ ପାଇଥିବାବେଳେ ବାକି ୧୭ ଆସନ ଅନ୍ୟ ଛୋଟ ଦଳଗୁଡ଼ିକୁ ଯାଇଛି। ଏବେ ପିଏମ୍‌ଏଲ୍-ଏନ୍, ପିପିପି ଏବଂ ଏମ୍‌କ୍ୟୁଏମ୍-ପି ମିଳିତ ଭାବେ ସହଭାଗୀ ମେଣ୍ଟ ସରକାର ଗଢ଼ିବାକୁ ଯାଉଥିବା ନୱାଜ କହିଛନ୍ତି। ସରକାରରେ କିଏ କେଉଁ ବିଭାଗ ଓ ପଦବୀ ପାଇବ ତାକୁ ନେଇ ଆଲୋଚନା ଜାରି ରହିଛି।

ଟିଏମ୍‌ସି ନେତାଙ୍କ ଗିରଫ ଦାବିରେ ଆନ୍ଦୋଳନ ଜାରି

କୋଲକାତା,୧୨।୨(ପି.ଟି.)

ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜିଲାର ସନ୍ଦେଶଖାଲି ବ୍ଲକ୍ ଅଞ୍ଚଳରେ ମହିଳାମାନଙ୍କୁ ଯୌନ ନିର୍ଯାତନା ଓ ସେମାନଙ୍କ ଜମିକୁ ବଳପୂର୍ବକ ଦଖଲ କରିବା ଅଭିଯୋଗରେ ଟିଏମ୍‌ସି ନେତା ଶେଖ୍ ଶାଜାହାନ ଓ ତାଙ୍କ ଗ୍ୟାଙ୍ଗକୁ ଗିରଫ କରିବା ଦାବିରେ ୫ ଦିନ ହେଲା ଆନ୍ଦୋଳନ ଜାରି ରହିଛି। ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଥିବା ୬ ଜଣ ଭାଜପା ବିଧାୟକଙ୍କୁ ଗୃହରୁ ନିଲମ୍ବନ କରାଯାଇଛି। ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ସୋମବାର ଉତ୍ତେଜନାପୂର୍ଣ୍ଣ ସନ୍ଦେଶଖାଲି ବ୍ଲକ୍‌କୁ ଗସ୍ତରେ ଯାଇ ପୀଡ଼ିତା ମହିଳାମାନଙ୍କୁ ନ୍ୟାୟ ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ମାସରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀମାନେ ଶାଜାହାନଙ୍କ ବାସଭବନରେ ଚଢ଼ାଉ କରିବାକୁ ଯାଇଥିଲାବେଳେ ସେମାନଙ୍କ

ଯୌନ ନିର୍ଯାତନାକାରୀ ଟିଏମ୍‌ସି ନେତା ଶେଖ୍ ଶାଜାହାନଙ୍କ ଗିରଫ ଦାବିରେ ମହିଳାଙ୍କ ବିକ୍ଷୋଭ।

ଉପରେ ଆକ୍ରମଣ ହୋଇଥିଲା। ସେବେଠାରୁ ଶାଜାହାନ ଫେରାର ଥିବାବେଳେ ୱାଣ୍ଟେଡ୍ ତାଲିକାରେ ରହିଛନ୍ତି। ରାଜ୍ୟପାଳ ବୋଷ କେରଳ ଗସ୍ତକୁ କାଟଛାଣ୍ଟ କରି ସନ୍ଦେଶଖାଲି ଯାଇଥିବାବେଳେ ମହିଳାମାନଙ୍କ ପ୍ରତି ଅତ୍ୟାଚାର ଘଟଣାରେ ମର୍ମାହତ ହୋଇଛନ୍ତି। ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁରଙ୍କ ରାଜ୍ୟରେ ଏଭଳି ଘଟଣା ଘଟିବା ବିଶ୍ୱାସ କରିହେଉନାହିଁ ବୋଲି ବୋଷ ଖବରଦାତାମାନଙ୍କୁ କହିଛନ୍ତି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ରାଜ୍ୟପାଳଙ୍କ ଗସ୍ତକୁ ଗୁରୁତ୍ୱ ନ ଦେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି।

- ସନ୍ଦେଶଖାଲିରେ ମହିଳାଙ୍କୁ ଯୌନ ନିର୍ଯାତନା
- ୬ ଭାଜପା ବିଧାୟକ ଗୃହରୁ ନିଲମ୍ବିତ

ସୋମବାର ରାଜ୍ୟ ବିଧାନସଭାରେ ସନ୍ଦେଶଖାଲି ପ୍ରସଙ୍ଗ ଉଠାଇ ଭାଜପା ବିଧାୟକମାନେ ମମତାଙ୍କୁ ଜବାବ ମାଗିବାରୁ ଗୃହରେ ହଙ୍ଗାମା ସୃଷ୍ଟି ହୋଇଥିଲା। ଭାଜପା ବିଧାୟକମାନେ ଗୃହ ମଧ୍ୟଭାଗରେ ବସିରହି ସ୍ଲୋଗାନ ଦେବାରୁ ବିଧାନସଭାରେ ଅଚଳାବସ୍ଥା ଦେଖାଦେଇଥିଲା। ଶେଷରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ସମେତ ୬ ଜଣ ଭାଜପା ବିଧାୟକଙ୍କୁ ଅଧିବେଶନର ଅବଶିଷ୍ଟ ଦିନ ପାଇଁ ନିଲମ୍ବନ କରାଯାଇଥିଲା।

ଫୁରସତ୍

ଦଶରଥ ଭୂମିକାରେ ନଜର ଆସିବେ ଅମିତାଭ



ମୁମ୍ବାଇ

ନୀତୀଶ ତିୱାରୀ ତାଙ୍କ ଡ୍ରିମ୍ ପ୍ରୋଜେକ୍ଟ 'ରାମାୟଣ'ରେ ସବୁଠାରୁ ବଡ ଷ୍ଟାରକାଷ୍ଟଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଉଦ୍ୟମ ଚଳାଇଛନ୍ତି। ମାଆ ସୀତା ଭୂମିକାରେ ସେ ସାଇ ପଲ୍ଲବୀଙ୍କୁ ଏବଂ ପ୍ରଭୁ ରାମଙ୍କ ଭୂମିକାରେ ରଣବୀର କପୁରଙ୍କୁ କାଷ୍ଟ କରୁଛନ୍ତି। ଏବେ ଖବର ଆସୁଛି ଯେ ଅମିତାଭ ବଚ୍ଚନ ମଧ୍ୟ ଏହି ଫିଲ୍ମରେ ନଜର ଆସିବେ। ଜୁମ୍ ଏଣ୍ଟରଟେନ୍‌ମେଣ୍ଟର ଏକ ରିପୋର୍ଟ ଅନୁଯାୟୀ ଅମିତାଭ ବଚ୍ଚନ ନୀତୀଶଙ୍କ 'ରାମାୟଣ'ରେ ରାଜା ଦଶରଥଙ୍କ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ସୂଚନାନୁସାରେ, ଏହି ଭୂମିକା ପାଇଁ ଅମିତାଭ ବଚ୍ଚନଙ୍କୁ ଆପ୍ରୋଚ କରାଯାଇଛି। ଏହା ପ୍ରଥମ ଘଟଣା ନୁହେଁ। ବହୁଦିନ ପୂର୍ବେ ବିଗ୍ ବିଙ୍କୁ ରାଜା ଦାଶରଥଙ୍କ ଭୂମିକା ଅଫର ଦିଆଯାଇଥିଲା। ସୂଚନାଯୋଗ୍ୟ, ସଞ୍ଜୟ ଖାନ୍ ଦି ଲିଜେଣ୍ଡ ଅଫ୍ ରାମ ଟାଇଟଲ ସହିତ ଏକ ଚଳଚ୍ଚିତ୍ର ନିର୍ମାଣ କରୁଥିଲେ। ସେତେବେଳେ ମଧ୍ୟ ରାଜା ଦଶରଥଙ୍କ ଭୂମିକା ପାଇଁ ଅମିତାଭଙ୍କ ନିକଟକୁ ଯାଇଥିଲେ। ଏହି ଚଳଚ୍ଚିତ୍ରରେ ରାମ ଭୂମିକାରେ ହ୍ରିତିକ ରୋଶନଙ୍କୁ ଦେଖିବାକୁ ମିଳିଥିଲା। ସଞ୍ଜୟଙ୍କ ପୁଅ ଜାଏଦ ଖାନ୍ ଲକ୍ଷ୍ମଣ ହେବାକୁ ଯାଉଥିଲେ। ତେବେ କୌଣସି କାରଣରୁ ଫିଲ୍ମକୁ ନିର୍ମାଣ କରାଯାଇ ନ ଥିଲା। ଏବେ ଅମିତାଭ ବଚ୍ଚନଙ୍କ ବିଷୟରେ ଖବର ଆସିଛି ଯେ ସେ 'ରାମାୟଣ'ରେ ରାଜା ଦଶରଥ ଭୂମିକାରେ ଅଭିନୟ କରିପାରିବେ ଏବଂ ବିଗ୍ ବି ତୁଳସୀ ପୂଜା କରିବା ସମୟରେ ସୋସିଆଲ ମିଡିଆରେ ଫଟୋ ଶେୟାର କରିଛନ୍ତି। ଏହି ଫଟୋଗୁଡ଼ିକରେ ଅମିତାଭ ତୁଳସୀଙ୍କୁ ଜଳ ଏବଂ କ୍ଷୀର ଦେଉଥିବାର ନଜର ଆସିଛନ୍ତି।

ଗାଡ଼ି ଚଳାଉଛନ୍ତି ୯୫ ବର୍ଷୀୟା

କୋହିମା

ଶିଖିବାର କୌଣସି ବୟସ ନ ଥାଏ। ଏହି ଅର୍ଥକୁ ସାର୍ଥକ କରୁଥିବା ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଜଣେ ୯୫ ବର୍ଷ ବୟସ୍କା ବୃଦ୍ଧା ଏକ କାର ଚଳାଉଥିବା ନଜର ଆସୁଛନ୍ତି। ଏହି ଭିଡିଓଟିକୁ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀମାନେ ବହୁଳ ଭାବେ ପସନ୍ଦ କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ଏହି ଭିଡିଓକୁ ନାଗାଲାଣ୍ଡ ସରକାରଙ୍କ ମନ୍ତ୍ରୀ ତଥା ଭାଜପା ନେତା ଟେମ୍‌ଜେନ୍ ଇମ୍‌ନା ଆଲୋଙ୍ଗ ଶେୟାର କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଟେମ୍‌ଜେନ୍ ବେଶ୍ ସକ୍ରିୟ ରହୁଥିବା ବେଳେ ତାଙ୍କର ଏହି ପୋଷ୍ଟଟି ଅଳ୍ପ କିଛି ସମୟ ମଧ୍ୟରେ ଭାଇରାଲ ହେବାରେ ଲାଗିଥିଲା। ଏହି ପୋଷ୍ଟରେ ଜଣେ ବୃଦ୍ଧା ବେଶ୍ ଖୁସି ମିଜାଜରେ କାର ଚଳାଉଥିବା

ବିଶ୍ୱ ସନ୍ତରଣ ଚାମ୍ପିୟନଶିପ୍

ପାନ୍ ଝାନଲେଙ୍କ ବିଶ୍ୱ ରେକର୍ଡ

ଦୋହା, ୧୨।୨ (ପି.ଟି.): କାତାରର ଦୋହାରେ ଅନୁଷ୍ଠିତ ବିଶ୍ୱ ସନ୍ତରଣ ଚାମ୍ପିୟନଶିପର ପ୍ରଥମ ଦିନରେ ବିଶ୍ୱ ରେକର୍ଡ କରିଛନ୍ତି ଚାଇନାର ପାନ୍ ଝାନଲେ। ଅନେକ ଶ୍ରେଷ୍ଠ ଖେଳାଳି ଏହି ଟୁର୍ନାମେଣ୍ଟରେ ଭାଗ ନେଉ ନ ଥିବା ବେଳେ ଚାଇନାର ଯୁବ ଖେଳାଳି ପାନ୍ ଝାନଲେ ବିଶ୍ୱ ରେକର୍ଡ କରିଛନ୍ତି। ୧୦୦ ମିଟର ଫ୍ରି ଷ୍ଟାଇଲ ସନ୍ତରଣରେ ଚାଇନା ୪x୧୦୦ ମିଟର ରିଲେ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ପାନ୍ ଝାନ୍‌ଲେ ୪୬.୮୦ ସେକେଣ୍ଡର ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ବିଶ୍ୱ ରେକର୍ଡ ନିଜ ନାମରେ କରିଛନ୍ତି। ୨୦୨୨ରେ ରୋମାନିଆର ୧୯ ବର୍ଷୀୟ ଡେଭିଡ୍ ପୋପୋଭିସି ୪୭.୧୩ ସେକେଣ୍ଡର ଟାଇମିଂ ସହ ରେକର୍ଡ ନିଜ ନାମରେ କରିଥିଲେ। ଚାଇନା ରିଲେ ଦଳ ସମୁଦାୟ ୩:୧୧.୦୮ ସେକେଣ୍ଡର ଟାଇମିଂ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ମହିଳା ୪୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ନ୍ୟୁଜିଲାଣ୍ଡର ଏରିକା ଫେୟାରୱେଦର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ପ୍ରଥମ ନ୍ୟୁଜିଲାଣ୍ଡ ମହିଳା ଭାବେ ସେ ଏହି ସଫଳତା ହାସଲ କରିଛନ୍ତି। ୩:୫୯.୪୪ ସେକେଣ୍ଡର ଟାଇମିଂ ହାସଲ କରିଥିବା ଏରିକା ଚାଇନାର ଲି ବିଙ୍ଗିଜେଙ୍କ ଠାରୁ ୨.୧୮ ସେକେଣ୍ଡ ଆଗୁଆ ରହିଥିଲେ। ପୁରୁଷ ୪୦୦ ମିଟର ଫ୍ରି ଷ୍ଟାଇଲରେ ଦକ୍ଷିଣ କୋରିଆର କିମ ଉ ମିନ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନରେ ବ୍ରାଜିଲ ବିଫଳ

କାରାକାସ୍, ୧୨।୨ (ପି.ଟି.)

ଫୁଟବଲର ପାୱାର ହାଉସ୍ ବ୍ରାଜିଲ୍ ଫୁଟବଲ ଦଳ ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଛି। ସୋମବାର ଆର୍ଜେଣ୍ଟିନା ୨୩ ବର୍ଷରୁ କମ୍ ଦଳ ନିକଟରୁ ୧-୦ରେ ହାରିବା ସହ ଡିଫେଣ୍ଡିଂ ଚାମ୍ପିୟନ ବ୍ରାଜିଲ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଛି। ଦକ୍ଷିଣ ଆମେରିକୀୟ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରୁ ପାରାଗୁଏ ଓ ଆର୍ଜେଣ୍ଟିନା ଯୋଗ୍ୟତା ହାସଲ କରିଛନ୍ତି। ପାରାଗୁଏ

୨୦ ବର୍ଷରେ ପ୍ରଥମ ଥର ଖେଳିବନି

ଆର୍ଜେଣ୍ଟିନାକୁ ଯୋଗ୍ୟତା

ଟେବୁଲ ଶୀର୍ଷରେ ରହିଥିବା ବେଳେ ଆର୍ଜେଣ୍ଟିନା ଦ୍ୱିତୀୟ ସ୍ଥାନରେ ରହିଛି। କାରାକାସ୍‌ର ଦ ବ୍ରିଗିଡୋ ଇରିଆର୍ଟେ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଆର୍ଜେଣ୍ଟିନା ପକ୍ଷରୁ ଲୁସିଆନୋ ଗୋଣ୍ଡୋଉ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ର ୭୮ତମ ମିନିଟ୍‌ରେ ଭାଲେଣ୍ଟିନୋ ବାର୍ସୋଙ୍କ କ୍ରସ୍‌କୁ ହେଡ୍ କରି ସେ ଏହି ଗୋଲ ଦେଇଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ଭେନେଜୁଏଲାକୁ ୨-୦ରେ ପରାସ୍ତ କରି ପାରାଗୁଏ ଟେବୁଲ ଶୀର୍ଷରେ ରହିଥିଲା। ଆର୍ଜେଣ୍ଟିନା ସହ ମ୍ୟାଚ୍ ଡ୍ର ରଖିଥିବା ବେଳେ ବ୍ରାଜିଲ ବିପକ୍ଷରେ ବିଜୟ ହାସଲ କରିଥିଲା ପାରାଗୁଏ। ଏହି ଦଳରେ କେହି ତାରକା ଖେଳାଳି ନ ଥିଲେ ମଧ୍ୟ ଏହାର ପ୍ରଦର୍ଶନରେ ଫରକ ପଡ଼ି ନ ଥିଲା। ଆର୍ଜେଣ୍ଟିନା କୋଚ୍ ଜାଭିୟର ମାସ୍ଚେରାନୋ ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣେଇଥିବା ବେଳେ ବ୍ରାଜିଲ କୋଚ୍ ରାମୋନ ମେଞ୍ଚେସ୍ ରକ୍ଷଣାତ୍ମକ ଢଙ୍ଗରେ ଖେଳିଥିଲେ।

ବ୍ରାଜିଲର ପରାଜୟ ପରେ ବ୍ରୁନୋ ଗୋମ୍ସ(ବାମ)ଙ୍କୁ ସାନ୍ତ୍ୱନା ଦେଉଛନ୍ତି ଆର୍ଜେଣ୍ଟିନାର ନିକୋଲାସ ଭାଲେଣ୍ଟିନି।

ପ୍ରଥମାର୍ଦ୍ଧରେ ଆର୍ଜେଣ୍ଟିନା ଚାପ ସୃଷ୍ଟି କରିଥିଲେ ହେଁ ଗୋଲ କରିବାରେ ବିଫଳ ହୋଇଥିଲା।

୨୦ ବର୍ଷ ପରେ ପ୍ରଥମ ଥର ପାଇଁ ବ୍ରାଜିଲ ଫୁଟବଲ ଦଳ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଛି। ୨୦୦୪ରେ ଶେଷ ଥର ପାଇଁ ଦଳ ଯୋଗ୍ୟତା ହାସଲରେ ବିଫଳ ହୋଇଥିଲା। ୧୯୫୨ରେ ପ୍ରଥମ ଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ବ୍ରାଜିଲ ଦୁଇ ଥର ସ୍ୱର୍ଣ୍ଣ ପଦକ ହାସଲ କରିଛି। ୨୦୧୬ ରିଓ ଏବଂ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ସମର୍ଥ ହୋଇଥିଲା। ଏହା ବ୍ୟତୀତ ଦଳ ୩ ଥର ରୌପ୍ୟ ଓ ୨ ଥର ବ୍ରୋଞ୍ଜ ପଦକ ହାସଲରେ ସମର୍ଥ ହୋଇଛି। ସିନିୟର ବର୍ଗରେ ବିଶ୍ୱ ଚାମ୍ପିୟନ ଆର୍ଜେଣ୍ଟିନା ମଧ୍ୟ ୨ ଥର ଅଲିମ୍ପିକ୍ସ ଚାମ୍ପିୟନ ରହିଛି। ୨୦୦୪ ଏଥେନ୍ସ ଓ ୨୦୦୮ ବେଜିଂ ଅଲିମ୍ପିକ୍ସରେ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ୨୦୦୮ରେ ଲିଓନେଲ ମେସି ଏହି ଦଳର ନେତୃତ୍ୱ ନେଇଥିଲେ। ଅନ୍ୟପକ୍ଷରେ ପାରାଗୁଏ ଏହାର ଦ୍ୱିତୀୟ ଅଲିମ୍ପିକ୍ସ ପଦକ ଲକ୍ଷ୍ୟରେ ରହିଛି। ଶେଷ ଥର ପାଇଁ ୨୦୦୪ରେ ଏହା ଆର୍ଜେଣ୍ଟିନା ନିକଟରୁ ପରାଜିତ ହୋଇ ରୌପ୍ୟ ପଦକ ହାସଲ କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ଅଲିମ୍ପିକ୍ସ ଫୁଟବଲରେ ୨୩ ବର୍ଷରୁ କମ୍ ଦଳକୁ ଖେଳିବାର ସୁଯୋଗ ମିଳିଥାଏ।

ନେଦରଲାଣ୍ଡ୍ସ ବିଜୟୀ

ରାଉରକେଲାରେ ମହିଳା ପ୍ରୋ ଲିଗ୍ ଆରମ୍ଭ

ଆମେରିକା ଓ ନେଦରଲାଣ୍ଡ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ରାଉରକେଲା, ୧୨।୨
(ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ମହିଳା ହକି ପ୍ରୋ ଲିଗ୍‌ର ଏକାଦଶତମ ମ୍ୟାଚ୍ ସୋମବାର ଅନୁଷ୍ଠିତ ହୋଇଛି। ଏହି ମ୍ୟାଚରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ଟିର୍କୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ୍ ନେଦରଲାଣ୍ଡ୍ସ ଓ ଆମେରିକା ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍‌କୁ ୪-୦ରେ ଜିତି ନେଇଥିଲା ନେଦରଲାଣ୍ଡ୍ସ। ନେଦରଲାଣ୍ଡ୍ସ ଆରମ୍ଭରୁ ଆକ୍ରାମକ ଖେଳ ପ୍ରଦର୍ଶନ କରି ୯ଟି ପେନାଲ୍‌ଟି କର୍ନର ପାଇଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିବା ବେଳେ ନେଦରଲାଣ୍ଡ୍ସର ଫରୱାର୍ଡ ଖେଳାଳି ମୋଇସ ଫ୍ରିକ ମ୍ୟାଚର ଦ୍ୱିତୀୟ କ୍ୱାର୍ଟରର ୧୬ ମିନିଟ୍‌ରେ ପ୍ରଥମ ଗୋଲ୍ ଦେଇଥିଲେ। ୨୧ ମିନିଟ୍ ଓ ଚତୁର୍ଥ କ୍ୱାର୍ଟର୍ସର ୫୬ ମିନିଟ୍‌ରେ ଭାନ୍ ଡର ଏଲଷ୍ଟ ଫେ ଦୁଇଟି ଗୋଲ ଦେଇଥିଲେ। ତୃତୀୟ କ୍ୱାର୍ଟରର ୩୬ ମିନିଟ୍‌ରେ ଆଲବର୍ସ ଫେଲିସ ଦଳ ପକ୍ଷରୁ ୩ୟ ଗୋଲ ଦେଇଥିଲେ। ଡବଲ୍ ଗୋଲ ଦେଇଥିବା ଭାନ୍ ଡର ଏଲଷ୍ଟ ଫେଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।

ରାଜକୋଟରେ ପହଞ୍ଚିଲା ଇଂଲଣ୍ଡ ଦଳ

ନୂଆଦିଲ୍ଲୀ, ୧୨।୨ (ପି.ଟି.): ଏକ ସପ୍ତାହର ବିରତି ପରେ ଇଂଲଣ୍ଡ କ୍ରିକେଟ ଦଳ ପୁଣି ଥରେ ଭାରତରେ ପହଞ୍ଚିଛି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ମଝିରେ ଇଂଲଣ୍ଡ ଦଳ ଏକ ସପ୍ତାହର ବିରତି ନେଇଥିଲା। ଦଳର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଆବୁଧାବି ଯାଇଥିଲେ। ସିରିଜ୍‌ର ତୃତୀୟ ମ୍ୟାଚ୍ ଆସନ୍ତା ୧୫ ତାରିଖରେ ରାଜକୋଟରେ ଖେଳାଯିବ। ତେଣୁ ଇଂଲଣ୍ଡ ଦଳର ଖେଳାଳି ସୋମବାର ସନ୍ଧ୍ୟାରେ ରାଜକୋଟରେ ପହଞ୍ଚିଛନ୍ତି। ସିରିଜ ବର୍ତ୍ତମାନ ୧-୧ ସ୍ଥିତିରେ ରହିଥିବା ବେଳେ ତୃତୀୟ ମ୍ୟାଚ୍ ରାଜକୋଟରେ ଖେଳାଯିବ। ସିରିଜ ଆରମ୍ଭ ହେବା ପୂର୍ବରୁ ଇଂଲଣ୍ଡ ଆବୁଧାବିରେ ଏହାର ପ୍ରି ସିରିଜ୍ ବେସ୍ କରିଥିଲା। ହାଇଦ୍ରାବାଦରେ ମ୍ୟାଚକୁ ଇଂଲଣ୍ଡ ଜିତିଥିବା ବେଳେ ବିଶାଖାପାଟଣାରେ ଖେଳା ଯାଇଥିବା ମ୍ୟାଚରେ ଭାରତ ବିଜୟୀ ହୋଇଥିଲା। ଦ୍ୱିତୀୟ ଟେଷ୍ଟ ପରେ ୧୦ ଦିନର ବ୍ରେକ୍ ଥିବା ବେଳେ ଇଂଲଣ୍ଡ ଦଳ ଆବୁଧାବିରେ ସମୟ ବିତାଇବାକୁ ନିଷ୍ପତ୍ତି ନେଇଥିଲା। ମଙ୍ଗଳବାର ସକାଳେ ଭ୍ରମଣକାରୀ ଦଳ ଏସ୍‌ସିଏ ଷ୍ଟାଡିୟମରେ ଅଭ୍ୟାସ କରିବ। ଭାରତୀୟ ଖେଳାଳିମାନେ ସୋମବାର ଅପରାହ୍ନରୁ ଷ୍ଟାଡିୟମରେ ଅଭ୍ୟାସ ଆରମ୍ଭ କରିଛନ୍ତି।

ଓଡ଼ିଶାର ସିଥିଲ କୁମାର ଉପସଭାପତି

ଟେନିସ୍ ବଲ୍ କ୍ରିକେଟ୍ ମହାସଂଘ କର୍ମକର୍ତ୍ତା ନିର୍ବାଚନ

ନିର୍ବାଚିତ ହେବାପରେ ସିଥିଲ କୁମାର ପଣ୍ଡାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ଭୁବନେଶ୍ୱର, ୧୨।୨ (ତପନ ସ୍ୱାଇଁ)

ଉତ୍ତରପ୍ରଦେଶର ଗୋରଖପୁରରେ ଭାରତୀୟ ଟେନିସ୍ ବଲ୍ କ୍ରିକେଟ୍ ମହାସଂଘ (ଟିଟିସିଏଫ୍‌ଆଇ)ର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନୂତନ କର୍ମକର୍ତ୍ତାମାନେ ୨୦୨୮ ପର୍ଯ୍ୟନ୍ତ ପଦପଦବୀରେ ରହିବେ। ଅଭିନବ ନାଥ ତିୱାରୀ ମହାସଂଘର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍ ଆସୋସିଏଶନର ମହାସଚିବ ସିଥିଲ କୁମାର ପଣ୍ଡାଙ୍କ ସମେତ ମହମ୍ମଦ ବାବର, ଦେଶରାଜ କର୍ନୱାଲ, ଗଙ୍ଗାଧରିଆ ଓ ଆର.ଡି. ପ୍ରସାଦ ଉପସଭାପତି ହୋଇଛନ୍ତି। ସେହିପରି ଇମ୍ରାନ୍ ଅହମଦ୍ ଲାରି ସାଧାରଣ ସମ୍ପାଦକ ହୋଇଥିବା ବେଳେ ଚନ୍ଦ୍ରକାନ୍ତ ଝା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ମହାସଂଘରେ ୫ ଜଣ ଯୁଗ୍ମ ସମ୍ପାଦକ ଅଛନ୍ତି। ସେମାନେ ହେଲେ ପି. ଗନଭେଲ, ଲୋକେଶ ଶର୍ମା, ସନ୍ଧ୍ୟା ପାଲିକର, କମଲେଶ୍ୱର କଲିତା ଓ ଏନ୍.ରତିନା ପଧାନ। ସଫିକ୍ ପି., ଲାଲସିନସାଙ୍ଗା ରଲ୍‌ତେ, ଅମିତା ଜି. ଥାପା, ଆର୍.ମୁନିରତ୍ନମ୍ ଓ ସୋଏବ୍ ଖାନ୍ ସଦସ୍ୟ ଅଛନ୍ତି। ଯଶବୀର ସିଂ ଓ ଜେ. ଅଖତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିର୍ବାଚନରେ ସମସ୍ତ ରାଜ୍ୟ ଓ ଅଂଶଗ୍ରହଣ କରୁଥିବା ସଂଘଙ୍କ ପ୍ରତିନିଧି ଉପସ୍ଥିତ ଥିଲେ। ଆଲୋକ ଦ୍ୱିବେଦୀ ରିଟର୍ନିଂ ଅଫିସର ଦାୟିତ୍ୱ ନିର୍ବାହ କରିଥିଲେ। 'ଟିଟିସିଏଫ୍‌ଆଇ'ର ଉପସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ସିଥିଲଙ୍କୁ ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍ ସଂଘର କର୍ମକର୍ତ୍ତା ଓ ରାଜ୍ୟର ବହୁ ସଂଗଠନ ଶୁଭେଚ୍ଛା ଜଣାଇଛନ୍ତି।

ଚାଇନାଠୁ ଭାରତ ପୁଣି ହାରିଲା

ରାଉରକେଲା, ୧୨।୨
(ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ସୋମବାର ମହିଳା ହକି ପ୍ରୋ ଲିଗ୍‌ର ଦ୍ୱିତୀୟ ମ୍ୟାଚ୍ ଭାରତ ଓ ଚାଇନା ମଧ୍ୟରେ ଖେଳାଯାଇଥିଲା। ଏଥିରେ ଭାରତକୁ ଚାଇନା ମହିଳା ହକି ଦଳ ୨-୧ ଗୋଲରେ ପରାସ୍ତ କରିଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଚରଣ ମ୍ୟାଚରେ ମଧ୍ୟ ଭାରତ ସମାନ ବ୍ୟବଧାନରେ ଚାଇନାଠାରୁ ପରାସ୍ତ ହୋଇଥିଲା। ପୂର୍ବ ପରାଜୟରୁ ଶିକ୍ଷାଲାଭ କରି ନ ପାରିବା ଭାରତ ପାଇଁ ଏଠାରେ ମହଙ୍ଗା ପଡ଼ିଥିଲା। ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ନ ପାରିବା ମଧ୍ୟ ଦଳକୁ କ୍ଷତି ପହଞ୍ଚାଇବାରେ ଲାଗିଛି। ଭାରତ ଦଳ ଖେଳ ଆରମ୍ଭରୁ ଆକ୍ରମକ ଖେଳ ପ୍ରଦର୍ଶନ କରି ପ୍ରଥମ କ୍ୱାର୍ଟରର ୭ ମିନିଟ୍‌ରେ ଫରୱାର୍ଡ ସଙ୍ଗୀତା କୁମାରୀଙ୍କ ଗୋଲ ବଳରେ ଅଗ୍ରଣୀ ହାସଲ କରିଥିଲା। ପରେ ଭାରତ ଦଳକୁ ୫ଟି ପେନାଲ୍ଟି କର୍ଣ୍ଣର ମିଳିଥିଲେ ମଧ୍ୟ ଦଳ ଗୋଟିଏ ହେଲେ ଗୋଲରେ ପରିବର୍ତ୍ତନ କରିପାରି ନ ଥିଲା। ଚାଇନା ଦଳ ସଫଳ ପ୍ରତ୍ୟାବର୍ତ୍ତନ କରି ଭାରତ ଉପରେ ଚାପ ପକାଇ ଖେଳର ପ୍ରଥମ କ୍ୱାର୍ଟରର ୧୪ ମିନିଟ୍ ଓ ଶେଷ କ୍ୱାର୍ଟରର ୫୩ ମିନିଟ୍‌ରେ ଗୁ ବିଙ୍ଗଫେଙ୍ଗ୍ ୨ଟି ଗୋଲ ମାରି ଦଳକୁ ବିଜୟୀ କରାଇଥିଲେ। ଚାଇନା ଦଳକୁ ୪ଟି ପେନାଲ୍ଟି କର୍ଣ୍ଣର ମିଳିଥିବାବେଳେ ଦଳ ସେଥିରୁ ଗୋଟିଏ ପେନାଲଟି ଷ୍ଟ୍ରୋକରେ ଗୋଲ କରିପାରିଥିଲା। ଚାଇନା ପକ୍ଷରୁ ଫରୱାର୍ଡ ଖେଳାଳି ଗୁ ବିଙ୍ଗଫେଙ୍ଗଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଚାଇନା ୫ ମ୍ୟାଚରୁ ୪ଥ ବିଜୟ ସହ ୧୨ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଭାରତ ୫ ମ୍ୟାଚରୁ ମାତ୍ର ୧ ବିଜୟ ସହ ୫ମ ସ୍ଥାନରେ ରହିଛି। ଚଳିତ ସିଜନରେ ଅପରାଜେୟ ରହିଥିବା ନେଦରଲାଣ୍ଡ୍ସ ୯ ମ୍ୟାଚରୁ ୯ ବିଜୟ ସହ ୨୭ ପଏଣ୍ଟ ପାଇ ଶୀର୍ଷରେ ନିଜ ସ୍ଥାନକୁ ଦୃଢ଼ କରିଛି।

ଭାରତ ଓ ଚାଇନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଫେବୃଆରୀ ୨୫ରୁ ନ୍ୟାଶନାଲ ମାରାଥନ

ନୂଆଦିଲ୍ଲୀ, ୧୨।୨ (ପି.ଟି.): ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଦ୍ୱାରା ସ୍ୱୀକୃତିପ୍ରାପ୍ତ ନ୍ୟୁ ଦିଲ୍ଲୀ ମାରାଥନର ୯ମ ସଂସ୍କରଣ ଫେବୃଆରୀ ୨୫ରେ ସ୍ଥାନୀୟ ଜେଏଲ୍‌ଏନ୍ ଷ୍ଟାଡିୟମରେ ହେବ। ପୁରୁଷ ଓ ମହିଳା ଏଲିଟ୍ ରନରମାନଙ୍କ ମଧ୍ୟରେ ଶ୍ରେଷ୍ଠ ୫ ଫିନିଶରଙ୍କ ଲାଗି ଆର୍ଥିକ ପୁରସ୍କାରର ବ୍ୟବସ୍ଥା କରାଯାଇଛି। ଉଭୟ ପୁରୁଷ ଓ ମହିଳା ମାରାଥନ ବିଜେତାଙ୍କ ଲାଗି ୧.୫ ଲକ୍ଷ ଟଙ୍କା ଲେଖାଏ ଏବଂ ଦ୍ୱିତୀୟ ସ୍ଥାନ ଫିନିଶରମାନଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ମିଳିବ। ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଫିନିଶରଙ୍କ ଲାଗି ଯଥାକ୍ରମେ ୫୦,୦୦୦ ଟଙ୍କା, ୩୦,୦୦୦ ଟଙ୍କା ଓ ୩୦,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ରହିଛି। ସୂଚନାଯୋଗ୍ୟ, ଏହି ମାରାଥନ ଏକ ପ୍ୟାରିସ ଅଲିମ୍ପିକ୍ସ କ୍ୱାଲିଫାଇଂ ଇଭେଣ୍ଟ। ପ୍ୟାରିସ ଅଲିମ୍ପିକ୍ସ ମାରାଥନ ରେସ୍ ପାଇଁ ପୁରୁଷ ଓ ମହିଳା କ୍ୱାଲିଫାଇଂ ଟାଇମିଂ ଯଥାକ୍ରମେ ୨ ଘଣ୍ଟା ୮ ମିନିଟ ୧୦ ସେକେଣ୍ଡ ଓ ୨ ଘଣ୍ଟା ୨୬ ମିନିଟ ୫୦ ସେକେଣ୍ଡ ରଖାଯାଇଛି। କୌଣସି ଭାରତୀୟ ମାରାଥନର ଟୋକିଓ ଅଲିମ୍ପିକ୍ସରେ ଦୌଡ଼ି ନାହାନ୍ତି ଏବଂ ପ୍ୟାରିସ ଗେମ୍ସ ପାଇଁ ଏପର୍ଯ୍ୟନ୍ତ କେହି ଯୋଗ୍ୟତା ହାସଲ କରିପାରି ନାହାନ୍ତି।

ରଣ୍‌ଜୀ ଟ୍ରଫି: ଉତ୍ତରାଖଣ୍ଡଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୧୨।୨
(ତପନ ସ୍ୱାଇଁ)

ଚଳିତ ସିଜନରେ ପ୍ରଦର୍ଶନରେ ସ୍ଥିରତାର ଅଭାବ ଓଡ଼ିଶା ରଣ୍‌ଜୀ ଦଳ ପାଇଁ ମହଙ୍ଗା ପଡ଼ିଛି। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ସୋମବାର ଶେଷ ହୋଇଥିବା ଗ୍ରୁପ୍ 'ଡି' ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ୧୬୨ ରନରେ ଉତ୍ତରାଖଣ୍ଡଠାରୁ ହାରିଯାଇଛି। ୩୭୭ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସରେ ୨୧୪ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ସିଜନର ତୃତୀୟ ପରାଜୟର ସ୍ୱାଦ ଚାଖିଛି ଘରୋଇ ଦଳ। ଭଦୋଦରାରେ ବରୋଦାଠାରୁ ୧୪୭ ରନରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଇନ୍ଦୋରରେ ଅନୁଷ୍ଠିତ ପରବର୍ତ୍ତୀ ମ୍ୟାଚକୁ ମଧ୍ୟପ୍ରଦେଶ ସହ ଡ୍ର ରଖିଥିଲା। ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଥିଲା। ଦ୍ୱିତ୍ୱରେ ଅନୁଷ୍ଠିତ ତୃତୀୟ ମ୍ୟାଚରେ ଜମ୍ମୁ-କଶ୍ମୀରଠାରୁ ଦଳ ୨ ଉଇକେଟରେ ପରାଜିତ ହୋଇ ଶକ୍ତ ଝଟ୍‌କା ଖାଇଥିଲା। ମାତ୍ର ସେହି ଗ୍ରାଉଣ୍ଡରେ ଖେଳିଥିବା ୪ର୍ଥ ମ୍ୟାଚରେ ପ୍ରତିପକ୍ଷ ହିମାଚଳ ପ୍ରଦେଶକୁ ୨୩୮ ରନରେ ହରାଇ ସିଜନର ପ୍ରଥମ ବିଜୟ ସ୍ୱାଦ ଚାଖିଥିଲା ଓଡ଼ିଶା। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ପୁଡୁଚେରୀ ବିପକ୍ଷ ୫ମ ମ୍ୟାଚକୁ ଦଳ ଡ୍ର ରଖିଥିଲେ ହେଁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଥିଲା। ଓଡ଼ିଶା ଦଳ ୬ ମ୍ୟାଚରୁ ୧ ବିଜୟ, ୩ ପରାଜୟ ଓ ୨ ଡ୍ର ସହ ୧୨ ପଏଣ୍ଟ ପାଇ ୮ ଦଳ ବିଶିଷ୍ଟ ଗ୍ରୁପ୍‌ରେ ୭ମ ସ୍ଥାନରେ ରହିଛି। ଓଡ଼ିଶା ଏହାର ଶେଷ ଲିଗ୍ ମ୍ୟାଚ ଦିଲ୍ଲୀ ବିପକ୍ଷରେ ଚଳିତ ମାସ ୧୬ ତାରିଖରୁ ଅରୁଣ ଜେଟଲି ଷ୍ଟାଡିୟମରେ ଖେଳିବ।

ତୃତୀୟ ଦିବସର ଅସମାପ୍ତ ସ୍କୋର ୧୭/୨ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସରେ ମୋଟ ୨୧୪ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଶୁଭ୍ରାଂଶୁ ସେନାପତି ସର୍ବାଧିକ ୬୧ ଓ ଦେବବ୍ରତ ପ୍ରଧାନ ୩୭ ରନ କରିଥିଲେ। ଅନ୍ୟ କୌଣସି ବ୍ୟାଟର ଉତ୍ତରାଖଣ୍ଡ ବୋଲରଙ୍କୁ ସଫଳ ମୁକାବିଲା କରିପାରି ନ ଥିଲେ। ବିପକ୍ଷ ବୋଲରଙ୍କ ମଧ୍ୟରେ ଦୀପକ ଧପୋଲା ଚମତ୍କାର ବୋଲିଂ କରି ୭୪ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ମୟଙ୍କ ମିଶ୍ର ଓ ସ୍ୱପ୍ନିଲ ସିଂ ୨ଟି ଲେଖାଏ ଏବଂ କୁନାଲ ଚାଣ୍ଡେଲା ଗୋଟିଏ ଉଇକେଟ ନେଇଥିଲେ। ଧପ

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

କାହ୍ନା
ପରିବାରବର୍ଗ

ଏଠାରେ 9 X 9 ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଜାନୁଆରୀରେ ଖୁଚୁରା ମୁଦ୍ରାସ୍ଫୀତି ୫.୧%

ନୂଆଦିଲ୍ଲୀ,୧୨।୨

କ୍ରମାଗତ ଭାବେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାରରେ ହ୍ରାସ ପାଉଛି। ଏପରିକି ୨୦୨୪ ଜାନୁଆରୀରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାର ହ୍ରାସ ହୋଇ ୫.୧% ହୋଇଛି। ୨୦୨୩ ଡିସେମ୍ବରରେ ଏହି ହାର ୫.୬୯% ଥିଲା ବୋଲି ସୋମବାର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିଭଳି ୨୦୨୪ ଜାନୁଆରୀରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୮.୩୦% ହୋଇଥିଲାବେଳେ ୨୦୨୩ ଡିସେମ୍ବରରେ ଏହାର ହାର ୯.୫୩% ଥିଲା। ତେବେ ଦରଦାମରେ କୌଣସି ବଡ଼ ପରିବର୍ତ୍ତନ ହୋଇନାହିଁ, ୨୦୨୩ ଡିସେମ୍ବର ତୁଳନାରେ ୨୦୨୪ ଜାନୁଆରୀରେ ଖାଦ୍ୟ ମୁଦ୍ରାସ୍ଫୀତି ହାରରେ ମଧ୍ୟ ସାମାନ୍ୟ ହ୍ରାସ ପାଇଛି। ଅପରପକ୍ଷରେ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ ମହଙ୍ଗା ସ୍ଥିତିରେ ଯଦିଓ ସାମାନ୍ୟ ହ୍ରାସ ହୋଇଥିଲେ ସୁଦ୍ଧା ପନିପରିବା ଦରବୃଦ୍ଧି ବର୍ତ୍ତମାନ ସମୟରେ ଚିନ୍ତାର କାରଣ ପାଲଟିଛି। ସେହିପରି ଶାଗ ଓ ପନିପରିବା ଆଦିର ଦର ୨୫%ରୁ ଅଧିକ ରହିଛି। ଏପରିକି ଡାଲିର ଦର ପ୍ରାୟ ୨୦% ରହିଛି। ୨୦୨୩ ଡିସେମ୍ବର ତୁଳନାରେ ଚଳିତ ବର୍ଷ ଜାନୁଆରୀରେ ଡାଲିର ମୁଦ୍ରାସ୍ଫୀତି ହାର ସାମାନ୍ୟ ହ୍ରାସ ଘଟିଛି। ୨୦୨୩ ଡିସେମ୍ବରରେ ଏହାର ହାର ୨୦.୭୩% ଥିଲାବେଳେ ୨୦୨୪ ଜାନୁଆରୀରେ ଡାଲିର ମୁଦ୍ରାସ୍ଫୀତି ହାର ୧୯.୫୪%କୁ ଖସି ଆସିଛି। ବିଶେଷ କରି ପନିପରିବାର ମୁଦ୍ରାସ୍ଫୀତି ହାରରେ ମଧ୍ୟ ସାମାନ୍ୟ ହ୍ରାସ ଘଟିଛି। ୨୦୨୩ ଡିସେମ୍ବରରେ ଏହାର ପରିମାଣ ୨୭.୬୪% ଥିଲା। ଡିସେମ୍ବର ତୁଳନାରେ ଜାନୁଆରୀରେ ଏହାର ହାର ସାମାନ୍ୟ ହ୍ରାସ ହୋଇ ୨୭.୦୩%କୁ ଖସି ଆସିଛି।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଜାନୁଆରୀରେ ଶସ୍ୟ ଏବଂ ଆନୁଷଙ୍ଗିକ ଦ୍ରବ୍ୟର ମୁଦ୍ରାସ୍ଫୀତି ହାର ମଧ୍ୟ ହ୍ରାସ ହୋଇ ୭.୮୩% ରହିଛି, ୨୦୨୩ ଡିସେମ୍ବରରେ ଏହାର ହାର ୯.୯୩% ଥିଲା। ୨୦୨୪ ଜାନୁଆରୀରେ ଫଳର ମୁଦ୍ରାସ୍ଫୀତି ହାର ମଧ୍ୟ ହ୍ରାସ ପାଇ ୮.୬୫% ହୋଇଛି, ୨୦୨୩ ଡିସେମ୍ବରରେ ଏହାର ହାର ୧୧.୧୪% ଥିଲା।

ସୂଚନାଯୋଗ୍ୟ, ଦେଶର ଖୁଚୁରା ମୁଦ୍ରାସ୍ଫୀତି ୫% କୁ ଖସି ଆସିଛି। ବର୍ତ୍ତମାନ ଏହି ହାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଟଲରାନ୍ସ ବଣ୍ଡ ମଧ୍ୟରେ ଅଛି କିନ୍ତୁ ଆରବିଆଇର ଲକ୍ଷ୍ୟ ୪%କୁ ଆଣିବା ।

ଖସିଲା ଶେୟାର ବଜାର

ନୂଆଦିଲ୍ଲୀ,୧୨।୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନସେକ୍ସ ୫୨୩ (୫୨୩.୦୦) ପଏଣ୍ଟ କମି ୭୧,୦୭୨(୭୧,୦୭୨.୪୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୬୬ (୧୬୬.୪୫) ପଏଣ୍ଟ ହ୍ରାସ ଘଟି ୨୧, ୬୧୬(୨୧,୬୧୬.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ହ୍ରାସ ଘଟିଛି।

ପୂର୍ବ ଭାରତ ବଜାରରେ ଭି ଗାର୍ଡର ନୂତନ ଉତ୍ପାଦ



ଭୁବନେଶ୍ୱର, ୧୨।୨ (ଅଭୟ ଦାଶ)

ଭି ଗାର୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡ ବା ଭି ଗାର୍ଡ ଇଣ୍ଡିଆର ନୂତନ ଉତ୍ପାଦ 'ଇନସାଇଟ-ଜି' ବର୍ଗର ପ୍ରିମିୟମ ଏବଂ ସ୍ଲିମ ବିଏଲଡିଏସି ଫାନସଗୁଡିକୁ ପୂର୍ବ ଭାରତ ବଜାରରେ ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ କୋଲକାତାଠାରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ ଡିଲର୍ସ ଏବଂ ଡିଷ୍ଟ୍ରିବ୍ୟୁଟରମାନେ ମଧ୍ୟ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଇନସାଇଟ-ଜି ବର୍ଗର ପ୍ରିମିୟମ ଏବଂ ସ୍ଲିମ ବିଏଲଡିଏସ ୧୨ଟି ଭାରିଆଣ୍ଟ ସହ ଆକର୍ଷଣୀୟ କଲର (ରଙ୍ଗ)ରେ ଉପଲବ୍ଧ ଥିଲାବେଳେ ୫ ଷ୍ଟାର ରେଟିଂ ଏବଂ ୫ ବର୍ଷର ବିଶେଷ ୱାରେଣ୍ଟି ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି। ଏ ସମ୍ପର୍କରେ ଭି ଗାର୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡର ନିର୍ଦ୍ଦେଶକ ତଥା ସିଓଓ ରାମଚନ୍ଦ୍ରନ ଭି କହିଛନ୍ତି ଆମେ ସର୍ବଦା ଗ୍ରାହକଙ୍କ ଚାହିଦା ପୂରଣ ସହିତ ବଜାର ଆବଶ୍ୟକତାକୁ ଗୁରୁତ୍ୱ ଦେଇଥାଉ। ଏପରିକି ଗୁଣାତ୍ମକ ଉତ୍ପାଦ ପ୍ରସ୍ତୁତ (ନିର୍ମାଣ) କରିବା ସହିତ ଗ୍ରାହକଙ୍କ ନିକଟତର ହେବା ସହିତ ଷ୍ଟେଟ ଅଫ ଦି ଆର୍ଟ ବର୍ଗରରେ ଉତ୍ପାଦ ନିର୍ମାଣ କରିଥାଉ। ବିଶେଷ କରି ହରିଦ୍ୱାରାର ରୁଡିକି କାରଖାନାରୁ ବିଶେଷ ଭାବେ ଏହି ନୂତନ ଉତ୍ପାଦଗୁଡିକୁ ଗୁଣାତ୍ମକମାନ ଓ ବର୍ଗରେ ପ୍ରସ୍ତୁତ କରାଯାଇଛି।

ଆଇଓବିର ୮୮ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୨।୨

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ଆଇଓବି)ର ୮୮ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଇଓବିର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ୱାକାଥନ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଇଓବି ବ୍ରହ୍ମପୁର କ୍ଷେତ୍ରର ବରିଷ୍ଠ କ୍ଷେତ୍ରୀୟ ପ୍ରବନ୍ଧକ ମନୀଷ କୁମାରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ। ସେହିଭଳି ବ୍ୟାଙ୍କର ପ୍ରତିଷ୍ଠା ଉପଲକ୍ଷେ ରକ୍ତଦାନ ଶିବିର, ବୃକ୍ଷରୋପଣ ଏବଂ ୱାକାଥନ୍ ଭଳି କାର୍ଯ୍ୟକ୍ରମର ଆୟୋଜନ ସାରା ଦେଶରେ କରାଯାଇଥିଲା ବୋଲି ମନୀଷ କୁମାର ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏଥିସହିତ ସେ ଆଇଓବିର ସମସ୍ତ ଗ୍ରାହକଙ୍କୁ ସେମାନଙ୍କର ସାହାଯ୍ୟ, ସହଯୋଗ ଓ ଭଲ ପାଇବା ପାଇଁ ଧନ୍ୟବାଦ ଜଣାଇଥିଲେ। ସେହିପରି ଆଇଓବିର ମୁଖ୍ୟ ପ୍ରବନ୍ଧକ ରତିକାନ୍ତ ବେହେରା ୮୮ତମ ପ୍ରତିଷ୍ଠା ଦିବସ ଅବସରରେ 'ବେଟି ବଞ୍ଚାଅ ବେଟି ପଢ଼ାଅ' ଏବଂ 'ପିଢ଼ିକୁ ସଂଯୋଗ କରୁଥିବା ପ୍ରିଫର୍ଡ ବ୍ୟାଙ୍କ' ଶୀର୍ଷକ ବିଷୟ ଉପରେ ଏହି ୱାକାଥନ୍ ଆୟୋଜନ କରାଯାଇଥିଲା ବୋଲି କହିଥିଲେ। ବ୍ୟାଙ୍କର ବିକାଶ ପାଇଁ ସେ ଗ୍ରାହକମାନଙ୍କ ସହଯୋଗ କାମନା କରିଥିଲେ।

ରବି କିଶନ ଶ୍ୟାମ ଷ୍ଟିଲ୍‌ର ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୧୨।୨

ଦେଶର ପ୍ରମୁଖ ଶିଳ୍ପ ସଂସ୍ଥା ତଥା ଟିଏମ୍ଟି ବାରସର ଉତ୍ପାଦକ ଏବଂ ନିର୍ମାତା 'ଶ୍ୟାମ ଷ୍ଟିଲ୍' (ଶ୍ୟାମ ଷ୍ଟିଲ ଇଣ୍ଡଷ୍ଟ୍ରିଜ) ପକ୍ଷରୁ ଜଣାଶୁଣା ଭାରତୀୟ ଅଭିନେତା, ରାଜନେତା ଏବଂ ଚଳଚ୍ଚିତ୍ର ନିର୍ମାତା ରବି କିଶନଙ୍କୁ କମ୍ପାନୀର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ବିଶେଷକରି କମ୍ପାନୀର ବିହାର, ଝାଡଖଣ୍ଡ ଏବଂ ଉତ୍ତରପ୍ରଦେଶ ଭଳି ବଜାରରେ ବ୍ରାଣ୍ଡର ପ୍ରଚାର ପ୍ରସାର ସହିତ ବିଭିନ୍ନ ବର୍ଗର ଉତ୍ପାଦଗୁଡିକୁ ଟିଭିସି ଜରିଆରେ ଗ୍ରାହକଙ୍କ ପାଖରେ ପହଞ୍ଚାଇବାରେ ରବି କିଶନ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି କମ୍ପାନୀ ପକ୍ଷରୁ ଆଶା କରାଯାଇଛି। ଏ ସମ୍ପର୍କରେ ଶ୍ୟାମ ଷ୍ଟିଲ ଇଣ୍ଡଷ୍ଟ୍ରିଜର ନିର୍ଦ୍ଦେଶକ ଲଳିତ ବେରିୱାଲା କହିଛନ୍ତି, ଆମେ ରବି କିଶନଙ୍କ ଭଳି ଲୋକପ୍ରିୟ ଏବଂ ବ୍ୟକ୍ତିତ୍ୱଙ୍କ ସହ ଯୋଡି ହୋଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ରବି କିଶନଙ୍କୁ ଶ୍ୟାମ ଷ୍ଟିଲ ପରିବାରକୁ ସ୍ୱାଗତ କରି ଆନନ୍ଦିତ ଥିଲାବେଳେ ସେ ଆମ ଉତ୍ପାଦର ପ୍ରସାର ଓ ପ୍ରଚାର ସହିତ କମ୍ପାନୀର ଉତ୍ପାଦଗୁଡିକୁ ଗ୍ରାହକଙ୍କ ନିକଟତର କରାଇବାରେ କିଶନ ବେଶ୍ ସହାୟକ ହେବେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

CLASSIFIED DISPLAY

MORE SPACE • SAME PRICE

TARIFF

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

GST 5%

NEW DUPLEX SALE
Ready to move new 4BHK duplex with Garage near Patia RTO Office, Nandanbihar Land- 1600 sqft, Construction- 2830 sqft, Fixed Price- 1.25Crore
7978450312
9439585947

ADMISSION OPEN
B.Ed, M.Ed, B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଜନ୍ମଦିନ ଶୁଭେଚ୍ଛା

ମଣ୍ଟି ମିଲନ୍ ବିଶ୍ୱାଳ (କାହ୍ନା)

ଷୋଡ଼ଶ ବର୍ଷ ପୂରି ଅବସରରେ ତୋତେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା। ଜଗତଜନନୀ ମା' ଦୁର୍ଗା ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ। ଶୁଭାଶୀର୍ବାଦ ସହ: ଅନ୍ୱେଷିତ ଚରଣ ବିଶ୍ୱାଳ (ଜେଜେ), ଗୋମତୀ ବିଶ୍ୱାଳ (ଜେଜୀ), ବାପା, ମମି, ବଙ୍କାଲୋ ବାପା, ଛୋଟମମି, ଓକିଲ ବାପା, ଝୁନି ମମି ଓ ନେହା, ରିଙ୍କି, ଗୋଲ୍ଲି, କୁନୁବିବିମାନେ ତଥା ଭଣଜା ମୁନ୍ନୁର ପ୍ରଣାମ ।

ଧ-୭୭୪୩୩

ଆଇଆଇଟି ଭୁବନେଶ୍ୱର ସହ ଟାଟା ଷ୍ଟିଲ୍‌ର ବୁଝାମଣା

ଭୁବନେଶ୍ୱର,୧୨।୨

ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ବା ଆଇଆଇଟି ଭୁବନେଶ୍ୱର ଏବଂ ଟାଟା ଷ୍ଟିଲ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ନବସୃଜନ, ଗବେଷଣା ଓ ଉଦ୍ୟମିତାକୁ ସୁଦୃଢ଼ କରିବା ଲାଗି ଆଇଆଇଟି ଭୁବନେଶ୍ୱରର ଗବେଷଣା ଏବଂ ଉଦ୍ୟମିତା ପାର୍କ ସହିତ ଟାଟା ଷ୍ଟିଲ୍‌ର ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ଏମ୍ଓୟୁ ଅଧୀନରେ ଟାଟା ଷ୍ଟିଲ୍ ଏବଂ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ସ୍ଥାପନ କରାଯାଇଥିବା କମ୍ପାନୀ, ଆଇଆଇଟି ଭୁବନେଶ୍ୱରର ଗବେଷଣା ଏବଂ ଉଦ୍ୟମିତା ପାର୍କ ପରସ୍ପର ସହ ହାତ ମିଳାଇ ମାଟେରିଆଲ୍ସ ପ୍ରୋସେସିଂ ଓ ମଡେଲିଂ, ଶକ୍ତି ଏବଂ ପରିବେଶ ସହିତ ଲୋ କାର୍ବନ ଇସ୍ପାତ ଉତ୍ପାଦନ ଓ ସର୍କୁଲାର ଇକୋନମି ଭଳି ବିଭିନ୍ନ କ୍ଷେତ୍ରରେ ସହଭାଗିତା ଅନ୍ୱେଷଣ କରିବେ। ଉଲ୍ଲେଖଯୋଗ୍ୟ, ଆଇଆଇଟି ଭୁବନେଶ୍ୱରଠାରେ ଅନୁଷ୍ଠିତ ୧୦୦-କ୍ୟୁବ୍ ଷ୍ଟାର୍ଟଅପ୍ କନ୍‌କ୍ଲେଭ୍ ଅବସରରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଟାଟା ଷ୍ଟିଲ୍‌ର ଏମ୍ଡି ତଥା ସିଇଓ ଟି. ଭି. ନରେନ୍ଦ୍ରନ ଏବଂ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ତଥା ଗବେଷଣା ଏବଂ ଉଦ୍ୟମିତା ପାର୍କର ଅଧ୍ୟକ୍ଷ ପ୍ରଫେସର ଶ୍ରୀପଦ କର୍ମାଲକରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଏମ୍ଡି ତଥା ସିଇଓ ଟି. ଭି. ନରେନ୍ଦ୍ରନ କହିଛନ୍ତି,ଦୀର୍ଘସ୍ଥାୟୀ ଇସ୍ପାତ ପ୍ରସ୍ତୁତି ଓ ଉନ୍ନତ କଞ୍ଚାମାଲ ପାଇଁ ମିଳିତ ଭାବେ ସମାଧାନ ସୃଷ୍ଟି କରିବା ଲାଗି ଆମେ କାମ କରୁଥିବା ବେଳେ ଏହି ଏମ୍ଓୟୁ ଆଇଆଇଟି ଭୁବନେଶ୍ୱର ସହିତ ଆମ ସହଯୋଗିତାକୁ ସୁଦୃଢ଼ କରିଛି।

Classified Everyday
0674-2580101, 2549949

ଗ୍ରୀନ୍ କନ୍‌କ୍ଲେଭ ଉଦ୍‌ଘାଟିତ

ଭୁବନେଶ୍ୱର,୧୨।୨

ଏସିଆନ୍-ଆଫ୍ରିକାନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି (ଏଏସିସିଆଇ) ଫାଉଣ୍ଡେଶନର ଓଡ଼ିଶା ଚାପ୍ଟର ପକ୍ଷରୁ ଏକ ୩ ଦିନିଆ ଅନ୍ତର୍ଜାତୀୟ ବ୍ୟବସାୟିକ ସମ୍ମିଳନୀ ଏବଂ ଏକ୍ସପୋ 'ଗ୍ରୀନ କନ୍‌କ୍ଲେଭ-୨୦୨୪' ସୋମବାର ଭୁବନେଶ୍ୱରସ୍ଥିତ ମେ ଫେୟାର ଲାଗୁନ୍ ବାଟିକାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଇଥିଓପିଆର ଆମ୍ବାସାଡର ଦେମେକେ ଆଟ୍‌ନାଫୁ ଆମ୍ଲୁଲୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଅମର ପଟ୍ଟନାୟକ, ଏମ୍ଏସ୍ଏମ୍ଇର ଯୁଗ୍ମ ନିର୍ଦ୍ଦେଶକ ପବନ କୁମାର ଗୁପ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅପରପକ୍ଷରେ କେନିଆର ବୋର୍ଡ ଅଫ୍ ଚେୟାରମ୍ୟାନ୍ ଜେମ୍ସ ମ୍ୟୁଥ୍ୟୁ ସମ୍ମାନିତ ଅତିଥି ଏବଂ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଏସିସିଆଇ ଓଡ଼ିଶାର ସଭାପତି ଡ. ଲିତା ମହାପାତ୍ର, ଏଏସିସିଆଇ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଜି ଡି ସିଂ, ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ବିଭାଗୀୟ ପ୍ରମୁଖ ସଚିବ ହେମନ୍ତ ଶର୍ମା, ଷ୍ଟାଟ୍ ଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଓମ୍‌କାର ରାଏ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ସମ୍ମିଳନୀ ୨୦୨୪ ଫେବୃଆରୀ ୧୪ ପର୍ଯ୍ୟନ୍ତ ମେ ଫେୟାର ଲାଗୁନ୍ ବାଟିକା ଠାରେ ଜାରି ରହିବ।

REAL ESTATE

SALE

Book 3BHK, 4BHK premium flat at Saubhagya Nagar, Near Khimji & Narula Sweets, Bhubaneswar. Handover Aug.24. Contact: 9439716901. D-75520

ସ୍ଥିତିବାନ୍ ଗୃହୋପଯୋଗୀ ପ୍ଲଟ୍ NH-16ର ପିତାପଲ୍ଲୀରେ ୬୦ଫୁଟ୍, ୩୦ଫୁଟ୍ ରାସ୍ତା ଥାଇ ସଙ୍ଗେସଙ୍ଗେ ହସ୍ତାନ୍ତର ସହ ସୁଲଭ ମୂଲ୍ୟରେ ଉପଲବ୍ଧ। 8867080780. D-75908

DAV Pokhariput 7K.M. କୁହା ମୌଜାରେ ଘରକୁ ଲାଗି 3000sqft. plot ବିକ୍ରିହେବ। 9938016295. D-75910

BDA Yellowzone gharabari plot for sale Khandagiri Amri Hospital back side ready for construction. 7978850450, 9439918431. D-75907

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ଫୁଟ ରାସ୍ତାକୁ ଲାଗି 400-800sqft.ରେ ଜାଗା ବିକ୍ରି ହେଉଛି। 8249693292. D-75200

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ଏବଂ SUM-2 (Hospital) ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 9658562429. D-75906

Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7978209277, 7008789347. D-2494

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛତାବର Bypass sqft.-500/-. 9776974912. D-75904

3BHK Semifurnished flats at Jharpada 80' road side. Contact- 9437307086, 7978209277, 7008789347. D-2493

Healthcare

Newly open SPA positively health benefits with relax and refresh with good therapist. 8328803811. D-76101

Refreshments body massage Therapy with experience therapists, Ashirvad Panchakarma Spa, Keshari Mall, Bhubaneswar. 8926173473. D-46569

"Only Ayurvedic body massage & Steam-Bath. 9861550765". D-2495

Newly open SPA positively health benefits with expert therapist. 9090400507. D-75198

Newly open SPA positively health benefits with expert therapist. 9040286886. D-75199

Herbal full body massage by smart/expert therapist. Contact- 9124139069. D-75706

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

AFFIDAVIT

By virtue of an affidavit made before the Executive Magistrate, I hitherto known as JAYAPRAKASH MOHANTY S/o Pradeep Kumar Mohanty, resident of Flat No.- 206, Krishna Arcade, Bajrakabati Road, Cuttack -753001, Odisha have changed my name and shall here after be known as JAY PRAKASH MOHANTY for all future purposes. D-2515

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

**ସପ୍ତମ ଶ

ପରୀକ୍ଷା ଥିଲେ...

ପିଲା ଯଦି ପରୀକ୍ଷା ପାଇଁ ଚାପରେ ରହୁଥାଏ ତେବେ ଅଭିଭାବକମାନେ ସେମାନଙ୍କୁ କିଭଳି ପସନ୍ଦ କରିବେ ଜାଣିରଖନ୍ତୁ।

⏭ପିଲାଙ୍କ ପରୀକ୍ଷା ଚିନ୍ତାକୁ କମ୍ କରିବା ପାଇଁ ହେଲେ ସେମାନଙ୍କ ଲାଇଫ୍‌ଷ୍ଟାଇଲ୍ ଯେପରି ପ୍ରଭାବିତ ନ ହେବ ସେଥିପ୍ରତି ଦୃଷ୍ଟିଦିଅନ୍ତୁ। ଅର୍ଥାତ୍ ସେମାନଙ୍କ ଖିଆପିଆ ଓ ଶୋଇବା ଆଦି ବିଭିନ୍ନ ଦିଗ ପ୍ରତି ଅଭିଭାବକମାନେ ଯତ୍ନଶୀଳ ହେବା ଦରକାର। ପରୀକ୍ଷା ସମୟରେ ପିଲାଙ୍କୁ ଘର ଖାଦ୍ୟ ଦିଅନ୍ତୁ। ସେମାନଙ୍କ ଶରୀର ସୁସ୍ଥ ରହିବା ଫଳରେ ମନ ଉପରେ ପ୍ରଭାବ ପଡ଼େ।

⏭ପାଠପଢ଼ା ସହ ପିଲାଙ୍କୁ କିଛି ସମୟ ମେଡିଟେଶନ କରିବାକୁ କୁହନ୍ତୁ। ଅଳ୍ପ କିଛି ସମୟ ହେଲେ ବି ଏହାଦ୍ୱାରା ମନ ସ୍ଥିର ରହିଥାଏ। ତେଣୁ ପିଲା ଯାହା ପଢ଼ିଥିବେ ସେସବୁ ମନେ ରହିବ।

⏭ପରୀକ୍ଷା ସମୟରେ ପିଲାମାନେ ଭଲ ନିଦରେ ହିଁ ଶୋଇବା ଦରକାର। ନଚେତ୍ ବହୁ ସମସ୍ୟା ଦେଖା ଦେଇପାରେ। ଦୀର୍ଘଦିନ ଧରି କମ୍ ନିଦରେ ଶୋଇଲେ ପିଲାଙ୍କର ଏକାଗ୍ରତାରେ ସମସ୍ୟା ଦେଖାଦେବା ସହ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ହୋଇପାରେ। ତେଣୁ ପିଲାଙ୍କୁ ଟାଇମ୍ ମ୍ୟାନେଜମେଣ୍ଟ ବିଷୟରେ ଶିକ୍ଷାଦେବା ଦରକାର। ଫଳରେ ସେମାନେ ପାଠ ପଢ଼ିବା ସହ ଅନ୍ୟ ସବୁ ଦିଗକୁ ମଧ୍ୟ ଦୃଷ୍ଟି ଦେଇପାରିବେ।

⏭ସବୁଠୁ ବଡ଼ କଥା ହେଉଛି ପିଲାଙ୍କୁ ପରୀକ୍ଷାରେ ଭଲ ନମ୍ବର ରଖିବା ନିମନ୍ତେ ଅଭିଭାବକମାନେ ଆଦୌ ଚାପ ପକାନ୍ତୁ ନାହିଁ। ଏହା ବ୍ୟତୀତ ଅନ୍ୟ ପିଲାଙ୍କ ସହ ତୁଳନା କରି ପରୋକ୍ଷରେ ଚାପ ସୃଷ୍ଟି କରନ୍ତୁ ନାହିଁ।

ରିଚାର୍ଜ.. ରିଷ୍ଟାର୍ଟ..

ଏକ ମଧୁର ପ୍ରେମର ଡୋରିରେ ବନ୍ଧା ପତିପତ୍ନୀଙ୍କ ସମ୍ପର୍କ। ହେଲେ ବେଳେବେଳେ କେଉଁ ମୁହୂର୍ତ୍ତରେ ହୁଏତ ଦୁର୍ବଳ ହେବାକୁ ଲାଗେ ଏହି ସମ୍ପର୍କ। କିନ୍ତୁ ଛିଡ଼ିଯିବା ପୂର୍ବରୁ ସମ୍ପର୍କର ଡୋରିକୁ ପୁଣି ଥରେ ଯୋଡ଼ିବାକୁ ହେଲେ ସମ୍ପର୍କକୁ କରିନେବାକୁ ହେବ ରିଚାର୍ଜ। ଆଉ ଏହି ମନ୍ତ୍ର ହିଁ ଦାମ୍ପତ୍ୟର ମଧୁରତାକୁ କରିବ ରିଷ୍ଟାର୍ଟ....

ଅନେକ ଦିନର ସମ୍ପର୍କରେ ବେଳେବେଳେ ରାଗ ରୁଷା ମାନ ଅଭିମାନ ଏଭଳିଭାବେ ଘର କରି ନେଇଥାଏ ଯେ ଧୀରେ ଧୀରେ ତାହା ଏକ ଦୂରତା ସୃଷ୍ଟିକରି ଦେଇଥାଏ। ଏହି ଦୂରତାକୁ ନିବିଡ଼ତାରେ ପରିଣତ କରିବାକୁ ହେଲେ ପୁଣି ଥରେ ସମ୍ପର୍କକୁ ରିଚାର୍ଜ କରିବାକୁ ହେବ। ଆଉ ଏଇ ରିଚାର୍ଜ କରିବାର ଫର୍ମୁଲା ଜାଣିନେଲେ ପୁଣି ଥରେ ଜୀବନରେ ଭରିଯିବ ମଧୁରତା। ଦାମ୍ପତ୍ୟରେ ମନୋମାଳିନ୍ୟ କିମ୍ବା କଳିଝଗଡ଼ା କିଛି ନୂଆ କଥା ନୁହେଁ। ସମସ୍ତଙ୍କ ଜୀବନରେ ଏମିତି ଅନୁଭବ ତ ନିଶ୍ଚୟ ରହିଥିବ। କିନ୍ତୁ ଏହାର ଅର୍ଥ ନୁହେଁ ଯେ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ। ବରଂ ଏହା ବି ପୁଣି ଥରେ ସମ୍ପର୍କକୁ ନିବିଡ଼ କରିବା ପାଇଁ ରିଚାର୍ଜ ଭଳି କାମ କରିବ। ଜୀବନରେ ଏମିତି ଅନେକ କିଛି ପଦକ୍ଷେପ ଅଛି ଯାହା ସମ୍ପର୍କକୁ ରିଚାର୍ଜ କରିବାରେ ଢେର୍ ସହାୟକ ହୋଇଥାଏ।

ପୁରୁଣା ଦିନକୁ ମନେପକାନ୍ତୁ: ସମ୍ପର୍କ ଗଢ଼ାହେବାର ପ୍ରଥମ ଦିନଗୁଡ଼ିକୁ ମନେପକାଇବା ହିଁ ଏକ ରିଚାର୍ଜ କରିବା ଭଳି। ସେ ଦିନସବୁର ରୋମାଞ୍ଚ ଆଉ ମଧୁର ସ୍ମୃତି କେତେ ମଧୁର ତାହା ନିଶ୍ଚିତଭାବେ କେହି ବି ଭୁଲି ନ ଥିବେ। ତେଣୁ ପୁରୁଣା ଦିନର ମୁହୂର୍ତ୍ତ ଓ ସେତେବେଳର କିଛି କଥା ସବୁକୁ ନେଇ ସାଥୀଙ୍କ ସହ ଆଲୋଚନା କରନ୍ତୁ। ପରସ୍ପର ଏସବୁକୁ ମନେପକାଇବା ଫଳରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ମଧୁର ହୋଇପାରିବ।

ମନ ବୁଝି କାମ: ମନ ବୁଝି କେହି କିଛି କାମ କଲେ ତାହା ତ ସମସ୍ତଙ୍କୁ ଭଲ ଲାଗେ। ତେଣୁ ସାଥୀଙ୍କୁ ମଧ୍ୟ ଏମିତି କିଛି କାମ ନିଶ୍ଚୟ ଭଲ ଲାଗିବ। ସେ ଚାହିଁବା ଅନୁସାରେ ନିଜକୁ କିଛିଟା ସକାରାତ୍ମକ ପରିବର୍ତ୍ତନ କରିବା କିମ୍ବା ତାଙ୍କ ମନ ଅନୁସାରେ କିଛି କାମ କରିବା ପାଇଁ ପ୍ରତ୍ୟେକେ ଚେଷ୍ଟା କରିବା ଦରକାର। ଅବଶ୍ୟ ଭଲ ବୁଝାମଣା ଥିଲେ ଏମିତି ଅନେକ କିଛି କରିବା ପାଇଁ ପ୍ରେରଣା ଆସିବ, ଯାହା ଉଭୟଙ୍କୁ ଅଧିକ ନିବିଡ଼ କରିପାରିବ।

ଏକାଠି କିଛି ସମୟ: ବର୍ତ୍ତମାନର ବ୍ୟସ୍ତ ଲାଇଫ୍‌ଷ୍ଟାଇଲ୍ ଭିତରେ ସମୟ ବାହାରକରିବା ସମସ୍ତଙ୍କ ପାଇଁ ଅତ୍ୟନ୍ତ କଷ୍ଟକର। କିନ୍ତୁ ପତିପତ୍ନୀ ପରସ୍ପର ମଧ୍ୟରେ ଟାଇମ୍ ମ୍ୟାନେଜମେଣ୍ଟ କରିବା ଦରକାର। ଅର୍ଥାତ୍ ସମୟ ବାହାର ନ କରି କିଛି କାମ ପରସ୍ପର ଏକାଠି କରିଲେ ବହୁ ସମସ୍ୟା ସମାଧାନ ହୋଇଥାଏ। କୌଣସି କାମ ଅଟକି ନ ଥାଏ, କିନ୍ତୁ ପରସ୍ପର ସହ ସମୟ ବିତେଇବାର ବି ସୁଯୋଗ ମିଳିଯାଏ। ଏଥିପାଇଁ ନିଜେ ହିଁ ବିଭିନ୍ନ ଉପାୟ ଖୋଜି ବାହାର କରିପାରିବେ।

ପରିବାର ଲୋକଙ୍କୁ ଗୁରୁତ୍ୱ : ସାଂସାରିକ ଜୀବନରେ ପରିବାରର ଗୁରୁତ୍ୱ ବହୁତ। ତେଣୁ ପରିବାରର ସମସ୍ତଙ୍କ ପାଇଁ ନିଜ କର୍ତ୍ତବ୍ୟ କରିବାକୁ ଭୁଲନ୍ତୁ ନାହିଁ। ପରିବାର ଲୋକଙ୍କ ପାଇଁ ଭଲପାଇବା ଦେଖିଲେ ସାଥୀ ଜଣକ ଆପେ ଆପେ ହୃଦୟରୁ ଆପଣଙ୍କୁ ଗ୍ରହଣ କରିପାରିବେ। ଆଉ ଭଲପାଇବା ବି ବହୁ ଅଧିକ ହୋଇପାରିବ। ବେଳେବେଳେ ପରିବାର ଲୋକଙ୍କ ବିଷୟରେ ସାଥୀଙ୍କ ସହ କଥା ହୁଅନ୍ତୁ। ସେମାନଙ୍କ ପାଇଁ କିଛି ନୂଆ ଚିନ୍ତା କରି ସାଥୀଙ୍କ ପରାମର୍ଶ ନିଅନ୍ତୁ।

ଥ୍ରି ସି ଫର୍ମୁଲା: ଦାମ୍ପତ୍ୟର ପ୍ରେମକୁ ରିଚାର୍ଜ କରିବାକୁ ହେଲେ ତିନୋଟି କଥା ବା ଥ୍ରି ସି ଫର୍ମୁଲାକୁ ନିଶ୍ଚୟ ଗୁରୁତ୍ୱ ଦେବାକୁ ହେବ। ଏହା ହେଉଛି କମିଟ୍‌ମେଣ୍ଟ, କମ୍ପ୍ରୋମାଇଜ୍, କମ୍ୟୁନିକେଶନ। ଅର୍ଥାତ୍ ସାଥୀଙ୍କ ପ୍ରତି ସବୁବେଳେ ବିଶ୍ୱସ୍ତ ରହିବା ସହ କେତେକ କ୍ଷେତ୍ରରେ ନିଜକୁ ଆଡଜଷ୍ଟ କରି ଆଗେଇ ନେବା ଏବଂ ସବୁ ପରିସ୍ଥିତିରେ ଯୋଗାଯୋଗ ରଖିବାକୁ ହେବ। ବାସ୍ତବିକ ଜୀବନରେ ଏସବୁ ସୂତ୍ରକୁ କାର୍ଯ୍ୟରେ ଲଗାଇପାରିଲେ ଦାମ୍ପତ୍ୟର ମଧୁରତା ପ୍ରତ୍ୟେକଙ୍କ ଜୀବନରେ ଖୁସି ଭରିଦେବ।

ସରପ୍ରାଇଜ୍ ଗିଫ୍ଟ: ପରସ୍ପରର ଆବଶ୍ୟକତା ପୂରଣ ପାଇଁ ତ ପତିପତ୍ନୀ ସବୁବେଳେ ଚେଷ୍ଟା କରନ୍ତି, ମାତ୍ର କେବେକେବେ କୌଣସି ଜିନିଷ ଉପହାର ଦେବାକୁ ଚେଷ୍ଟା କରନ୍ତୁ। ହୁଏତ ଉପହାର ତାଙ୍କର ଏକ ଆବଶ୍ୟକତା ହୋଇପାରେ। ମାତ୍ର ତାହାକୁ ହଠାତ୍ ଉପହାର ଭଳି ଦେଲେ ସାଥୀଙ୍କୁ ବେଶ୍ ଖୁସି ଲାଗିବ। ଏହା ମଧ୍ୟ ଟିକେ ସ୍ୱତନ୍ତ୍ର ଅନୁଭବ ଆଣିପାରିବ ଆଉ ପରସ୍ପର ମଧ୍ୟରେ ଭଲପାଇବା ବଢ଼ିବ। ତେଣୁ କୌଣସି ଉତ୍ସବ ଥାଉ କି ନ ଥାଉ ସାଥୀଙ୍କୁ କିଛି ସରପ୍ରାଇଜ୍ ଗିଫ୍ଟ ଦେଇ ମନର ଭାବନାକୁ ତାଜା କରନ୍ତୁ।

ଛୋଟ ନୁହେଁ : ବେଳେବେଳେ ଜୀବନର ଅନେକ କିଛି ଛୋଟ ଛୋଟ କଥା ବି ବହୁ ଗୁରୁତ୍ୱ ରଖେ। ସମ୍ପର୍କକୁ ନିବିଡ଼ କରିବା ପାଇଁ ଏସବୁ ଦିଗକୁ ଦୃଷ୍ଟି ଦେବାକୁ ହେବ। କାହିଁକିନା ଛୋଟ କଥା ବା କାମଟିଏ ହୃଦୟର ଭାବନାକୁ ଆନ୍ଦୋଳିତ କରିଥାଏ। କେବେ କେବେ ସାଥୀଙ୍କ ପାଇଁ କିଛି ଭଲ ଖାଦ୍ୟ ରୋଷେଇ କରିଦେଲେ ତାଙ୍କୁ ବହୁତ ଭଲ ଲାଗିବ। ରୋଷେଇ ହୋଇଥିବା ଖାଦ୍ୟ ହୁଏତ ତାଙ୍କ ପାଇଁ ନୂଆ ହୋଇ ନ ଥାଇପାରେ। ମାତ୍ର ତାହା ତାଙ୍କୁ ଅଧିକ ଖୁସି ଦେଇପାରିବ। ଏଥିରେ ଆପଣଙ୍କ ସମର୍ପଣ ଭାବକୁ ମଧ୍ୟ ସେ ବୁଝିପାରିବେ। ଠିକ୍ ଏଇଭଳି କେବେକେବେ ଭଲ ପୋଷାକ ପିନ୍ଧିବା, ବିଭିନ୍ନ ଶୃଙ୍ଗାରରେ ନିଜକୁ ସଜେଇବା, ଭଲ ମନରେ କେବେ ପରିହାସପୂର୍ଣ୍ଣ ମଜା କଥା କହିବା, କେଉଁ ସ୍ଥାନକୁ ବୁଲେଇବାକୁ ନେବା, କବିତା ପଢ଼ିବା, ଗୀତ ଗାଇବା ଏମିତି କିଛି କାମ ବି ଦାମ୍ପତ୍ୟ ଜୀବନକୁ ପ୍ରେମଭରା କରିବା ପାଇଁ ରିଚାର୍ଜ ଭଳି କାମ ଦେଇଥାଏ। ଜୀବନରେ ଏମିତି କେଉଁ ସବୁ କଥାର ଅଧିକ ଭଲ ପ୍ରଭାବ ପଡ଼ିବ ସେକଥା ପ୍ରାୟ ସମସ୍ତେ ନିଶ୍ଚୟ ଅନୁଭବ କରିପାରିଥିବେ। ସେହି ଅନୁସାରେ ଟିକିଏ ପ୍ରୟାସ କଲେ ଦାମ୍ପତ୍ୟ ପ୍ରେମ ବେଶ୍ ତାଜା ହୋଇ ଉଠିବ।

DSPL-648

ODISHA INDIA'S BEST KEPT SECRET.
ଆମ ଓଡ଼ିଶା ନବୀନ ଓଡ଼ିଶା

ନୂଆ-ଓ ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା

#ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା

ଶ୍ରୀ ଜଗନ୍ନାଥ କ୍ରିକେଟ୍ ଷ୍ଟାଡ଼ିୟମ୍, ପୁରୀ

୧୩ ଫେବୃୟାରୀ ୨୦୨୪

ମହିଳା ଫାଇନାଲ୍
ପୂର୍ବାହ୍ନ ୧୦ଟା ରୁ ମଧ୍ୟାହ୍ନ ୧୨ଟା
ବଲାଙ୍ଗିର ବନାମ୍ ନବରଙ୍ଗପୁର

ପୁରୁଷ ଫାଇନାଲ୍
ଅପରାହ୍ନ ୨ଟା ରୁ ଅପରାହ୍ନ ୪ଟା
କେନ୍ଦ୍ରାପଡ଼ା ବନାମ୍ ନୟାଗଡ଼



ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଜେତା ଦଳମାନଙ୍କ ପାଇଁ ନଗଦ ପୁରସ୍କାର ରାଶିର ପରିମାଣ

ପୁରସ୍କାର ରାଶି ଟଙ୍କାରେ	
ଚାମ୍ପିୟନ୍ ଦଳ ପାଇଁ	୨ ଲକ୍ଷ ଟଙ୍କା
ରନର୍ସ-ଅପ୍ ଦଳ ପାଇଁ	୧ ଲକ୍ଷ ଟଙ୍କା
ତୃତୀୟ ଓ ଚତୁର୍ଥ ଦଳ ପାଇଁ	୫୦,୦୦୦ ଟଙ୍କା
ଶ୍ରେଷ୍ଠ ଖେଳାଳିଙ୍କ ପାଇଁ	୧୦,୦୦୦ ଟଙ୍କା

OIPR-29001/13/0229/2324

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

କାର୍ ଦୁର୍ଘଟଣାରେ ମାରାଥନ ଧାବକଙ୍କ ମୃତ୍ୟୁ

କେଲଭିନ୍ କିପ୍‌ଟମ୍

ନାଇରୋବି, ୧୨।୨ (ଏପି)

ମାରାଥନ ବିଶ୍ୱ ରେକର୍ଡ ହାସଲକାରୀ କେଲଭିନ୍ କିପ୍‌ଟମ୍‌ଙ୍କର ଏକ କାର୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଚଳିତବର୍ଷ ହେବାକୁଥିବା ପ୍ୟାରିସ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ପାଇଁ ସେ ମୁଖ୍ୟ ଦାବିଦାର ଥିଲେ। ଅନେକେ ତାଙ୍କୁ ଭବିଷ୍ୟତର ଜଣେ ଲଙ୍ଗ ଡିଷ୍ଟାନ୍ସ ରନିଂ ସୁପରଷ୍ଟାର ବୋଲି କହିଥାନ୍ତି। ରବିବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। କିପଟମ୍ ନିଜେ ଗାଡ଼ି ଚଳାଉଥିଲେ। ଗାଡ଼ିଟି ସଡ଼କରୁ ଏକ ଗର୍ତ୍ତକୁ ଖସିପଡ଼ିବା ସହ ଏକ ଗଛରେ ଯାଇ ପିଟି ହୋଇଥିଲା ବୋଲି ପୋଲିସ କହିଛି। ୨୪ ବର୍ଷୀୟ କିପ୍‌ଟମ୍ ଏକ ଏଲିଟ ମାରାଥନରେ ତୃତୀୟ ପଦାର୍ପଣରେ ବିଶ୍ୱରେକର୍ଡ ଭାଙ୍ଗି ଦେଇଥିଲେ। ଗତ ବର୍ଷ ସିକାଗୋ ମାରାଥନରେ ସେ ଏହି କୀର୍ତ୍ତିମାନ ଅର୍ଜନ କରିଥିଲେ। କେନିଆରେ ଧାବକମାନଙ୍କୁ ସୁପରଷ୍ଟାର ବିବେଚନା କରାଯାଇଥାଏ। ତେଣୁ କିପ୍‌ଟମଙ୍କ ମୃତ୍ୟୁରେ ଦେଶରେ ଶୋକର ଛାୟା ଖେଳିଯାଇଛି। କେନିଆ ରାଷ୍ଟ୍ରପତି ୱିଲିୟମ ରୁଟୋ ଶୋକ ପ୍ରକାଶ କରିଛନ୍ତି। କିପ୍‌ଟମ ଆମର ଭବିଷ୍ୟତ ଥିଲେ ବୋଲି ସେ କହିଛନ୍ତି। କେନିଆ ପଶ୍ଚିମାଞ୍ଚଳ ସହର କାପ୍‌ସାବେଟ୍ ସହର ଉପକଣ୍ଠରେ ଏହି ଦୁର୍ଘଟଣା ଘଟିଥିଲା। ସମୁଦ୍ରପତ୍ତନଠାରୁ ବହୁ ଉଚ୍ଚରେ ଅବସ୍ଥିତ ଏହି ଅଞ୍ଚଳରେ କେନିଆ ଓ ସମଗ୍ର ବିଶ୍ୱର ଶ୍ରେଷ୍ଠ ମାରାଥନ ଧାବକମାନଙ୍କର ଅନ୍ୟତମ ଶ୍ରେଷ୍ଠ ତାଲିମ କେନ୍ଦ୍ର। କିପ୍‌ଟମ ଏହି ଅଞ୍ଚଳରେ ଜନ୍ମଗ୍ରହଣ କରିବାସହ ବାଲ୍ୟକାଳ ବିତାଇଛନ୍ତି। ଏହି ଦୁର୍ଘଟଣାରେ ତାଙ୍କ ବ୍ୟତୀତ ରାଣ୍ଡାନ କୋର୍ ଜର୍ଭେସ ହାକିଜିମାନାଙ୍କ ମଧ୍ୟ ମୃତ୍ୟୁ ଘଟିଛି। ଦୁର୍ଘଟଣାଗ୍ରସ୍ତ କାର୍‌ରେ ରହିଥିବା ଅନ୍ୟ ଜଣେ ୨୪ ବର୍ଷୀୟା ମହିଳା ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। କିପଟମ୍ ପ୍ରଥମ ବ୍ୟକ୍ତି ଭାବେ ୨ଘଣ୍ଟା ୧ ମିନିଟ୍‌ରୁ କମ୍ ସମୟରେ ମାରାଥନ ରେସ୍ ଶେଷ କରିଛନ୍ତି। ଅକ୍ଟୋବରରେ ଚିକାଗୋରେ ୨:୦୦.୩୫ ଟାଇମିଂରେ ସେ ନିଜ ଦେଶ କେନିଆର ମହାନ ମାରାଥନ ଧାବକ ଏଲିଉଡ୍ କିପ୍‌ଚୋଗେଙ୍କ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ପ୍ୟାରିସ ମାରାଥନ ସ୍ୱର୍ଣ୍ଣ ପାଇଁ ମୁଖ୍ୟତଃ କିପ୍‌ଟମ ଓ କିପଚୋଗେଙ୍କ ମଧ୍ୟରେ ଲଢେଇ ହେବ ବୋଲି ଆଶା କରାଯାଉଥିଲା।

ଲୋକେଶ ରାହୁଲ

ତୃତୀୟ ଟେଷ୍ଟରୁ ଓହରିଲେ ରାହୁଲ

ରାଜକୋଟ, ୧୨।୨ (ପି.ଟି.)

ଭାରତୀୟ ଦଳର ସିନିୟର ଖେଳାଳି ଲୋକେଶ ରାହୁଲ ତୃତୀୟ ଟେଷ୍ଟରୁ ଓହରି ଯାଇଛନ୍ତି। ବିଶାଖାପାଟଣାରେ ଆହତ ହୋଇଥିବା ରାହୁଲ ଫିଟ୍ ହେବାରେ ଅସମର୍ଥ ହେବାରୁ ସୋମବାର ଦେବଦତ୍ତ ପଡିକଲଙ୍କୁ ତାଙ୍କର ବଦଳ ଖେଳାଳି ଘୋଷଣା କରାଯାଇଛି। ରଣଜୀ ଟ୍ରଫିରେ ଚମତ୍କାର ପ୍ରଦର୍ଶନ ଆଧାରରେ ପଡିକଲଙ୍କୁ ଦଳରେ ସାମିଲ କରାଯାଇଛି। ତୃତୀୟ ଟେଷ୍ଟ ପାଇଁ ଉଭୟ ରବୀନ୍ଦ୍ର ଜାଡେଜା ଓ ଲୋକେଶ ରାହୁଲଙ୍କୁ ଦଳରେ ସାମିଲ କରାଯାଇଥିଲା। ତେବେ ଉଭୟ ଖେଳାଳିଙ୍କ ପାଇଁ ସବଜେକ୍ଟ ଟୁ ଫିଟନେସ ଟାର୍ଗେଟ ରହିଥିଲା। ଜାଡେଜା ଫିଟ୍ ହୋଇ ଦଳ ସହ ଯୋଗଦେଇଥିବା ବେଳେ ରାହୁଲ ଏଯାଏ ଫେରି ନାହାନ୍ତି। ଅନ୍ୟପକ୍ଷରେ ଚଳିତ ରଣଜୀ ସିଜନରେ ଚମତ୍କାର ଫର୍ମରେ ରହିଛନ୍ତି ଦେବଦତ୍ତ ପଡିକଲ। ୨୩ ବର୍ଷୀୟ ପଡିକଲ ରଣଜୀ ଟ୍ରଫିରେ ୧୫୧ ରନ୍ ସ୍କୋର କରିଥିଲେ। ଚୟନ କମିଟି ଅଧ୍ୟକ୍ଷ ଅଜିତ୍ ଅଗରକର ଏହି ମ୍ୟାଚ୍‌ରେ ଉପସ୍ଥିତ ଥିଲେ। ଏହା ବ୍ୟତୀତ ପଞ୍ଜାବ ବିପକ୍ଷରେ ୧୯୩ ଓ ଗୋଆ ବିପକ୍ଷରେ ୧୦୩ ରନ୍‌ର ଇନିଂସ ଖେଳିଥିଲେ। କେବଳ ରଣଜୀ ଟ୍ରଫି ନୁହେଁ ଇଂଲଣ୍ଡ ଲାୟନ୍ସ ବିପକ୍ଷ ମ୍ୟାଚ୍‌ରେ ୧୦୫, ୬୫ ଓ ୨୧ରନ୍ ସ୍କୋର କରିଥିଲେ। ତେବେ ରାହୁଲ ତୃତୀୟ ମ୍ୟାଚ୍‌ରୁ ବାଦ ପଡିଥିବା ବେଳେ ବିସିସିଆଇର ମେଡିକାଲ ଟିମ୍ କିପରି ତାଙ୍କୁ କ୍ଲିୟରାନ୍ସ ଦେଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।